

**ପଞ୍ଚମ ଟେଷ୍ଟକୁ ଫେରିଲେ ବୁମ୍ରା**

▸କ୍ରୀଡ଼ା ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-246 ♦BHUBANESWAR ♦FRIDAY ♦1 MARCH 2024 ♦PAGE-18 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୪୬ ♦ଭୁବନେଶ୍ୱର ♦ଶୁକ୍ରବାର ♦୧ ମାର୍ଚ୍ଚ ୨୦୨୪ ♦ପୃଷ୍ଠା-୧୮ ♦ଟ.୬.୦୦





# ୭ ଓଏଏସ୍‌ଙ୍କ ବଦଳି

**ଭୁବନେଶ୍ୱର, ୨୯ ।୨(ସମିସ):** ଗୁରୁବାର ରାଜ୍ୟ ସରକାର ଓଏଏସ୍‌ସ୍ତରରେ ଏକ ଛୋଟ ଅଦଳବଦଳ କରିଛନ୍ତି । ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳଙ୍କୁ ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଭାବରେ ଅବସ୍ଥାପିତ କରାଯାଇଛି । ସେହିପରି ଝାରସୁଗୁଡ଼ା ପିଡି ଆଲ୍‌ମନି ସେଠୀଙ୍କୁ କୋରାପୁଟ ଅତିରିକ୍ତ ଜିଲ୍ଲାପାଳ, ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ପ୍ରିୟଦର୍ଶନୀ ମଲ୍ଲିକଙ୍କୁ ରାଜ୍ୟ ମତ୍ସ୍ୟ ଓ ପଶୁ ସମ୍ପଦ ବିଭାଗକୁ ଯୁଗ୍ମ ସଚିବ ଭାବେ ବଦଳି କରାଯାଇଛି । ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଓଏଏସ୍ ସମ୍ବିତ କୁମାର ଗଡ଼ନାୟକଙ୍କୁ ଭଦ୍ରକ ଅତିରିକ୍ତ ଜିଲ୍ଲାପାଳ, ପାରଳାଖେମୁଣ୍ଡି ଆଇଟିଡିଏ ପିଡ଼ି ଫାଲଗୁନି ମାଝୀଙ୍କୁ ଆନନ୍ଦପୁର ଉପଜିଲ୍ଲାପାଳ ଭାବେ ବଦଳି କରାଯାଇଛି । ଅନ୍ୟପକ୍ଷରେ ଉପଜିଲ୍ଲାପାଳ ଚିତ୍ତରଞ୍ଜନ ମହାନ୍ତଙ୍କୁ କନ୍ଧମାଳ ଉପଜିଲ୍ଲାପାଳ ଭାବରେ ଅବସ୍ଥାପିତ କରାଯାଇଥିବାବେଳେ ଗଞ୍ଜାମ ଆରଆଇସି ଜେନେରାଲ ମ୍ୟାନେଜର ପ୍ରସନ୍ନ କୁମାର ପାତ୍ର, ଆସିକା ସମବାୟ ଚିନି କଳର ପରିଚାଳନା ନିର୍ଦ୍ଦେଶିକା ଗାୟତ୍ରୀ ଦତ୍ତ ନାୟକ ଓ ବ୍ରହ୍ମପୁର ସିଡିଏମଓ ଅଫିସରେ ପ୍ରଶାସନିକ ଅଫିସର ଥିବା ସୁବ୍ରତ କୁମାର ଜେନାଙ୍କ ପୂର୍ବ ବଦଳି ନିର୍ଦ୍ଦେଶନାମାକୁ ବାତିଲ କରାଯାଇ ପୂର୍ବ ସ୍ଥାନରେ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ।


THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-246 ◆BHUBANESWAR ◆FRIDAY ◆1 MARCH 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦







## ବାଲେଶ୍ୱରରେ ନୂଆ-ଓ ଛାତ୍ରବୃତ୍ତି ବିତରଣ କଲେ '୫-ଟି' ଅଧ୍ୟକ୍ଷ

# ୭୧ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମିଳିଲା ୩୦ କୋଟି ୫୯ ଲକ୍ଷ

**ବାଲେଶ୍ୱର, ୨୯ ।୨ (ସମିସ):** ବାଲେଶ୍ୱର ସହରସ୍ଥିତ ପୁଲିସ୍ ଲାଇନ୍ ପଡ଼ିଆରେ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମଗ୍ର ଜିଲ୍ଲାର ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟର ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ । ଏଥିରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଯୋଗଦେଇ ନୂଆ ଓଡ଼ିଶା ଗଠନରେ ଯୁବଶକ୍ତିର ଯୋଗଦାନ ପାଇଁ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ସହିତ ନୂଆ-ଓ ଛାତ୍ରବୃତ୍ତି ଯୁବକଯୁବତୀମାନଙ୍କ ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିଛି ବୋଲି କହିଥିଲେ । ସେ ଆହୁରି କହିଥିଲେ ଯେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ସ୍ମାର୍ଟ କ୍ଲାସ୍, ଇ-ଲାଇବ୍ରେରୀ, ସାଇନ୍ସ ଲ୍ୟାବ୍ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପଦକ୍ଷେପ ନିଆଯାଉଛି । ଛାତ୍ରଛାତ୍ରୀମାନଙ୍କ ଅନ୍ତର୍ନିହିତ ପ୍ରତିଭାକୁ ପ୍ରକାଶ କରିବା ପାଇଁ ନୂଆ-ଓ କାର୍ଯ୍ୟକ୍ରମ ସୁଯୋଗ ଆଣିଛି ବୋଲି ସେ କହିଥିଲେ । ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ୭୧ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୩୦ କୋଟି ୫୯ ଲକ୍ଷ ୨୫ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେମାନଙ୍କୁ ଖୁବ୍‌ଶୀଘ୍ର ସ୍ମାର୍ଟକାର୍ଡ ଯୋଗାଇ ଦିଆଯିବ । ଏହାଦ୍ୱାରା ସେମାନେ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ବୋଲି ଶ୍ରୀ ପାଣ୍ଡିଆନ କହିଥିଲେ ।





ଛାତ୍ରବୃତ୍ତି ପାଇଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଶୁଭେଚ୍ଛା ଜଣାଇବା ସହ ନୂଆ-ଓ କାର୍ଯ୍ୟକ୍ରମରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନରେ ଖୁସିବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରତିଭାରେ ସାରା ଓଡ଼ିଶା ଓ ଦେଶ ଗର୍ବ କରୁ । ସେମାନଙ୍କର ଦକ୍ଷତାକୁ ଅଧିକ ବିକଶିତ କରିବା ତଥା ସୁନ୍ଦର ଭବିଷ୍ୟତ ପାଇଁ ଓଡ଼ିଶା ସରକାର ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ କରିଛନ୍ତି । ଅର୍ଥାଭାବରୁ କୌଣସି ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇବାରୁ ବଞ୍ଚିତ ହେବେ ନାହିଁ । ସେଥିପାଇଁ ଆରମ୍ଭ ହୋଇଥିବା ନୂଆ-ଓ ଛାତ୍ରବୃତ୍ତି ହେବ ସହାୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦକୁ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ପ୍ରତ୍ୟକ୍ଷ ଭାବେ ତଦାରଖ କରିଥିଲେ ।

# କର୍ମୀ ଓ କର୍ମକର୍ତ୍ତାଙ୍କୁ ନବୀନଙ୍କ 'ସମର୍ପିତ ଅଙ୍ଗୀକାର' ମନ୍ତ୍ର

## ବିଜୁଙ୍କ ପ୍ରଦର୍ଶିତ ପଥରେ ମହିଳାଙ୍କୁ ସମ୍ମାନ, ସମୃଦ୍ଧ ଓଡ଼ିଶା ଗଠନ

**ଭୁବନେଶ୍ୱର,୨୯।୨(ସମିସ):** ଆସନ୍ତା ମାର୍ଚ୍ଚ ୫ ତାରିଖ ପ୍ରବାଦ ପୁରୁଷ, ମହାନ୍ ଜନନାୟକ, ରାଷ୍ଟ୍ରବାଦୀ ନେତା ବିଜୁ ପଟ୍ଟନାୟକଙ୍କର ୧୦୮ତମ ଜନ୍ମ ଦିବସକୁ ରାଜ୍ୟର ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ, ବ୍ଲକ ଓ ସହରାଞ୍ଚଳରେ ମହାସମାରୋହରେ ପାଳନ କରାଯିବ । ଏହି ଅବସରରେ ଉପସ୍ଥିତ ଦଳର ସମସ୍ତ ସଦସ୍ୟ ଏକ 'ସମୃଦ୍ଧ, ସଶକ୍ତ, ନବୀନ ଓଡ଼ିଶା' ଗଠନ ପାଇଁ ଅଙ୍ଗୀକାରବଦ୍ଧ ସ୍ୱରୂପ ଶପଥ ଗ୍ରହଣ କରିବେ । ମାର୍ଚ୍ଚ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସକୁ ବିଜେଡି ଯଥୋଚିତ ସମ୍ମାନ, ଶ୍ରଦ୍ଧା ଏବଂ ସେବା ମନୋଭାବ ସହିତ ପାଳନ କରାଯିବ ଓ ଏପ୍ରିଲ ୧୭ ତାରିଖ ବିଜୁ ବାବୁଙ୍କ ତିରୋଧାନ ଦିବସକୁ ନିରାଡମ୍ବର ଭାବେ ବିନମ୍ରତାର ସହିତ ପାଳନ କରାଯିବ । ଏ ନେଇ ଆଜି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ସମସ୍ତ କର୍ମୀ ଓ କର୍ମକର୍ତ୍ତାଙ୍କୁ ଦେଇଛନ୍ତି 'ସମର୍ପିତ ଅଙ୍ଗୀକାର'ର ମନ୍ତ୍ର । ମୁଖ୍ୟମନ୍ତ୍ରୀଙ୍କ ଏହି ବାର୍ତ୍ତା ସମ୍ପର୍କରେ ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସନ୍ତୃପ୍ତ ମିଶ୍ର ଏବଂ ଡ଼ ସସ୍ମିତ ପାତ୍ର ବିସ୍ତୃତ ସୂଚନା ଦେଇଛନ୍ତି ।

ବିଜେଡି ସଭାପତି ଶ୍ରୀ ପଟ୍ଟନାୟକ ନିଜ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ମାର୍ଚ୍ଚ ୫ ତାରିଖ ସକାଳେ ସମସ୍ତ ସ୍ଥାନରେ ବିଜୁ ବାବୁଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ଏହି ଦିବସ ପାଳନର ଶୁଭାରମ୍ଭ କରାଯିବ । ସ୍ଥାନୀୟ ଅଞ୍ଚଳର ଡାକ୍ତରଖାନା, ବୃଦ୍ଧାଶ୍ରମ, ଅନାଥ ଆଶ୍ରମ ଏବଂ ବାଳାଶ୍ରମରେ ଫଳ ବଣ୍ଟନ ସହିତ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯିବ । ସେହିପରି ବିଜୁ ଯୁବ ଓ ଛାତ୍ର ଜନତା ଦଳ ତରଫରୁ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ସାଇକେଲ ଶୋଭାଯାତ୍ରା ଓ ଗଣଦୌଡ଼ ଆୟୋଜନ କରାଯିବ । ଅପରାହ୍ନରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀରେ ଦଳର ନିର୍ବାଚିତ ପ୍ରତିନିଧି, ଦଳୀୟ କର୍ମକର୍ତ୍ତା, ପ୍ରମୁଖ ଦଳୀୟ ସଂଗଠନ କର୍ମକର୍ତ୍ତା, ସକ୍ରିୟ ସଦସ୍ୟ/ସଦସ୍ୟା, ଦଳୀୟ କର୍ମୀ, ବିଜୁ ବାବୁଙ୍କର ଅନୁଗାମୀ ଏବଂ ଜନସାଧାରଣଙ୍କ ଉପସ୍ଥିତିରେ ଏକ ସାଧାରଣ ସଭା ଆୟୋଜନ କରାଯାଇ ନିଃସ୍ୱାର୍ଥପର ଜନ ସେବାର ପ୍ରତୀକ, ପ୍ରବାଦ ପୁରୁଷ, ମହାନ୍ ରାଷ୍ଟ୍ରନୀତିଜ୍ଞ ତଥା ସ୍ୱାଧୀନତା ସଂଗ୍ରାମୀ ବିଜୁ ବାବୁଙ୍କର ଆମ ଦେଶ ତଥା ଜାତି ପ୍ରତି ତାଙ୍କର ଅମୂଲ୍ୟ ଅବଦାନ, ଏକ ସଶକ୍ତ ଏବଂ ପୂର୍ଣ୍ଣ ବିକଶିତ ଓଡ଼ିଶା ନିର୍ମାଣ ଦିଗରେ ତାଙ୍କର ଅବିଶ୍ରାନ୍ତ ସଂଗ୍ରାମ ବିଷୟରେ ସବିଶେଷ ଆଲୋଚନା ହେବ । ଏହି ଅବସରରେ ଉପସ୍ଥିତ ସମସ୍ତ ସଦସ୍ୟ ଏକ 'ସମୃଦ୍ଧ, ସଶକ୍ତ, ନବୀନ ଓଡ଼ିଶା ଗଠନ ନିମନ୍ତେ ଶପଥ ପାଠ କରିବେ ବୋଲି ବିଜେଡି ସୁପ୍ରିମୋ ଶ୍ରୀ ପଟ୍ଟନାୟକ ଆହ୍ୱାନ ଜଣାଇଛନ୍ତି ।



ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ଡ଼ ସନ୍ତୃପ୍ତ ମିଶ୍ର କହିଛନ୍ତି ପ୍ରତି ବର୍ଷ ମାର୍ଚ୍ଚ ମାସ ୮ ତାରିଖରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଇଥାଏ । ଏହି ଅବସରରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀ ସ୍ତରରେ ମହିଳା ସମାବେଶ ଆୟୋଜନ କରାଯିବ । ବିଜୁ ବାବୁ ମହିଳାମାନଙ୍କର ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସଶକ୍ତିକରଣ ନିମନ୍ତେ ଉଲ୍ଲେଖନୀୟ କାର୍ଯ୍ୟ କରି ସମଗ୍ର ଦେଶ ପାଇଁ ଅତୁଳନୀୟ ଉଦାହରଣ ସୃଷ୍ଟି କରିଯାଇଛନ୍ତି । ସେହିପରି ରାଜ୍ୟ ସରକାର ମହିଳା ସଶକ୍ତିକରଣ କ୍ଷେତ୍ରରେ ଅନେକ ଅନୁକରଣୀୟ ପଦକ୍ଷେପ ଗ୍ରହଣ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ ମାଧ୍ୟମରେ ଲକ୍ଷ ଲକ୍ଷ ମା' ମାନଙ୍କର ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ହାସଲ କରାଯାଇ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଅନୁକରଣୀୟ ଉଦାହରଣ ସୃଷ୍ଟି କରାଯାଇଛି । ଏସବୁ ବିଷୟରେ ମାର୍ଚ୍ଚ ୮ ତାରିଖରେ ଆୟୋଜିତ ମହିଳା ସମାବେଶରେ ବିସ୍ତୃତ ଆଲୋଚନା କରାଯିବ ବୋଲି ଡ଼ ମିଶ୍ର କହିଛନ୍ତି । ଏପ୍ରିଲ ୧୭ ତାରିଖ ବିଜୁ ବାବୁଙ୍କ ତିରୋଧାନ ଦିବସକୁ ନିରାଡମ୍ବର ଭାବେ ଏବଂ ବିନମ୍ରତାର ସହ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି । ସେହିଦିନ ପ୍ରାତଃ କାଳରେ ତିଳତର୍ପଣ, ଦଳୀୟ କାର୍ଯ୍ୟାଳୟରେ ବିଜୁ ବାବୁଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ସହିତ ରାଜ୍ୟର କୋଣ ଅନୁକୋଣରେ ସ୍ଥାପନ କରାଯାଇ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯିବ । ବିଜୁ ବାବୁଙ୍କ ଜନ୍ମ ଦିବସ, ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସହିତ ବିଜୁ ବାବୁଙ୍କ ତିରୋଧାନ ଦିବସକୁ କିଭଳି ପାଳନ କରାଗଲା ସେ ସମ୍ପର୍କରେ ବିଷଦ ବିବରଣୀ, ଫଟୋ ଓ ଭିଡିଓ ରାଜ୍ୟ କାର୍ଯ୍ୟାଳୟକୁ ଦଳର ସଭାପତିଙ୍କ ଅବଗତି ନିମନ୍ତେ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

## ଅସାମାଜିକ କାର୍ଯ୍ୟରେ ଲିପ୍ତ ରାଜ୍ୟ ବିଜେପିର ପ୍ରିୟ ଲୋକ: ବିଜେଡି

# ତଡ଼ାଖିଆ ଓ ଜେଲ୍ ଫେରନ୍ତାଙ୍କୁ କୋଳାଉଛି ରାଜ୍ୟ ବିଜେପି

**ଭୁବନେଶ୍ୱର,୨୯।୨(ସମିସ):** ଜନ ବିରୋଧୀ ଓ ଦୁର୍ନୀତିଗ୍ରସ୍ତଙ୍କ ଠିକଣା ହେଉଛି ରାଜ୍ୟ ବିଜେପି କାର୍ଯ୍ୟାଳୟ । ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ନେତା ରାଜ୍ୟ ବିଜେପିର ଗେହ୍ଲା ପୁଅ । ଯେଉଁ ପ୍ରଶାନ୍ତ ଜଗଦେବ ମାତାଲ ଅବସ୍ଥାରେ ବିଜେପି କର୍ମୀଙ୍କ ଉପରେ ଗାଡି ଚଢାଇ ମାରିବାକୁ ଉଦ୍ୟମ କରିବା ସହ ୨ଟି ଅପରାଧିକ ମାମଲାରେ ଜେଲ ଯାଇଥିଲେ; ଯାହାଙ୍କ ବିରୁଦ୍ଧରେ ଓଡିଶା ବିଜେପିର ନେତା ଓ କର୍ମୀ ଗଳା ଫଟାଇ ଚିତ୍କାର କରୁଥିଲେ, ଆଜି ସେହି ପ୍ରଶାନ୍ତଙ୍କ ଗଳାରେ ବିଜେପି ନେତା ଦଳୀୟ ଉତ୍ତରୀୟ ପକାଇ ସ୍ୱାଗତ କରିବା ବାସ୍ତବରେ ଆଶ୍ଚର୍ଯ୍ୟଜନକ । ନିଜ ଦଳର କର୍ମୀଙ୍କୁ ଗଳା ଧକ୍କା ମାରି ପ୍ରଶାନ୍ତ ଜଗଦେବ ଲହୁଲୁହାଣ କରିଥିଲେ ବୋଲି ରାଜ୍ୟ ବିଜେପିର ଯେଉଁ ନେତା ଓ କର୍ମୀ ଚିତ୍କାର କରୁଥିଲେ, ସେମାନେ ଆଜି କିପରି ତାଙ୍କ ପିଠି ଥାପୁଡ଼ାଇ ଦଳୀୟ କାର୍ଯ୍ୟାଳୟରେ ସ୍ୱାଗତ କରୁଛନ୍ତି ପ୍ରଶ୍ନ କରିଛନ୍ତି ବିଜେଡି ମୁଖପାତ୍ର ଡ.ଲେନିନ୍ ମହାନ୍ତି ।



ଗୁରୁବାର ଭୁବନେଶ୍ୱରର ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ମହାନ୍ତି କହିଛନ୍ତି ଯେ ଉଭୟ ଅପରାଧିକ କାର୍ଯ୍ୟକଳାପକୁ ବେଶ ଗୁରୁତ୍ୱର ସହ ଗ୍ରହଣ କରି ବିଜୁ ଜନତା ଦଳ ପ୍ରଶାନ୍ତ ଜଗଦେବଙ୍କୁ ଦଳରୁ ନିଲମ୍ବନ କରିବା ସହ ବହିଷ୍କାର ମଧ୍ୟ କରିଥିଲା । ଜନବିରୋଧୀ କାର୍ଯ୍ୟ ପାଇଁ ଯାହାଙ୍କୁ ବିଜେଡି ଦଳରୁ ବାହାରର ରାସ୍ତା ଦେଖାଉଛି ସେମାନଙ୍କୁ ଓଡିଶା ବିଜେପି ସାଦରେ ଗ୍ରହଣ କରିନେଉଛି । ରାଜ୍ୟ ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ଓ ଅନ୍ୟ ଯେଉଁମାନେ ପ୍ରଶାନ୍ତଙ୍କ ବିରୋଧରେ ବିଷ ଓଗାଳୁଥିଲେ, ଏବେ ସେମାନେ ନିଜ କର୍ମୀଙ୍କୁ କି ଉତ୍ତର ଦେବେ ? ଯେଉଁ ବିଜେପି କର୍ମୀଙ୍କ ଉପରେ ପ୍ରଶାନ୍ତ ଗାଡି ଚଢାଇ ଦେଇଥିଲେ, ତାଙ୍କୁ କିଭଳି ମୁହଁ ଦେଖାଇବେ ବୋଲି ପ୍ରଶ୍ନ କରିଛନ୍ତି ଲେନିନ୍ ।

- **କାଲି ଜଗଦେବଙ୍କୁ ଭର୍ତ୍ସନା, ଆଜି ଉତ୍ତରୀୟ ଦେଇ ସ୍ୱାଗତ**
- **ନେତା ସୃଷ୍ଟି କରିବାରେ ରାଜ୍ୟ ବିଜେପି ସମ୍ପୂର୍ଣ୍ଣ ଅପାରଗ**

ସେ ଆହୁରି କହିଛନ୍ତି ଯେ ଯେଉଁ ପୃଥ୍ୱୀରାଜ ହରିଚନ୍ଦନଙ୍କ ପାଇଁ ଓଡିଶା ବିଜେପି କର୍ମୀମାନେ ପ୍ରଶାନ୍ତ ଜଗଦେବଙ୍କ ସହ ଲଢେଇ କରୁଥିଲେ, ଏବେ ସେମାନେ କରିବେ କଣ? ଯେଉଁ ପୃଥ୍ୱୀରାଜ ହରିଚନ୍ଦନ, ପ୍ରଶାନ୍ତ ଜଗଦେବଙ୍କ ଠାରୁ ଶୋଚନୀୟ ଭାବେ ପରାସ୍ତ ହୋଇ ରାଜ୍ୟ ରାଜନୀତିରେ ଲଜ୍ଜିତ ହୋଇଥିଲେ , ହାରୁ ନେତାର ଷ୍ଟାମ୍ପ ଯାହାଙ୍କ ଦେହରେ ବାଜି ଥିଲା, ସେ ଆଜିର ମିଶ୍ରଣ ପର୍ବ ନେଇ ନିଜ କର୍ମୀଙ୍କୁ ଜବାବ ଦେଇପାରିବେ ତ ବୋଲି ଡକ୍ଟର ମହାନ୍ତି ପ୍ରଶ୍ନ କରିଛନ୍ତି । ନୂଆ ନେତା ସୃଷ୍ଟି କରିବାରେ ଓଡିଶା ବିଜେପି କେତେ ଅସମର୍ଥ ତାହା ଏପରି ଘଟଣାରୁ ସ୍ପଷ୍ଟ ହୋଇଯାଉଛି । ଏହି ଅସମର୍ଥତା ପାଇଁ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତଗୁଣ୍ଡା, ବଦମାସ, ଜନବିରୋଧୀ ଓ ତଡାଖିଆ ଶ୍ରେଣୀର ଲୋକଙ୍କୁ ଭରସା କରିବା ଆରମ୍ଭ କରିଛି ବୋଲି ଡକ୍ଟର ମହାନ୍ତି କହିଛନ୍ତି ।

## ଗୋପାଳପୁରରେ ଛିଡୁଛି ବିଜେପି

# ଶଙ୍ଖ ଧରିଲେ ବିଜେପି ଯୁବମୋର୍ଚ୍ଚା ଛାମୁଆ ନେତା

**ଭୁବନେଶ୍ୱର,୨୯।୨(ସମିସ):** ବିଜେପି ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଗୋପାଳପୁର ନିର୍ବାଚନମଣ୍ଡଳୀ ବିଜେପି ଯୁବ ନେତା ଶୁଭାଶିଷ ସାହୁ (ବଣ୍ଟି)ଙ୍କ ସହ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖ ଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ ପଣ୍ଡାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ସେମାନଙ୍କ ଯୋଗଦାନ ଫଳରେ ଗଞ୍ଜାମ ଜିଲ୍ଲାରେ ବିଜୁ ଜନତା ଦଳର ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ପଣ୍ଡା କହିଛନ୍ତି ।



ବିଜେଡିରେ ସାମିଲ୍ ହେବା ପରେ ଶୁଭାଶିଷ ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ଗରିବ ଯୁବକ ଯୁବତୀଠାରୁ ଚାକିରି ନାଁରେ ଠକେଇ ନାଁରେ ଜନବିରୋଧୀ ନେତା ପ୍ରଦୀପ ପାଣିଗ୍ରାହୀଙ୍କ ଭଳି ନେତାଙ୍କୁ ରାଜ୍ୟ ବିଜେପି କୋଳେଇ ନେଉଛି । ଏପରି ଜଣେ ନେତାଙ୍କୁ ଯେଉଁ ଦଳ ଗ୍ରହଣ କରିପାରୁଛି ସେଠି ନୀତି ଆଦର୍ଶ ବୋଲି କିଛି ନାହିଁ, ତାହା ସ୍ପଷ୍ଟ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଯେପରି ଭାବେ ବିକାଶର ଶୀର୍ଷ ଛୁଇଁବା ପାଇଁ ଅଗ୍ରସର ହେଉଛି ତାହା ଆମକୁ ବେଶ୍ ପ୍ରଭାବିତ କରିଛି । ଏହି ମିଶ୍ରଣ ପର୍ବରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ରାଜେଶ୍ୱରୀ ଦୋରା, ଜିଲ୍ଲା ପରିଷଦ ସଦସ୍ୟ ଦୀପକ କୁମାର ସାମନ୍ତ, ଜିଲ୍ଲା ପରିଷଦ ସଦସ୍ୟା ଭାରତୀ ନାୟକ ଓ ବ୍ଲକ ସଭାପତି ଅଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ନାଏବ ସରପଞ୍ଚ ତଥା ବିଜେପି ମଣ୍ଡଳ ଉପସଭାପତି ବିନୋଦ କୁମାର ରଥ, ସରପଞ୍ଚ ବି.ଜ୍ୟୋତି, ୱାର୍ଡମେମ୍ବର

**ପ୍ରଦୀପଙ୍କ ଭଳି ଠକ ଯୋଗ ଦେଇଥିବା ଦଳରେ ରହିବା ଅସମ୍ଭବ**

ତାରିଣୀ ବେହେରା, ଭୁବନ ବେହେରା, ଦମୟନ୍ତୀ, ଜି ଗୁରୁମାଁ, ବାସନ୍ତୀ ସାହୁ, ସରୋଜିନୀ ରାଓ, ଏମ୍ ପୂର୍ଣ୍ଣିମା, ପି କୁମାରୀ, ସୂର୍ଯ୍ୟନାରାୟଣ, କେ ଫକୀର, ସୁଜନ୍ତ ସେଠୀ, ପି ମାଲେସା, ଏମ୍ ପାପାରାଓ, ପି.ନାଗେଶ, କେ ଗୁରୁମୂର୍ତ୍ତୀ, କେ ଇଶ୍ୱର ରାଓ, ପି ଶିବା, ଲଡୁକିଶୋର ସାହୁ, ମୀନକେତନ ଶତପଥୀ ପ୍ରମୁଖଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡିରେ ମିଶିଲେ ମୟୂରଭଞ୍ଜ ବିଜେପି ଉପସଭାପତି

**ଭୁବନେଶ୍ୱର,୨୯।୨(ସମିସ):** ମୟୂରଭଞ୍ଜ ଜିଲ୍ଲା ବିଜେପି ଉପସଭାପତି ଇଶାନ କୁମାର ମିଶ୍ରଙ୍କ ସହ ଶତାଧିକ ବିଜେପି କର୍ମୀ ଆଜି ଶଙ୍ଖ ଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ମୟୂରଭଞ୍ଜ ଜିଲ୍ଲା ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ ହୋଇଥିବା ଇଶାନ କୁମାର ମିଶ୍ର ଓ ସମସ୍ତ ବିଜେପି କର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ଲେଙ୍କା ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ମୟୂରଭଞ୍ଜ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ଲେଙ୍କା କହିଛନ୍ତି । ଏହି ମିଶ୍ରଣ ପର୍ବରେ ମୟୂରଭଞ୍ଜ ଜିଲ୍ଲା-୨ ସଭାପତି କାଶୀନାଥ ହେମ୍ବ୍ରମ, ଯୁବ ବିଜେଡି ସଭାପତି ତଥା ରାଇରଙ୍ଗପୁର ମ୍ୟୁନିସିପାଲିଟି ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ, ମୟୂରଭଞ୍ଜ ଜିଲ୍ଲା-୨ମହିଳା ସଭାପତି ତନୁଜା ମହାନ୍ତ, ସହପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ । ବିଜେପିର ଜିଲ୍ଲା କାର୍ଯ୍ୟକାରୀ ସଦସ୍ୟ ହରମୋହନ ବେହେରା, ସତ୍ୟବାନ ବାସା, ଶୁକଦେବ ସାହୁ, ମଣ୍ଡଳ ଉପସଭାପତି ସଞ୍ଜୟ ବେହେରା, ପୂର୍ବତନ ସମିତିସଭ୍ୟ କଳ୍ପତରୁ ପରମାଣିକ, ସକ୍ରିୟ ସଦସ୍ୟ ଅନଙ୍ଗ ବେହେରା, ମନୋଜ ବାରିକ, ସୁବାସ ମହାନ୍ତି, ଗୁରୁଚରଣ ମହନ୍ତ, ଦେବାନନ୍ଦ ବାରିକ, ପ୍ରମୋଦ ମହାନ୍ତ, ରମାକାନ୍ତ ମହାନ୍ତ, ମାନସ କର ପ୍ରମୁଖଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-246 ◆BHUBANESWAR ◆FRIDAY ◆1 MARCH 2024 ◆PAGE-18 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୨୪୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


## ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ



ବାଲେଶ୍ୱର, ୨୯।୨(ସମିସ): ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ(ଡିଆରଡିଓ) ପକ୍ଷରୁ ସ୍ୱଳ୍ପ ଦୂରଗାମୀ ବାୟୁରକ୍ଷା ପ୍ରଣାଳୀ ମିସାଇଲକୁ ଚଳିତ ମାସ ୨୮ ଓ ୨୯ ତାରିଖରେ ଦୁଇଥର ସଫଳତା ପୂର୍ବକ ପରୀକ୍ଷଣ କରାଯାଇଛି। ଏହି ପରୀକ୍ଷଣ ଚାନ୍ଦିପୁର ଆଇଟିଆର ପରିସରରୁ କରାଯାଇଛି। ଏହି ପରୀକ୍ଷଣ ବେଳେ ଲକ୍ଷ୍ୟକୁ କ୍ଷେପଣାସ୍ତ୍ର ଅଟକାଇବା ସହ ଧ୍ୱସ୍ତବିଧ୍ୱସ୍ତ କରିଥିଲା। ଏହି କ୍ଷେପଣାସ୍ତ୍ରକୁ ସଲିଡ୍ ମୋଟର ଦ୍ୱାରା ସଞ୍ଚାଳିତ କରାଯାଇଥିଲା। କମ୍ ଉଚ୍ଚତାରେ ଆସୁଥିବା ଶତ୍ରୁପକ୍ଷର ଯୁଦ୍ଧ ବିମାନକୁ ଆକାଶ ପଥରେ ରୋକାଯାଇ ଧ୍ୱଂସ କରିବା ଉଦ୍ଦେଶ୍ୟ ନେଇ ଏହି ପରୀକ୍ଷଣ କରାଯାଇଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଏହି ଦୁଇ ଦିନର ସଫଳ ପରୀକ୍ଷଣ ପାଇଁ ଡିଆରଡିଓ ର ବୈଜ୍ଞାନିକ, ଇଞ୍ଜିନିୟର ଓ ବରିଷ୍ଠ ଅଧିକାରୀଙ୍କ ସମେତ ପ୍ରତିରକ୍ଷା ବିଭାଗର ଅଧିକାରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ସ୍ୱଳ୍ପ ଦୂରଗାମୀ ବାୟୁ ରକ୍ଷା ପ୍ରଣାଳୀ(ଭିଏସଏଚଓଆରଏଡିଏସ) ରେ ପୋଟେବଲ ଏୟାର ଡିଫେନ୍ସ ସିଷ୍ଟମ ରହିଛି। ଏହା ଡିଆରଡିଓ ଏବଂ ଭାରତୀୟ ଉଦ୍ୟୋଗ ଦ୍ୱାରା ସ୍ୱଦେଶୀ ଡିଜାଇନରେ ବିକଶିତ କରାଯାଇଛି।

# ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ୧୦ ହଜାର

## ମିନି ଅଙ୍ଗନବାଡି କର୍ମୀଙ୍କ ମାସିକ ପାରିଶ୍ରମିକ ୭୨୫୦, ସହାୟିକା ପାଇବେ ୫୦୦୦ ଟଙ୍କା

■ ଭୁବନେଶ୍ୱର, ୨୯।୨ (ସମିସ): ରାଜ୍ୟ ସରକାର ଅଙ୍ଗନବାଡ଼ି କର୍ମୀଙ୍କ ପାରିଶ୍ରମିକ ରାଶି ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏହା ସହିତ ଅଙ୍ଗନବାଡି କର୍ମୀଙ୍କର ସେବା ନିବୃତ୍ତ ପ୍ରୋତ୍ସାହନ ରାଶିରେ ବୃଦ୍ଧି ସହିତ ସାମାଜିକ ସୁରକ୍ଷା ଭାବରେ ସେମାନଙ୍କୁ ଅନୁକମ୍ପା ସହାୟତା ମିଳିବା ନେଇ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଏହାଦ୍ୱାରା ରାଜ୍ୟର ୧ ଲକ୍ଷ ୪୮ ହଜାର ଅଙ୍ଗନବାଡ଼ି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ଅଙ୍ଗନବାଡି ସହାୟିକା ଉପକୃତ ହେବେ। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ଅତିରିକ୍ତ ୩୫୦ କୋଟି ଟଙ୍କା ଖର୍ଚ୍ଚ କରିବେ।

ଏହି ନୂତନ ଘୋଷଣା ଅନୁଯାୟୀ, ଅଙ୍ଗନବାଡି କର୍ମୀ ମାନଙ୍କ ମାସିକ ପାରିଶ୍ରମିକ ୭୫୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ମିନି ଅଙ୍ଗନବାଡି କର୍ମୀଙ୍କ ପାରିଶ୍ରମିକ ୫୩୭୫ ଟଙ୍କାରୁ ୭୨୫୦ ଟଙ୍କା ହୋଇଛି। ସେହିପରି ଅଙ୍ଗନବାଡି ସହାୟିକାଙ୍କ ପାରିଶ୍ରମିକ ୩୭୫୦ ଟଙ୍କାରୁ ୫୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ପାରିଶ୍ରମିକ ୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁହେବ। ଚଳିତ ଫେବୃଆରୀ ମାସରୁ ବର୍ଦ୍ଧିତ ପାରିଶ୍ରମିକ ନିୟମିତ ଭାବେ ମିଳିବ। ଅକ୍ଟୋବର ୨୦୨୩ରୁ ଜାନୁଆରୀ ୨୦୨୪ - ଚାରି ମାସର ବର୍ଦ୍ଧିତ ବକେୟା ରାଶି ମାର୍ଚ୍ଚ ୫ ତାରିଖରୁ ୧୦ ତାରିଖ ମଧ୍ୟରେ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରାଯିବ।



ସେବା ନିବୃତ୍ତ ପ୍ରୋତ୍ସାହନ ରାଶି ବୃଦ୍ଧି

ମିଳିବ ସାମାଜିକ ସୁରକ୍ଷା ଅନୁକମ୍ପା ରାଶି

୨୦୨୩ ଅକ୍ଟୋବର ପହିଲାରୁ ପିଛିଲା ଭାବେ ଲାଗୁ ହେବ

ବର୍ଷକୁ ଖର୍ଚ୍ଚହେବ ଅଧିକ ୩୫୦ କୋଟି ଟଙ୍କା

ମୁଖ୍ୟମନ୍ତ୍ରୀ ଓ ୫-ଟି ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇଲା ମହାସଂଘ

ସେହିପରି ଅଙ୍ଗନବାଡି କର୍ମଚାରୀଙ୍କ ସେବା ନିବୃତ୍ତିରେ ପାଉଥିବା ପ୍ରୋତ୍ସାହନ ରାଶିରେ ମଧ୍ୟ ବୃଦ୍ଧି କରାଯାଇଛି। ଏହା ଏପ୍ରିଲ୍ ୧ ତାରିଖଠାରୁ ଲାଗୁହେବ। ବର୍ଦ୍ଧିତ ପ୍ରୋତ୍ସାହନ ରାଶି ବାବଦରେ ଅଙ୍ଗନବାଡି କର୍ମୀମାନେ ପୂର୍ବରୁ ପାଉଥିବା ୪୦ ହଜାର ଟଙ୍କା ପରିବର୍ତ୍ତେ ୧ ଲକ୍ଷ ଟଙ୍କା ପାଇବେ। ମିନି ଅଙ୍ଗନବାଡି କର୍ମୀମାନେ ୩୦ ହଜାର ଟଙ୍କା ପରିବର୍ତ୍ତେ ୭୫ ହଜାର ଟଙ୍କା ପାଇବେ ଓ ଅଙ୍ଗନବାଡି ସହାୟିକାମାନେ ୨୦ ହଜାର ଟଙ୍କା ପରିବର୍ତ୍ତେ ୫୦ ହଜାର ଟଙ୍କା ପାଇବେ। ସେହିପରି ସାମାଜିକ ସୁରକ୍ଷା ଦିଗରେ ମୃତ୍ୟୁ କିମ୍ବା ଦୁର୍ଘଟଣାଜନିତ ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମତା ନିମନ୍ତେ ଅଙ୍ଗନବାଡି କର୍ମୀ, ମିନି ଅଙ୍ଗନବାଡି କର୍ମୀ ଓ ▸ପୃଷ୍ଠା-୧୦

## ଅନୁକମ୍ପା ନିଯୁକ୍ତି ପାଇଁ ନିର୍ଭରଶୀଳତା ମାନଦଣ୍ଡ ହେଉ: ହାଇକୋର୍ଟ

■ କଟକ, ୨୯ ।୨ (ସମିସ): ଅନୁକମ୍ପା ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ନିର୍ଭରଶୀଳତାକୁ ମାନଦଣ୍ଡ ଭାବେ ଗ୍ରହଣ କରାଯିବା ଉଚିତ। ରୋଜଗାର କରୁଥିବା ସରକାରୀ ଚାକିରିଆଙ୍କ ମୃତ୍ୟୁ ପରେ ତାଙ୍କ ରୋଜଗାର ଉପରେ ନିର୍ଭରଶୀଳତା ହିଁ ଅନୁକମ୍ପା ନିଯୁକ୍ତିର ମାନଦଣ୍ଡ ହେବା ଆବଶ୍ୟକ। ସେହିପରି ଜଣେ ଝିଅ ବିବାହ କରିବା ପରେ ବି ତାର ପିତାମାତାଙ୍କ ପ୍ରତି ଥିବା ଉତ୍ତରଦାୟିତ୍ୱରୁ ମୁକୁଳି ନଥାଏ। ଏଣୁ ଆବେଦନକାରୀ ଜଣେ ବିବାହିତା ଝିଅ ହୋଇଥିବା କାରଣରୁ ତାଙ୍କୁ ଅନୁକମ୍ପା ନିଯୁକ୍ତିରୁ ବଞ୍ଚିତ ନିଷ୍ପତ୍ତି ଯଥାର୍ଥ ନୁହେଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସୀମାରାଣୀ ପାଣ୍ଡବଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ▸ପୃଷ୍ଠା-୧୦



### ୬ଟି କ୍ୟାଡର୍ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ

# ସ୍ୱାସ୍ଥ୍ୟକର୍ମୀଙ୍କୁ 'ନବୀନ' ଉପହାର



■ ଭୁବନେଶ୍ୱର, ୨୯।୨ (ସମିସ): ପ୍ରତ୍ୟେକ ଜୀବନ ମୂଲ୍ୟବାନ୍ ସିଦ୍ଧାନ୍ତ ନେଇ କାର୍ଯ୍ୟ କରୁଥିବା ରାଜ୍ୟ ସରକାର ନା କେବଳ ସରକାରୀ ଡାକ୍ତରଖାନାରେ ଭିତ୍ତିଭୂମି ସୁଦୃଢ଼ କରୁଛନ୍ତି ବରଂ ସ୍ୱାସ୍ଥ୍ୟ ସେବାରେ ନିୟୋଜିତ କର୍ମଚାରୀଙ୍କ ମନୋବଳ ବୃଦ୍ଧି ଦିଗରେ ମଧ୍ୟ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି କ୍ରମରେ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ଦିର୍ଘ ଦିନର ଦାବି ପୂରଣ ସ୍ୱରୂପ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ୭୫ତମ ରାଜ୍ୟ କ୍ୟାବିନେଟ୍ ବୈଠକରେ ସ୍ୱାସ୍ଥ୍ୟ ସେବାର ୬ଟି ଗୁରୁତ୍ୱପୂର୍ଣ୍ଣ କ୍ୟାଡର୍‌ରେ ସଂଶୋଧନ କରିଛନ୍ତି। ସ୍ୱାସ୍ଥ୍ୟକର୍ମୀଙ୍କ ସମୟୋଚିତ ପଦୋନ୍ନତି ସହ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରାଯିବା ଲକ୍ଷ୍ୟରେ କ୍ୟାବିନେଟ୍‌ରେ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ଓଡ଼ିଶା ରେଡିଓଗ୍ରାଫର ସେବା କ୍ୟାଡର୍, ଓଡ଼ିଶା ଲାବୋରେଟୋରୀ ଟେକ୍ନିସିଆନ ସେବା, ଓଡ଼ିଶା ଫାର୍ମାସୀ ସେବା, ଓଡ଼ିଶା ନର୍ସିଂ ସେବା, ଓଡ଼ିଶା ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସେବା ଏବଂ ଓଡ଼ିଶା ବହୁମୁଖୀ ମହିଳା ସ୍ୱାସ୍ଥ୍ୟକର୍ମୀ ସେବା କ୍ୟାଡର୍‌ରେ ଆବଶ୍ୟକ ସଂଶୋଧନ କରାଯାଇଛି।

ଆହୁରି ତ୍ୱରାନ୍ୱିତ ହେବ ସୁସ୍ଥ ଓଡ଼ିଶା ସୁଖୀ ଓଡ଼ିଶା ଆଭିମୁଖ୍ୟ

ସହଜ ହେବ ପ୍ରତ୍ୟକ୍ଷ ନିଯୁକ୍ତି, ମିଳିବ ସମୟୋଚିତ ପଦୋନ୍ନତି

ସବୁ କ୍ୟାଡରରେ ବଢ଼ିଲା ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା

ରାଜ୍ୟ ସରକାରଙ୍କ ଉପରେ ପଡ଼ିବ ୬୮୪ କୋଟିର ବୋଝ

ଓଡ଼ିଶା ନର୍ସିଂ ସେବା କ୍ୟାଡର୍ ପୁନର୍ଗଠନ ଏବଂ ଓଡ଼ିଶା ନର୍ସିଂ ସେବା ଚୟନ ପ୍ରକ୍ରିୟା ଓ ଚାକିରୀ ସର୍ତ୍ତାବଳୀ ୨୦୧୯ର ମଧ୍ୟ ପୁନଃ ସଂଶୋଧନ କରାଯାଇଛି। ଭାରତୀୟ ଜନସ୍ୱାସ୍ଥ୍ୟ ପରିମାପକ ଓ ଭାରତୀୟ ନର୍ସିଂ ପରିଷଦର ନିୟମାବଳୀର ପରିପୂରଣ ସହିତ ପ୍ରାଥମିକ ସ୍ତରରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଏବଂ ନର୍ସିଂ ଅଧିକାରୀମାନଙ୍କର ଉପଯୁକ୍ତ ବୃତ୍ତିଗତ ପ୍ରୋତ୍ସାହନ ପାଇଁ ଉକ୍ତ କ୍ୟାଡର୍ ନିୟମରେ ସଂଶୋଧନ କରାଯାଇଛି। ଫଳରେ ଏହି କ୍ୟାଡର୍‌ର ୨୮୨୮୫ଟି ମୂଳ ପଦବୀରୁ ୧୧୯୪୩ଟି ଉଚ୍ଛେଦ କରି ନୂତନ ଭାବେ ୭୯୯୭ଟି ବରିଷ୍ଠ ନର୍ସିଂ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ସେହିପରି ଆନୁପାତିକ ଭାବେ ପଦୋନ୍ନତି ଭିତ୍ତିକ ପଦବୀରେ ବୃଦ୍ଧି କରାଯାଇ ସମୁଦାୟ ପଦବୀ ସଂଖ୍ୟା ୨୮,୬୮୪କୁ ବୃଦ୍ଧି କରାଯାଇଛି। ବିଭିନ୍ନ ଉଚ୍ଚ ପଦବୀକୁ ପଦୋନ୍ନତି ପାଇଁ ନିମ୍ନ ପଦବୀରେ ପୂର୍ବରୁ ଥିବା ସର୍ବନିମ୍ନ ସମୟ ସୀମାକୁ ମଧ୍ୟ ହ୍ରାସ କରାଯାଇଛି। ଏହି ପୁନର୍ଗଠନ ଫଳରେ ବାର୍ଷିକ ଅତିରିକ୍ତ ଭାବେ ୨୪୫ କୋଟି ଟଙ୍କା ଖର୍ଚ୍ଚହେବ।

ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଆଗତ ପ୍ରସ୍ତାବ କ୍ରମେ, ଓଡ଼ିଶା ଫାର୍ମାସୀ ସେବା କ୍ୟାଡର୍ ପୁନର୍ଗଠନ ଓ ଓଡ଼ିଶା ଫାର୍ମାସୀ ସେବା ଚୟନ ପ୍ରକ୍ରିୟା ଓ ଚାକିରୀ ସର୍ତ୍ତାବଳୀ ୨୦୧୯ର ପୁନଃ ସଂଶୋଧନ କରାଯାଇଛି। ସଂଶୋଧନ ଅନୁସାରେ ଫାର୍ମାସୀ ସେବା କ୍ୟାଡର୍‌ରେ ୩୪୯୦ଟି ମୂଳ ପଦବୀରୁ ୭୯୨ଟି ଉଚ୍ଛେଦ କରାଯାଇ ୧୦୭ଟି ମୁଖ୍ୟ ଫାର୍ମାସୀ ଅଧିକାରୀ ପଦବୀ ସୃଷ୍ଟି କରାଯାଇଛି। ସେହିପରି ୧୬୨୨ଟି ବରିଷ୍ଠ ଫାର୍ମାସୀ ଅଧିକାରୀ ପଦବୀ ଆନୁପାତିକ ଭାବେ ପଦୋନ୍ନତିଭିତ୍ତିକ ପଦବୀରେ ▸ପୃଷ୍ଠା-୧୦

## ନିୟମିତ ହେବେ ୫୦୪ ଚୁକ୍ତିଭିତ୍ତିକ ସୁପରଭାଇଜର

■ ଭୁବନେଶ୍ୱର, ୨୯ ।୨(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନ ୫୦୪ଜଣ ଚୁକ୍ତିଭିତ୍ତିକ ସୁପରଭାଇଜରଙ୍କ ଚାକିରି ନିୟମିତକରଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ସେମାନଙ୍କ ନିୟମିତକରଣ, ଅତ୍ୟାବଶ୍ୟକ ସେବାଗୁଡ଼ିକର ନିରନ୍ତର ବିତରଣ ତଥା ରାଜ୍ୟରେ ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍) କାର୍ଯ୍ୟକ୍ରମ ଅଧୀନରେ ଥିବା ସମାଜର ଅସୁରକ୍ଷିତ ଶିଶୁ ଏବଂ ମହିଳାମାନଙ୍କୁ ସହାୟତା ପ୍ରଦାନ କରିବାରେ ସହାୟକ ହେବ। ସେମାନଙ୍କ ସଂଘ ଜରିଆରେ ମିଳିଥିବା ଦାବିପତ୍ର ଏବଂ ଆନ୍ତଃ-ମନ୍ତ୍ରିସ୍ତରୀୟ କମିଟି ଦେଇଥିବା ଆବେଦନକୁ ଦୃଷ୍ଟିରେ ରଖି ସେମାନଙ୍କୁ ନିୟମିତ କରିବା ଲାଗି ବିଚାର କରାଯାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ୧୮.୫୧ କୋଟି ଅତିରିକ୍ତ ଆର୍ଥିକ ବୋଝ ବହନ କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି। ଏଭଳି ନିୟମିତକରଣ ଦ୍ୱାରା ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳରେ ଶିକ୍ଷିତ ମହିଳାମାନେ ନିଷ୍ଠାର ସହ ସୁପରଭାଇଜର ଭାବେ କାର୍ଯ୍ୟ କରିବା ପାଇଁ ଅନୁପ୍ରାଣିତ ହେବେ। ଯାହା ସେବା ପ୍ରଦାନ ବ୍ୟବସ୍ଥାର ସାମଗ୍ରିକ ବିକାଶରେ ସହାୟକ ହେବ ଏବଂ ଏହା ସେମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସେବାର ଗୁଣବତ୍ତା ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇବ। ଏହାବ୍ୟତୀତ ସେମାନଙ୍କୁ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ରୋତ୍ସାହିତ କରିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି।

## ରତ୍ନଭଣ୍ଡାର ଅଳଙ୍କାର ତାଲିକା ପ୍ରସ୍ତୁତିର ହେବ ତଦାରଖ

# ୧୨ଜଣିଆ କମିଟି ଗଠନ କଲେ ମୁଖ୍ୟମନ୍ତ୍ରୀ

■ ଭୁବନେଶ୍ୱର, ୨୯।୨ (ସମିସ): ଶ୍ରୀମନ୍ଦିର ରତ୍ନ ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ଅଳଙ୍କାର ଏବଂ ବିଭିନ୍ନ ମୂଲ୍ୟବାନ ବସ୍ତୁର ତାଲିକା ପ୍ରସ୍ତୁତି କାର୍ଯ୍ୟ ତଦାରଖ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ଗଠନ କରିଛନ୍ତି ରାଜ୍ୟ ସରକାର।

ଓଡିଶା ହାଇକୋର୍ଟଙ୍କ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାର ସମ୍ପର୍କିତ ନିର୍ଦ୍ଦେଶ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ, ସୁପ୍ରିମକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ ଅରିଜିତ୍ ପଶାୟତଙ୍କ ସହ ୧୨ ଜଣ ସଦସ୍ୟଙ୍କୁ ନେଇ ଏହି କମିଟି ଗଠନ କରିଛନ୍ତି। ଏହି କମିଟିରେ ପ୍ରଖ୍ୟାତ ହୃଦରୋଗ ବିଶେଷଜ୍ଞ ଡ. ରମାକାନ୍ତ ପଣ୍ଡା, ଉପାଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇବେ। ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ସିଏମ୍‌ଡି ଡ. ବିଧୁଭୂଷଣ ସାମଲ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଏ.କେ. ସାବତ, ପୁରୀ ଗଜପତି ମହାରାଜା ତଥା ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ଶ୍ରୀ ଦିବ୍ୟସିଂହ ଦେବଙ୍କ ପ୍ରତିନିଧି, ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାର ପ୍ରତିନିଧି, ସେବକ ପ୍ରତିନିଧି ଶ୍ରୀ ଦୁର୍ଗାପ୍ରସାଦ ଦାସ ମହାପାତ୍ର, ଶ୍ରୀ ମାଧବ ଚନ୍ଦ୍ର ମହାପାତ୍ର, ଶ୍ରୀ ଜଗନ୍ନାଥ କର, ଭଣ୍ଡାର ମେକାପ ସେବକ ଗଣେଶ ମେକାପ, ଏବଂ ପୁରୀ ଜିଲ୍ଲାପାଳ ତଥା ଶ୍ରୀ ଜଗନ୍ନାଥ ମନ୍ଦିରର ଉପମୁଖ୍ୟ ପ୍ରଶାସକ ସଦସ୍ୟ ରହିଥିବା ବେଳେ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ସଦସ୍ୟ ଆବାହକ ଭାବେ କାର୍ଯ୍ୟ କରିବେ।



ଜଷ୍ଟିସ ଅରିଜିତ୍ ପଶାୟତ ଅଧ୍ୟକ୍ଷ, ହୃଦରୋଗ ବିଶେଷଜ୍ଞ ଡ. ରମାକାନ୍ତ ପଣ୍ଡା ଉପାଧ୍ୟକ୍ଷ

### ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

# ସହର ହେଉଛି ରାଜ୍ୟ ବିକାଶର ଦର୍ପଣ

■ ଭୁବନେଶ୍ୱର, ୨୯ ।୨ (ସମିସ): ସହର ହେଉଛି ଗୋଟିଏ ରାଜ୍ୟର ବିକାଶର ଦର୍ପଣ। ସମୃଦ୍ଧ ସହର ରାଜ୍ୟର ସମୃଦ୍ଧି ବିଷୟରେ ସୂଚନା ଦେଇଥାଏ। ତେଣୁ ରାଜ୍ୟରେ ସହରାଞ୍ଚଳ ବିକାଶ ପାଇଁ '୫-ଟି' ଉପକ୍ରମରେ ଅନେକ ପଦକ୍ଷେପ ନିଆଯାଉଛି ଓ ଏହି ସବୁ ବିକାଶ କାର୍ଯ୍ୟକ୍ରମ ଲୋକଙ୍କ ଜୀବନଧାରଣ ମାନରେ ଉନ୍ନତି ଆଣିଛି ବୋଲି ପୌର ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ଅନେକ ଜନକଲ୍ୟାଣକାରୀ ପ୍ରକଳ୍ପର ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।



- ୨୧,୪୨୭ ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର
- ୨୬ଟି ସହରରେ ୬୨୬ଟି ବିଜୁ ଆଦର୍ଶ କଲୋନୀ ଲୋକାର୍ପିତ
- କଟକ, ଭୁବନେଶ୍ୱର ପାଇଁ ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ ଲୋକାର୍ପିତ
- ବ୍ରହ୍ମପୁର ସହରବାସୀଙ୍କ ପାଇଁ ୨୪ ଘଣ୍ଟିଆ ଡ୍ରିଙ୍କ ଫ୍ରମ ଟ୍ୟାପ୍ ସୁବିଧା

ସହରବାସୀଙ୍କ ନିମନ୍ତେ ପିଇବା ପାଣି ସୁବିଧା, ଡ୍ରିଙ୍କ ଫ୍ରମ ଟ୍ୟାପ୍, ପେଭର ରାସ୍ତା, ସ୍ୱେରେଜ ବ୍ୟବସ୍ଥା ଭଳି ଅନେକ ଲୋକକଲ୍ୟାଣକାରୀ ଯୋଜନା ସହିତ ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ଓ ବିଜୁ ଆଦର୍ଶ କଲୋନୀ ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସହର ବିକାଶ ଇତିହାସରେ ଆଜି ଏକ ନୂଆ ମାଇଲଷ୍ଟୋନ ସୃଷ୍ଟି ହୋଇଛି। ଆଜି ଲୋକାର୍ପଣ ହୋଇଥିବା ପ୍ରକଳ୍ପଗୁଡ଼ିକ ଆମର ନିରନ୍ତର ବିକାଶ ଲକ୍ଷ୍ୟ ହାସଲ କରିବାରେ ସହାୟକ ହେବ।

ରାଜ୍ୟର ଡ୍ରିଙ୍କ ଫ୍ରମ ଟ୍ୟାପ୍ କାର୍ଯ୍ୟକ୍ରମ ଓ ସହରାଞ୍ଚଳ ବିକାଶ କ୍ଷେତ୍ରରେ ସାରା ଦେଶ ପାଇଁ ମଡେଲ ସାଜିଛି। ବ୍ରହ୍ମପୁର ସହରର ସବୁ ପରିବାର ଆଜିଠୁ ୨୪ ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ସୁବିଧା ପାଇଥିବା ବେଳେ ରାଜ୍ୟର ୮ଟି ସହରରେ ଡ୍ରିଙ୍କ ଫ୍ରମ ଟ୍ୟାପ ▸ପୃଷ୍ଠା-୧୦

## ଲୋକକଥା



ଓଡ଼ିଶାକୁ ବୁଲି ବିଲ୍ ଗେଟ୍‌ସ ଆସି
ପ୍ରଗତିକୁ ଦେଖି ହୋଇଲେ ପ୍ରିତ,
ସର୍କାର କିଭଳି ମନ ପ୍ରାଣ ଦେଇ
କରୁଛନ୍ତି ସାର୍ବଜନୀନ ହିତ ।
ଦେଖୁ ଶିଖୁ ଏଠୁ ସାରା ଜଗତ,
କଥା କମ୍ କହି କାମରେ ଦେଖେଇ
ଦିଅନ୍ତି କିଭଳି ବିଜୁଙ୍କ ସୁତ ॥

# ୨୦୦୦ ଗ୍ରାମ ପଞ୍ଚାୟତରେ ଖୋଲିଲା 'ଆମ ବ୍ୟାଙ୍କ'

## ୨୭୫୦ରେ ପହଞ୍ଚିଲା '୫-ଟି' ଉପକ୍ରମରେ ଖୋଲାଯାଉଥିବା ବ୍ୟାଙ୍କ ସଂଖ୍ୟା

■ ଭୁବନେଶ୍ୱର, ୨୯ ।୨ (ସମିସ): ରାଜ୍ୟରେ ଦ୍ୱିତୀୟ ପର୍ଯ୍ୟାୟରେ ୨୮୮ ବ୍ଲକର ୨୦୦୦ ଗ୍ରାମ ପଞ୍ଚାୟତରେ "ଆମ ବ୍ୟାଙ୍କ'ର ଶୁଭାରମ୍ଭ ହୋଇଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବ୍ୟାଙ୍କ ସେବାର ଉଦ୍‌ଘାଟନ କରିଛନ୍ତି। ଆଜି ରାଜ୍ୟରେ ଖୋଲାଯାଇଥିବା 'ଆମ ବ୍ୟାଙ୍କ'କୁ ମିଶାଇ ଏଯାଏ 'ଆମ ବ୍ୟାଙ୍କ' ସଂଖ୍ୟା ୨୭୫୦ରେ ପହଞ୍ଚିଛି ।

'ଆମ ବ୍ୟାଙ୍କ'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ବ୍ୟାଙ୍କ ଜନସେବାର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରରେ ପରିଣତ ହୋଇଛି । ସମସ୍ତ ସରକାରୀ ସୁବିଧା ସିଧା ସଳଖ ହିତାଧିକାରୀଙ୍କ ବ୍ୟାଙ୍କ ଖାତାରେ ଜମା ହେଉଛି। ସେଥିପାଇଁ ରାଜ୍ୟର ସବୁ ହିତାଧିକାରୀ ସୁବିଧାରେ ଓ ଠିକ୍ ସମୟରେ କିପରି ତାଙ୍କ ପ୍ରାପ୍ୟ ପାଇବେ, କେହି ଜଣେ ବି ହିତାଧିକାରୀ ସରକାରୀ ସହାୟତା ପାଇବାରେ ଯେପରି ହଇରାଣ ନ ହେବେ ତାକୁ ଦୃଷ୍ଟିରେ ରଖି ଏହି ବ୍ୟାଙ୍କ ଗୁଡ଼ିକ ଖୋଲାଯାଇଛି। ଏ ଦିଗରେ ବ୍ୟାଙ୍କ ଗୁଡିକ ଭଲ ଭାବେ କାମ କରିବ। "ଆମ ବ୍ୟାଙ୍କ' ରାଜ୍ୟ ସରକାରଙ୍କ ଏକ ଅଭିନବ ପଦକ୍ଷେପ। ସାରା ଦେଶରେ ଏକ ମଡେଲ। ବ୍ୟାଙ୍କ ଗୁଡିକ ହିତାଧିକାରୀଙ୍କୁ ୧୫ ପ୍ରକାର ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଗାଁମାନଙ୍କରେ ଡିଜିଟାଲ ଭିତ୍ତିଭୂମିକୁ ମଜବୁତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅନ୍ତର୍ଭୁକ୍ତିକରଣ ସମସ୍ତଙ୍କ ଏକ ମୌଳିକ ଅଧିକାର ଭାବେ ଗଣନା କରାଯାଇ ସମସ୍ତ ନାଗରିକମାନଙ୍କୁ ଆର୍ଥିକ ▸ପୃଷ୍ଠା-୧୦




ସରକାରୀ ସହାୟତା ପାଇବାରେ ହଇରାଣ ନ ହୁଅନ୍ତୁ ରାଜ୍ୟର ଜଣେ ବି ହିତାଧିକାରୀ: ମୁଖ୍ୟମନ୍ତ୍ରୀ

## ବାଇକ୍-ସ୍କୁଟି ମୁହାଁମୁହିଁ ଧକ୍କା

# ୩ ଯୁବକ ମୃତ

■ ବାରିପଦା/ବଡ଼ସାହି, ୨୯ ।୨(ସମିସ): ଏକ ବାଇକ୍ ସହ ସ୍କୁଟିର ମୁହାଁମୁହିଁ ଧକ୍କା ହେବାରୁ ଏଥିରେ ୩ ଜଣ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ବାରିପଦା-ଉଦଳା ୧୯ନଂ ରାଜ୍ୟ ରାଜପଥର ବଡ଼ସାହି ଥାନା ଅଧୀନ କାଦୁଆଲବନ୍ଧ ନିକଟରେ ଏହି ଦୁର୍ଘଟଣା ଘଟିଛି। ମୃତକମାନେ ହେଲେ, ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଥାନା ଗୁଡ଼ିଆଲବନ୍ଧ ଗ୍ରାମର ଲକ୍ଷ୍ମଣ ସିଂ (୨୦) ଓ ଆକାଶ ବିନ୍ଧାଣୀ (୧୫) ଏବଂ ଦଲକିଶୋଳ ଗ୍ରାମର ରାଜେନ ସିଂ (୨୫)। ସୂଚନା ଅନୁଯାୟୀ, ଆକାଶ ଓ ଲକ୍ଷ୍ମଣ ଔଷଧ ଆଣିବାକୁ ସ୍କୁଟି ଯୋଗେ ଯାଉଥିବା ବେଳେ ଏହି ଅଘଟଣ ଘଟିଥିଲା। ବିପରୀତ ଦିଗରୁ ଦ୍ରୁତ ଗତିରେ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ରାଜେନ ତାଙ୍କୁ ମୁହାଁମୁହିଁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ହିଁ ୩ଜଣଙ୍କ ପ୍ରାଣବାୟୁ ଉଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଦୁଇଟିଯାକ ଗାଡ଼ି ୫୦ ମିଟର ଦୂରକୁ ଛିଟିକି ପଡ଼ିଥିଲା। ବଡ଼ସାହି ପୁଲିସ ମୃତଦେହଗୁଡ଼ିକୁ ବାରିପଦା ପିଆରଏମ୍ ମେଡିକାଲ କଲେଜ ଓ ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣାରେ ପୁଲିସ ଏକ ମାମଲା ରୁଜୁ କରିବା ସହ ଦୁଇଟିଯାକ ଗାଡିକୁ ଜବତ କରିଛି।

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-246 ◆BHUBANESWAR ◆FRIDAY ◆1 MARCH 2024 ◆PAGE-18 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦

# ବିଜେଡିର ନୂଆ ରାଜ୍ୟ ଓ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା

■ **ଭୁବନେଶ୍ୱର, ୨୯।୨ (ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଆଜି ବିଜୁ ଜନତା ଦଳର ରାଜ୍ୟ ଓ ଜିଲ୍ଲାସ୍ତରୀୟ ନେତୃତ୍ୱଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସ୍ୱାକ୍ଷର ସମ୍ବଳିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ ବିପ୍ଳବ କୁମାର ଜେନା ଓ ସୁରେନ୍ଦ୍ର ପଣ୍ଡାଙ୍କୁ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ପ୍ରଦ୍ୟୁତ କୁମାର ମିଶ୍ରଙ୍କୁ ବିଜେଡି ରାଜ୍ୟ ସମ୍ପାଦକ ଏବଂ ଲବଣୀଧର ମହାନନ୍ଦଙ୍କୁ ଯୁବ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଅନ୍ୟ ଏକ ପ୍ରେସ୍ ବିଜ୍ଞପ୍ତି ମିହିର ରାୟଙ୍କୁ କଳାହାଣ୍ଡି ଜିଲ୍ଲା ବିଜେଡିରେ ସହ ପର୍ଯ୍ୟବେକ୍ଷକ ଭାବେ ଓ ଦିନେଶ ପ୍ରଧାନଙ୍କୁ କଳାହାଣ୍ଡି ଜିଲ୍ଲା ଯୁବ ଓ ଛାତ୍ର ବିଜେଡିର ଜିଲ୍ଲା ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିପରି ମନୋଜ ମହାନ୍ତି ନୟାଗଡ଼ ଜିଲ୍ଲା ବିଜୁ ଯୁବ ଜନତା ଦଳର ଜିଲ୍ଲା ସଂଯୋଜକ, ସ୍ୱାଗତିକା ମହାନ୍ତିଙ୍କୁ ନୟାଗଡ଼ ଜିଲ୍ଲା ମହିଳା ବିଜେଡି ସଂଯୋଜକ ଏବଂ ସ୍ୱାଧୀନ ପଣ୍ଡାଙ୍କୁ ନୟାଗଡ଼ ଜିଲ୍ଲା ଛାତ୍ର ବିଜେଡି ସଂଯୋଜକ ଦାୟିତ୍ୱ ମିଳିଛି।

**ସରକାରୀ ଅର୍ଥ ହଡ଼ପ କରିବା ମାମଲା**

# ପୂର୍ବତନ ସମ୍ପାଦକଙ୍କୁ ୩ବର୍ଷ ଜେଲ୍ ଦଣ୍ଡ

■ **ଭୁବନେଶ୍ୱର, ୨୯।୨ (ସମିସ):** ସରକାରୀ ଅର୍ଥ ହଡ଼ପ ମାମଲାରେ କେଉଁଝର ଜିଲ୍ଲା ଦେଓଗାଁ ଏସ୍‌ସିଏସ୍ ଏଲ୍‌ଟିଡିର ପୂର୍ବତନ ସମ୍ପାଦକଙ୍କୁ ଜେଲ୍ ଦଣ୍ଡ ହୋଇଛି। କେଉଁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଏହି ମାମଲାର ବିଚାର କରି ପୂର୍ବତନ ସମ୍ପାଦକ ଭାଗୀରଥି ଭୂୟାଁଙ୍କୁ ୩ ବର୍ଷ ଜେଲ୍ ଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ସଜା ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି। ୨୦୧୩ ମସିହାରେ ଭାଗୀରଥି ଦେଓଗାଁ ଏସ୍‌ସିଏସ୍ ଏଲ୍‌ଟିଡିର ସମ୍ପାଦକ ଥିଲେ। ଏହି ସମୟରେ ସେ ଋଣ ଛାଡ଼ ଏବଂ ଋଣ ରିଲିଫ(ଡିଡବ୍ଲ୍ୟୁ ଏବଂ ଡିଆର) ସ୍କିମ୍ ମାଧ୍ୟମରେ ୨୧ ଅଯୋଗ୍ୟ କୃଷକଙ୍କୁ ଲାଭ ଦେଇଥିଲେ। ଫଳରେ ୩ଲକ୍ଷ ୨୪ ହଜାର ୯୩୦ ଟଙ୍କା ଠକେଇ କରିଥିଲେ। ଏହା ହେବା ଦ୍ୱାରା ସରକାର କ୍ଷତି ସହ୍ୟ କରିଥିଲେ। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ଏନେଇ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା।

# ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

■ **କବିସୂର୍ଯ୍ୟନଗର, ୨୯।୨ (ସମିସ):** ଗଂଜାମ କବିସୂର୍ଯ୍ୟନଗର ବଡଅ।ଗୁଳ ତଳସାହିରେ ଆଜି ରାତି ୯ଟାରେ ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ମୃତ ଯୁବକ ଜଣକ ହେଲେ ତ୍ରିଲୋଚନ ପ୍ରଧାନ। ଖଣ୍ଡରେ ହାଣି ହତ୍ୟା କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଥାନାରେ ଆମ୍ ସର୍ମପଣ କରିଛି। ପୂର୍ବ ଶତ୍ରୁତାରୁ ହତ୍ୟା ହୋଇଥିବା ସୂଚନା। ଗୁଣି ସନ୍ଦେହରେ ଏହି ହ୍ୟାକାଣ୍ଡ ହୋଇଥିବା ଅଭିଯୋଗ ହୋଇଛି। ହତ୍ୟାକାରୀ କୈଳାସ ସ୍ୱାଇଁ ଥାନାରେ ଆମ୍ ସମର୍ପଣ କରିଛି। ଘଟଣା ସ୍ଥଳରେ ପହଞ୍ଚି ପୁଲିସ ତଦନ୍ତ କରୁଛି।

**ଉତ୍କଳ ବିଶ୍ୱବିଦ୍ୟାଳୟର ୫୩ତମ ସମାବର୍ତ୍ତନ ଉତ୍ସବ**

# ଶିକ୍ଷା କ୍ଷେତ୍ରରେ 'ଉତ୍କଳ'ର ପରିଚୟ ସ୍ୱତନ୍ତ୍ର: ରାଷ୍ଟ୍ରପତି




■ **ଭୁବନେଶ୍ୱର, ୨୯।୨ (ସମିସ):** ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପରଠାରୁ କେବଳ ଓଡ଼ିଶା ନୁହେଁ, ସମଗ୍ର ଭାରତବର୍ଷରେ ଶିକ୍ଷା କ୍ଷେତ୍ରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ଏହି ବିଶ୍ୱବିଦ୍ୟାଳୟ। କ୍ୟାମ୍ପସ, ପରିବେଶ ଓ ଶିକ୍ଷାଦାନ ପରମ୍ପରା ଦୃଷ୍ଟିରୁ ଏହା ଦେଶର ଏକ ଅଗ୍ରଣୀ ବିଶ୍ୱବିଦ୍ୟାଳୟ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଦୀକ୍ଷାନ୍ତ ଭବନରେ

**୩ ଜଣଙ୍କୁ ସମ୍ମାନସୂଚକ ଡ଼ି.ଲିଟ୍, ୧୬୬ଜଣଙ୍କୁ ପିଏଚ୍‌ଡି ଡ଼ିଗ୍ରୀ, ୯୫ଙ୍କୁ ସ୍ୱର୍ଣ୍ଣପଦକ**

ଅନୁଷ୍ଠିତ ୫୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।

କୁଳାଧିପତି ରାଜ୍ୟପାଳ ରଘୁବର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ର ହେବା ମୋର ପରମ ସୌଭାଗ୍ୟ। ଏହି ବିଶ୍ୱବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଉତ୍କଳ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ସ୍ୱୀକୃତିପ୍ରାପ୍ତ କଲେଜରେ ୨ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ପୁଅଙ୍କ ତୁଳନାରେ ଝିଅଙ୍କ ପ୍ରତିଶତ ଅଧିକ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ମାନବିକ ଗୁଣ ଯେପରିକି ବିନମ୍ରତା ଏବଂ ନମ୍ରତା, ପ୍ରେମ ଏବଂ କରୁଣା ସୃଷ୍ଟି ହେବା ଆବଶ୍ୟକ। ମାନବ ସମାଜର ଅସ୍ତିତ୍ୱ ପାଇଁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ଜରୁରୀ ବୋଲି ରାଷ୍ଟ୍ରପତି ମତବ୍ୟକ୍ତ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ସ୍କୁଲରେ ପଢୁଥିବା ବେଳେ ତାଙ୍କ ଶିକ୍ଷକମାନେ ପ୍ରାୟତଃ ମାଆ, ମାତୃଭୂମି ଏବଂ ମାତୃଭାଷାକୁ ଭଲ ପାଇବା ଶିଖାଉଥିଲେ। ମାତୃଭାଷାରେ ଶିକ୍ଷା ଆମକୁ ଆମ ସଂସ୍କୃତି ସହ ଯୋଡ଼ିଥାଏ। ଆମକୁ ଏକ ଅତି ସମୃଦ୍ଧ ସଂସ୍କୃତି ମିଳିଛି ଏବଂ ଆମକୁ ଏହାର ସଂରକ୍ଷଣ କରିବାକୁ ପଡ଼ିବ। ଭାରତୀୟ ଜ୍ଞାନ ପରମ୍ପରାକୁ ସୁରକ୍ଷିତ ରଖିବା ପାଇଁ ଆମେ ଆମର ମୂଳକୁ ଚିହ୍ନିବା ଉଚିତ୍।

ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କହିଛନ୍ତି ଯେ ଉତ୍କଳ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ମହାମହିମ ରାଷ୍ଟ୍ରପତିଙ୍କ ଯୋଗଦାନ ଏହାକୁ ଗାରିମାମୟ କରିଛି। ବିଶ୍ୱବିଦ୍ୟାଳୟର ଐତିହ୍ୟ ସବୁବେଳେ ଉଚ୍ଚ ରହିବ। ଗୋଲଡ଼ ମେଡାଲ, ପିଏଚଡିରେ ଆଜି ସମ୍ମାନିତ ହୋଇଥିବା ବ୍ୟକ୍ତିବିଶେଷମାନେ ମଧ୍ୟ ଏ ଦିଗରେ କାର୍ଯ୍ୟ କରିବେ। ବିଶ୍ୱବିଦ୍ୟାଳୟର ଉନ୍ନତି ପାଇଁ ଅର୍ଥ ବାଧକ ହେବନାହିଁ। ଖୁବଶୀଘ୍ର ୨ୟ କ୍ୟାମ୍ପସ କାର୍ଯ୍ୟକାରୀ ହେବାକୁ ଯାଉଛି। ରାଜ୍ୟରେ ୧୭୬ କୋଟି ଉଚ୍ଚଶିକ୍ଷା ବଜେଟ ଏବେ ୪୦୦୦ କୋଟି ଟଙ୍କା ଅତିକ୍ରମ କରିଛି। ଛାତ୍ରଛାତ୍ରୀଙ୍କୁ ଶିକ୍ଷା ବୃତ୍ତିଠୁ ଆରମ୍ଭ କରି ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ଗବେଷଣା ପାଇଁ ପ୍ରଚୁର ସୁଯୋଗ ସୃଷ୍ଟି ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଉତ୍ସବରେ ୧୬୬ ଜଣ ପିଏଚଡି, ୯୫ ଗୋଲଡ଼ ମେଡାଲ ଏବଂ ୬ ଜଣଙ୍କୁ ଏଣ୍ଡୋମେଣ୍ଟ ମିଳିଛି। ସେହିପରି ୩ ଜଣଙ୍କୁ ସମ୍ମାନସୂଚକ ଡି.ଲିଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି।

# ଡକ୍ଟର ପି.କେ. ମିଶ୍ରଙ୍କୁ ସମ୍ମାନସୂଚକ ଡି.ଲିଟ୍



■ **ଭୁବନେଶ୍ୱର, ୨୯।୨(ସମିସ):** ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ମାନସୂଚକ୍ ଡି.ଲିଟ୍ ସମ୍ମାନରେ ସମ୍ମାନିତ କରିଛନ୍ତି। ୧୯୭୨ ବ୍ୟାଚ୍ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଡକ୍ଟର ମିଶ୍ରଙ୍କର ଦୀର୍ଘ ୫୦ ବର୍ଷ ସମୟର ପ୍ରଶାସନିକ ଅଭିଜ୍ଞତା ରହିଛି। ସେ ଗୁଜରାଟ ସରକାର ଏବଂ ଭାରତ ସରକାରଙ୍କ ବିଭିନ୍ନ ଗୁରୁତ୍ୱପର୍ଣ୍ଣ ପଦପଦବୀରେ ନିଷ୍ଠା ଓ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ଡକ୍ଟର ମିଶ୍ରଙ୍କର ପ୍ରଶାସନିକ ସେବା ବ୍ୟତୀତ ଜଣେ ବିଶିଷ୍ଟ ଅର୍ଥନୀତିଜ୍ଞ ଭାବେ ବିଶ୍ୱରେ ଖ୍ୟାତି ରହିଛି। ସେହିପରି ଭାରତୀୟ ପାଣିପାଗ କେନ୍ଦ୍ର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର, ହିଣ୍ଡାଲକୋର ପରିଚାଳନା ନିର୍ଦ୍ଦେଶକ ସତୀଶ ପାଇଙ୍କୁ ସମ୍ମାନସୂଚକ ଡ଼କ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି।



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
◆VOLUME- 41 ◆ISSUE-246 ◆BHUBANESWAR ◆FRIDAY ◆1 MARCH 2024 ◆PAGE-18 ◆₹ 6.00
◆ବର୍ଷ-୪୧ ◆ସଂଖ୍ୟା-୨୪୬ ◆ଭୁବନେଶ୍ୱର ◆ଶୁକ୍ରବାର ◆୧ ମାର୍ଚ୍ଚ ୨୦୨୪ ◆ପୃଷ୍ଠା-୧୮ ◆ଟ.୬.୦୦


**ନାବାଳିକା ଛାତ୍ରୀଙ୍କୁ ଦୁଷ୍କର୍ମ ଓ ଗର୍ଭବତୀ ମାମଲା**

## ଟିଉସନ ମାଷ୍ଟରଙ୍କୁ ୨୦ ବର୍ଷ ଜେଲ୍

■ **ଜଗତସିଂହପୁର, ୨୯ ।୨ (ସମିସ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅଞ୍ଚଳରେ ୨୦୨୦ ମସିହାରେ ଘଟିଥିବା ଏକ ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟଟ୍ରାକ୍ କୋର୍ଟର ବିଚାରପତି ଅଜୟ କୁମାର ମହାନ୍ତି ଗୁରୁବାର ଅଭିଯୁକ୍ତ ରଞ୍ଜନ କୁମାର ରାଉତଙ୍କୁ ୨୦ ବର୍ଷ ଜେଲ୍ ଓ ୪୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦେୟ, ଅଧିକ ୮ ମାସ ଜେଲଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି । ଏଥିସହ ପୀଡ଼ିତାଙ୍କୁ ୯ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ।

କୁଜଙ୍ଗ ଅଞ୍ଚଳର ଏହି ୧୪ବର୍ଷୀୟା ନାବାଳିକାଜଣକ ରଞ୍ଜନଙ୍କ ପାଖରେ ଟିଉସନ ହେଉଥିଲା । ସବୁ ପିଲାମାନେ ଯିବାପରେ ରଞ୍ଜନ ତାକୁ ଦୁଷ୍କର୍ମ କରିଥିଲେ । କିଛିଦିନ ପରେ ନାବାଳିକାଜଣଙ୍କ ଗର୍ଭବତୀ ହେବାରୁ ଲୋକଲଜ୍ଜା ଭୟରେ ଆତ୍ମହତ୍ୟା କରିବାକୁ ମନସ୍ଥ କରି ବ୍ରିଜ୍ ଉପରୁ ମହାନଦୀକୁ ଡେଇଁ ପଡ଼ିଥିଲେ । ସ୍ଥାନୀୟ ଲୋକମାନେ ତାଙ୍କୁ ନଦୀରୁ ଉଦ୍ଧାର କରି କୁଜଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ । ଏ ସଂକ୍ରାନ୍ତରେ ପୀଡ଼ିତାଙ୍କ ମା'୨୨ ଡିସେମ୍ବର ୨୦୨୦ରେ କୁଜଙ୍ଗ ଥାନାରେ ଏତଲା ଦେଇଥିଲେ । କୁଜଙ୍ଗ ପୁଲିସ ଏକ ମାମଲା ରୁଜୁ କରି ରଞ୍ଜନଙ୍କୁ ଗିରଫ କରିଥିଲା । ଆଇନଜୀବୀ ଦୋଳଗୋବିନ୍ଦ ଦାଶ ମାମଲା ପରିଚାଳନା କରୁଥିଲେ । ଏବେ ସମ୍ପୃକ୍ତ ପୀଡିତା ଜଣକ ଏକ ଶିଶୁକୁ ଜନ୍ମ ଦେଇଥିବା ଜଣାପଡ଼ିଛି ।

# ଖୋର୍ଦ୍ଧାରେ ପ୍ରତିଷ୍ଠା ହେବ 'ବୟନ ପୁଞ୍ଜି'




■ ୭ କମ୍ପାନୀ ସହ ରାଜ୍ୟ ସରକାରଙ୍କ ଏମ୍ଓୟୁ
■ ପ୍ରସ୍ତୁତ ହେବ ପୋଷାକପତ୍ର ଓ ରେଡିମେଡ ଗାର୍ମେଣ୍ଟ
■ 'ନୂଆ ଖୋର୍ଦ୍ଧା ବୟନ ପୁଞ୍ଜି'ରେ ୩୭୮ କୋଟି ନିବେଶ
■ ୧୮ ହଜାରରୁ ଅଧିକ ଲୋକଙ୍କୁ ନିଯୁକ୍ତି ସୁଯୋଗ
■ ଆସନ୍ତା ବର୍ଷ ମାର୍ଚ୍ଚରେ ହେବ କାର୍ଯ୍ୟକ୍ଷମ

■ **ଭୁବନେଶ୍ୱର, ୨୯ ।୨(ସମିସ):** ଓଡ଼ିଶା ହେବ ବୟନ ଶିଳ୍ପର ହବ୍ । କଟକ ଚୌଦ୍ୱାରଠାରେ ବୟନ ପୁଞ୍ଜି ପ୍ରତିଷ୍ଠା ଯୋଜନା ପରେ ଏବେ 'ନୂଆ ଖୋର୍ଦ୍ଧା ବୟନ ପୁଞ୍ଜି' ଘୋଷଣା କରିଛନ୍ତି ରାଜ୍ୟ ସରକାର । ଖୋର୍ଦ୍ଧା ଅରାଙ୍ଗରେ ପ୍ରତିଷ୍ଠା ହେବ 'ବୟନ ପୁଞ୍ଜି' । ଏଥିପାଇଁ ଗୁରୁବାର ୭ କମ୍ପାନୀ ସହ ରାଜ୍ୟ ସରକାର ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷର କରିଛନ୍ତି । ୧୮୭ ଏକର ପରିମିତ ସ୍ଥାନରେ ପ୍ରତିଷ୍ଠା ହେବାକୁ ଥିବା ଏହି ବୟନ ପୁଞ୍ଜିରେ ୩୭୮ କୋଟି ଟଙ୍କା ନିବେଶ ହେବ । ଏଥିରେ ସୃଷ୍ଟି ହେବ ୧୮ ହଜାରରୁ ଅଧିକ ନିଯୁକ୍ତି ସୁଯୋଗ । ବୟନ ପୁଞ୍ଜି ପ୍ରତିଷ୍ଠା ନେଇ ସବିଶେଷ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇସାରିଛି । ଆସନ୍ତାବର୍ଷ ଏଠାରୁ ପୋଷାକପତ୍ର ଏବଂ ରେଡିମେଡ୍ ଗାର୍ମେଣ୍ଟ ଉତ୍ପାଦନ ଆରମ୍ଭ ହେବ ।

ଶିଳ୍ପାୟନ କ୍ଷେତ୍ରରେ ରାଜ୍ୟ ସରକାର ଆଉ ଏକ ମାଇଲଖୁଣ୍ଟ ପ୍ରତିଷ୍ଠା କରିଛନ୍ତି । ଦେଶର ଅଗ୍ରଣୀ କପଡ଼ା ଓ ପୋଷାକପତ୍ର ନିର୍ମାତା ଏବଂ ରପ୍ତାନିକାରୀ ଏବେ ଓଡ଼ିଶାମୁହାଁ । ଗତ ସପ୍ତାହରେ ଅନୁଷ୍ଠିତ ୧୨୮ ତମ ରାଜ୍ୟସ୍ତରୀୟ ଏକକ ବାତାୟନ ଅନୁମୋଦନ କର୍ତ୍ତୃପକ୍ଷ(ଏସ୍ଏଲ୍ଏସ୍ଡବ୍ଲ୍ୟୁସିଏ) ବୈଠକରେ ରାଜ୍ୟ କ୍ୟାବିନେଟ୍ ଏହି ସବୁ 'ବୟନ ପୁଞ୍ଜି' ପ୍ରକଳ୍ପକୁ ଅନୁମୋଦନ ପ୍ରଦାନ କରିଥିଲା, ଯାହା ଆଜି ସାକାରା ରୂପ ନେଇଛି । ଦେଶର ବୟନ ଶିଳ୍ପ କ୍ଷେତ୍ରର ୭ ବୃହତ୍ ରପ୍ତାନିକାରୀ ଓଡ଼ିଶାରେ ସେମାନଙ୍କର ଉତ୍ପାଦନ ୟୁନିଟ୍ ସ୍ଥାପନ ନେଇ ଆଗ୍ରହ ଦେଖାଇଛନ୍ତି । ଏଥିପାଇଁ ଆଜି ଇଡ୍କୋ କନ୍ଫରେନ୍ସ ହଲଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ୭ କମ୍ପାନୀ ସହ ଏମ୍ଓୟୁ ସ୍ୱାକ୍ଷର କରାଯାଇଛି । ତେବେ ବୁଝାମଣାପତ୍ର ସ୍ୱାକ୍ଷର କରିଥିବା ଏହି ୭ କମ୍ପାନୀ ହେଉଛନ୍ତି, ମିନୁ କ୍ରିଏସନ୍ସ ଏଲ୍ଏଲ୍ପି, ପୂଜା ଇଣ୍ଟରନ୍ୟାସନାଲ, ସୋନୁ ଏକ୍ଜିମ୍ ପ୍ରାଇଭେଟ୍ ଲିମିଟେଡ୍, ରେନ୍ବୋ ଫାବାର୍ଟ ପ୍ରାଇଭେଟ୍ ଲିମିଟେଡ୍ ,ବିଏଲ୍ ଇଣ୍ଟର ନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍, ଫାଇନ୍ ଲାଇନ୍ସ ଏବଂ ଗୋଲଡେନ୍ ସିମ୍ସ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍ । ଏହି ସମସ୍ତ ୭ କମ୍ପାନୀ 'ନୂଆ ଖୋର୍ଦ୍ଧା ବୟନ ପୁଞ୍ଜି'ରେ ମୋଟ ୩୭୮.୯୮ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରିବେ । ତେବେ ଏଥିରୁ ପ୍ରତିଷ୍ଠା ହେବାକୁ ଥିବା ଶିଳ୍ପରୁ ମୋଟ ୧୮,୬୨୦ ଲୋକଙ୍କୁ ନିଯୁକ୍ତି ସୁଯୋଗ ମିଳିବ । ଚଳିତବର୍ଷ ୩୭୮.୯୮ ଏକର ଜମିରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ । କମ୍ପାନୀଗୁଡିକ ମଧ୍ୟରେ ଫାଇନ୍ ଲାଇନ୍ସ ପୋଷାକପତ୍ର ଉତ୍ପାଦନ ପାଇଁ ସର୍ବାଧିକ ୫୮ କୋଟି ଟଙ୍କା ନିବେଶ କରିବାକୁ ଥିବା ବେଳେ, ମିନୁ କ୍ରିଏସନ୍ସ ୫୭ କୋଟି, ପୂଜା ଇଣ୍ଟରନ୍ୟାସନାଲ ଏବଂ ସୋନୁ ଏକ୍ଜିମ୍ ୫୫ କୋଟି ଟଙ୍କା ନିବେଶ ଯୋଜନା ରଖିଛନ୍ତି ।

ଏମ୍ଓୟୁ ସ୍ୱାକ୍ଷର ଅବସରରେ ରାଜ୍ୟ ଶିଳ୍ପ ମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି ଯେ ଏହି 'ବୟନ ପୁଞ୍ଜି' ଜରିଆରେ ମହିଳାମାନଙ୍କୁ କପଡ଼ା ଏବଂ ପୋଷାକପତ୍ର ସିଲାଇ କାମ ମିଳିବ, ଯାହା ଗ୍ରାମାଞ୍ଚଳର ଏସ୍ଏଚ୍ଜି ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବ । ଆସନ୍ତା ବର୍ଷ ମାର୍ଚ୍ଚରୁ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେବାର ସମ୍ଭାବନା ରହିଛି । ଏହା ରାଜ୍ୟକୁ ସାମାଜିକ ଏବଂ ଆର୍ଥିକ ଦୃଷ୍ଟିରୁ ବିକାଶ କରାଇବ । ପ୍ରକଳ୍ପ ଉପରେ ମତ ରଖି ଶିଳ୍ପ ବିଭାଗର ପ୍ରମୁଖ ସଚିବ ହେମନ୍ତ ଶର୍ମା କହିଛନ୍ତି ଯେ, ନଏଡାରୁ ୬ ଏବଂ ବେଙ୍ଗାଲୁରୁରୁ ଗୋଟିଏ କମ୍ପାନୀ ଏହି ବୟନ ପୁଞ୍ଜିକୁ ଆସିଛନ୍ତି । ନଏଡା, ଗୁରଗାଓଁ, ତିରୁପୁର, କୋଏମ୍ବାଟୁର ଏବଂ ବେଙ୍ଗାଲୁରୁ ବଡ଼ ପ୍ରକଳ୍ପ ଥିବା ଏହି ସବୁ କମ୍ପାନୀ ଏବେ ଓଡ଼ିଶାକୁ ସେମାନଙ୍କର ଉତ୍ପାଦନ କ୍ଷେତ୍ର ରୂପେ ବାଛିଛନ୍ତି । ଯେହେତୁ ଏତେ ବଡ଼ 'ବୟନ ପୁଞ୍ଜି' ପ୍ରତିଷ୍ଠା ହେବ, ତେଣୁ ରାଜ୍ୟ ସରକାର ୫୦୦ କୋଟି ଟଙ୍କା ବ୍ୟୟରେ ସେଠାରେ ବସ୍ଷ୍ଟାଣ୍ଡ , କର୍ମଚାରୀଙ୍କ ପାଇଁ ହଷ୍ଟେଲ, ଜଳ, ସ୍ୱରେଜ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସବୁ କରିବେ । ଏହି ଏମ୍ଓୟୁ ସ୍ୱାକ୍ଷର ଅବସରରେ ବୟନ ଶିଳ୍ପ ବିଭାଗର ନିର୍ଦ୍ଦେଶକ ଶୋଭନ୍ କ୍ରିଷ୍ଣ ସାହୁ ଏବଂ ମିନୁ କ୍ରିଏସନ୍ସର ସିଏମ୍ଡି ଅନୀଲ ପେଶାୱାରୀ ପ୍ରମୁଖ ଉପସ୍ଥିତ ଥିଲେ ।

**ଏଟିଏମ ଗାଡ଼ିରୁ ଟଙ୍କା ଲୁଟ୍ ମାମଲା**

## ମୁଖ୍ୟ ଅଭିଯୁକ୍ତ ଗିରଫ, ୧.୮୦ ଲକ୍ଷ ଜବତ

■ **ତିଗିରିଆ, ୨୯ ।୨(ସମିସ):** ତିଗିରିଆ ଥାନା ଅନ୍ତର୍ଗତ ନୂଆସଡ଼କ-ଗୋଡ଼ିଝରିଆ ରାସ୍ତାର ତାରିଣୀ ମନ୍ଦିର ନିକଟରୁ ଅତି ନାଟକୀୟ ଢଙ୍ଗରେ ହୋଇଥିବା ଏଟିଏମ ଲୁଟ ମାମଲାର ମୁଖ୍ୟ ଅଭିଯୁକ୍ତ ପତିତ ନାଏକ (୨୯)କୁ ଗୁରୁବାର ସକାଳେ ତିଗିରିଆ ପୁଲିସ ଅତି ଚତୁରତାର ସହ ବିନ୍ଧାଣିମା ଛକରୁ ଗିରଫ କରିବାରେ ସକ୍ଷମ ହୋଇଛି ବୋଲି ତିଗିରିଆ ଥାନା ଆଇଆଇସି ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି । ଗିରଫ ଅଭିଯୁକ୍ତ ପତିତଠାରୁ ତିଗିରିଆ ପୁଲିସ ନଗଦ ୧.୮୦ ଲକ୍ଷ ଟଙ୍କା ଓ ଗୋଟିଏ ମୋବାଇଲ ଫୋନ ଜବତ କରିଛି ।

ସୂଚନା ମୁତାବକ, ଗତ ନଭେମ୍ବର ୧୦ ତାରିଖ ଅପରାହ୍ଣରେ ସିକ୍ୟୋର ଭ୍ୟାଲୁ ନାମକ ଏକ ସଂସ୍ଥାର ଗାଡି ଆଠଗଡ଼-ତିଗିରିଆ ଅଞ୍ଚଳର ଏଟିଏମ କାଉଣ୍ଟରମାନଙ୍କରେ ଟଙ୍କା ଡିପୋଜିଟ ପାଇଁ ଗୋଡିଝରିଆ ଛକରୁ ତିଗିରିଆ ଆସୁଥିଲା । ଗୋଡିଝରିଆ-ନୂଆସଡକ ରାସ୍ତାରେ ଥିବା ଏକ ଆମ୍ବତୋଟା ନିକଟରେ ୭/୮ ଜଣ ଯୁବକ ବିଭିନ୍ନ ମାରଣାସ୍ତ୍ର ଦେଖାଇ ଟଙ୍କା ବୋଝେଇ ଗାଡିକୁ ଅଟକାଇଥିଲେ । ଗାଡିରେ ଥିବା ପ୍ରାୟ ୧ କୋଟି ୭୬ ଲକ୍ଷ ଟଙ୍କା ନେଇ ସେମାନେ ଫେରାର ହୋଇଯାଇଥିଲେ । ସେହିଦିନ ଠାରୁ ତିଗିରିଆ, ଆଠଗଡ଼, ବଡମ୍ବା, ନରସିଂହପୁର, ଖୁଣ୍ଟୁଣୀ, ଢେଙ୍କାନାଳ ଆଦି ଥାନା ସହ ସ୍ପେଶାଲ ପୁଲିସ, କମିଶନରେଟ ପୁଲିସ ତଥା ସାଇବର ସେଲର କର୍ମଚାରୀମାନେ ଟଙ୍କାକୁ ଉଦ୍ଧାର ପାଇଁ ପ୍ରଚେଷ୍ଟା ଜାରି ରଖିଥିଲେ । ତିଗିରିଆ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଗତ ୧୩ ତାରିଖରେ ଜଗୁ, ରୋହନ ଖାଁ, ସେକ ସାହିଲ, ସାହିଦ ଖାଁ, ଆଜିମୁଦ୍ଦିନ ଖାଁ, ମହମ୍ମଦ ନସରୁଲ୍ଲା, ଦୀପୁ ରଞ୍ଜନ ସେଠୀ, ନାସିରୁଦ୍ଦିନ ଖାଁ, ଧର୍ମାନନ୍ଦ ନାୟକ ପ୍ରମୁଖ ୯ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

■ **କେନ୍ଦ୍ରାପଡ଼ା, ୨୯ ।୨(ସମିସ):** ନାବାଳିକାକୁ ଦୁଷ୍କର୍ମ ଅଭିଯୋଗରେ ଜଣେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୭୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି ଜିଲ୍ଲା ଫାଷ୍ଟଟ୍ରାକ ଆଡହକ କୋର୍ଟର ଅତିରିକ୍ତ ଜିଲ୍ଲା ଜଜ୍ ତ୍ରିବିକ୍ରମ କେଶରୀ ଚିହ୍ନାରା । ଜରିମାନା ଅନାଦାୟ ହେଲେ ଅଧିକ ଦେଢ଼ ବର୍ଷ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି । ଦୋଷୀଜଣଙ୍କ ହେଲା, ବାବିନି ମଲ୍ଲିକ(୫୫) । ନାବାଳିକାର ପରିବାର କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳରେ ଭଡ଼ାଘର ନେଇ ରହିଆସୁଥିଲେ ।। ୨୦୨୩ ମସିହା ଏପ୍ରିଲ ୧୩ ତାରିଖରେ ତାକୁ ବାବିନିର ପାନ ଦୋକାନରେ ଛାଡ଼ି ଦେଇ ପଳାଇଥିଲେ । ବାବିନି ଉକ୍ତ ନାବାଳିକାକୁ ଦୋକାନ ଭିତରକୁ ନେଇ ଅସଦାଚରଣ କରିଥିଲା । ଏ ସଂପର୍କରେ ନାବାଳିକାର ପରିବାରଲୋକ ଜାଣିବା ପରେ ପରଦିନ ଏ ସମ୍ପର୍କରେ କେନ୍ଦ୍ରାପଡ଼ା ସଦର ଥାନାରେ ଅଭିଯୋଗ କରିଥିଲା । ପୁଲିସ୍ ଏକ ଦୁଷ୍କର୍ମ ମାମଲା ରୁଜୁ କରି ତଦନ୍ତ କରି ବାବିନିକୁ ଗିରଫ କରିଥିଲା । ସ୍ୱତନ୍ତ୍ର ପିପି ମନୋଜ କୁମାର ସାହୁ ମାମଲା ପରିଚାଳନା କରିଥିଲେ ।


DSPL-750

ODISHA
NEW OPPORTUNITIES
5
ଆମ ଓଡ଼ିଶା ନବୀନ ଓଡ଼ିଶା

ODISHA: THE NEW MANUFACTURING HUB OF INDIA
Keeping the Hon'ble Chief Minister's vision of faster conversion of investment intents to grounding

Industries Department is pleased to announce
Inauguration & Groundbreaking of 32 New Industrial Projects*
across 10 sectors in 14 Districts

By Shri NAVEEN PATNAIK,
Hon'ble Chief Minister of Odisha

1st March 2024

#NuA-O
YUBA ODISHA NABIN ODISHA



Inauguration:
Bhaskar Steel And Ferro Alloy Pvt Ltd | Mash Biofuels Pvt Ltd | Chalah Infratech Private Limited | Aditya Birla Renewables Limited | ABIS Exports India Private Limited | N K Anand Footwear | Sygma Tubes And Pipes Private Limited | Mayfair Hotels & Resorts Ltd. | SAIZAR Enterprise Pvt. Ltd.

Groundbreaking:
Ampin Solar One Private Limited | Epsilon Carbon Ashoka Private Limited | Hindalco Industries Ltd | Calderys India Refractories Limited | Ion Exchange (India) Ltd | Hindalco Industries Ltd | MGM Biofuels Pvt Ltd | Jatia Steel Ltd | VCI Chemical Industries Pvt Ltd | MGM Resorts Pvt. Ltd. | Century Extrusions Limited | ABIS Exports India Private Limited | Purv Packaging | Crackers India Alloys Ltd | Pearl Precision Products Pvt Ltd | Woodisha Nirman Udyog Private Limited | SLM Powders Private Limited | Pragati Milk Products Pvt. Ltd. | Terrestrial Food Processors Private Limited (JK Paper Group) | Arundhati Bandhakala LLP | Offshore Infrastructures Limited | Milk Mantra Dairy Private Limited | Romco Aluminates Pvt Ltd

₹7,000 CR. INVESTMENT | 24,500 EMPLOYMENT

"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

Naveen Patnaik
Chief Minister, Odisha

OIPR-14005/13/0063/2324
ScarecrowM&CSaatchi/2024/Mar

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

# ସିଂହାପୁର ପଞ୍ଚାୟତରେ 'ମୋ ବ୍ୟାଙ୍କ' ଉଦ୍‌ଘାଟିତ




ବାରବାଟୀ, ୨୯ ।୨(ସମିସ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଆଜି ସନ୍ଧ୍ୟାରେ ରସୁଲପୁର ବ୍ଲକ ସିଂହାପୁର ପଞ୍ଚାୟତର ସିଂହାପୁର କଲ୍ୟାଣ ମଣ୍ଡପ ତଳମହଲା ଗୃହରେ ଆମ ବ୍ୟାଙ୍କ ଉଦଘାଟନ ହୋଇଯାଇଛି। ୟୁକୋ ବ୍ୟାଙ୍କ ବାରବାଟୀ ଶାଖାର ପ୍ରବନ୍ଧକ ସନ୍ଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସିଂହାପୁର ପଞ୍ଚାୟତ ସରପଞ୍ଚ ହୁଦାନନ୍ଦ ସାହୁ ମୋ ବ୍ୟାଙ୍କକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପଞ୍ଚାୟତ ବିଜେଡି ସଭାପତି ଅକ୍ଷୟ ଭଦ୍ର, ସମିତି ସଭ୍ୟାଙ୍କ ପ୍ରତିନିଧି ସୁରେନ୍ଦ୍ର ସ୍ୱାଇଁ, ଜିଆରଏସ ସିପ୍ରା ଶରଣ, ବ୍ୟାଙ୍କ ଭିସି ରାନୁ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସିଂହାପୁର ବିଜେଡି ଯୁବ ସଭାପତି ବିକ୍ରମ ନାୟକ, ପୂର୍ବତନ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ କିଶୋର ସ୍ୱାଇଁ, ପ୍ରକାଶ ରାଉତ, ଅଜିତ ରାଉତ, ସଞ୍ଜୟ ମଲିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ମହିଳାଙ୍କ ଅପହରଣକୁ କେନ୍ଦ୍ର କରି ବିଂଝାରପୁର ଥାନା ସମ୍ମୁଖରେ ଉତ୍ତେଜନା



ପ୍ରୀତିପୁର, ୨୯ ।୨(ସମିସ): ବିଞ୍ଝାରପୁର ଥାନା ଅନ୍ତର୍ଗତ ଶାସନ୍ଦା ଗ୍ରାମର ଜଣେ ମହିଳାଙ୍କୁ ଅପହରଣ କରାଯାଇଥିବା ଅଭିଯୋଗକୁ କେନ୍ଦ୍ର କରି ବିଂଝାରପୁର ଥାନା ସମ୍ମୁଖରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗତ ୨୫ ତାରିଖ ଦିନ ସକାଳ ସମୟରେ ନିକଟସ୍ଥ ଏକ ତୋଟାକୁ ଅଗି ପାଉଁଶ ଗୋଟାଇବାକୁ ମହିଳା ଜଣକ ଯାଇଥିବା ସମୟରେ ଟିଣା ଗ୍ରାମର ରାଜେଶ ନାୟକ ଓ ତାଙ୍କ ସହଯୋଗୀ ତାଙ୍କୁ ଅପହରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏ ଘଟଣାକୁ ୪ଦିନ ବିତିବାକୁ ବସିଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ କରି ଆଜି ଥାନାରେ ହୋ ହାଲ୍ଲା କରିବା ସହିତ ଥାନା ଆଗରେ ଧାରଣାରେ ବସିଥିଲେ ପରିବାର ଲୋକେ। ତୁରନ୍ତ ଝିଅକୁ ଫେରାଇ ଆଣିବାକୁ ଦାବି କରି ଥାନା ପରିସରରେ ପରିବାର ଲୋକେ ହୋହାଲ୍ଲା କରିଥିଲେ। ବିଞ୍ଝାରପୁର ଥାନା ପକ୍ଷରୁ ୧୪୦/୨୦୨୪ରେ ମାମଲା ରୁଜୁ କରାଯାଇ ଆସାମୀ ବିରୁଦ୍ଧରେ ଏକ ଅପହରଣ ମାମଲା ହୋଇଛି। ଖୁବଶୀଘ୍ର ଆସାମୀ ଗିରଫ ହେବା ନେଇ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଶିଶୁ ମଙ୍ଗଳ ଓ ସୁରକ୍ଷା ସମ୍ପର୍କିତ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର

# 'ଶିଶୁର ସୁରକ୍ଷା ପରିବାର ଓ ଗୋଷ୍ଠୀ ଉପରେ ନିର୍ଭର କରେ'

ବରୀ, ୨୯ ।୨(ସମିସ):

ସ୍ଥାନୀୟ ବରୀ ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟିର ସଦସ୍ୟ ଓ ସଦସ୍ୟାଙ୍କ ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଓ ବରୀ ଶିଶୁ ବିକାଶ ପ୍ରକଳ୍ପର ମିଳିତ ପ୍ରଚେଷ୍ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସଙ୍ଗୀତା ଅଢା ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସେ କହିଥିଲେ, ଶିଶୁଙ୍କ ସୁରକ୍ଷା ପରିବାର ଓ ଗୋଷ୍ଠୀ ଉପରେ ନିର୍ଭର କରେ। ଏହା ଏକ ସାମାଜିକ ଦାୟିତ୍ୱବୋଧ। ଆଜିର ପିଲା ଆସନ୍ତାକାଲିର ଭବିଷ୍ୟତ। ସେମାନଙ୍କ ଶିକ୍ଷା ଓ ବିକାଶ କ୍ଷେତ୍ରରେ ସରକାରଙ୍କ ଅନେକ ଯୋଜନା ରହିଛି। କିନ୍ତୁ କିଛି ପିଲା ଏହି ଯୋଜନାର ସୁଫଳ ପାଇପାରୁନାହାନ୍ତି।




ଏଥିପାଇଁ ପିଲାଟି ଅସୁରକ୍ଷିତ ବଳୟ ମଧ୍ୟକୁ ଚାଲିଯାଉଛି। ବାଲ୍ୟବିବାହ, ଶିଶୁ ଶ୍ରମିକ ଭାବେ ବିଭିନ୍ନ ଅସୁବିଧାଜନକ ପରିସ୍ଥିତିର ସମ୍ମୁଖୀନ ହେଉଛି ବୋଲି ମତ ପ୍ରକାଶ ପାଇଥିଲା।

ଅନ୍ୟତମ ସମ୍ମାନିତ ଅତିଥି ରୂପେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ମହେଶ୍ୱର ସେଠୀ, କିଛି ପିଲା ପାରିବାରିକ ଆର୍‌ଥିକ ସ୍ଥିତି ହେତୁ କାର୍ଯ୍ୟ ପାଇଁ ବାହାରକୁ ଯାଉଛନ୍ତି। ସେମାନଙ୍କ ପାଠପଢ଼ାରେ ଡୋରି ବାନ୍ଧଯାଉଛି। ଏଭଳି କ୍ଷେତ୍ରରେ ଗ୍ରାମସ୍ତରୀୟ ଶିଶୁ ମଙ୍ଗଳ ଓ ସୁରକ୍ଷା କମିଟି ଓ ପଞ୍ଚାୟତ ସ୍ତରୀୟ କମିଟିର ଦାୟିତ୍ୱ ରହିଛି। ଅନେକ ପିଲା ଯୌନ ଶୋଷଣର ସମ୍ମୁଖୀନ ହେଉଛନ୍ତି। ଅନ୍ୟତମ ସମ୍ମାନିତ ଅତିଥିରୂପେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କର ସରକାର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ବିଷୟରେ ଆଲୋକପାତ କରିଥିଲେ। ମିଶନ ବାତ୍ସଲ୍ୟ, ବେଟି ବଚାଓ ବେଟି ପଢ଼ାଓ, ଆଶୀର୍ବାଦ ଯୋଜନା, ବିଜୁ ଶିଶୁ ସୁରକ୍ଷା ଯୋଜନା, ବିଜୁ କନ୍ୟାରତ୍ନ ଯୋଜନା ଅନ୍ୟତମ। ଯେଉଁ ପିଲାମାନେ କୌଣସି କାରଣ ହେତୁ ପିତାମାତାଙ୍କୁ ହରାଇଛନ୍ତି, ସେମାନେ ଜିଲ୍ଲାରେ ଥିବା ଶିଶୁ ପରିଚର୍ଯ୍ୟା ଅନୁଷ୍ଠାନରେ ରହିପାରିବେ। କିନ୍ତୁ ପିଲାମାନେ ପରିବାରରେ ରହିବା ସେମାନଙ୍କ ଅଧିକାର। ଏଥିପାଇଁ ସରକାର ଆର୍‌ଥିକ ବ୍ୟବସ୍ଥା କରିଛନ୍ତି ବୋଲି ସେ କହିଥିଲେ। ବିଷୟ ବିଶାରଦ ରୂପେ ସଂଯୋଗର ନିର୍ଦ୍ଦେଶକ ପ୍ରଶାନ୍ତ ପାଲଟାସିଂ ଯୋଗଦେଇ ବିଭିନ୍ନ କମିଟିର କାର୍ଯ୍ୟାବଳୀ ଉପରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସରପଞ୍ଚ, ମହିଳା ପରିଦର୍ଶିକା ଓ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। ମହିଳା ପରିଦର୍ଶିକା ଆରତୀ ସାମଲ, ସ୍ୱର୍ଣ୍ଣଲତା ପାଣିଗ୍ରାହୀ ଓ ରେଖାମଣି ପରିଡ଼ା ପ୍ରମୁଖ ପ୍ରଶିକ୍ଷଣରେ ଭାଗ ନେଇଥିଲେ।

# ୧୬ନଂ ଜାତୀୟ ରାଜପଥରେ ଡଷ୍ଟଗୁଣ୍ଡ, ଜନଜୀବନ ଅସ୍ତବ୍ୟସ୍ତ

ମଧୁବନ, ୨୯ ।୨ (ସମିସ): ୧୬ନଂ ଜାତୀୟ ରାଜପଥର ରସୁଲପୁର ବ୍ଲକ ଅନ୍ତର୍ଗତ ବାହାଦଲାପୁର ଛକଠାରେ ଗଳିପୋଲ ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଏହି ଛକର ନିକଟରେ ହାଇୱେ ସତସଙ୍ଗ ବିହାର ରହିଛି। ପ୍ରତିଦିନ ଏହି ଆଧ୍ୟାତ୍ମିକ ସ୍ଥାନକୁ ବିଭିନ୍ନ ଅଞ୍ଚଳରୁ ଭକ୍ତ ଠାକୁରଙ୍କ କୃପା ଭିକ୍ଷା ପାଇଁ ଆସିଥା'ନ୍ତି। ଗଳିପୋଲ ଓଭରବ୍ରିଜ ଓ ବାଇପାସ୍ ରୋଡ ପାଇଁ ସମ୍ପୃକ୍ତ ଠିକାଦାର ଧଳା ଡଷ୍ଟ ଗୁଣ୍ଡ ଗଦାକରି ରାସ୍ତା ଉପରେ ପକାଇଛନ୍ତି। ପାର୍ଶ୍ୱ ରାଜପଥରେ ଚଳାଚଳ କରୁଥିବା ଗାଡିର ପବନ ବାଜି ଡଷ୍ଟ ଗୁଣ୍ଡ ଉଡୁଛି। ଡଷ୍ଟ ଗୁଣ୍ଡ ସତସଙ୍ଗ ବିହାର ଭିତରେ ଥିବା କୋଠରି ଉପରେ ପଡ଼ିବା ସହ ସ୍ଥାନୀୟ ଆଖପାଖ ଅଞ୍ଚଳରେ ଥିବା କୃଷି କ୍ଷେତ୍ର ଉପରେ ଏହାର ପ୍ରଭାବ ପଡୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।



# ମୁକ୍ତା ଯୋଜନା ଅନ୍ତର୍ଗତ ମିନି ପାର୍କ ପ୍ରକଳ୍ପ ଉଦ୍‌ଘାଟିତ



ଯାଜପୁର, ୨୯ ।୨(ସମିସ): ଯାଜପୁର ପୌରାଞ୍ଚଳ ୧୩ ନମ୍ବର ୱାର୍ଡ ଅନ୍ତର୍ଗତ ଶନି ମନ୍ଦିର ପ୍ରାଙ୍ଗଣରେ ରାଜ୍ୟ ସରକାରଙ୍କ ମୁକ୍ତା ଯୋଜନା ଅନ୍ତର୍ଗତ କ୍ଷୁଦ୍ର ଉଦ୍ୟାନ ପ୍ରକଳ୍ପ ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ୧୩ ନମ୍ବର ୱାର୍ଡର ପାରିଷଦ ଜିତେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷ ସନ୍ତୋଷ ମଲିକ, ପୌରପାଳିକାର ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅଜୟ କୁମାର ପଣ୍ଡା ଯୋଗ ଦେଇ ପ୍ରତ୍ୟେକ ୱାର୍ଡକୁ ସୌନ୍ଦର୍ଯ୍ୟକରଣ କରିବା ସହ ଆବର୍ଜନାମୁକ୍ତ କରିବାକୁ ସହରବାସୀଙ୍କୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ପୌରପାଳିକାର ସମସ୍ତ ପାରିଷଦ ଉପସ୍ଥିତ ରହି ରାଜ୍ୟ ସରକାର ଓ ଯାଜପୁର ବିଧାୟକଙ୍କୁ ଧନ୍ୟବାଦ ଦେଇଥିଲେ। ଏଠାରେ ମିନି ପାର୍କ ସହ ଓପନ ଜିମ ଉଦଘାଟିତ ହୋଇଥିବାରୁ ଆବାଳ ବୃଦ୍ଧ ବନିତାଙ୍କ କାର୍ଯ୍ୟରେ ଏହା ଉପଯୋଗୀ ହୋଇପାରିବ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଏକ ପରିତ୍ୟକ୍ତ ସ୍ଥାନରେ ମିନି ପର୍କ ହୋଇଥିବାରୁ ସହରବାସୀ ଖୁସିବ୍ୟକ୍ତ କରିଛନ୍ତି।

# କୁଞ୍ଜଲତାଙ୍କ ପରିବାରକୁ ମିଳୁନି ଆବାସ

କୟାଁଗୋଲା, ୨୯ ।୨(ସମିସ): ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମୁଣ୍ଡରେ ଛାତ ଦେବା ପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ଯୋଜନାରୁ ଅନେକ ସମୟରେ ପ୍ରକୃତ ହିତାଧିକାରୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳିଛି। ଦଶରଥପୁର ବ୍ଲକ ନିଜାମପୁର ପଞ୍ଚାୟତର କୁଞ୍ଜଲତା ସାହୁଙ୍କ କ୍ଷେତ୍ରରେ



ଏଭଳି ଦେଖିବାକୁ ମିଳିଛି। କୁଞ୍ଜଲତାଙ୍କ ପରିବାର ଅତ୍ୟନ୍ତ ଦୟନୀୟ ଭାବେ ଦିନ କାଟୁଥିଲେ ମଧ୍ୟ ତାଙ୍କୁ ଆଜି ପର୍ଯ୍ୟନ୍ତ ପକ୍କାଘର ଖଣ୍ଡିଏ ଯୋଗାଇ ଦିଆଯାଇନାହିଁ। କୁଞ୍ଜଲତାଙ୍କ ସ୍ୱାମୀ ପର ଘରେ କାମ କରନ୍ତି ଓ ତିନି ଝିଅଙ୍କୁ ବିବାହ ଦେବା ପରେ ପୁଅ ପରମେଶ୍ୱରକୁ ନେଇ ସେ ଚାଳଛପର ଘରେ ରୁହନ୍ତି। ଜମିବାଡି କହିଲେ ଘର ଡିହ ଓ ୧୦ ଡିସିମିଲ ଜମି। ସ୍ୱାମୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ମିଳୁଛି ଓ ତାଙ୍କୁ ମାଗଣା ଚାଉଳ ମିଳୁଛି। ମାତ୍ର ୬୦ ବର୍ଷ ପାର ସତ୍ତ୍ୱେ ଭତ୍ତା ମିଳିନି ଓ ଆବାସଟିଏ ପାଇଁ ସେ ବିଭିନ୍ନ ସମୟରେ ସରପଞ୍ଚ, ଗାଁ ନେତା ଓ ବ୍ଲକ ଅଧିକାରୀଙ୍କୁ ନେହୁରା ହୋଇ କାକୁତିମନତି କରିଛନ୍ତି। ମାତ୍ର କେହି ତାଙ୍କ ଦୁଃଖ ଶୁଣିନାହାନ୍ତି ଓ ପ୍ରଶାସନିକ ଅଧିକାରୀ ତଦନ୍ତ ପାଇଁ ଆସି ତାଙ୍କ ଘର ଫଟୋ ନେଇଛନ୍ତି। ଏଥର ନିଶ୍ଚିନ୍ତ ପକ୍କା ଘର ମିଳିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ହେଲେ କୁଞ୍ଜଲତାଙ୍କ ଭାଗ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଜୁଟିନି। କେବେ କୁଞ୍ଜଲତାଙ୍କ ପରିବାର ପ୍ରତି ପ୍ରଶାସନ ଦୟାବାନ ହେବ ତାକୁ ସମସ୍ତେ ଚାହିଁ ବସିଛନ୍ତି।

# ଜାରକାରେ ନକଲି ଆୟୁର୍ବେଦିକ ଡାକ୍ତର ଠାବ

- କ୍ଲିନିକ ଖୋଲି ରୋଗୀଙ୍କ ଜୀବନ ସହ ଖେଳୁଥିଲେ
- ଏନ୍‌ଏଚ୍‌ଆରସିରେ ରୁଜୁ ହେଲା ମାମଲା

ଧର୍ମଶାଳା, ୨୯ ।୨(ସମିସ): ଯାଜପୁର ଜିଲ୍ଲାରେ ଅମରେନ୍ଦ୍ର ନାଥ ନାମକ ବ୍ୟକ୍ତି ନିଜକୁ ଆୟୁର୍ବେଦ ଡାକ୍ତରର ପରିଚୟ ଦେଇ ବିନା ପଞ୍ଜିକରଣରେ ଯାଜପୁର ଜିଲ୍ଲା ଜାରକା ଓ ସିଂହପୁର ଅଞ୍ଚଳରେ କ୍ଲିନିକ ଖୋଲି ହଜାର ହଜାର ରୋଗୀଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଥିବା ଘଟଣାରେ କମିଶନ ହସ୍ତକ୍ଷେପ କରି ସମ୍ପୃକ୍ତ ଅମରେନ୍ଦ୍ର ନାଥ ନାମକ ନକଲି ଆୟୁର୍ବେଦ ଡାକ୍ତରଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ନେବା ପାଇଁ ରାଜ୍ୟ ମାନବାଧିକାର କମିଶନଙ୍କ ନିକଟରେ ଏନଏଚଆରସି କେଶ ନମ୍ବର ୮୧/୨୦୨୪ରେ ମାମଲା ଦାଏର କରିଥିବା ନ୍ୟାୟ ପାଇଁ ଲଢେଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ପ୍ରେସ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି। ଏହି ମାମଲାରେ ଜିଲ୍ଲାପାଳ ଯାଜପୁର, ସିଡ଼ିଏମଓ ଯାଜପୁର, ସ୍ୱାସ୍ଥ୍ୟ ସଚିବ ଓଡ଼ିଶା, ମୁଖ୍ୟ ଶାସନ ସଚିବ ଓଡ଼ିଶାଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଶ୍ରୀ ଦାଶ ଜଣାଇଛନ୍ତି, ସାଧାରଣତଃ ଆୟୁର୍ବେଦ ଡାକ୍ତରଙ୍କ କୋର୍ସ ହେଉଛି ବିଏମଏସ, ଡିଏମଏସ ଓ ଆୟୁର୍ବେଦ ଶାସ୍ତ୍ରୀ ଥିଲା। ଏବେ ସବୁ ବନ୍ଦ ହୋଇ କେବଳ ବିଏମଏସ ପାଠ୍ୟକ୍ରମ ଅଛି। କିନ୍ତୁ ଏହି ଡାକ୍ତର ଜଣକ କୌଣସି କୋର୍ସ ନ କରି ତାଙ୍କ ପ୍ରେସ୍କ୍ରିପସନ ପ୍ୟାଡରେ ଆଇବିଏଏମ ଆୟୁର୍ବେଦ ଲେଖିଛନ୍ତି।



ଔଷଧର ନାମ ନ ଲେଖି ନମ୍ବର ପକାଉଛନ୍ତି। ସାଧାରଣ ଲୋକଙ୍କ ଅଭିଯୋଗ କ୍ରମେ ଯାଜପୁର ଜିଲ୍ଲା ଆୟୁର୍ବେଦ ମେଡିକାଲ ଅଫିସର ଏହି ନକଲି ଡାକ୍ତରଙ୍କ ସାର୍ଟିଫିକେଟକୁ ଯାଞ୍ଚ ପାଇଁ ଭୁବନେଶ୍ୱର ୟୁନିଟ-୪ରେ ଥିବା ଷ୍ଟେଟ କାଉନସିଲ ଅଫ୍ ଆୟୁର୍ବେଦ ଓ ହୋମିଓପାଥିକ ଅଫିସକୁ ପଠାଇଥିଲେ। ଭୁବନେଶ୍ୱର ୟୁନିଟ-୪ରେ ଥିବା ଷ୍ଟେଟ କାଉନସିଲ ଅଫ୍ ଆୟୁର୍ବେଦ ଓ ହୋମିଓପାଥିକ ଅଫିସ ଯାଞ୍ଚ କରିବା ପରେ ସମ୍ପୃକ୍ତ ଡାକ୍ତରଙ୍କର କୌଣସି ପ୍ରମାଣ ମିଳି ନ ଥିଲା। ତାଙ୍କର ରେଜିଷ୍ଟ୍ରେସନ୍ ନମ୍ବର ମଧ୍ୟ ଭୁଲ୍ ଥିବା ଜଣାପଡ଼ିଥିଲା। ଆୟୁଷ ବିଭାଗର ରେଜିଷ୍ଟ୍ରେସନ୍ ନମ୍ବର ୪ ଅଙ୍କ ବିଶିଷ୍ଟ ହୋଇଥିବାବେଳେ ସମ୍ପୃକ୍ତ ନକଲି ଡାକ୍ତରଙ୍କ ରେଜିଷ୍ଟ୍ରେସନ୍ ନମ୍ବର ହେଉଛି ୫ ଅଙ୍କ ବିଶିଷ୍ଟ। ଏହି ନକଲି ଡାକ୍ତର ଅମରେନ୍ଦ୍ର ନାଥଙ୍କ ବାବଦରେ ଜଣାପଡ଼ିବା ପରେ ରାଜ୍ୟ ଆୟୁଷ ନିର୍ଦ୍ଦେଶକ ଭୁବନେଶ୍ୱର ଏହି ସମ୍ବେଦନଶୀଳ ଘଟଣାରେ ଯାଜପୁର ଜିଲ୍ଲାପାଳ ଓ ଯାଜପୁର ସିଡିଏମ୍‌ଓଙ୍କୁ ଚିଠି କରିଛନ୍ତି। ନକଲି ଡାକ୍ତରଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାକୁ ନେଇ ଯାଜପୁର ଜିଲ୍ଲାଠୁ ଆରମ୍ଭ କରି ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ତେବେ କମିଶନ ହସ୍ତକ୍ଷେପ କରି ସମ୍ପୃକ୍ତ ନକଲି ଡାକ୍ତର ଅମରେନ୍ଦ୍ର ନାଥଙ୍କ ବିରୁଦ୍ଧରେ କଠୋରରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ଦାସ ଅନୁରୋଧ କରିଛନ୍ତି।

# ପୌରାଞ୍ଚଳରେ ପାନୀୟଜଳ ସଂକଟ ଦୂର ନ ହେଲେ ଆନ୍ଦୋଳନ ଚେତାବନୀ



ବ୍ୟାସନଗର, ୨୯ ।୨(ସମିସ): ବ୍ୟାସନଗର ପୌରାଞ୍ଚଳରେ ଥିବା ୨୬ଟି ୱାର୍ଡ ମଧ୍ୟରୁ ୧୧ଟି ୱାର୍ଡରୁ ଊର୍ଦ୍ଧ୍ୱ ସାହି ବସ୍ତିରେ ଗ୍ରୀଷ୍ମଦିନ ପୂର୍ବରୁ ପାନୀୟ ଜଳର ଉତ୍କଟ ସମସ୍ୟା ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ପିଏଚଡି ବିଭାଗର ଦୃଷ୍ଟି ଗୋଚର କରିଥିଲେ ମଧ୍ୟ ଏହାର ସ୍ଥାୟୀ ପ୍ରତିକାର କରାଯାଇପାରିନାହିଁ। ବିଶେଷକରି ନୂତନ ଭାବେ ନେଇଥିବା ସଂଯୋଗକାରୀ ପାନୀୟଜଳଯୋଗାଣ ନ ଥାଇ ବିଲ୍ ପୈଠ କରିବାକୁ ବାଧ କରାଯାଉଛି। ଜନସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ଛକ ପଏଣ୍ଟରେ ଚାବି ବ୍ୟବସ୍ଥା କରି ଜାଣିଶୁଣି ପାନୀୟ ଜଳ ସଙ୍କଟ ସୃଷ୍ଟି କରୁଥିବାରୁ ଆଜି ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି ଓ ସିପିଏମ ନେତା ପ୍ରଫୁଲ୍ଲ ନାୟକ, ମହେନ୍ଦ୍ର କୁମାର ମହାପାତ୍ର, ସତ୍ୟାନନ୍ଦ କାଣ୍ଡି, ସନ୍ତୋଷ ବରାଳ, ପରୀକ୍ଷିତ ମଲିକ, ବସନ୍ତ ଜେନା, ସୁଦର୍ଶନ ତରାଇ ପ୍ରମୁଖ ମିଳିତ ବୈଠକରେ ଏହାର ସ୍ଥାୟୀ ପ୍ରତିକାର ନ କଲେ ସ୍ଥାନୀୟ ବସ୍ତିବାସିନ୍ଦାଙ୍କୁ ନେଇ ପୌରପରିଷଦ ଘେରଉ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଠାରେ ସ୍ୱଜଳଧାରା ଯୋଜନା ନାମରେ ପୌରାଞ୍ଚଳରେ ୨୪ ଘଣ୍ଟିଆ ଜଳଯୋଗାଣ ଉଦଘାଟନ କରାଯାଇଥିଲେ ମଧ୍ୟ ଏହା ବାସ୍ତବ କ୍ଷେତ୍ରରେ ସଫଳ ରୂପାୟନ ହୋଇପାରିନାହିଁ। ୧୦ ବର୍ଷ ଧରି ଯୋକଡ଼ିଆଠାରୁ ସହରକୁ ଜଳ ଯୋଗାଣ ପାଇଁ କୋଟି କୋଟି ଟଙ୍କା ବ୍ୟୟରେ କାର୍ଯ୍ୟ ସରିଲାନାହିଁ ବରଂ ପ୍ରକଳ୍ପ ନାମରେ ହରିଲୁଟ ଚାଲିଛି ବୋଲି ଶ୍ରୀ ମହାନ୍ତି ଓ ଶ୍ରୀ ନାୟକ ଜନସ୍ୱାସ୍ଥ୍ୟ ବିଭାଗର ଅପାରଗତା ବୋଲି ଦୃଢ଼ ସମାଲୋଚନା କରିଛନ୍ତି।

- ବିଧାୟକ ସୁରେଶ ରାଉତରାୟଙ୍କ ବିବାଦୀୟ ମନ୍ତବ୍ୟ

# ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଥାନାରେ ଏତଲା

ଯାଜପୁର, ୨୯ ।୨(ସମିସ): ନିକଟରେ କଂଗ୍ରେସ ନେତା ସୁରେଶ ରାଉତରାୟ ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଅଭିଯୋଗ କରି ଆଜି ଯାଜପୁର ଥାନାରେ ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏତଲା ଦିଆଯାଇଛି। କଂଗ୍ରେସ ବିଧାୟକ ପ୍ରଭୁ ରାମଙ୍କୁ କଟାକ୍ଷ କରିବା ସହିତ ରାମଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଦେଇଛନ୍ତି। ଯାହା କୋଟି କୋଟି ହିନ୍ଦୁଙ୍କ ଧର୍ମୀୟ ଭାବନା ପ୍ରତି କୁଠାରଘାତ ବୋଲି ଅଭିଯୋଗ କରି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। ତୁରନ୍ତ ଏ ନେଇ ଶ୍ରୀ ରାଉତରାୟ ସର୍ବସାଧାରଣରେ କ୍ଷମା ନ ମାଗିଲେ ଆଗାମୀ ଦିନରେ ବିରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଆଜି ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ପଟ୍ଟନାୟକ, ସୁରେଶ ପତି, ଧନେଶ୍ୱର ସାହୁ, ଚିନ୍ମୟ ଚିରସୁନ୍ଦର ପରିଡ଼ା, ଶ୍ରୀକାନ୍ତ ବେହୁରିଆ, ବାଦଲ ନାୟକଙ୍କ ପକ୍ଷରୁ ଏହି ଏତଲା ଦିଆଯାଇଛି।




## ଯାଜପୁର ବ୍ଲକରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

# 'ରାଜ୍ୟ ସରକାରଙ୍କ ଯୋଜନା ପ୍ରତି ଗାଁରେ ପ୍ରତିଫଳିତ ହୋଇଛି'

ଯାଜପୁର, ୨୯ ।୨(ସମିସ):

ରାଜ୍ୟ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଜନହିତକାରୀ ଯୋଜନାକୁ ତ୍ୱରାନ୍ୱିତ କରି ଗ୍ରାମାଞ୍ଚଳରେ ଏହାର ସଫଳ ରୂପାୟନ ସମ୍ପର୍କରେ ସାଧାରଣ ଲୋକଙ୍କୁ ଅବଗତ କରିବା ଲକ୍ଷ୍ୟରେ ପ୍ରତି ପଞ୍ଚାୟତରେ ଆୟୋଜିତ ହୋଇଥିଲା ସଚେତନତା ଶିବିର। ଯାଜପୁର ବ୍ଲକ ଅନ୍ତର୍ଗତ ଚଇନିପୁର ପଞ୍ଚାୟତରୁ ଆରମ୍ଭ ହୋଇଥିଲା 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା କାର୍ଯ୍ୟକ୍ରମ। ଆଜି ଏହି ସଚେତନତା କାର୍ଯ୍ୟକ୍ରମ ଜାହାନପୁର ପଞ୍ଚାୟତରେ ଉଦଯାପିତ ହୋଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ



ଯୋଜନାର ସଫଳ ରୁପାୟନ ପ୍ରତି ଗାଁ ଗଳି କନ୍ଦିରେ ଦେଖିବାକୁ ମିଳିଛି ବୋଲି ମତ ଦେଇଥିଲେ।

ସମ୍ମାନିତ ଅତିଥି ଭାବେ ଯାଜପୁର ବ୍ଲକ ଅଧ୍ୟକ୍ଷା ସ୍ୱର୍ଣ୍ଣଲତା ପରିଡ଼ା ଯୋଗ ଦେଇଥିଲେ। ଯାଜପୁର ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ନାୟକଙ୍କ ସଭାପତିତ୍ୱରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜା ଓ ଯାଜପୁର ଜିଲ୍ଲାର ମାନ୍ୟତା ଦେଇଥିବା ତଥା ଓଡ଼ିଶାର ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ବ୍ଲକର ୨୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ବିଜୁ ଜନତା ଦଳର ସମସ୍ତ ପଦାଧିକାରୀ ଯୋଗଦେଇ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସାକାର କରିବା ଦିଗରେ ବିଭିନ୍ନ ପ୍ରକାରର ଜନହିତକାରୀ ଯୋଜନାକୁ ଗ୍ରାମାଞ୍ଚଳରେ ଥିବା ମହିଳା, ବେକାର ଯୁବକ ଯୁବତୀଙ୍କୁ ଯୋଜନାରେ ସାମିଲ କରାଇ ରୋଜଗାରକ୍ଷମ କରାଇବା ସହ ସ୍ୱାବଲମ୍ବୀ ହେଲେ ରାଜ୍ୟ ପ୍ରଗତି ପଥରେ ଆଗେଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ। ମାମାନେ ହେଲେ ନବୀନ ପଟ୍ଟନାୟକଙ୍କ ବିଶ୍ୱାସ ଓ ଭରସା ବୋଲି ପ୍ରକାଶ କରିଥିଲେ। ପ୍ରତ୍ୟେକ ପଞ୍ଚାୟତର ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ପ୍ରକଳ୍ପର ରୂପାନ୍ତରିକରଣ ନିମନ୍ତେ ସରକାର କୋଟି କୋଟି ଟଙ୍କା ବ୍ୟୟବରାଦ କରିଥିବା କଥା ପ୍ରକାଶ କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି ଓ କୃଷକର ଉନ୍ନତି, ମିଶନ ଶକ୍ତି ଗଠନ କରି ମହିଳାଙ୍କୁ ସ୍ୱାବଲମ୍ବୀ କରିବା ସହିତ ବିଭିନ୍ନ ପ୍ରକାରର କାର୍ଯ୍ୟ ସମ୍ଭବ ହୋଇଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନା, କାଳିଆ ଯୋଜନା, ସାମାଜିକ ସୁରକ୍ଷା ଭତ୍ତା, ରାସନ କାର୍ଡ, ମମତା ଓ ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ୍ ଆଦି ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ମାମିନି ବେହେରା, ସମିତିସଭ୍ୟା ରଞ୍ଜିତା ଦଳେଇ, ୩୨ ନମ୍ବର ଜୋନ୍ ଜିଲ୍ଲାପରିଷଦ ସଭ୍ୟା ପ୍ରଭାତୀ ଆଚାର୍ଯ୍ୟ, ନୋଡାଲ ଅଫିସର ଲକ୍ଷ୍ମୀକାନ୍ତ ଜେନା, ପଞ୍ଚାୟତର ଜନପ୍ରତିନିଧି ଓ ବିଜୁ ଜନତା ଦଳର ଯୁବ ସଂଗଠକ ଦେବଦତ୍ତ ଦାସ ଓ ସୁଧାଂଶୁ ଭୂଷଣ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସରପଞ୍ଚ ମାମିନୀ ବେହେରା ଧନ୍ୟବାଦ୍ ଜଣାଇଥିଲେ।

DSPL-755

ଆମ ଓଡ଼ିଶା ନବୀନ ଓଡ଼ିଶା | ODISHA INDIA'S BEST KEPT SECRET

**ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶାର ଗୌରବମୟ ଅଧ୍ୟାୟ**

- ଭୁବନେଶ୍ୱରରେ ଏସିଆର ସବୁଠୁ ବଡ଼ ଓ ଅତ୍ୟାଧୁନିକ ସ୍ପୋର୍ଟ୍ସ ସାଇନ୍ସ ସେଣ୍ଟର
- ୪୮ଟି ବହୁମୁଖୀ ଇନଡୋର ଷ୍ଟାଡିୟମ ଓ ୨୩ଟି ହକି ପ୍ରଶିକ୍ଷଣ କେନ୍ଦ୍ର
- କଟକ ଟେବୁଲ ଟେନିସ ଏକାଡେମୀ ଓ ରାଉରକେଲା ଜିମ୍ନାଷ୍ଟିକ୍ ଏକାଡେମୀ
- ଓସିଏ ଦ୍ୱାରା ଓଡ଼ିଶାରେ ବିକଶିତ ୪୧ଟି କ୍ରିକେଟ ଏକାଡେମୀ




OIPR-15001/13/0560/2324


# ରାଜ୍ୟରେ ସ୍ଥାପନ ହେବ ଜଳ ସୂଚନା ବିଜ୍ଞାନ କେନ୍ଦ୍ର

**ଭୁବନେଶ୍ୱର, ୨୯ ।୨(ସମିସ):** ରାଜ୍ୟରେ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ସ୍ଥାପନ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି । ରାଜ୍ୟ ପାଇଁ ଜଳ-ପାଣିପାଗ ତଥ୍ୟର ଏକ ବିସ୍ତୃତ ଭଣ୍ଡାର ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି କେନ୍ଦ୍ର ସ୍ଥାପନ କରାଯିବ । ରାଜ୍ୟ ସରକାରଙ୍କ ଜଳସମ୍ପଦ ବିଭାଗ ଅଧୀନ ରାଜ୍ୟ ଜଳସୂଚନା ବିଜ୍ଞାନ କେନ୍ଦ୍ରର ଜଳସମ୍ପଦ ପରିଚାଳନା, ତଥ୍ୟ ପରିଚାଳନା ଓ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଜ୍ଞାନ ଥିବା ଦକ୍ଷ ଟିମ୍ ରହିବେ, ଯେଉଁମାନେ କି ନିଜ ସଂସ୍ଥାରୁ ନିୟୋଜିତ ରହିବେ କିମ୍ବା ବାହ୍ୟ ସଂସ୍ଥାରୁ ଆଉଟ୍‌ସୋର୍ସିଂ ଭାବେ କାର୍ଯ୍ୟ କରିବେ ବୋଲି କ୍ୟାବିନେଟ୍ ବୈଠକ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି । ଏହି ପଦକ୍ଷେପ ଓଡ଼ିଶାରେ ଜଳସମ୍ପଦ ପରିଚାଳନାକୁ ବଢ଼ାଇବ । ଏହାସହ ସୁଚିନ୍ତିତ ନିଷ୍ପତ୍ତି ଗ୍ରହଣ ଓ ଶୃଙ୍ଖଳିତ ନୀତି ଯୋଜନାକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଜଳ-ପାଣିପାଗ ବିଜ୍ଞାନ ତଥ୍ୟ ଆଦାନପ୍ରଦାନକୁ ସୁଗମ କରିବା ପାଇଁ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ଜାତୀୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ର ସହ ନିରବଚ୍ଛିନ୍ନ ସହଯୋଗ କରିବ ବୋଲି ନିଷ୍ପତ୍ତି ହୋଇଛି । ସ୍ଥାୟିତ୍ୱକୁ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ଜାତୀୟ ଜଳବିଜ୍ଞାନ ପ୍ରକଳ୍ପର ଅବଧି ଶେଷ ହେବା ପରେ ରାଜ୍ୟ ଜଳ ସୂଚନା ବିଜ୍ଞାନ କେନ୍ଦ୍ରର କାର୍ଯ୍ୟ ପରିଚାଳନା ପାଇଁ ପାଣ୍ଠି ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଯାହାଦ୍ୱାରା ଏକ ଦାୟିତ୍ୱବାନ ଜଳସମ୍ପଦ ପରିଚାଳନା ପ୍ରତି ସରକାର ତାଙ୍କର ପ୍ରତିବଦ୍ଧତା ଓ ସମର୍ପଣ ମନୋଭାବକୁ ଦୋହରାଇଛନ୍ତି ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

**ଜୟପୁର, ୨୯ ।୨ (ସମିସ):** ଜୟପୁର ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ପ୍ରଜ୍ଞା ନଳିନୀ ମିଶ୍ର ଗୁରୁବାର ନାବାଳିକା ଅପହରଣ ମାମଲାର ଶୁଣାଣି କରି କୋରାପୁଟ ଟାଉନ ଥାନା ଅଞ୍ଚଳର ଯୁବକ ସୁଜିତ କୁଲଦୀପ (୨୪)କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ ବର୍ଷ ଜେଲ୍ ଓ ୨୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି । ଜରିମାନା ଅନାଦାୟ ହେଲେ, ଅଧିକ ୯ ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ନିର୍ଦ୍ଦେଶ ରହିଛି । ସେହିପରି ପୀଡ଼ିତାଙ୍କ ପରିବାରଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ଅନୁଯାୟୀ, ୨୦୨୧ ଫେବୃୟାରୀ ୧୦ ତାରିଖ ସନ୍ଧ୍ୟାରେ ୧୬ବର୍ଷୀୟା ନାବାଳିକା ନିକଟସ୍ଥ ଦୋକାନକୁ କିରାନ ସାମଗ୍ରୀ କ୍ରୟ ପାଇଁ ଯାଇଥିବା ବେଳେ ସୁଜିତ ତାକୁ ଅପହରଣ କରିନେଇ ଦୁଷ୍କର୍ମ କରିଥିଲା । ଏଥିରେ ପୀଡ଼ିତା କାନ୍ଦିବାରୁ ତାଙ୍କୁ ସ୍ତ୍ରୀ ଭାବେ ରଖିବାକୁ କହି ନିଜ ଘରକୁ ନେଇ ଶାରୀରିକ ସମ୍ପର୍କ ରଖିଥିଲା । ନାବାଳିକାଗର୍ଭବତୀହେବାପରେତାଙ୍କୁମାଡ଼ମାରିଘରୁତଡ଼ିଦେଇଥିଲା । ଏନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ସ୍ୱତନ୍ତ୍ର ପିପି ଡ. ଗାୟତ୍ରୀ ଦେବୀ ମାମଲା ପରିଚାଳନା କରିଥିଲେ ।

# ଭିଜିଲାନ୍ସ ପଞ୍ଝାରେ ଇଏସ୍‌ଆଇ ଡିସ୍‌ପେନ୍‌ସାରୀ ବରିଷ୍ଠ କିରାଣି

**ରାଉରକେଲା, ୨୯ ।୨ (ସମିସ):** ଭିଜିଲାନ୍ସ ପଞ୍ଝାରେ ରାଉରକେଲା ଇଏସଆଇ ଡିସପେନସାରୀର ବରିଷ୍ଠ କିରାଣୀ ଅଭିରାମ ସାହୁ । ଜଣେ ଠିକା ଶ୍ରମିକଙ୍କର ମେଡ଼ିକାଲ ବିଲ୍ ପାସ୍ କରିବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରପଡ଼ି ଶ୍ରୀ ସାହୁ ଜେଲ ଯାଇଛନ୍ତି ।

ସୂଚନାଯୋଗ୍ୟ, ରାଉରକେଲାସ୍ଥିତ ଜେଲ ରୋଡ୍‌ଠାରେ ଥିବା ଇଏସ୍‌ଆଇ ଡିସପେନସାରୀର ବରିଷ୍ଠ କିରାଣୀ ଅଭିରାମ ସାହୁ ଏକ ଘରୋଇ ସଂସ୍ଥାରେ କାମ କରୁଥିବା ଜଣେ ଶ୍ରମିକଙ୍କ ମେଡିକାଲ ବିଲ ପାସ କରିବା ପାଇଁ ତାଙ୍କୁ ହଇରାଣ କରି ଆସୁଥିଲେ । ସମ୍ପୃକ୍ତ ଶ୍ରମିକ କିଛି ଦିନ ପୂର୍ବେ ଏକ ଦୁର୍ଘଟଣାର ଶିକାର ହୋଇ ଇଏସଆଇ କାର୍ଡ ଜରିଆରେ

**ଶ୍ରମିକଙ୍କ ବିଲ୍ ପାସ୍ କରିବାକୁ ନେଉଥିଲେ ୧୦ ହଜାର ଟଙ୍କା**



ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ । ସୁସ୍ଥ ହୋଇ ଫେରିବା ପରେ ଚିକିତ୍ସା ତଥା ମେଡିକାଲ ବାବଦକୁ ଖର୍ଚ୍ଚ ହୋଇଥିବା ବିଲ୍ ପାସ୍ କରିବାକୁ ଇଏସଆଇ ଡିସପେନସାରୀର ବରିଷ୍ଠ କିରାଣୀ ଅଭିରାମ ସାହୁଙ୍କ ନିକଟରେ ନିବେଦନ କରିଥିଲେ । ହେଲେ ସେ ବିଭିନ୍ନ ଆଳ ଦେଖାଇ ବିଲ ପାସ କରାଇବା ପାଇଁ ଟାଳଟୁଳ ନୀତି ଅବଲମ୍ବନ କରି ସମୟ ଗଡ଼ାଇ ଚାଲିଥିଲେ । ବାରମ୍ବାର ଶ୍ରମିକଜଣକ ତାଙ୍କୁ ଅନୁରୋଧ କରିଥିଲେ ହେଁ ସେ କିଛି ଶୁଣି ନଥିଲେ । ଶେଷରେ ବିଲ୍ ପାସ୍ କରିବାକୁ ହେଲେ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ । ଏନେଇ ଶ୍ରମିକଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ । ଏହାପରେ ଯୋଜନା ମୁତାବକ ସମ୍ପୃକ୍ତ ଶ୍ରମିକଙ୍କଠାରୁ ଅଭିରାମ ଆଜି ଜେଲ ରୋଡସ୍ଥିତ ୟୁଜିଆଇଇ ସମ୍ମୁଖରେ ଲାଞ୍ଚ ନେଉଥିବା ବେଳେ ପୂର୍ବରୁ ଜାଲ ବିଛାଇ ଥିବା ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ । ଏହାସହ ଶ୍ରୀ ସାହୁଙ୍କ ଆଇଟିଆଇ ରୋଡ୍‌ରେ ଥିବା ଇଏସ୍‌ଆଇ କାର୍ଯ୍ୟାଳୟ ଅଫିସ ଏବଂ ଏଲଆଇସି କଲୋନୀସ୍ଥିତ ତାଙ୍କ ସରକାରୀ କ୍ୱାର୍ଟର୍‌ରେ ଭିଜିଲାନ୍ସ ଚଢ଼ଉ କରିଥିଲା । ତାଙ୍କ ନାମରେ ରାଉରକେଲା ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଶ୍ରୀ ସାହୁଙ୍କୁ ଗିରଫ କରାଯାଇଥିଲା ।

● ମହିଳାଙ୍କୁ ହତ୍ୟା ଘଟଣା

# ଦୋଷୀକୁ ଆଜୀବନ ଜେଲ୍

**କଟକ, ୨୯ ।୨(ସମିସ):** ଜନୈକା ମହିଳାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିବା ଭଳି ଏକ ଜଘନ୍ୟ ମାମଲାରେ ଅଭିଯୁକ୍ତ ବାଙ୍କୀ ଥାନା ଅନ୍ତର୍ଗତ ମାଳବିହାରପୁର ଗ୍ରାମର ରମେଶ ବେହେରା (୩୬)କୁ କଟକ ଦ୍ୱିତୀୟ ଦୌରାଜଜ୍ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । କଟକ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ ସ୍ରୋତସ୍ୱିନୀ କର ଏପରି ନିର୍ଦ୍ଦେଶ ଦେଇଛନ୍ତି । କଟକ ବାଙ୍କୀ ଥାନା ମାଳବିହାରପୁର ଅଞ୍ଚଳରେ ଘଟିଥିବା ଏହି ଘଟଣାରେ ଅଭିଯୁକ୍ତକୁ ଆଇପିସି ଧାରା ୩୦୨ରେ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ଜରିମାନା ଆକାରରେ ୧୦ହଜାର ଟଙ୍କା ପଇଠ ନକଲେ ଅତିରିକ୍ତ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ରାୟରେ ଉଲ୍ଲେଖ ରହିଛି । ସେହିପରି ମୃତକଙ୍କ ପରିବାରକୁ ଆଇନ ଅନୁସାରେ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ମାମଲାରୁ ପ୍ରକାଶ ଯେ ଗତ ୨୦୧୯ ମେ୨୭ତାରିଖ ରାତି ସାଢେ଼୮ଟା ସମୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତ ରମେଶ ନିଜ ପଡୋଶୀ ତଥା ମାଳବିହାରପୁର ଗ୍ରାମର ମାମି ଖଟୁଆଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ । ମୃତକଙ୍କ ପୁତ୍ର ଲୁଲୁ ଖଟୁଆ(୨୮) ଏ ସଂକ୍ରାନ୍ତରେ ଅଭିଯୁକ୍ତଙ୍କ ବିରୋଧରେ ବାଙ୍କୀ ଥାନାରେ ୨୦୧୯ମେ୨୮ରେ ଏକ ଏତଲା ଦେଇଥିଲେ । ପୁଲିସ ଅଭିଯୁକ୍ତ ରମେଶକୁ ଗିରଫ କରିବା ସହ ଗତ ୨୦୧୯ସେପ୍ଟେମ୍ବର୨୦ରେ ଚାର୍ଜସିଟ ଦାଖଲ କରିଥିଲା ।୧୭ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ୧୩ଟି ଦସ୍ତାବିଜ ଆଧାରରେ ଅଦାଲତ ଏହି ମାମଲାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହ ରାୟ ପ୍ରକାଶ କରିଛନ୍ତି । ପ୍ରଜିକ୍ୟୁସନ ତରଫରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିଶ୍ୱଜିତ ବରାଳ ଓ ସୌରଭ ସାମଲ ମାମଲା ପରିଚାଳନା କରୁଥିଲେ ।


DSPL-749



ଓଡ଼ିଶା ସରକାର

**ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**

**ଧାନ ସଂଗ୍ରହ ବର୍ଷ ୨୦୨୩- ୨୦୨୪**



ଚଳିତ ରବି ଋତୁ (ଧାନ ସଂଗ୍ରହ ବର୍ଷ **୨୦୨୩-୨୪**) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ସେମାନଙ୍କର ବଳକା ଧାନ କ୍ରୟ କରିବେ । ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି ବା ପେକ୍ସ/ଲ୍ୟାମ୍ପସ୍/ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ/ ପାଣି ପଞ୍ଚାୟତ (ସଂକ୍ଷେପରେ, ସମିତି) ରେ ଆଗୁଆ ପଞ୍ଜିକରଣ କରିବା ଆବଶ୍ୟକ | ରବି ଧାନ ସଂଗ୍ରହ ତା.**୧.୫.୨୦୨୪** ରୁ ତା.**୩୦.୬.୨୦୨୪** ମଧ୍ୟରେ ହେବ |

### ପୂର୍ବରୁ ପଞ୍ଜିକୃତ ଚାଷୀଙ୍କ ନବୀକରଣ

- ଗତ ରବିଋତୁରେ ପଞ୍ଜିକୃତ ଚାଷୀମାନେ ନବୀକରଣ କରି ଚଳିତ ରବିଋତୁ ପାଇଁ ପୁନଃ ପଞ୍ଜିକୃତ ହେବେ |
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତିରୁ ନବୀକରଣ ଫର୍ମ ତା. **୧.୩.୨୦୨୪** ରୁ ତା. **୧୫.୩.୨୦୨୪** ମଧ୍ୟରେ ଉପଲବ୍ଧ ହେବ |
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟୱାରୀ ଉଲ୍ଲିଖିତ ଥିବ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ମର୍ମରେ ଘୋଷଣାନାମା ପ୍ରଦାନ କରିବେ ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର ଚତୁର୍ଥ ଭାଗରେ ଦର୍ଶାଇବେ |

### ନୂତନ ଚାଷୀଙ୍କ ପଞ୍ଜିକରଣ

- ଯେଉଁ ଚାଷୀମାନେ ଗତ ରବିଋତୁରେ ପଞ୍ଜିକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜିକରଣ ଫର୍ମ ନେଇ ପୂରଣ କରିବେ । ଏହା ବିଭାଗର website www.foododisha.in ରେ ମଧ୍ୟ ଉପଲବ୍ଧ | ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ଦେବାକୁ ହେବ |

### ଚାଷୀମାନଙ୍କର ଦାୟିତ୍ୱ

- ସମସ୍ତ ଚାଷୀଙ୍କୁ ପଞ୍ଜିକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ
- ଚାଷୀମାନଙ୍କୁ ଅନୁରୋଧ ସେମାନେ ସେମାନଙ୍କ ନୂତନ ପଞ୍ଜିକରଣ ଫର୍ମ ସହିତ ଆଧାର କାର୍ଡର ନକଲ, ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ, ଦାଖଲ ହୋଇଥିବା ନୂତନ ଜମି ବିବରଣୀର RoR ନକଲ ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସଂପୃକ୍ତ ଜମି ମାଲିକଙ୍କ ସହମତି ପତ୍ର/ ଆଧାର/ ମୋବାଇଲ ନମ୍ବର ପ୍ରଦାନ କରିବେ । ଜମି ମାଲିକଙ୍କ ଆଧାର କାର୍ଡର ନକଲ ମଧ୍ୟ ପ୍ରଦାନ କରିବେ। ଜମି ମାଲିକଙ୍କ ସହମତି ପତ୍ର ହସ୍ତଗତ ନ'ହେଲେ ଭାଗଚାଷୀ ପଞ୍ଜିକରଣ ଗ୍ରହଣ ଯୋଗ୍ୟ ହେବ ନାହିଁ |
- ପଞ୍ଜିକରଣ/ନବୀକରଣ ଫର୍ମ ପୂରଣ କରି ଚାଷୀମାନେ ସମିତି କାର୍ଯ୍ୟାଳୟରେ ତା. **୧.୩.୨୦୨୪** ରୁ **୨୦.୩.୨୦୨୪** ମଧ୍ୟରେ ଦାଖଲ କରିବେ |
- ରବି ଚାଷ କରାଯାଇଥିବା ପ୍ଲଟ ୱାରୀ ଜମି ବିବରଣୀ ବାବଦରେ ସତ୍ୟ ଏବଂ ବାସ୍ତବ ତଥ୍ୟ ପ୍ରଦାନ କରିବେ। ଚାଷ ହେଉଥିବା ଜମିର ପରିମାଣ ସମ୍ବନ୍ଧରେ ମିଥ୍ୟା ତଥ୍ୟ ପ୍ରଦାନ କଲେ ତାହା ଗ୍ରହଣୀୟ ହେବ ନାହିଁ ଏବଂ ସେଥିପାଇଁ ନିୟମ ମତେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନକରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ |

### ସମିତି କର୍ମକର୍ତ୍ତାଙ୍କ ଦାୟିତ୍ୱ

- ନବୀକରଣ ଫର୍ମ ପ୍ରିଣ୍ଟ କରି ( ପୂର୍ବରୁ ପଞ୍ଜିକୃତ) ଚାଷୀମାନଙ୍କୁ ତୁରନ୍ତ ପ୍ରଦାନ କରିବେ ।
- ପୂର୍ବରୁ ପଞ୍ଜିକୃତ ନହୋଇଥିବା ଚାଷୀମାନଙ୍କୁ ନୂତନ ପଞ୍ଜିକରଣ ଫର୍ମ ପ୍ରଦାନ କରିବେ | ଯେଉଁ ଦିନ ଫର୍ମ ହସ୍ତଗତ ହେବ,ସନ୍ନିବେଶିତ ତଥ୍ୟ ସେହି ଦିନ ବା ଅତି ବେଶୀରେ ତା' ପର ଦିନ digitize କରିବେ |
- ସମିତି କର୍ମକର୍ତ୍ତାମାନେ ଫର୍ମ ପୂରଣ ପାଇଁ ଚାଷୀମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବେ | ଏଥି ନିମନ୍ତେ ଏକ ଉତ୍ସର୍ଗୀକୃତ ହେଲ୍ପ ଡେସ୍କ ସମିତି ସ୍ତରରେ କାର୍ଯ୍ୟ କରିବ ।
- ଚାଷ ଅଯୋଗ୍ୟ ଜମି କିସମକୁ ପଞ୍ଜିକରଣ କରିବେ ନାହିଁ । କେବଳ ଜଳସେଚିତ ଜମିର ପଞ୍ଜିକରଣ କରିବେ। ମିଥ୍ୟା ତଥ୍ୟ ପଞ୍ଜିକରଣରେ ସହାୟତା କଲେ ତାହା ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ହେବ |
- ଅଯୋଗ୍ୟ / ଅନୁଚିତ ବ୍ୟକ୍ତି ବିଶେଷଙ୍କୁ ପଞ୍ଜିକରଣ କରିବେ ନାହିଁ ।
- ସମିତି କର୍ମକର୍ତ୍ତା ଉଭୟ ନବୀକରଣ ଫର୍ମ ଏବଂ ପଞ୍ଜିକରଣ ଫର୍ମରେ ଥିବା ତଥ୍ୟକୁ ତା.**୧.୩.୨୦୨୪** ରୁ ତା.**୨୭.୩.୨୦୨୪** ମଧ୍ୟରେ ତାଙ୍କ LOGIN ରେ ଡିଜିଟାଇଜ କରିବେ । ଡିଜିଟାଇଜେସନ କାର୍ଯ୍ୟ ନିର୍ଭୁଲ ହେବା ଆବଶ୍ୟକ |
- ପଞ୍ଜିକରଣ ଯଥା ଶୀଘ୍ର ହୋଇ ନିର୍ଭୁଲ ଚାଷୀ ତାଲିକା **୩୦.୪.୨୦୨୪** ମଧ୍ୟରେ ନିଶ୍ଚିତ ଭାବରେ ପ୍ରସ୍ତୁତ ହେବା ଆବଶ୍ୟକ | ଏହା ବିଳମ୍ବିତ ହେଲେ ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ ବିଳମ୍ବିତ ହେବ |

### ଅଭିଯୋଗ / ପରାମର୍ଶ

- ଯଦି କୋଣସି ଅଭିଯୋଗ ଥାଏ ତେବେ ଦେୟମୁକ୍ତ ହେଲ୍ପଲାଇନ ନମ୍ବର 1967 ରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ମଧ୍ୟରେ ଯୋଗାଯୋଗ କରିବା ପାଇଁ ଅନୁରୋଧ |

OIPR-07001/13/0015/2324

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

FoodOdisha | @Food_Odisha | www.foododisha.in

ସକାଳ THE SAKALA
www.sakalaepaper.com

# ଓଡ଼ିଶାର ଯାତ୍ରା ଊର୍ଦ୍ଧ୍ୱମୁଖୀ, ୨୦୩୬ରେ ଶିଖର ଛୁଇଁବ



**ଭୁବନେଶ୍ୱର, ୨୯ ।୨(ସମିସ):** ବିଗତ ୨୪ ବର୍ଷ ମଧ୍ୟରେ ଓଡ଼ିଶାର ଅଗ୍ରଗତି ଅକଳ୍ପନୀୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ ହୋଇଛି। ଓଡ଼ିଶାରେ ଖାଦ୍ୟଶସ୍ୟ ଉତ୍ପାଦନ ଅଢ଼େଇ ଗୁଣ ଓ ପରିବା ଉତ୍ପାଦନ ୩ ଗୁଣ ବଢ଼ିଛି। ପୂର୍ବରୁ ୭୦ ପ୍ରତିଶତ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲା ବେଳେ ଏବେ ଏହା ୧୦ରୁ ୧୧ % ମଧ୍ୟରେ ରହିଛି। ଆଗାମୀ ୧୨ ବର୍ଷ ରାଜ୍ୟରେ ଅର୍ଥିକ ପରିବର୍ତ୍ତନର ହାର ୩ ଗୁଣ ବଢ଼ିବ। ଲୋକଙ୍କୁ ସାଙ୍ଗରେ ନେଇ ଯେପରି ଚୀନରେ ପରିବର୍ତ୍ତନ ହୋଇପାରିଲା, ଓଡ଼ିଶାର ଲୋକଙ୍କୁ ସାଙ୍ଗରେ ନେଇ କାମ କଲେ ପରିବର୍ତ୍ତନ ସମ୍ଭବ ହୋଇପାରିବ। ୨୦୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ପୂର୍ତ୍ତି ବେଳକୁ ଓଡ଼ିଶା ଏକ ସମୃଦ୍ଧ ଓ ଉନ୍ନତ ରାଜ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ଲାଭ କରିବ। 'ନନ୍ଦିଘୋଷ ଟିଭି' ପକ୍ଷରୁ ଆୟୋଜିତ 'ଜାତି ନନ୍ଦିଘୋଷ କନକ୍ଲେଭ'ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଛନ୍ତି ଏକାମ୍ର ପ୍ରକଳ୍ପ ଉପଦେଷ୍ଟା ତଥା ଆଦିତ୍ୟ ବିର୍ଲା କମ୍ପାନୀର ପୂର୍ବତନ ଗ୍ଲୋବାଲ ସିଇଓ ଡକ୍ଟର ସଂତୃପ୍ତ ମିଶ୍ର। 'ଭିଜନ ୨୦୩୬' ସଂକ୍ରାନ୍ତ ପ୍ରସଙ୍ଗ ଉପରେ ଆଲୋକପାତ କରି ଡଃ ମିଶ୍ର ସ୍ୱତନ୍ତ୍ର ଓଡ଼ିଶା ଗଠନର ଶତବର୍ଷ ପୂରଣ ବେଳକୁ ଓଡ଼ିଶାର ସମ୍ଭାବ୍ୟ ଚିତ୍ର ଉପସ୍ଥାପନ କରିବା ସହ ଓଡ଼ିଶା ଶୀର୍ଷ ସମୃଦ୍ଧ ରାଜ୍ୟରେ ପରିଣତ ହେବ ବୋଲି କହିଛନ୍ତି।

ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟସଭା ସାଂସଦ ତଥା 'ନନ୍ଦିଘୋଷ ଟିଭି' ଓ 'ସକାଳ' ପରିବାରର ମୁଖ୍ୟ ମାନସ ମଙ୍ଗରାଜ ଗତ ୪ ବର୍ଷର ଯାତ୍ରା ସମ୍ପର୍କରେ ସମ୍ୟକ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମାତ୍ର ୪ ବର୍ଷ ମଧ୍ୟରେ 'ନନ୍ଦିଘୋଷ ଟିଭି' ଓ 'ସକାଳ' ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ସମର୍ଥ ହୋଇଛି। ଉନ୍ନତମାନର ଯନ୍ତ୍ରପାତି, ଶ୍ରେଷ୍ଠ ଖବର ପରିବେଷଣ ଶୈଳୀ, ଦକ୍ଷ ମାନବସମ୍ବଳ ସହ ଉଭୟ ପ୍ରତିଷ୍ଠାନ ମର୍ଯ୍ୟାଦାଜନକସ୍ତରରେ ପହଞ୍ଚିପାରିଛି। କମ୍ ସମୟ ମଧ୍ୟରେ ନନ୍ଦିଘୋଷ ଟିଭି ଶୈଶବ ଅତିକ୍ରମ କରିଛି ଓ ସକାଳ ଏକ ବିଶାଳ ଦ୍ରୁମରେ ପରିଣତ ହୋଇଛି। ଏଥିପାଇଁ ଉଭୟ 'ନନ୍ଦିଘୋଷ ଟିଭି' ଓ 'ସକାଳ'ର ପରିଚାଳନାମଣ୍ଡଳୀକୁ ସେ ଧନ୍ୟବାଦ ଜଣାଇଛନ୍ତି।

ପ୍ରାରମ୍ଭରେ ନନ୍ଦିଘୋଷ ସିଓଓ ଜବର ସିଂ ପନୱାର ଅତିଥି ପରିଚୟ ଦେବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ନନ୍ଦିଘୋଷ ଟିଭିର ସମ୍ପାଦକ ଶିଶିର କୁମାର ଭଟ୍ଟମିଶ୍ର କାର୍ଯ୍ୟକ୍ରମ ଓ ଆଗାମୀ ଓଡ଼ିଶାର ରୂପରେଖ ସଂକ୍ରାନ୍ତ ଆଲୋଚନା ସଂକ୍ରାନ୍ତରେ ବିସ୍ତୃତ ସୂଚନା ଦେଇଥିଲେ। ୧୯୩୬ ମସିହାରେ ଓଡ଼ିଶା ପ୍ରଦେଶ ଗଠନ ହୋଇଥିଲା। ୨୦୩୬ରେ ଓଡ଼ିଶା ପ୍ରଦେଶ ଗଠନର ଶହେ ବର୍ଷ ନିମନ୍ତେ ଏବେଠାରୁ ଅଙ୍କକଷା ଚାଲିଥିବା ଉଲ୍ଲେଖ କରି ରାଜ୍ୟର ସମ୍ଭାବ୍ୟ ରୂପରେଖ ସମ୍ପର୍କରେ ନିଜର ଆଭିମୁଖ୍ୟ ରଖିଥିଲେ।

## ■ ଲୋକଙ୍କୁ ସାଙ୍ଗରେ ନେଇ ପରିବର୍ତ୍ତନ ସମ୍ଭବ
## ■ ୨୪ ବର୍ଷରେ ଓଡ଼ିଶାର ଅଗ୍ରଗତି ଅକଳ୍ପନୀୟ

ଉଦ୍‌ଘାଟନୀ ଉତ୍ସବ ପରେ ଚାରିଟି ପର୍ଯ୍ୟାୟରେ ଅନୁଷ୍ଠିତ କନ୍‌କ୍ଲେଭର ଉଦ୍‌ଘାଟନୀ ଅଧିବେଶନ ପରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ପରମ୍ପରାର ଜୟଯାତ୍ରା, ଟେଲିଭିଜନ ନ୍ୟୁଜ୍ ରୁମ୍‌ରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଓ ଆଞ୍ଚଳିକ ସିନେମାର ଉତ୍‌ଥାନ ଆଦି ସଂକ୍ରାନ୍ତରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଥମ ଅଧିବେଶନରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ, ଖ୍ୟାତନାମା ସଙ୍ଗୀତଜ୍ଞ ତାନସେନ ସିଂହ ଓ ଗବେଷକ ଡ଼. ଗୌରାଙ୍ଗ ଚରଣ ଦାସ ଆଲୋଚକ ଭାବରେ ଯୋଗ ଦେଇଥିଲେ। ଅନୁରୂପ ଭାବରେ ଦ୍ୱିତୀୟ ଅଧିବେଶନରେ ଗଣମାଧ୍ୟମ ଉଦ୍ୟୋଗୀ ସିରିନ୍ ସେଠୀ ଓ ତୃତୀୟ ଅଧିବେଶନରେ ଦକ୍ଷିଣ ଭାରତର ଖ୍ୟାତନାମା ଅଭିନେତ୍ରୀ ରେବତୀ ଓ ସିରିନ୍ ସେଠୀ ଆଲୋଚନାରେ ଭାଗ ନେଇଥିଲେ।

ପ୍ରାରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର ସମ୍ପାଦକ ଡଃ ସନ୍ଦୀପ କୁମାର ରାଉତ ଏବଂ ତାଙ୍କ ସହଯୋଗୀ ତାଳବାଦ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ, ପ୍ରସିଦ୍ଧ କଣ୍ଠଶିଳ୍ପୀ ତାନସେନ୍ ସିଂ, ଗଣମାଧ୍ୟମ ଉଦ୍ୟୋଗୀ ଶିରୀନ୍ ସେଠୀ, ଚଳଚିତ୍ର ଅଭିନେତ୍ରୀ ଓ ନିର୍ଦ୍ଦେଶିକା ରେବତୀ, ସାହିତ୍ୟିକ ଡଃ ଗୌରାଙ୍ଗ ଚରଣ ଦାସ, ଡଃ . ପ୍ରୀତିଧାରା ସାମଲ, ଆଇନଜୀବୀ ସୀତାଂଶୁ ଦ୍ୱିବେଦୀ, ଆଇନଜୀବୀ ସିଦ୍ଧାର୍ଥ ଦାସ, ଆଇନଜୀବୀ ମଧୁମାଧବ ଜେନା, ଡିଏନ୍ ଗ୍ରୁପ୍ ଅଧ୍ୟକ୍ଷ ଜଗଦୀଶ ପ୍ରସାଦ ଦାସ, ଖେମ୍‌ଜୀ ଜୁଏଲର୍ସ ନିର୍ଦ୍ଦେଶକ ମିତେଶ ଖେମଜୀ, ଡଃ ସନ୍ଦୀପ କୁମାର ରାଉତ, ଯୁବ କଣ୍ଠଶିଳ୍ପୀ ସୌରଭ ଭରଦ୍ୱାଜ, ଫିଟ୍‌ନେସ ମାଷ୍ଟର ସୀମାଞ୍ଚଳ ବାରିକ ପ୍ରମୁଖଙ୍କୁ ସାଂସଦ ଶ୍ରୀ ମଙ୍ଗରାଜ ଓ ଅତିଥିଗଣ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ 'ସକାଳ' ସମ୍ପାଦକ ଡଃ ଉମାକାନ୍ତ ମିଶ୍ର, 'ସିଇଓ' ସୁବ୍ରତ ଦାସ, ପ୍ରକାଶକ ଅମିତ୍ ମଲ୍ଲିକଙ୍କ ସହ ଉଭୟ 'ସକାଳ' ଓ 'ନନ୍ଦିଘୋଷ ଟିଭି'ର ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଚଳଚ୍ଚିତ୍ର ଆଉ ପୁରୁଷପ୍ରଧାନ ହୋଇ ରହିନାହିଁ: ରେବତୀ

ସମୟ ବଦଳିଛି। ଚଳଚ୍ଚିତ୍ର ଆଉ ପୁରୁଷ ପ୍ରଧାନ ହୋଇ ରହିନାହିଁ। ପୁରୁଷଙ୍କଠାରୁ ମହିଳାମାନେ ଚଳଚ୍ଚିତ୍ର ପ୍ରଯୋଜନା, ନିର୍ଦ୍ଦେଶନା ଓ ଅଭିନୟ କ୍ଷେତ୍ରରେ ଯଥେଷ୍ଟ ଅଗ୍ରଗତି ପାଇଛନ୍ତି। ମହିଳାକୈନ୍ଦ୍ରିକ ଚଳଚ୍ଚିତ୍ରଗୁଡ଼ିକ ଅଧିକ ସଫଳତା ପାଉଛି। ବିଶେଷକରି ଓଟିଟି



ପ୍ଲାଟଫର୍ମରେ ମହିଳାଙ୍କୁ ଅଧିକ ଗୁରୁତ୍ୱ ମିଳିଛି ବୋଲି କହିଛନ୍ତି ଦକ୍ଷିଣ ଭାରତର ପ୍ରସିଦ୍ଧ ଅଭିନେତ୍ରୀ ତଥା ନିର୍ଦ୍ଦେଶିକା ରେବତୀ।

'ଦ ରାଇଜ୍ ଅଫ୍ ରିଜିଓନାଲ ସିନେମା' ଶୀର୍ଷକ ଆଲୋଚନାଚକ୍ରରେ ଗଣମାଧ୍ୟମ ଉଦ୍ୟୋଗୀ ଶିରୀନ ସେଠୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ରେବତୀ କହିଛନ୍ତି ଯେ ବର୍ତ୍ତମାନ ଉଭୟ ଆଞ୍ଚଳିକ ଓ ସର୍ବଭାରତୀୟସ୍ତରରେ ନିର୍ମିତ ଚଳଚ୍ଚିତ୍ରଗୁଡ଼ିକରେ ଅଭିନୟ ଅପେକ୍ଷା ଆକ୍ସନକୁ ଅଧିକ ଧ୍ୟାନ ଦିଆଯାଉଛି। ହିଂସା ଘଟଣାକୁ ପ୍ରାଧାନ୍ୟ ଦିଆଯାଉଛି। ଅନ୍ୟପକ୍ଷରେ ସମାନ୍ତରାଳ ଭାବରେ ଓଟିଟି ପ୍ଲାଟଫର୍ମ ମଧ୍ୟ ସିନେମା ନିର୍ମାତାଙ୍କ ପାଇଁ ଆଉ ଏକ ମଞ୍ଚ ପ୍ରସ୍ତୁତ କରିଛି। ମୋ ପରି ସିନେ ନିର୍ମାତାଙ୍କ ପାଇଁ ଓଟିଟିରେ ଅଧିକ ସ୍ଥାନ ରହିଛି। ଓଟିଟି କଣ୍ଟେଣ୍ଟ ଉପରେ ଅଧିକ ଗୁରୁତ୍ୱ ଦେଉଛି। ଏହା ଏକ ଭିନ୍ନ ପ୍ଲାଟଫର୍ମ ହୋଇଥିବାରୁ, ମହିଳାମାନଙ୍କ କାହାଣୀ ଏଠାରେ ସଫଳ ହେବାର ସମ୍ଭାବନା ରହିଛି। ମହିଳାମାନେ ଏହାକୁ ଉପଯୋଗ କରିପାରୁଛନ୍ତି।

ସେ ପୁଣି କହିଛନ୍ତି ଯେ ପୂର୍ବରୁ ମହିଳାଙ୍କ ଅଭିନୟ କେବଳ ମା', ଡାକ୍ତର କିମ୍ବା ଜଜ୍ ଭୂମିକାରେ ସୀମିତ ରହୁଥିଲା। ହେଲେ ଏବେ

**ଓଟିଟି'ରେ ମହିଳାଙ୍କୁ ମିଳିଛି ଅଧିକ ଗୁରୁତ୍ୱ**

ଚଳଚ୍ଚିତ୍ରରେ ମହିଳାଙ୍କୁ ବିଭିନ୍ନ ରୂପରେ ଦେଖିବାକୁ ମିଳୁଛି। ସେହିପରି ଚଳଚିତ୍ର ଜଗତରେ ମହିଳାଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି। ସେ ନିଜେ ତାମିଲ, ମାଲାୟଲମ୍, ତେଲୁଗୁ, କନ୍ନଡ, ହିନ୍ଦୀ ଚଳଚିତ୍ରରେ ସେ କାମ କରିଛନ୍ତି। ତେଣୁ ସିନେମାରେ ଅଭିନୟ କରୁଥିବା ଅଭିନେତା ବା ଅଭିନେତ୍ରୀଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ସୀମା ନାହିଁ। ଅନୁରୂପ ଭାବରେ କୌଣସି ଚଳଚ୍ଚିତ୍ରର ରିମେକ୍ ସମୟରେ କେତେକ ଦିଗ ପ୍ରତି ଅତ୍ୟନ୍ତ ସତର୍କ ଦୃଷ୍ଟି ଦିଆଯିବାର ଆବଶ୍ୟକତା ରହିଥିବା ସେ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ ଯେଉଁ ଅଞ୍ଚଳ ପାଇଁ ଚଳଚିତ୍ରଟି ନିର୍ମାଣ କରାଯାଉଛି, ସେହି ସ୍ଥାନର କାହାଣୀକୁ ସ୍ଥାନ ଦେବା ଆବଶ୍ୟକ। ଯାହା ଫଳରେ ରିମେକ୍ ଚଳଚିତ୍ରଟି ସଫଳ ହୋଇପାରିବ। ନଚେତ ଚଳଚିତ୍ରଟି ଡବିଂ ଭଳି ଲାଗିବ ବୋଲି ରେବତୀ କହିଛନ୍ତି। ଏହି ଅବସରରେ ଓଡ଼ିଶାର ସମୃଦ୍ଧ ପରମ୍ପରାକୁ ସେ ବେଶ୍ ପ୍ରଶଂସା କରିଛନ୍ତି। ଓଡ଼ିଶା ଏପରି ଏକ ସ୍ଥାନ, ଯେଉଁ ସ୍ଥାନ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିବାକୁ ସକ୍ଷମ ହୋଇଥିଲା। ଏହି ମାଟିରେ ପାଦ ଦେଇ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ବୋଲି ସେ କହିଛନ୍ତି।

## ଆତ୍ମୀୟତା ନ ରହିଲେ ଭାଷା ନିରସ

ଭାଷା ଓ ସାହିତ୍ୟ ମଣିଷ ଜୀବନ ସହ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ। ଏହା କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତି, ଗୋଷ୍ଠୀ, ଅଞ୍ଚଳ ବା ସରକାରଙ୍କ ଅଧୀନ ବୋଲି କୁହାଯାଇ ପାରିବ ନାହିଁ। ଏହା ସାଧାରଣ ଲୋକଙ୍କ ଜୀବନର ଏକ ଧାରା। ମାତ୍ର ଏହାର ସୁରକ୍ଷା, ବିକାଶ, ଗବେଷଣା ଓ ସଂରକ୍ଷଣ ଆଦି ସରକାରଙ୍କ କ୍ଷମତା ଅନ୍ତର୍ଗତ। ସରକାରଙ୍କଠାରୁ

**'ନୂଆ-ଓ' କାର୍ଯ୍ୟକ୍ରମ ଦ୍ୱାରା ଭବିଷ୍ୟତ ପିଢି ଜାଣିପାରିବ ଭାଷାର ଉନ୍ନତି**

ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ଭାଷାର ସୁରକ୍ଷା ନିମନ୍ତେ ଦାୟିତ୍ୱ ରହିଛି। କଳାତ୍ମକ ଓ ଆତ୍ମୀୟତାର ସହ ଏଥିପାଇଁ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି 'ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଜୟଯାତ୍ରା' ଶୀର୍ଷକ ଆଲୋଚନାଚକ୍ରରେ ଯୋଗ ଦେଇ ବକ୍ତାମାନେ ମତ ଦେଇଛନ୍ତି।

ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ ଏହି ଅବସରରେ ଓଡ଼ିଆ ଭାଷାର ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଛନ୍ତି। ଦୁଇ ଦଶନ୍ଧି ଧରି ଭାଷାର ଉନ୍ନତି ଓ ଗବେଷଣା ଉପରେ କାର୍ଯ୍ୟଚାଲୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବା ପରେ ଭାଷାର ଗବେଷଣା ଉପରେ ଗୁରୁତ୍ୱ ଦିଆଯାଇଛି। ନିକଟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ଏକ ସ୍ମରଣୀୟ ପଦକ୍ଷେପ ବୋଲି ସେ କହିଛନ୍ତି। ଅନୁରୂପ ଭାବରେ ଗବେଷକ ଡ଼. ଗୌରାଙ୍ଗ ଚରଣ ଦାସ, ବରିଷ୍ଠ ସଙ୍ଗୀତଜ୍ଞ ତଥା ପ୍ରଚ୍ଛଦପଟ୍ଟ ଗାୟକ



ତାନସେନ ସିଂହ ଭାଷା, ସାହିତ୍ୟ, ସଂସ୍କୃତି ଓ ସଙ୍ଗୀତ ଆଦି ସମ୍ପର୍କରେ ଆଲେଚୋନା କରିଛନ୍ତି।

ପରିବର୍ତ୍ତିତ ସାଂସ୍କୃତିକ ପରିମଣ୍ଡଳ ଯୋଗୁଁ ଆମେ ଆମ ସଂସ୍କୃତି ପ୍ରତି ବିମୁଖ ହେଉଛେ। ତେଣୁ ସଂସ୍କୃତିକୁ ବୁଝିପାରିଲେ ସଭ୍ୟତା ଓ ନୂଆ ପରମ୍ପରା ତିଆରି କରିପାରିବା ବୋଲି ଡ. ଗୌରାଙ୍ଗ ଚରଣ ଦାସ କହିଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ସର୍ବାଙ୍ଗ ରୂପାନ୍ତରଣ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଭାଷା ସବୁସ୍ତରରେ ବଡ଼ ପରିବର୍ତ୍ତନ ଆଣିଛନ୍ତି ନବୀନ। ଓଡ଼ିଆ ଭାଷା ସରକାରୀ ଭାଷାରେ ପରିଣତ ହୋଇଛି, ଭାଷା ଏକାଡେମୀ ପ୍ରତିଷ୍ଠା ହୋଇଛି। ନୂଆ-ଓ କାର୍ଯ୍ୟକ୍ରମ ଦ୍ୱାରା ଭବିଷ୍ୟତ ପିଢି ଜାଣିପାରିବ ଭାଷାର ଉନ୍ନତି କାହା ସମୟରେ ହୋଇପାରିଥିଲା ବୋଲି କହିଥିଲେ ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ ପଟ୍ଟନାୟକ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ତଥା କଣ୍ଠଶିଳ୍ପୀ ତାନସେନ ସିଂ ମଧ୍ୟ ଏହା ଉପରେ ନିଜର ମତ ରଖିଥିଲେ। ସେତେବେଳେ ସଙ୍ଗୀତର ଭାଷାରେ ଶାଳୀନତା ଥିଲା ଓ ଜୋଶ ଥିଲା। ଏବେ ଗୋଟିଏ ଗୀତରେ ଚାରିଟି ଭାଷାର ସମ୍ମିଶ୍ରଣ ଦେଖିବାକୁ ମିଳୁଛି। ଶୁଦ୍ଧ ଓଡ଼ିଆ ଭାଷାର ପ୍ରୟୋଗ ହେଉନାହିଁ। ତେଣୁ ଏପରି ଏକ ସମୟରେ ନିଃସ୍ୱାର୍ଥପର ଓ ସଂକଳ୍ପିତ ଭାବନା ନେଇ ଆଗକୁ ବଢ଼ିଲେ ଓଡ଼ିଆ ଭାଷାର ସୁରକ୍ଷା ହୋଇପାରିବ। ସୁନେଲି ଭବିଷ୍ୟତ ଆସିପାରିବ।

## କୃତ୍ରିମ ବୁଦ୍ଧିମତା ସାମ୍ପ୍ରତିକ ମଣିଷକୁ ଆଚ୍ଛାଦିତ କରି ସାରିଲାଣି

ସାମ୍ପ୍ରତିକ ମଣିଷ ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆଉ ବିଚ୍ଛିନ୍ନ ହୋଇ ରହିନାହିଁ। ପ୍ରତ୍ୟକ୍ଷ ବା ପରୋକ୍ଷ, ଜ୍ଞାତସାରରେ ହେଉ ବା ଅଜ୍ଞାତସାରରେ କୃତ୍ରିମ ବୁଦ୍ଧିମତ୍ତା ମଣିଷକୁ ଆଚ୍ଛାଦିତ କରି ସାରିଛି। 'ଟେଲିଭିଜନ ନ୍ୟୁଜ୍ ରୁମ୍‌ରେ ଏଆଇ' ଶୀର୍ଷକ ଆଲୋଚନାରେ ଭାଗ ନେଇ ଗଣମାଧ୍ୟମ ଉଦ୍ୟୋଗୀ ଶିରୀନ ସେଠୀ



କୃତ୍ରିମ ବୁଦ୍ଧିମତ୍ତାର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଏଆଇ ଆମ ଜୀବନଶୈଳୀରେ ପ୍ରବେଶ କରିସାରିଛି ଓ ଏହା ଉପରେ ଆଲୋଚନା ହେବା ନିହାତି ଆବଶ୍ୟକ। ନ୍ୟୁଜ୍ ରୁମ୍‌ରେ ଭଏସ୍ କ୍ଲୋନିଂ, ଅନୁବାଦ ପ୍ରଭୃତି ଅନେକ କାମ ହୋଇ ପାରୁଛି। ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ) ଗୋଟିଏ ପକ୍ଷରେ ସ୍ୱଳ୍ପ ସମୟ ମଧ୍ୟରେ ଅନେକଗୁଡ଼ିଏ କାମ କରିପାରୁଥିଲା ବେଳେ ଏଆଇ ପାଇଁ ବହୁ ଲୋକେ ଚାକିରି ହରାଇବା ସମ୍ଭବନା ରହିଛି ବୋଲି ଶିରୀନ କହିଛନ୍ତି।































ଛାତ୍ରମାନେ ଭବିଷ୍ୟତ ପାଇଁ ଆଶାବାଦୀ ହେବାକୁ ଅତୀତରୁ ଶିକ୍ଷା ଗ୍ରହଣ କରି ବର୍ତ୍ତମାନରେ ତାହା ଉପଯୋଗ କରିବା ଉଚିତ।

-ଆଲବର୍ଟ ଆଇନଷ୍ଟାଇନ୍

ସକାଳ
THE SAKALA

## ରାଜ୍ୟଙ୍କ ଖଣିଜ ଟିକସ ପ୍ରସଙ୍ଗ ସୁପ୍ରିମ୍‌କୋର୍ଟରେ

# ଖଣିଜ ଟିକସକୁ କେନ୍ଦ୍ରର ବିରୋଧ କାହିଁକି?

ସଂଘୀୟ ବ୍ୟବସ୍ଥାରେ ରାଜ୍ୟମାନଙ୍କୁ ଟିକସ ବଣ୍ଟନ ନୀତି ତ୍ରୁଟିପୂର୍ଣ୍ଣ ଓ ବାଛବିଚାରମୂଳକ ବୋଲି କର୍ଣ୍ଣାଟକ ସମେତ ଦକ୍ଷିଣ ଭାରତର ଏକାଧିକ ରାଜ୍ୟ ଅଭିଯୋଗ କରୁଛନ୍ତି। ଜନସଂଖ୍ୟା ଆଧାରରେ ଟିକସ ବଣ୍ଟନକୁ ପ୍ରାଧାନ୍ୟ ଦିଆଯାଉଥିବାରୁ ଜନବହୁଳ ରାଜ୍ୟମାନେ ଅଧିକ ଟିକସ ଓ ପାଣ୍ଠି କେନ୍ଦ୍ରରୁ ପାଉଥିବା ବେଳେ ଜାତୀୟ ତହବିଲ୍‌କୁ ସେମାନଙ୍କର ଟିକସ ଅବଦାନ ନଗଣ୍ୟ ରହୁଛି। ଆହୁରି ମଧ୍ୟ ଯେଉଁ ରାଜ୍ୟମାନେ ଜନସଂଖ୍ୟା ନିୟନ୍ତ୍ରଣ, ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ବିକାଶ ଆଦି କ୍ଷେତ୍ରରେ ଭଲ ଅବଦାନ ରଖୁଛନ୍ତି, ସେମାନଙ୍କୁ ବର୍ତ୍ତମାନର ଟିକସ ବଣ୍ଟନ ନୀତିରେ କୌଣସି ପ୍ରୋତ୍ସାହନ ମିଳୁନାହିଁ। ସେହି ବିଚାରରେ ଜନସଂଖ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ଓଡ଼ିଶା ଭଲ କାମ କରୁଥିଲେ ମଧ୍ୟ ଟିକସ ଓ ପାଣ୍ଠି ଅନୁଦାନରେ କେନ୍ଦ୍ରରୁ ଯଥୋଚିତ ପ୍ରୋତ୍ସାହନ ପାଉନାହିଁ। ତେଣୁ ଏହା ଏକ ଅବୈଜ୍ଞାନିକ ଓ ଅଯୌକ୍ତିକ ଟିକସ ବଣ୍ଟନ ନୀତି ବୋଲି ଅଭିଯୋଗ ହେଉଛି।

ଏହି ପରିପ୍ରେକ୍ଷୀରେ ଆଉ ଗୋଟେ ବିବାଦ ଦେଶରେ ମୁଣ୍ଡ ଟେକିଛି ଏବଂ ତାହାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ନେଇଛନ୍ତି। ଏହି ପ୍ରସଙ୍ଗଟି ହେଲା ଖଣିଜ ସମ୍ପଦ ଉପରେ ସମ୍ପୃକ୍ତ ରାଜ୍ୟର ଅତିରିକ୍ତ ଟିକସ ନିର୍ଦ୍ଧାରଣ ଓ ଆଦାୟ। ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି କେତେକ ରାଜ୍ୟ ଖଣିଜ ସମ୍ପଦରେ ସମୃଦ୍ଧ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଐତିହାସିକ କାରଣ ଯୋଗୁଁ ଏସବୁ ରାଜ୍ୟ ଗରିବ ଏବଂ ଅନଗ୍ରସର। ଏସବୁ ରାଜ୍ୟରୁ କୋଇଲା, ଲୁହାପଥର ଓ ଅନ୍ୟାନ୍ୟ ଖଣିଜ ଉତ୍ତୋଳନ ବେଳେ କେନ୍ଦ୍ର ସରକାର ସମ୍ପୃକ୍ତ ପ୍ରଦେଶମାନଙ୍କୁ ରାଜଭାଗ ବା ରୟାଲିଟି ଦେଇଥା'ନ୍ତି। ତେବେ ଉତ୍ତୋଳିତ ଖଣିଜ ସମ୍ପଦର ମୂଲ୍ୟ ତୁଳନାରେ ମିଳୁଥିବା ଏହି ରୟାଲିଟି ପରିମାଣ ଯଥେଷ୍ଟ କମ୍। ତେଣୁ ଏସବୁ ରାଜ୍ୟ ନିଜ ରାଜ୍ୟରୁ ଉତ୍ପାଦିତ ଖଣିଜ, ଏପରିକି ବିଦ୍ୟୁତ୍ ଉପରେ ଉପକର ବା ସେସ୍ ଲାଗୁ କରିବାକୁ ବିଚାର କରୁଛନ୍ତି। ଏହାଦ୍ୱାରା ସମ୍ପୃକ୍ତ ରାଜ୍ୟଙ୍କର ରାଜସ୍ୱ ବଢ଼ିବ ଏବଂ ପ୍ରଦେଶର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ। କିଛି ରାଜ୍ୟ ମଧ୍ୟ ସେସ୍ ଲାଗୁ କଲେଣି।

ତେବେ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟକୁ ଯାଇ ସମ୍ପୃକ୍ତ ରାଜ୍ୟମାନଙ୍କର ନିଷ୍ପତ୍ତିକୁ ବିରୋଧ କରିଛନ୍ତି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ଖଣିଜ ପଦାର୍ଥ ଉପରେ ରାଜ୍ୟମାନେ ନିଜସ୍ୱ ଟିକସ ଲାଗୁ କଲେ ତାହା ଦେଶ ପାଇଁ ଅର୍ଥନୈତିକ ଦୁର୍ଗତି ଆଣିବ ଏବଂ ମୁଦ୍ରାସ୍ଫୀତି ବଢ଼ିବ। ଏହାଫଳରେ ଦେଶକୁ ବିଦେଶୀ ପୁଞ୍ଜି ପ୍ରବାହ ପରିମାଣ ହ୍ରାସ ପାଇବା ସହିତ ଭାରତୀୟ ଖଣିଜ ସାମଗ୍ରୀର ମୂଲ୍ୟ ଆନ୍ତର୍ଜାତିକ ବଜାରରେ ମହଙ୍ଗା ହୋଇ ତାହାର ପ୍ରତିଯୋଗିତା କ୍ଷମତା ହରାଇବ। ତା'ଛଡ଼ା କୋଇଲା ଉପରେ ରାଜ୍ୟ ଅଧିକ ଟିକସ ଲଗାଇଲେ ତାପଜ ବିଦ୍ୟୁତର ମୂଲ୍ୟ ବୃଦ୍ଧି ପାଇବ। ଯୁକ୍ତି ସ୍ୱରୂପ କୁହାଯାଇଛି ଯେ ଦେଶର ୭୮ ଶତାଂଶ କୋଇଲା ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗରୁ ମିଳେ। ଏସବୁ ରାଜ୍ୟ ରୟାଲିଟି ବାଦ୍ କୋଇଲା ଉପରେ ଟିକସ ଲଗାଇଲେ ଦେଶରେ ଅର୍ଥନୈତିକ, ଔଦ୍ୟୋଗିକ ଓ ଉର୍ଜାଜନିତ ବିଭ୍ରାଟ ଦେଖାଦେବ। ସରକାରଙ୍କ ଯୁକ୍ତିରେ ସତ୍ୟତା ଥାଇପାରେ। ଦେଶର ୫୫ ଶତାଂଶ ବ୍ୟାବସାୟିକ ଉର୍ଜା ଉତ୍ପାଦନରେ ୬୮ ଶତାଂଶ କୋଇଲା ବିନିଯୋଗ ହେଉଛି। ତେଣୁ କୋଇଲା ମହଙ୍ଗା ହେଲେ ବିଦ୍ୟୁତ୍ ମୂଲ୍ୟ ବଢ଼ିବ ଓ ଏହା ମୁଦ୍ରାସ୍ଫୀତି ବଢ଼ାଇବ। କିନ୍ତୁ ରୟାଲଟି କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ନ୍ୟାୟୋଚିତ ବିଚାର କରିବା ଦରକାର।

କେବଳ କୋଇଲା ନୁହେଁ, ଦେଶର ମୋଟ୍ ଲୁହାପଥରର ୫୦ ଭାଗରୁ ଅଧିକ ଓଡ଼ିଶା, ଝାଡ଼ଖଣ୍ଡ, ଛତିଶଗଡ଼ ଓ କର୍ଣ୍ଣାଟକରୁ ମିଳେ। ଏସବୁ ରାଜ୍ୟ ମଧ୍ୟ ମାଙ୍ଗାନିଜ, ଅଭ୍ର, ବକ୍‌ସାଇଟ୍, କ୍ରୋମାଇଟ୍, ନିକେଲ ଓ ଅନ୍ୟାନ୍ୟ ଧାତୁର ଭଣ୍ଡାର। ମଧ୍ୟପ୍ରଦେଶ, ଆନ୍ଧ୍ର ଓ ରାଜସ୍ଥାନରେ ମଧ୍ୟ ବିଭିନ୍ନ ପ୍ରକାର ଖଣିଜ ପଦାର୍ଥ ରହିଛି। ଆସାମରୁ ତୈଳ ଓ ଗ୍ୟାସ୍ ମିଳୁଛି। ବାସ୍ତବରେ ଏସବୁ ରାଜ୍ୟ ଖଣିଜ ପଦାର୍ଥରୁ ଯେଉଁ ରାଜଭାଗ ପାଉଛନ୍ତି, ତାହା ନଗଣ୍ୟ। ଏହାର ସିଂହଭାଗ କେନ୍ଦ୍ର ସରକାର ନେଇଯାଉଛନ୍ତି ଏବଂ ସମ୍ପୃକ୍ତ ରାଜ୍ୟଙ୍କୁ ତୁଳନାତ୍ମକ ଭାବେ ଖୁବ୍ କମ୍ ଲାଭ ମିଳୁଛି। ଆହୁରି ମଧ୍ୟ ଏସବୁ ରାଜ୍ୟରେ ଖଣି ଖନନ ଓ ତାପଜ ବିଦ୍ୟୁତ୍ କେନ୍ଦ୍ର ସ୍ଥାପନ ଯୋଗୁଁ ଜଙ୍ଗଲ କ୍ଷୟ ତଥା ପରିବେଶ ପ୍ରଦୂଷଣ ବଢୁଛି। କେବଳ କର୍ଣ୍ଣାଟକ ଓ ଆନ୍ଧ୍ରକୁ ଛାଡ଼ି ଦେଲେ ଅନ୍ୟ ସବୁ ଖଣିଜ ସମୃଦ୍ଧ ରାଜ୍ୟ ଗରିବ ଏବଂ ଅନଗ୍ରସର। ଏହି ଦାରିଦ୍ର୍ୟ ପଛରେ ରହିଛି ସମ୍ବଳର ଅଭାବ ଏବଂ କେନ୍ଦ୍ର ସରକାରଙ୍କ ଆନ୍ତରିକ ହୀନତା। ତେଣୁ ସମ୍ପୃକ୍ତ ରାଜ୍ୟମାନେ ଯଦି ନିଜ ରାଜ୍ୟର ଖଣିଜ ଉପରୁ ଅଧିକ ଟିକସ ଆଦାୟ କରିବେ, ତାହା ହେଲେ ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ଓ ସାମାଜିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

ସଂଘୀୟ ବ୍ୟବସ୍ଥାରେ ଦେଶ ଗୋଟିଏ ଓ ଏହାର ସମ୍ବଳ ତଥା ସମ୍ପତ୍ତି ଉପରେ ସମସ୍ତଙ୍କର ଅଧିକାର ରହିଛି। ତତ୍ତ୍ୱ ଦୃଷ୍ଟିରୁ ଏହା ଠିକ୍ ହୋଇପାରେ, କିନ୍ତୁ ବାସ୍ତବତା ଏକ ଭିନ୍ନ ସତ୍ୟ ଦେଉଛି। ଜାତୀୟ କୋଷକୁ ୫ ପଇସା ଦେଉଥିବା ରାଜ୍ୟଟିଏ ଯଦି ଜନସଂଖ୍ୟା ଓ ଅନ୍ୟାନ୍ୟ କାରଣରୁ କେନ୍ଦ୍ରରୁ ୫ ଟଙ୍କା ପାଏ ଓ ୧୦ ଟଙ୍କା ଦେଉଥିବା ରାଜ୍ୟ ଯଦି ୧୦ ପାଇସାର କେନ୍ଦ୍ରୀୟ ଅନୁଦାନ ପାଏ, ତେବେ ସ୍ଥାନୀୟ ବା ପ୍ରାଦେଶିକ ସ୍ତରରେ ପ୍ରତିବାଦର ସ୍ୱର ଉଠିବା ସ୍ୱାଭାବିକ। ଓଡ଼ିଶା ସମେତ ଦେଶର ପୂର୍ବାଞ୍ଚଳ ରାଜ୍ୟମାନେ ଏ କ୍ଷେତ୍ରରେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ଓ ଅବହେଳିତ। ସେଥିପାଇଁ ତ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ ରାଜ୍ୟ ଦାବି ଉଠୁଛି। ଏସବୁ ଖଣି ସମୃଦ୍ଧ ରାଜ୍ୟ ଯେଉଁ ପଦକ୍ଷେପ ନେଇଛନ୍ତି, ତାହା ୧୯୫୭ ଖଣି ବିକାଶ ଆଇନ ଦ୍ୱାରା ଅନୁମୋଦିତ। ତେଣୁ ଏହାକୁ ନେଇ କେନ୍ଦ୍ର ସରକାର ଏତେ ବିବ୍ରତ କାହିଁକି?

ଏହି ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ କି ରାୟ ଦେବେ, ତାହା କହିବା ସହଜ ନୁହେଁ। ତେବେ ଏକ ସଂଘୀୟ ବ୍ୟବସ୍ଥାରେ ଖଣିଜ ସମ୍ପଦ ବହୁଳ ରାଜ୍ୟଙ୍କୁ ଉପଯୁକ୍ତ ନ୍ୟାୟ ମିଳିବା ସମସ୍ତେ ଆଶା କରିବା ସ୍ୱାଭାବିକ। ଏହି ପ୍ରସଙ୍ଗରେ ଅଦାଲତକୁ ନ ଯାଇ କେନ୍ଦ୍ର ସରକାର ସମ୍ବଳ ବଣ୍ଟନ ନୀତିକୁ ଅଧିକ ଯୁକ୍ତିସଂଗତ କରି ଓ ଖଣି ସମୃଦ୍ଧ ଗରିବ ରାଜ୍ୟଙ୍କ ସ୍ୱାର୍ଥ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଲେ ଏ ସମସ୍ୟା ସୃଷ୍ଟି ହୁଅନ୍ତା ନାହିଁ।

# ର୍‍ୟାଗିଂ ଏଭଳି କେତେଦିନ ଚାଲିବ?



ସୁବାସ କୁମାର ତାରଣିଆଁ
ଜଗତସିଂହପୁର, ମୋ : ୮୩୨୮୮୪୦୨୧୪

ବିଦ୍ୟାଳୟ ହେଉଛି ପବିତ୍ର ଶିକ୍ଷାର ମନ୍ଦିର, ଯେଉଁଠି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ହୁଏ। ତେଣୁ ସେଠାରେ ମନ୍ଦିର ସମାନ ଶାନ୍ତିର ବାତାବରଣ ସୃଷ୍ଟି ହେବା କଥା। ମାତ୍ର ଏବେ ର୍‍ୟାଗିଂ ଭଳି କୁତ୍ସିତ, ଘୃଣିତ ଓ ଅମାନବିକ ମାନସିକତା ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ସୃଷ୍ଟି ହେଉଛି। ଅତୀତରେ ବରିଷ୍ଠ ଓ କନିଷ୍ଠଙ୍କ ମଧ୍ୟରେ ପାରସ୍ପରିକ ବିଚାରବିମର୍ଶର ପ୍ରକ୍ରିୟାରୁ ର୍‍ୟାଗିଂ ଜନ୍ମ ନେଇଥିଲା। ସାଧାରଣତଃ, ବରିଷ୍ଠ ଛାତ୍ରଛାତ୍ରୀମାନେ କନିଷ୍ଠ ଛାତ୍ରଛାତ୍ରୀଙ୍କ ସହ ଥଟ୍ଟମଜା କରି ନିଜର କର୍ତ୍ତୃତ୍ୱ ଜାହିର କରିଥା'ନ୍ତି, ଯାହା କନିଷ୍ଠ ଛାତ୍ରଛାତ୍ରୀମାନଙ୍କୁ ଅପମାନିତ କରିଥାଏ ସତ, ମାତ୍ର ପରବର୍ତ୍ତୀ ସମୟରେ ବରିଷ୍ଠ ଛାତ୍ରମାନଙ୍କ ସହିତ ମିଶିବାକୁ ଦୃଢ଼ ମନୋବଳ ଯୋଗାଇଥାଏ। ସେହିପରି ଜଣେ ବରିଷ୍ଠ ଛାତ୍ର ତାଙ୍କ ତଳ ବ୍ୟାଚର ଛାତ୍ରଟିକୁ ହୋଟେଲରୁ ଖାଇବା ଆଣିବା ପାଇଁ ନିର୍ଦ୍ଦେଶ ଦିଏ ଏବଂ କନିଷ୍ଠ ଛାତ୍ରଜଣକ ତାହା ପାଳନ କଲେ ବରିଷ୍ଠ ଛାତ୍ରଟିର କର୍ତ୍ତୃତ୍ୱ ସାବ୍ୟସ୍ତ ହୋଇଥାଏ। କିନ୍ତୁ ସମୟ ବଦଳିବା ସହିତ ବଦଳିଯାଇଛି ପରିସ୍ଥିତି। ର୍‍ୟାଗିଂ ଏବେ ହିଂସାର ରୂପ ନେଉଛି। ପ୍ରତି ଶିକ୍ଷାନୁଷ୍ଠାନରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରଙ୍କୁ ହିଂସାତ୍ମକ ଓ ଆକ୍ରମଣାତ୍ମକ ଅତ୍ୟାଚାର କରୁଥିବା ଅଭିଯୋଗମାନ ଆସୁଛି। ପୂର୍ବରୁ କେବଳ ବୈଷୟିକ ଶିକ୍ଷାନୁଷ୍ଠାନମାନଙ୍କରେ ଏଭଳି ହିଂସାତ୍ମକ ର୍‍ୟାଗିଂ ହେଉଥିବା ବେଳେ ଏବେ ସାଧାରଣ ଶିକ୍ଷାନୁଷ୍ଠାନକୁ ମଧ୍ୟ ଏହା ବ୍ୟାପିବାରେ ଲାଗିଛି। ଏପରିକି ଏହା ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଗଲାଣି। ର୍‍ୟାଗିଂ ଭଳି କୁତ୍ସିତ ମାନସିକତାକୁ ସହିନପାରି ଅନେକ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି। ଏହାର ପରିସଂଖ୍ୟାନ ଲମ୍ବା।

ଆମ ରାଜ୍ୟରେ ଗତବର୍ଷ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟର +୩ ପ୍ରଥମ ବର୍ଷର ଜନୈକା ଛାତ୍ରୀଙ୍କ ଆତ୍ମହତ୍ୟା ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। କଲେଜର ତିନିଜଣ ବରିଷ୍ଠ ସହପାଠୀ ତାଙ୍କୁ ମାନସିକ ନିର୍ଯାତନା ଦେଉଥିବା ଅଭିଯୋଗ ହୋଇଥିଲା। ନିର୍ଯାତନା ଅସହ୍ୟ ହେବାରୁ ଶେଷରେ ସେ ଛାତ୍ରୀନିବାସ ଭିତରେ ଆତ୍ମହତ୍ୟା କରିଥିଲେ। ଆତ୍ମହତ୍ୟା ପୂର୍ବରୁ ପୀଡ଼ିତା ଲେଖିଥିବା ଚିଠିରୁ ଏହା ର୍‍ୟାଗିଂଜନିତ ଆତ୍ମହତ୍ୟା ବୋଲି ଜଣାପଡ଼ିଥିଲା। ଏହି ଘଟଣା ସେତେବେଳ ସାରା ରାଜ୍ୟରେ ଏକ ପ୍ରମୁଖ ପ୍ରସଙ୍ଗ ପାଲଟିଥିଲା।

ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରଶିକ୍ଷଣ କେନ୍ଦ୍ରରେ ଜଣେ ପ୍ରଥମ ବର୍ଷର ଛାତ୍ରୀଙ୍କୁ ବରିଷ୍ଠ ଛାତ୍ରୀ ର୍‍ୟାଗିଂ କରିଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ର୍‍ୟାଗିଂର ଶିକାର ଛାତ୍ରୀ ଜଣକ ଏ ନେଇ ଆଣ୍ଟିର୍‍ୟାଗିଂ ସ୍କ୍ୱାର୍ଡକୁ ଫୋନ୍ ଯୋଗେ ଜଣାଇଥିଲେ। ଅପରପକ୍ଷରେ ଘଟଣାକୁ ଚପାଇ ଦେବାକୁ ପ୍ରଶିକ୍ଷଣ କେନ୍ଦ୍ରର କର୍ତ୍ତୃପକ୍ଷ ସମ୍ପୃକ୍ତ ଛାତ୍ରୀଙ୍କୁ ବୁଝାଇବା ପାଇଁ ବାଧ୍ୟ କରୁଥିବା ବେଳେ ଛାତ୍ରୀ ଜଣକ କିନ୍ତୁ କାର୍ଯ୍ୟାନୁଷ୍ଠାନ ଦାବିରେ ନିଜ ଜିଦରେ ଅଟଳ ଥିଲେ। ପୀଡ଼ିତାଙ୍କ ଅଭିଯୋଗ ଅନୁସାରେ ତାଲିମ କେନ୍ଦ୍ରରେ ନାମ ଲେଖାଇବା ପରଠାରୁ ପ୍ରାୟ ୩ ମାସ ହେଲା ବରିଷ୍ଠ ଛାତ୍ରୀମାନଙ୍କ ଦ୍ୱାରା ର୍‍ୟାଗିଂର ଶିକାର ହୋଇ ଆସୁଥିଲେ। କେତେକ ବରିଷ୍ଠ ଛାତ୍ରୀ ବିଭିନ୍ନ ସମୟରେ ବୈଠକ କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରୁଥିବା ସେ ଅଭିଯୋଗ କରୁଥିଲେ। ନିର୍ଯାତନା ବିଷୟରେ ଅଭିଭାବକ କିମ୍ବା ତାଲିମ କେନ୍ଦ୍ରର



ଅଧ୍ୟକ୍ଷାଙ୍କୁ ନ ଜଣାଇବାକୁ ଧମକ ଦେଉଥିଲେ। ସେହିପରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରୀ ମହାବିଦ୍ୟାଳୟର ଦୁଇଜଣ ପିଜି ଛାତ୍ରୀ ର୍‍ୟାଗିଂର ଶିକାର ହୋଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପ୍ରାଧ୍ୟାପକଙ୍କ ମାତ୍ରାଧିକ ନିର୍ଯାତନା ସହି ନ ପାରିବାରୁ ସେମାନେ ଏପରି ପଦକ୍ଷେପ ନେଇଥିବା ଏକ ଚିଠିରେ ଉଲ୍ଲେଖ କରିଥିଲେ। ରାଜଧାନୀରେ ର୍‍ୟାଗିଂକୁ ନେଇ ଜଣେ ଯୁକ୍ତ ତିନି ଛାତ୍ରୀ ଓ ଅନ୍ୟ ଜଣେ ଏମ୍‌ସିଏ ଛାତ୍ରୀ ଆତ୍ମହତ୍ୟା କରିବା ଘଟଣା ଚର୍ଚ୍ଚାରେ ରହିଥିବା ବେଳେ ଦୁଇ ଡାକ୍ତରୀ ପିଜି ଛାତ୍ରୀ ଏଭଳି ପଦକ୍ଷେପ ନେବା ଅତ୍ୟନ୍ତ ପରିତାପର ବିଷୟ। ଗତ ଅକ୍ଟୋବର ୮ ତାରିଖରେ ରାଜଧାନୀରେ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ ହେଉଥିବାର ଅଭିଯୋଗ ଆସିଥିଲା। ଛାତ୍ରାବାସରେ ବରିଷ୍ଠ ଛାତ୍ରମାନେ କନିଷ୍ଠ ଛାତ୍ରମାନଙ୍କୁ ନିସ୍ତୁକ ମାଡ଼ମାରି ଲହୁଲୁହାଣ କରିଦେଇଥିଲେ। ତୃତୀୟ ବର୍ଷର କିଛି ଛାତ୍ର ରାତି ୧୧ଟା ସମୟରେ ତିନିଜଣ କନିଷ୍ଠ ଛାତ୍ରଙ୍କୁ ଡାକି ଦୁଇଘଣ୍ଟା ଧରି ର୍‍ୟାଗିଂ କରିଲା ପରେ କନିଷ୍ଠ ଛାତ୍ରମାନେ ମୁକୁଳିଥିଲେ। ଏହାପରେ ପୁନର୍ବାର ସେହି ତିନିଜଣ ଛାତ୍ରଙ୍କୁ ଡାକି ଲୁହା ରଡ଼ରେ ପିଟିଥିଲେ। ଫଳରେ ଜଣଙ୍କର ମୁଣ୍ଡ ଫାଟି ଯାଇଥିଲା ଓ ଆଉ ଜଣଙ୍କର କାନ ଛିଡ଼ି ଯାଇଥିଲା।

ରାଜ୍ୟର ଆଉ ଏକ ମେଡିକାଲ୍ କଲେଜରେ ଦ୍ୱିତୀୟ ବର୍ଷର ତିନିଜଣ ଛାତ୍ର ଜଣେ ପ୍ରଥମ ବର୍ଷର ଛାତ୍ରର ଛାତି ଉପରେ ବସି ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ନିଶଦାଢ଼ି କାଟିଦେବା ଭଳି ସଙ୍ଗିନ ଘଟଣା ଲୋକଲୋଚନକୁ ଆସିଥିଲା। ପ୍ରଥମ ବର୍ଷର ଛାତ୍ର ଜଣକ ଗତ ଅଗଷ୍ଟ ୧୭ ତାରିଖ ଦିନ ଇଣ୍ଟରନାଲ ପରୀକ୍ଷା ଦେବାକୁ ଯାଉଥିଲେ। ଏହି ସମୟରେ ତାଙ୍କୁ ଦ୍ୱିତୀୟ ବର୍ଷର ତିନିଜଣ ଛାତ୍ର ଅଟକାଇ ମାଡ଼ ମାରିବା ଅଭିଯୋଗ ହେବା ପରେ କଲେଜର ଆଣ୍ଟିର୍‍ୟାଗିଂ କମିଟି ବୈଠକରେ ନିଷ୍ପତ୍ତି ଅନୁଯାୟୀ ତିନି ଅଭିଯୁକ୍ତ ଛାତ୍ରଙ୍କୁ ଛାତ୍ର ସଂସଦ ପଦବୀରୁ ବହିଷ୍କୃତ କରାଯାଇଥିଲା। କିଛିବର୍ଷ ତଳେ ଗଞ୍ଜାମ ପୁଲିସ୍ ର୍‍ୟାଗିଂ ଅଭିଯୋଗରେ ୧୨ଜଣ ଛାତ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେମାନଙ୍କୁ କଲେଜରୁ ବହିଷ୍କାର କରିବା ପାଇଁ ସୁପାରିସ କରିଥିଲା। ସମ୍ପୃକ୍ତ କଲେଜ ଅଧ୍ୟକ୍ଷ କହିଥିଲେ ଯେ, ର୍‍ୟାଗିଂ ସମ୍ପର୍କିତ ଭିଡିଓ ପ୍ରଘଟ ହେଲା ପରେ ଅଭିଯୁକ୍ତଙ୍କୁ ସହଜରେ ଚିହ୍ନଟ କରାଯାଇଥିଲା ଏବଂ ସେମାନଙ୍କୁ କଲେଜରୁ ବହିଷ୍କାର କରିବା ପାଇଁ ଶୃଙ୍ଖଳା କମିଟି ନିଷ୍ପତ୍ତି ନେଇଥିଲା।

ୟୁଜିସି ତଥ୍ୟ ଅନୁସାରେ ୨୦୧୧ରୁ ୨୦୨୧ ମଧ୍ୟରେ ଦେଶରେ ୬୭୯୦ଟି ର୍‍ୟାଗିଂ ଅଭିଯୋଗ ପଞ୍ଜିକୃତ ହୋଇଛି। ୨୦୧୭ ପରଠାରୁ ର୍‍ୟାଗିଂ ଅଭିଯୋଗ ବୃଦ୍ଧି ପାଇ ୯୦୧ରେ ପହଞ୍ଚିଥିଲା ବେଳେ ୨୦୧୮ରେ ଏହା ୧୦୦୦ ଅତିକ୍ରମ କରିଥିଲା। ୨୦୧୮ ଅପେକ୍ଷା ୨୦୧୯ରେ ଅଧିକ ସଂଖ୍ୟକ ଅଭିଯୋଗ ଲୋକଲୋଚନକୁ ଆସିଥିଲା, ଯାହା ୧୦୭୦କୁ ଅତିକ୍ରମ କରିଥିଲା। ୨୦୨୦ରେ କରୋନା ସଂକ୍ରମଣ ଯୋଗୁଁ ଶିକ୍ଷାନୁଷ୍ଠାନ ପରିସର ପାଠପଢ଼ାରେ ବ୍ୟାଘାତ ଜନିତ କାରଣରୁ ର୍‍ୟାଗିଂ ଏକପ୍ରକାର ବନ୍ଦ ଥିଲା। କାରଣ ୨୦୨୦ରେ ମାତ୍ର ୨୧୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ୨୦୨୧ରେ ମଧ୍ୟ କରୋନାର ଦ୍ୱିତୀୟ ଲହର ଯୋଗୁଁ ଏହା ହ୍ରାସ ପାଇଥିଲା। ପ୍ରକାଶଥାଉ କି, ୨୦୧୯ରୁ ୨୦୨୨ ମଧ୍ୟରେ ମାତ୍ର ୫୭୯ଟି ଅଭିଯୋଗ ହୋଇଛି। ଏହି ସମୟ ମଧ୍ୟରେ ଉତ୍ତର ପ୍ରଦେଶରେ ୧୩୦୦, ପଶ୍ଚିମବଙ୍ଗରେ ୮୪୧, ମଧ୍ୟପ୍ରଦେଶରେ ୭୮୮, ମହାରାଷ୍ଟ୍ରରେ ୪୦୨, ତାମିଲନାଡୁରେ ୩୯୮, ରାଜସ୍ଥାନରେ ୩୫୪, କେରଳରେ ୩୫୦ ଓ କର୍ଣ୍ଣାଟକରେ ୩୦୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।

ପ୍ରତି ଶିକ୍ଷାନୁଷ୍ଠାନରେ ହାରାହାରି ୪ରୁ ୫ଜଣ ବରିଷ୍ଠ ଅଧ୍ୟାପକ ଓ କର୍ମଚାରୀଙ୍କୁ ନେଇ ଆଣ୍ଟିର୍‍ୟାଗିଂ କମିଟି ଗଠନ ହେବାର ନିୟମ ରହିଛି। ଏହି କମିଟି ଶିକ୍ଷାନୁଷ୍ଠାନ ଓ ହଷ୍ଟେଲରେ ବିଭିନ୍ନ ସମୟରେ ସ୍ଥିତି ଅନୁଧ୍ୟାନ କରିବା, ନବାଗତ ଛାତ୍ରଛାତ୍ରୀଙ୍କଠାରୁ ବିଭିନ୍ନ ସମୟରେ ମତାମତ ନେବା, ନବାଗତ ଛାତ୍ରଛାତ୍ରୀଙ୍କ ପାଇଁ ଅଲଗା ହଷ୍ଟେଲର ବ୍ୟବସ୍ଥା କରିବା, ସେଠାକୁ ବରିଷ୍ଠ ଛାତ୍ରଛାତ୍ରୀମାନେ ଯେପରି ପ୍ରବେଶ ନ କରିବେ ସେଥିପ୍ରତି ଦୃଷ୍ଟି ଦେବାର ବ୍ୟବସ୍ଥା ରହିଛି। ୨୦୦୯ରୁ ଦେଶରେ 'ନ୍ୟାସନାଲ ଆଣ୍ଟିର୍‍ୟାଗିଂ ହେଲ୍‌ପଲାଇନ' କାର୍ଯ୍ୟକାରୀ ହୋଇଛି। ଉଚ୍ଚଶିକ୍ଷା ବିଭାଗରେ 'ଆଣ୍ଟିର୍‍ୟାଗିଂ ସ୍କ୍ୱାଡ୍' ଗଠନ ସହ ଏହି ସ୍କ୍ୱାଡ୍ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଅଚାନକ ଗସ୍ତ କରି ସ୍ଥିତି ଅନୁଧ୍ୟାନ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି। ମାତ୍ର ଦୁଃଖ ଓ ପରିତାପର ବିଷୟ ଏହା ବାସ୍ତବରେ କାର୍ଯ୍ୟକାରୀ ହେଉନଥିବାରୁ ଶିକ୍ଷାନୁଷ୍ଠାନରେ ବାରମ୍ବାର ର୍‍ୟାଗିଂ ବୃଦ୍ଧି ପାଇବାରେ ଲାଗିଛି ଓ ଛାତ୍ର ଅଶାନ୍ତି ଉଗ୍ରରୂପ ଧାରଣ କରୁଛି।

ର୍‍ୟାଗିଂ ନେଇ କରାଯାଇଥିବା ବିଭିନ୍ନ ନିୟମ ଓ ଏହାର ଦଣ୍ଡ ବ୍ୟବସ୍ଥା ବାବଦରେ ଛାତ୍ରଛାତ୍ରୀଙ୍କୁ ସଚେତନ କରାଯିବା ଆବଶ୍ୟକ। ୟୁଜିସି ପକ୍ଷରୁ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରିବା, ର୍‍ୟାଗିଂ ବିରୋଧୀ ସ୍ଲୋଗାନ, ଲିଖନ ପ୍ରତିଯୋଗିତା କରିବାକୁ ଶିକ୍ଷାନୁଷ୍ଠାନମାନଙ୍କୁ ପରାମର୍ଶ ଦେବା ଉଚିତ, ଯାହା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ର୍‍ୟାଗିଂ ବିରୋଧୀ ସଚେତନତା ସୃଷ୍ଟି କରାଯାଇ ସେମାନଙ୍କ ମନରେ ପରିବର୍ତ୍ତନ ଆଣିବା ଆବଶ୍ୟକ। ର୍‍ୟାଗିଂ ନିୟନ୍ତ୍ରଣ ପାଇଁ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କେରଳ, ପଶ୍ଚିମବଙ୍ଗ, ଉତ୍ତର ପ୍ରଦେଶ ଭଳି ଓଡ଼ିଶାରେ ର୍‍ୟାଗିଂ ନିରୋଧ କଠୋର ଆଇନ୍ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସିସିଟିଭି ଲଗାଇ ର୍‍ୟାଗିଂର ଗତିବିଧି ସମ୍ପର୍କରେ ଅନୁଧ୍ୟାନ କରିବା, ମାନସିକ ନିର୍ଯାତନା ଦେଉଥିବା ବରିଷ୍ଠ ଛାତ୍ରଙ୍କ ବିରୁଦ୍ଧରେ ଆହୁରି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଏଥିପାଇଁ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷଙ୍କୁ ଦାୟୀ କରିବା, ଶିକ୍ଷାନୁଷ୍ଠାନର ପ୍ରତ୍ୟେକ ହଷ୍ଟେଲରେ ର୍‍ୟାଗିଂ ବନ୍ଦ ପାଇଁ ସମ୍ପୃକ୍ତ ହଷ୍ଟେଲରେ ଅନ୍ତେବାସୀ, ନିର୍ବାଚିତ ଛାତ୍ର ପ୍ରତିନିଧି, ୱାର୍ଡେନ, ସୁପରିନଟେଣ୍ଡେଣ୍ଟ ଓ ଅଧ୍ୟକ୍ଷଙ୍କୁ ନେଇ ଏକ କମିଟି ଗଠନ କରିବା, ପ୍ରତ୍ୟେକ ମାସରେ ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀଙ୍କୁ ସାମିଲ୍ କରି ର୍‍ୟାଗିଂ ଏକ ଦଣ୍ଡନୀୟ ଅପରାଧ ବୋଲି ସଚେତନ କରିବା, ମାନବାଧିକାର କମିଶନଙ୍କ ତତ୍ତ୍ୱାବଧାନରେ ପୁଲିସ୍ ଦ୍ୱାରା ୨୪ ଘଣ୍ଟିଆ ଟୋଲ୍ ଫ୍ରି ର୍‍ୟାଗିଂ ନିରୋଧ ସେବା ଯୋଗାଇ ଦେବା ଏବଂ ବିଧାନସଭା ଅଧିବେଶନରେ ର୍‍ୟାଗିଂ ବନ୍ଦ ପାଇଁ କଠୋର ଆଇନ୍ ପ୍ରଣୟନ କରାଗଲେ ର୍‍ୟାଗିଂମୁକ୍ତ ଶିକ୍ଷାନୁଷ୍ଠାନ ସମ୍ଭବ ହୋଇପାରିବ।

# ଶାନ୍ତିର ମାର୍ଗ



ଡ. ଅଜିତ କୁମାର ତ୍ରିପାଠୀ
ଭୁବନେଶ୍ୱର, ମୋ: ୯୯୩୭୮୪୪୩୪୭

ସଂସାର ବିଶ୍ୱାସ ଉପରେ ଚାଲିଛି। ସନ୍ଦେହୀ ଲୋକକୁ କେହି ଭଲପାଆନ୍ତି ନାହିଁ। ଯିଏ ଅଧିକ ସନ୍ଦେହୀ ସେ କୌଣସି କାମ ସହଜରେ ଆରମ୍ଭ ମଧ୍ୟ କରିପାରେ ନାହିଁ। ସ୍ୱାମୀ ସ୍ତ୍ରୀକୁ ସବୁଥିରେ ସନ୍ଦେହ କଲେ ଓ ସ୍ତ୍ରୀ ସ୍ୱାମୀକୁ ସନ୍ଦେହ କଲେ ଘରେ ସବୁବେଳେ କଳି ଲାଗିଥାଏ। କୌଣସି କାର୍ଯ୍ୟାଳୟରେ ଅଫିସ୍ ମୁଖ୍ୟ ଯଦି କର୍ମଚାରୀମାନଙ୍କୁ ସବୁଥିରେ ସନ୍ଦେହ କରୁଥା'ନ୍ତି ତେବେ ସେ ଅଫିସ୍‌ର କାର୍ଯ୍ୟ କେବେହେଲେ ସୁରୁଖୁରୁରେ ଚଳିପାରିବ ନାହିଁ। ଅନ୍ୟମାନେ ସମସ୍ତେ ଖରାପ ବା ଢିଲା, ଏଭଳି ସନ୍ଦେହ କଲେ ସଂସାର ଚଳିବ କିପରି? ସନ୍ଦେହ କଲେ ଜଣେ ଭଲମଣିଷ ମଧ୍ୟ ଖରାପ ହୋଇଯିବ। ସମସ୍ତଙ୍କଠାରେ କିଛି ଭଲଗୁଣ ଅଛି। ତାକୁ ବିଶ୍ୱାସ କଲେ ସେ ଭଲଗୁଣ ପ୍ରକାଶିତ ହେବ। କାହାଠାରେ ଅତିଶୟ ବିଶ୍ୱାସ ରଖିବା ଠିକ୍ ନୁହେଁ କିମ୍ବା କାହାକୁ ଅତିଶୟ ସନ୍ଦେହ କରିବା ମଧ୍ୟ ଠିକ୍ ନୁହେଁ। ସନ୍ଦେହୀ ଲୋକ ପ୍ରାୟତଃ କ୍ରୋଧୀ ହୋଇଥା'ନ୍ତି ଏବଂ କେହି ତାଙ୍କୁ ମାନୁନାହାନ୍ତି ବୋଲି ଦୁଃଖୀ ଏବଂ ନିରାଶ ହୋଇଥା'ନ୍ତି। ସେମାନେ ନିଜେ ଦୁଃଖରେ ରହନ୍ତି ଓ ଅନ୍ୟମାନଙ୍କୁ ଦୁଃଖରେ ରଖନ୍ତି।

କ୍ରୋଧ ମନୁଷ୍ୟଠାରେ ଥିବା ଆଧ୍ୟାତ୍ମିକ ଓ ଐଶ୍ୱରିକ ଗୁଣଗୁଡ଼ିକ ନଷ୍ଟ କରିଥାଏ ଏବଂ ଅନ୍ୟ ଭଲଗୁଣଗୁଡ଼ିକ ଧ୍ୱଂସ କରିଥାଏ। ଏହା ମନୁଷ୍ୟର ପ୍ରକୃତିକୁ ଦୂଷିତ କରିଥାଏ ଏବଂ ଶାନ୍ତିର ସବୁଠାରୁ ବଡ଼ ଶତ୍ରୁ ହୋଇଥାଏ। ଯେଉଁ ଲୋକ ନିଜର କ୍ରୋଧକୁ ନିୟନ୍ତ୍ରଣରେ ରଖିପାରେ ନାହିଁ ସେ ଆନନ୍ଦରେ ରହିପାରେ ନାହିଁ ଏବଂ ଶାନ୍ତି ମଧ୍ୟ ଲାଭ କରେନାହିଁ। ତେଣୁ ଆମେ ନିଜ ଭିତରେ ଥିବା ଧୈର୍ଯ୍ୟ ଗୁଣକୁ ବୃଦ୍ଧି କରିବା ଦରକାର। ଅଧୈର୍ଯ୍ୟ ହେଲେ ଆମେ ନିଜର କ୍ରୋଧ ପ୍ରବଣତାକୁ ନିୟନ୍ତ୍ରଣରେ ରଖିପାରୁ ନାହିଁ। ନିଜର ମାନସିକ ଅବସ୍ଥା, ମିଜାଜ୍ ଓ ପ୍ରକୃତିକୁ ନ ଜାଣିଲେ ତାହା ବିରକ୍ତି ଓ କ୍ରୋଧରେ ପରିଣତ ହୁଏ। ଅଳ୍ପରେ ବିରକ୍ତ ହେଉଥିବା, ଚିଡ଼ିଚିଡ଼ା ପ୍ରକୃତିର ଲୋକ ନିଜର ଉତ୍ତେଜନା ପ୍ରବଣତାକୁ ସର୍ବଦା ଜଗି ରଖିଲେ ତାହା କ୍ରୋଧରେ ପରିଣତ ହେବ ନାହିଁ। କ୍ରୋଧରୁ ଉତ୍ପନ୍ନ ହେଉଥିବା କ୍ଷତିଗୁଡ଼ିକ ଏବଂ ଧୈର୍ଯ୍ୟରୁ ଉତ୍ପନ୍ନ ହେଉଥିବା ଲାଭଗୁଡ଼ିକ ଜାଣିଲା ପରେ ତୁମେ ନିଜକୁ କ୍ରୋଧଠାରୁ ଦୂରରେ ରଖିବ। ସନ୍ତୋଷ, ଶାନ୍ତି, ସତେଜତା ଓ ସାହସ ହାସଲ କରିବ।

କ୍ରୋଧ ଅନେକ ଦୁର୍ଗୁଣର ଜନ୍ମଦାତା।



ସେଥିମଧ୍ୟରୁ ଯେଉଁମାନେ ପ୍ରଧାନ ସେମାନେ ହେଲେ ଅବିବେକିତା, ବିଚାରହୀନତା, ଅବିମୃଷ୍ୟକାରିତା, ଅସାବଧାନତା, ଉତ୍ତେଜନା ପ୍ରବଣତା, ଅପରିଣାମଦର୍ଶିତା, ଉତ୍ପୀଡ଼ନ ଓ ଅତ୍ୟାଚାର, ଈର୍ଷାପରାୟଣତା, ପରସ୍ୱହରଣ, ନିଷ୍ଠୁରତା, ଅଶିଷ୍ଟ ଓ ଅପମାନଜନକ ଭାଷା, ନିର୍ଦ୍ଦୟତା, ଭର୍ତ୍ସନା ଓ ହତ୍ୟାପ୍ରବୃତ୍ତି। କ୍ରୋଧର ବଶ ଥିଲା ବେଳେ ଜଣେ ଯେକୌଣସି ପାପ କରିପାରେ। ସେ ଅନେକ ସମୟରେ ସ୍ମୃତିଶକ୍ତି ହରାଇ ଦିଏ। ତା'ର ହୃଦୟଙ୍ଗମ କରିବା ଏବଂ ବୋଧ କରିବା ଶକ୍ତି, ମାନସିକ ସ୍ତରରେ ଚାଲିଯାଏ। ସହାନୁଭୂତି, ସହନଶୀଳତା, ବିଚାରଶକ୍ତି ଏବଂ ଅନ୍ତର୍ଦୃଷ୍ଟି ଆଦି ଦୈବୀ ସମ୍ପତ୍ତି ତା' ପାଇଁ କିଛି ସମୟ ଲାଗି କାର୍ଯ୍ୟକ୍ଷମ ହୁଏନାହିଁ। ସେ ମାନସିକ ଭାରସାମ୍ୟ ହରାଇ ବସେ। କ୍ରୋଧ ତାକୁ ଉଚିତ ଆଚରଣରୁ ବିପଥଗାମୀ କରାଇଦିଏ। ଅତିଶୟ କ୍ରୋଧ ଆସିଲେ କ୍ରୋଧୀ ନିଶାଗ୍ରସ୍ତ ଭଳି ବ୍ୟବହାର କରିବା ଦେଖାଯାଏ।

କ୍ରୋଧ ମଣିଷକୁ ଅଳ୍ପକେ ବିରକ୍ତ କରାଏ ଏବଂ ଚିଡ଼ିଚିଡ଼ା ସ୍ୱଭାବର କରାଏ, ଯାହାକି ଜଣକୁ ଏପରି ଉତ୍ତେଜିତ ଓ ବିରକ୍ତ କରାଇଦିଏ ଯେକୌଣସି ଅପରାଧ କରିବାକୁ ସେ ପଛାଏ ନାହିଁ। ଅତିଶୟ ଘୃଣା ମିଶ୍ରିତ କ୍ରୋଧ ଓ କୋପ ସାମାନ୍ୟ ଅପମାନ, ଅମର୍ଯ୍ୟାଦା ବା ଅବମାନନାକୁ ମଧ୍ୟ ଗୁରୁତର ଭାବେ ନେଇଯାଏ ଏବଂ ଏହାର ପରିଣାମ ବେଳେବେଳେ ଭୟାବହ ହୋଇଥାଏ। ତାହା ନରହତ୍ୟା ବା ଆତ୍ମହତ୍ୟାର କାରଣ ହୋଇପାରେ। କ୍ରୋଧର ଆକ୍ରମଣ କାଳରେ ଆବେଗ ଓ ଉଦ୍ଦାମତା ମଧ୍ୟ ପ୍ରବଳ ହୋଇପାରେ, ଭୟଙ୍କର ରାଗିବା, ରାଗି ପାଟିତୁଣ୍ଡ କରିବା ଓ ବକିବା ଆଦି ଦେଖାଯାଏ ଏବଂ ଅତିଶୟ କ୍ରୋଧାନ୍ୱିତ ଅବସ୍ଥା ନିୟନ୍ତ୍ରଣକୁ ନଆସିଲେ ପାଗଳାମି ଆରମ୍ଭ ହେବା ବିଚିତ୍ର ନୁହେଁ। ଉଚ୍ଚ ରକ୍ତଚାପ ଥିଲେ ଏହା ମସ୍ତିଷ୍କ ପକ୍ଷାଘାତକୁ ମଧ୍ୟ ନିମନ୍ତ୍ରଣ ଦେଇଥାଏ। କ୍ରୋଧ ନାମକ ଶକ୍ତିଶାଳୀ ଶତ୍ରୁ ଉପରେ ବିଜୟ ହାସଲ କରିବା ପାଇଁ ସଚେତନତା ଏକାନ୍ତ ଆବଶ୍ୟକ।

କ୍ରୋଧ ଆସିଲେ ତା'ର ପରିବର୍ତ୍ତନ କରିବା ବା ରୂପାନ୍ତର କରିବା ପାଇଁ କିମ୍ବା ତା'ର କଠୋରତା ହ୍ରାସ କରିବା ପାଇଁ ଉଦ୍ୟମ କରିବାକୁ ଅନେକ ଉପଦେଶ ଦେଇଥା'ନ୍ତି। ଏହା ନିଶ୍ଚୟ ସ୍ୱାଗତଯୋଗ୍ୟ ପ୍ରସ୍ତାବ, କିନ୍ତୁ ତା'ଠାରୁ ଭଲ ହେଉଛି କ୍ରୋଧ ଆସିଲେ ତୁମେ ତା'ର ଦ୍ରଷ୍ଟା ବା ସାକ୍ଷୀ ପାଲଟିଯାଅ। ତାକୁ ନିଜକୁ ସ୍ପର୍ଶ କରିବାକୁ ଦିଅନାହିଁ କିମ୍ବା ନିଜ ଭିତରେ ପ୍ରବେଶ କରିବାକୁ ଦିଅ ନାହିଁ। ତୁମେ କ୍ରୋଧ ପ୍ରତି ବୀତସ୍ପୃହ, ଉଦାସୀନ ଓ ଆଗ୍ରହ ଶୂନ୍ୟ ହୋଇଯାଅ, ଯେପରି କ୍ରୋଧ ତୁମ ପାଇଁ ଅପ୍ରଧାନ ଓ ଗୌଣ। ତୁମ ପାଇଁ କ୍ରୋଧ ଭଲ ନୁହେଁ କିମ୍ବା ମନ୍ଦ ନୁହେଁ। ତୁମେ ଜାଣି ରଖ ଯେ ତୁମକୁ ପ୍ରଭାବିତ କରିବା ପାଇଁ ବା ତୁମଠାରେ ପ୍ରତିକ୍ରିୟା ସୃଷ୍ଟି କରିବା ପାଇଁ କ୍ରୋଧର ସାମର୍ଥ୍ୟ ନାହିଁ। କ୍ରୋଧ ଆପେ ଆପେ ଚାଲିଯିବ। ତୁମଠାରେ ଥିବା ଆଭ୍ୟନ୍ତରୀଣ ଆଧ୍ୟାତ୍ମିକତା କ୍ରୋଧକୁ ଶକ୍ତିହୀନ କରିଦେବ। ତୁମର ଆତ୍ମସ୍ୱରୂପ ଯାହାକି ସ୍ୱୟଂସମ୍ଭୂତ ଜ୍ଞାନ, ତୁମଠାରେ ବିଦ୍ୟମାନ ଜୀବନ ପ୍ରକ୍ରିୟା ଯାହା ସ୍ୱତଃସିଦ୍ଧ, ତୁମର ଅତ୍ୟନ୍ତ ଆନନ୍ଦିତ ସ୍ୱରୂପ ଯାହା ତୁମର ଘନିଷ୍ଠ ଭାବେ ସୁପରିଚିତ, ଏମାନେ ତୁମର ଅନ୍ତଃକରଣରେ ରାଜତ୍ୱ କଲେ କ୍ରୋଧ ତୁମ ପାଇଁ ଏକ ତୁଚ୍ଛ ଓ ଅପରିଚିତ ବସ୍ତୁ ହୋଇଯିବ।

ନୈତିକ ଦୃଷ୍ଟିରୁ ଖଳ, ବିଦ୍ୱେଷ ପରାୟଣ, ଅନିଷ୍ଟ ପ୍ରବଣ ଓ କ୍ଷତିକାରକ ମନ୍ଦଭାବନା ଆମେ ଯଦି ମନରେ ଉଦୟ ହେବାକୁ ମଧ୍ୟ ଦେବାନାହିଁ ତେବେ ଆମର ଆଧ୍ୟାତ୍ମିକ ଉନ୍ନତି ଓ ବିକାଶ ହୋଇଛି ବୋଲି ଆମେ ଜାଣିପାରିବା। ଯଦି ଏସବୁ ଭାବନା ଆମକୁ ବ୍ୟସ୍ତ ଓ ବିବ୍ରତ କରୁଥାଏ ତେବେ ଆମେ ଅପେକ୍ଷାକୃତ ଉତ୍ତମ ଅବସ୍ଥାକୁ ଅଗ୍ରଗତି କରୁଛେ ବୋଲି ଜାଣିପାରିବା। ଆମର ଯଦି ସେତିକି ମାତ୍ର ସୂକ୍ଷ୍ମାନୁଭବ ନଥାଏ ଏବଂ ଆମେ ଏଭଳି ମନ୍ଦ ଭାବନାକୁ କ୍ଷତିକାରକ ବୋଲି ମଧ୍ୟ ଜାଣିପାରୁ ନାହିଁ ତେବେ ଆମେ ଅବନତି ଓ ନୈତିକ ଅଧୋପତନ ମାର୍ଗର ପଥିକ। ବିଭକ୍ତିଭାବ, ଈର୍ଷା, ଘୃଣା ଓ କାମବାସନା ଆଦି ତୁମକୁ କେବେହେଲେ ଅସ୍ଥିର ନକରୁ, ଏ ଦିଗରେ ନିଜ ମନକୁ ଜଗି ରଖନ୍ତୁ। ଶାନ୍ତି, ଜ୍ଞାନ, ଧ୍ୟାନ ଏସବୁର ଶତ୍ରୁମାନଙ୍କୁ ନିଜର ଶତ୍ରୁ ବୋଲି ଭାବନ୍ତୁ ତେବେ ଶାନ୍ତି ଲାଭ କରିବେ।

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉକ୍ତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# କାଠଚୌକିରେ ମହାପ୍ରଭୁଙ୍କୁ ଦର୍ଶନ କରିବେ ଦିବ୍ୟାଙ୍ଗ

**ପୁରୀ, ୨୯ ।୨(ସମିସ):** ଏଣିକି ମହାପ୍ରଭୁଙ୍କୁ ସହଜରେ ଦର୍ଶନ କରିପାରିବେ ଦିବ୍ୟାଙ୍ଗ (ଚାଲିବାକୁ ସକ୍ଷମ ନ ଥିବା) ଭକ୍ତ । ଜୟବିଜୟ ଦ୍ୱାର ନିକଟରୁ ଦାରୁବିଗ୍ରହଙ୍କ ଆଖି ସହ ଆଖି ମିଳାଇ ପାରିବେ । ସେମାନେ ସ୍ୱତନ୍ତ୍ର ଭାବେ ନିର୍ମିତ କାଠଚୌକିରେ ବସି ଠାକୁରଙ୍କୁ ଦର୍ଶନ କରିବେ । ଏଥିପାଇଁ ଦିବ୍ୟାଙ୍ଗ ଭକ୍ତଙ୍କୁ ସହଯୋଗ କରିବେ ବାହକ ଏବଂ ସ୍ୱେଚ୍ଛାସେବୀ । ଗୁରୁବାର ଅନୁଷ୍ଠିତ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଦିବ୍ୟାଙ୍ଗ ଭକ୍ତଙ୍କ ଦର୍ଶନ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିବା ବେଳେ ଏଥିରେ ମୋହର ବାଜିଛି ।

ମହାପ୍ରଭୁଙ୍କ ଦର୍ଶନ ପାଇଁ ସବୁ ବର୍ଗର ଭକ୍ତ ଆସୁଛନ୍ତି । ଏମାନଙ୍କ ମଧ୍ୟରେ ଅନେକ ଦିବ୍ୟାଙ୍ଗ ଭକ୍ତ ଅଛନ୍ତି ଯେଉଁମାନେ ନିଜେ ଚାଲିବାକୁ ସକ୍ଷମ ହୋଇ ନ ଥାନ୍ତି । ଏହି ବର୍ଗର ଦିବ୍ୟାଙ୍ଗମାନେ ହ୍ୱିଲଚେୟାରରେ ସିଂହଦ୍ୱାର ନିକଟକୁ ଯାଇ କେବଳ ପତିତପାବନଙ୍କୁ ଦର୍ଶନ କରିଥାନ୍ତି । ତେଣୁ ଏହି ଦିବ୍ୟାଙ୍ଗ ଭକ୍ତମାନେ କିପରି ମନ୍ଦିର ଭିତରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ ସେ ନେଇ ବହୁବାର ଆଲୋଚନା ହୋଇଥିବା ବେଳେ ହାଇକୋର୍ଟ ମଧ୍ୟ ଏ ଦିଗରେ ପଦକ୍ଷେପ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କ୍ରମରେ ଗୁରୁବାର ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି ।

ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଭାବେ କାଠରେ ନିର୍ମିତ ଦୁଇଟି ଚେୟାର ଡେମୋ ଭାବେ ପ୍ରସ୍ତୁତ କରାଯାଇଛି । ତେବେ ଦିବ୍ୟାଙ୍ଗ ଭକ୍ତଙ୍କୁ ଦର୍ଶନ କରାଇବା ପାଇଁ ଖୁବ୍‌ଶୀଘ୍ର କିଛି ବାହକ ନିଯୁକ୍ତି ହେବେ । ଦିବ୍ୟାଙ୍ଗ ଭକ୍ତଙ୍କୁ ଏଥିପାଇଁ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିବାକୁ ପଡ଼ିବ । ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ତନଖି କେନ୍ଦ୍ରରେ ପଞ୍ଜୀକରଣ ଯାଞ୍ଚ ପରେ ସମ୍ପୃକ୍ତ ଦିବ୍ୟାଙ୍ଗଙ୍କୁ ହ୍ୱିଲ୍‌ଚେୟାରରେ ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ବିଶ୍ରାମ ଗୃହକୁ ନିଆଯିବ । ସେଠାରେ ପାନୀୟ ଜଳ, ପରିସ୍ରାଗାର ଓ ବସିବା ଇତ୍ୟାଦି ମୌଳିକ ସୁବିଧା ଯୋଗାଇ ଦିଆଯିବ । ସେଠାରେ କାଠଚୌକି ବାହାକ ସହିତ ସ୍ୱେଚ୍ଛାସେବୀ ଦଳ ପ୍ରସ୍ତୁତ ଥିବେ । ଦିବ୍ୟାଙ୍ଗ ଭକ୍ତ କାଠ ନିର୍ମିତ ଚୌକିରେ ବସିବା ପରେ ବାହକ ତାଙ୍କୁ ଉତ୍ତରଦ୍ୱାର, ବାହାର ଗୁମୁଟ, ଘଣ୍ଟିଦ୍ୱାର ଦେଇ ଜୟ ବିଜୟ ଦ୍ୱାର ନିକଟକୁ ନେବେ । ସେହି ଦୋଳାୟମାନେ ଅବସ୍ଥାରେ ଦିବ୍ୟାଙ୍ଗମାନେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ । ଏହି ଦର୍ଶନ ଗୋପାଳବଲ୍ଲଭଠାରୁ ସକାଳଧୂପ ପର୍ଯ୍ୟନ୍ତ ରହିବା ଲାଗି ଆଲୋଚନା ହୋଇଛି । କିନ୍ତୁ ସେ ଦିନର ନୀତିକାନ୍ତିକୁ ନଜରରେ ରଖି ସମୟରେ ପରିବର୍ତ୍ତନ କରାଯିବ ।

# ଅବଶିଷ୍ଟାଂଶ...

## ଅଙ୍ଗନବାଡ଼ି କର୍ମୀଙ୍କ...

ସହାୟିକାମାନଙ୍କୁ ୨ ଲକ୍ଷ ଟଙ୍କା ଓ ଆଂଶିକ ଅକ୍ଷମତା ନିମନ୍ତେ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅନୁକମ୍ପା ରାଶି ପ୍ରଦାନ କରାଯିବ । ଏହି ସୁବିଧା ମଧ୍ୟ ଏପ୍ରିଲ୍ ୧ ତାରିଖ ଠାରୁ ଲାଗୁହେବ ।

ସୂଚନାଯୋଗ୍ୟ ଯେ '୫-ଟି' ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ କାର୍ତ୍ତିକ ପାଣ୍ଡିଆନଙ୍କ ବିଭିନ୍ନ ଜିଲ୍ଲାଗସ୍ତ ସମୟରେ ଅଙ୍ଗନବାଡ଼ି କର୍ମୀ ତଥା ସେମାନଙ୍କ ସଙ୍ଗଠନଗୁଡ଼ିକ ତାଙ୍କୁ ଏହି ପାରିଶ୍ରମିକ ଓ ଅନ୍ୟାନ୍ୟ ରାଶି ବୃଦ୍ଧି ସମ୍ପର୍କରେ ଅନୁରୋଧ ଓ ପ୍ରସ୍ତାବ ଦେଇଥିଲେ । ପାରିଶ୍ରମିକ ରାଶି ବୃଦ୍ଧି ଘୋଷଣା ପରେ ଅଲ୍ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ଓ ସହାୟିକା ମହାସଂଘ ପକ୍ଷରୁ ସଭାନେତ୍ରୀ ନନ୍ଦିନୀ ପଣ୍ଡା ମୁଖ୍ୟମନ୍ତ୍ରୀ ଓ '୫-ଟି' ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଅନୁକମ୍ପା ନିଯୁକ୍ତି...

ପ୍ରଦାନ କରିଛନ୍ତି । ଜଣେ ବିବାହିତା ଝିଅକୁ ଅନୁକମ୍ପା ନିଯୁକ୍ତି ନଦେବା ପାଇଁ ରହିଥିବା ନୀତି ଗ୍ରହଣୀୟ ନୁହେଁ ବୋଲି ଅଦାଲତ କହିଛନ୍ତି । ଅନ୍ୟପଟରେ ଅନୁକମ୍ପା ନିଯୁକ୍ତି ବିବାଦ ଓ ମୋକଦ୍ଦମାରେ ଆବେଦନକାରୀଙ୍କ ବହୁ ବର୍ଷ ସମୟ ଅପଚୟ ହୋଇଗଲାଣି । ତେଣୁ ଅନୁକମ୍ପା ନିଯୁକ୍ତି ପ୍ରଦାନ ବିଚାର ପାଇଁ ଆବେଦନକାରୀଙ୍କ ବୟସ ଏକ ପ୍ରସଙ୍ଗ ହେବ ନାହିଁ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ।

ମାମଲାରୁ ପ୍ରକାଶ ଯେ ଆବେଦନକାରୀଙ୍କ ପିତା ଭଦ୍ରକ ଜିଲ୍ଲା ତିହିଡି ବ୍ଲକ ସିଆରଏସ ହାଇସ୍କୁଲରେ ପିଇଟି ଶିକ୍ଷକ ଭାବେ କାର୍ଯ୍ୟରତ ଥିବା ବେଳେ ଗତ ୨୦୦୪ଅଗଷ୍ଟ୧ରେ ମୃତ୍ୟୁବରଣ କରିଥିଲେ । ଆବେଦନକାରୀ ତଥା ମୃତକଙ୍କ ଝିଅ ସ୍ନାତକ ଡିଗ୍ରୀଧାରୀ ହୋଇଥିବା ବେଳେ ଗତ ୨୦୦୫ଜୁଲାଇ୨୬ରେ ସେ ଅନୁକମ୍ପା ନିଯୁକ୍ତି ପାଇଁ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ଦରଖାସ୍ତ କରିଥିଲେ । ପ୍ରଧାନଶିକ୍ଷକଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କର୍ତ୍ତୃପକ୍ଷଙ୍କୁ ଏହି ଦରଖାସ୍ତ ପଠାଇଦିଆଯାଇଥିଲା । ତେବେ ବର୍ଷକ ପରେ ଆବେଦନକାରୀଙ୍କ ବିବାହ ହୋଇଯାଇଥିଲା । କିନ୍ତୁ ଗତ ୨୦୧୦ରେ ଆବେଦନକାରୀ ଜଣକ ବିବାହିତା ହୋଇଥିବାରୁ ତାଙ୍କ ଦରଖାସ୍ତକୁ ଖାରଜ କରାଯାଇଥିବା ନେଇ ଚିଠି କରାଯାଇଥିଲା । ଆବେଦନକାରୀ ଏହା ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ହାଇକୋର୍ଟ ପୂର୍ବରୁ ସମାନ ପ୍ରସଙ୍ଗରେ ଥିବା କେତେକ ରାୟକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି ।

## ସ୍ୱାସ୍ଥ୍ୟକର୍ମୀଙ୍କୁ ନବୀନ...

ବୃଦ୍ଧି କରାଯାଇ ସମୁଦାୟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୫୦୦୯କୁ ବୃଦ୍ଧି କରାଯାଇଛି । ପଦୋନ୍ନତି ଦେବା ଲାଗି ପୂର୍ବରୁ ଥିବା ସର୍ବନିମ୍ନ ସମୟ ସୀମାକୁ ହ୍ରାସ କରାଯାଇଛି । ଫାର୍ମାସୀ ଅଧିକାରୀଙ୍କ ପ୍ରତ୍ୟେକ୍ଷ ନିଯୁକ୍ତି ନିମନ୍ତେ ମେଡିକାଲ ଫାର୍ମାସୀରେ ସ୍ନାତକ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ । ଏହି ପୁନର୍ଗଠନ ପ୍ରକ୍ରିୟାରେ ସରକାର ବାର୍ଷିକ ଅତିରିକ୍ତ ଭାବେ ୮୩ କୋଟି ୩୬ ଲକ୍ଷ ଟଙ୍କାର ଖର୍ଚ୍ଚ ବହନ କରିବେ ।

ଅପରପକ୍ଷେ କ୍ୟାବିନେଟର ଅନୁମୋଦନକ୍ରମେ ଓଡ଼ିଶା ଲାବୋରେଟୋରୀ ଟେକ୍ନିସିଆନ୍ ସେବା କ୍ୟାଡର୍ ପୁନର୍ଗଠନ ଓ ଓଡ଼ିଶା ଲାବୋରେଟୋରୀ ଟେକ୍ନିସିଆନ ସେବା ଚୟନ ପ୍ରକ୍ରିୟା ଓ ଚାକିରୀ ସର୍ତ୍ତାବଳୀ୨୦୧୯ ର ପୁନଃ ସଂଶୋଧନ ହେବା ଦ୍ୱାରା ବାର୍ଷିକ ୩୭ କୋଟି ୫୭ ଲକ୍ଷ ଟଙ୍କାର ଅତିରିକ୍ତ ଖର୍ଚ୍ଚ ବହନ କରାଯିବ । ଉକ୍ତ କ୍ୟାଡର୍ ପୁନର୍ଗଠନ ଜରିଆରେ ମୂଳ ପଦବୀରୁ ୭୯୦ଟି ପଦବୀ ଉଚ୍ଛେଦ କରାଯାଇ ୧୦୩୦ଟି ନୂତନ ପଦୋନ୍ନତି ଭିତ୍ତିକ ପଦବୀରେ ବୃଦ୍ଧି କରାଯାଇଛି । ଏହାଦ୍ୱାରା ସମୁଦାୟ ମଞ୍ଜୁରିପ୍ରାପ୍ତ ପଦବୀ ସଂଖ୍ୟା ୨୫୮୧କୁ ବୃଦ୍ଧି ପାଇଛି । ମୁଖ୍ୟ ବୈଷୟିକ ଅଧିକାରୀ ଏବଂ ସହକାରୀ ନିର୍ଦ୍ଦେଶକ ପଦୋନ୍ନତି ଭିତ୍ତିକ ପଦବୀ ସୃଷ୍ଟି ହୋଇଛି । ଲାବ୍ ଟେକ୍ନିସିଆନ, ବରିଷ୍ଠ ଲାବୋରେଟୋରୀ ଟେକ୍ନିସିଆନ ଏବଂ ବୈଷୟିକ ପର୍ଯ୍ୟବେକ୍ଷକ ପଦବୀ ପୁନର୍ନାମିତ ହୋଇ ଯଥାକ୍ରମେ ମେଡିକାଲ ଲାବୋରେଟୋରୀ ଟେକ୍ନିସିଆନ (ଏମ୍‌ଏଲ୍‌ଟି), ବୈଷୟିକ ଅଧିକାରୀ (ସ୍ତର-୨) ଏବଂ ବୈଷୟିକ ଅଧିକାରୀ (ସ୍ତର-୧) କରାଯାଇଛି । ଲାବ୍ ଟେକ୍ନିସିଆନଙ୍କ ପାଇଁ ଏମ୍‌ଏଲ୍‌ଟିରେ ସ୍ନାତକ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ଆବେଦନ କରିପାରିବେ ।

ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆଗତ ପ୍ରସ୍ତାବକୁ ବିଚାର କରି ଓଡ଼ିଶା ରେଡିଓଗ୍ରାଫର ସେବା କ୍ୟାଡର୍ ପୁନର୍ଗଠନ ଏବଂ ଓଡ଼ିଶା ରେଡିଓଗ୍ରାଫର ସେବା ଚୟନ ପ୍ରକ୍ରିୟା ଓ ଚାକିରୀ ସର୍ତ୍ତାବଳୀ ୨୦୧୯ର ପୁନଃ ସଂଶୋଧନକୁ ମଧ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ ମିଳିଛି । ଫଳରେ ଏହି କ୍ୟାଡରରେ ୬୯୫ଟି ମୂଳ ପଦବୀରୁ ୪୦ଟି ପଦବୀ ଉଚ୍ଛେଦ କରାଯାଇ ୪୭୯ଟି ନୂତନ ପଦୋନ୍ନତିଭିତ୍ତିକ ପଦବୀରେ ବୃଦ୍ଧି କରାଯାଇଛି । ଯାହାଦ୍ୱାରା ସମୁଦାୟ ମଞ୍ଜୁରୀପ୍ରାପ୍ତ ପଦବୀ ସଂଖ୍ୟା ୧୧୬୦କୁ ବୃଦ୍ଧିପାଇଛି । ଏହି କ୍ରମରେ ବରିଷ୍ଠ ରେଡିଓଗ୍ରାଫର ସ୍ତର-୧, ବିକିରଣ ନିରାପତ୍ତା ଅଧିକାରୀ ଏବଂ ସହକାରୀ ନିର୍ଦ୍ଦେଶକ ପଦୋନ୍ନତି ଭିତ୍ତିକ ପଦବୀ ସୃଷ୍ଟି କରାଯାଇଛି । ସେହିପରି ରେଡିଓଗ୍ରାଫରଙ୍କ ପ୍ରତ୍ୟେକ୍ଷ ନିଯୁକ୍ତି ନିମନ୍ତେ ମେଡିକାଲ ରେଡିଏସନ୍ ଟେକ୍ନୋଲୋଜିରେ ସ୍ନାତକ ଯୋଗ୍ୟତା ଥିବା ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ । ବିଭିନ୍ନ ଉଚ୍ଚ ପଦବୀକୁ ପଦୋନ୍ନତି ନିମନ୍ତେ ନିମ୍ନ ପଦବୀରେ ପୂର୍ବରୁ ଥିବା ସର୍ବନିମ୍ନ ସମୟ ସୀମାକୁ ହ୍ରାସ କରାଯାଇଛି । ଏହି ସଂଶୋଧନ ଫଳରେ ବର୍ଷିକ ଅତିରିକ୍ତ ବ୍ୟୟଭାର ୩୩ କୋଟି ୫୧ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି ।

ସେହିପରି ଓଡ଼ିଶା ବହୁମୁଖୀ ପୁରୁଷ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ସେବା କ୍ୟାଡର୍ ପୁନର୍ଗଠନ ଓ ଚାକିରୀ ସର୍ତ୍ତାବଳୀ ୨୦୧୯ର ପୁନଃ ସଂଶୋଧନ କରାଯାଇ ବହୁମୂଖୀ ପୁରୁଷ ସ୍ୱାସ୍ଥ୍ୟକର୍ମୀ ସେବା କ୍ୟାଡରର ସମୁଦାୟ ପଦବୀ ସଂଖ୍ୟା ୬୫୩୮ରୁ ୧୨୩୪୧କୁ ବୃଦ୍ଧି କରାଯାଇଛି । ସେହିପରି ଆନୁପାତିକ ଭାବେ ପଦୋନ୍ନତି ଭିତ୍ତିକ ପଦବୀରେ ମଧ୍ୟ ବୃଦ୍ଧି କରାଯାଇଛି । ପୂର୍ବରୁ ଓଡ଼ିଶା ବହୁମୂଖୀ ସ୍ୱାସ୍ଥ୍ୟ କର୍ମୀ (ପୁରୁଷ) ସେବା (ନିଯୁକ୍ତି ପ୍ରଣାଳୀ ଏବଂ ସେବା ସର୍ତ୍ତ) ନିୟମ ୨୦୧୯ର ନିୟମ-୯ (ଜି)ରେ, ଓଡ଼ିଶା ବହୁମୂଖୀ ସ୍ୱାସ୍ଥ୍ୟକର୍ମୀ (ମହିଳା) ପଦବୀ ପାଇଁ ହେଉଥିବା ପ୍ରତ୍ୟେକ୍ଷ ନିଯୁକ୍ତି ପରୀକ୍ଷାରେ ଅଂଶଗ୍ରହଣ କରିବା ପାଇଁ ପ୍ରାର୍ଥୀଙ୍କୁ ଏକ ନିର୍ଦ୍ଦିଷ୍ଟ ଜିଲ୍ଲାର ଯେ କୌଣସି କର୍ମନିଯୋଜନ ସଂସ୍ଥାନ(ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ) ରେ ପଞ୍ଜୀକରଣ କରିବା ବାଧ୍ୟତାମୂଳକ ଥିଲା । ନିୟମ ପରିବର୍ତ୍ତନ ପରେ ଏହି ବ୍ୟବସ୍ଥା ଉଚ୍ଛେଦ ହୋଇଛି । କିନ୍ନର ମାନଙ୍କୁ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ (ପୁରୁଷ) ସ୍ତର-୨ ପଦବୀ ପୂରଣ ନିମନ୍ତେ ହେଉଥିବା ପ୍ରତ୍ୟେକ୍ଷ ନିଯୁକ୍ତି ପରୀକ୍ଷାରେ ଆବେଦନ କରିବାକୁ ଅନୁମତି ପ୍ରଦାନ କରାଯାଇଛି ।

## ସହର ହେଉଛି...

ସୁବିଧା ସୁନିଶ୍ଚିତ ହୋଇଛି । ରାଜ୍ୟରେ ବିଶ୍ୱସ୍ତରୀୟର ଜନସ୍ୱାସ୍ଥ୍ୟ ବ୍ୟବସ୍ଥାର ବିକାଶରେ ଏହା ଏକ ବଡ଼ ପଦକ୍ଷେପ ବୋଲି କହିବା ସହ ଭଲ ପିଇବା ପାଣି ୫୦ ପ୍ରତିଶତ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ କରିଥାଏ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାନ୍ଧିଜୀଙ୍କ ଭାଷାରେ ଏହା ସ୍ୱାଧୀନତାଠାରୁ ମଧ୍ୟ ଅଧିକ ଜରୁରୀ । ୪ ହଜାର କୋଟି ଟଙ୍କା ବ୍ୟୟରେ ଜାଇକା ସହାୟତାରେ କଟକ ଓ ଭୁବନେଶ୍ୱର ପାଇଁ 'ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ' ଉତ୍ସର୍ଗ କରି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିଛନ୍ତି । ଏହା ଦ୍ୱାରା ଭୁବନେଶ୍ୱର ଓ କଟକ ସହରରେ ହୋଇଥିବା ଭୂତଳ ସ୍ୱେରେଜ ବ୍ୟବସ୍ଥା, ନୂଆ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଓ ବିକଶିତ ଡ୍ରେନେଜ ବ୍ୟବସ୍ଥଗୁଡ଼ିକ ଆମ ସହରର ପରିଚୟକୁ ଆହୁରି ଉଜ୍ଜ୍ୱଳ କରିବ ବୋଲି ସେ କହିଥିଲେ । ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଝାରସୁଗୁଡା, ବ୍ରଜରାଜନଗର ଓ ବେଲପାହାଡ଼ ସହର ସହିତ ଅନେକ ସହରରେ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଗଲା । ଏହା ମାଧ୍ୟମରେ ୨.୬୫ ଲକ୍ଷ ବାସିନ୍ଦା ଉପକୃତ ହେବେ । ଏଥି ସହିତ ଉନ୍ନତି ଓ ମୁକ୍ତା ଯୋଜନାରେ ବିଭିନ୍ନ ସହରରେ ୩୬୯୯ଟି ନୂଆ ପେଭର ରାସ୍ତା ଏବଂ ୬୯୬୧ଟି ସହରାଞ୍ଚଳବାସୀଙ୍କ ସୁବିଧା ଉପଯୋଗୀ ଭିତ୍ତିଭୂମୀ ଉତ୍ସର୍ଗ କରାଯାଇଛି । ମୁକ୍ତା ଯୋଜନାର କାର୍ଯ୍ୟକାରିତା ଉପରେ ଆନନ୍ଦ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ମୁକ୍ତା ଯୋଜନାରେ ସବୁକାମ ମା' ମାନଙ୍କ ଦ୍ୱାରା କରାଯାଉଛି ଏବଂ ଭଲ ଭାବରେ ମା' ମାନେ ଏହିସବୁ କାମ ତୁଲାଉଛନ୍ତି ।

ଏହାସହିତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ୪ଟି ସହର ଯଥା କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାର ୨୧,୪୨୭ ବସ୍ତି ବାସିନ୍ଦା ପରିବାରକୁ ଭୂମି ଅଧିକାର ପ୍ରମାଣ ପତ୍ର ଦିଆଯାଇଛି । ଏଥି ସହିତ ରାଜ୍ୟର ୨୬ଟି ସହରରେ ୬୨୬ଟି ବିଜୁ ଆଦର୍ଶ କଲୋନୀ ଲୋକାର୍ପିତ ହେବା ଯୋଗୁଁ ୨ ଲକ୍ଷ ପରିବାର ଉପକୃତ ହୋଇଛନ୍ତି ଏବଂ ୨୬ଟି ସହର ବସ୍ତିମୁକ୍ତ ହୋଇଛି । ଏହି ପ୍ରକଳ୍ପଗୁଡ଼ିକ ଉଦ୍‌ଘାଟନ ସହ ମୁଖ୍ୟମନ୍ତ୍ରୀ ରାଜ୍ୟର ୨୪ଟି ସହରରେ ୧୧୬୪ କୋଟି ଟଙ୍କା ମୂଲ୍ୟର ୨୭ଟି ଜଳଯୋଗାଣ ପ୍ରକଳ୍ପ ପାଇଁ ଭିତ୍ତି ରଖିଛନ୍ତି ।

କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଯୋଗଦେଇ ଆଜି ସୁଦ୍ଧା ୨ ଲକ୍ଷ ୩୫ ହଜାର ପରିବାରକୁ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି ବୋଲି କହିଛନ୍ତି । ୧୬୩୬ଟି ବସ୍ତିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି । କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜି ମାଥି ଭାଥନନ୍ ସ୍ୱାଗତ ଭାଷଣ ଦେବା ସହ ପୌର ପ୍ରଶାସନ ନିର୍ଦ୍ଦେଶକ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨୦୦୦ ଗ୍ରାମ ପଞ୍ଚାୟତରେ...

ଅନ୍ତର୍ଭୁକ୍ତିକରଣରେ ସାମିଲ କରିବା ଆମର ମୁଖ୍ୟ ଦାୟିତ୍ୱ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟର ୬୭୯୮ଟି ଗ୍ରାମ ପଞ୍ଚାୟତ ମଧ୍ୟରୁ ୪୩୭୩ଟି ପଞ୍ଚାୟତରେ ବ୍ୟାଙ୍କ ଶାଖା ନ ଥିଲା । ୨୦୨୩ ନଭେମ୍ବର ମାସରେ ପ୍ରଥମ ପର୍ଯ୍ୟାୟରେ ୭୫୦ ଟି "ଆମ ବ୍ୟାଙ୍କ' ଖୋଲିଥିଲା । ପର୍ଯ୍ୟାୟକ୍ରମେ ରାଜ୍ୟର ଅବଶିଷ୍ଟ ସମସ୍ତ ପଞ୍ଚାୟତରେ "ଆମ ବ୍ୟାଙ୍କ' ସୁବିଧା ଯୋଗାଇ ଦେବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି । ଓଡ଼ିଶାରେ ବ୍ୟାଙ୍କ ନ ଥିବା ଗ୍ରାମ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ଯୋଗାଇ ଦିଆଯାଉଥିବାରୁ ଏହା ଜାତୀୟସ୍ତରରେ ଉଦାହରଣ ପାଲଟିଛି । ମଧୁବାବୁ ପେନସନ ଯୋଜନା, ମମତା ଯୋଜନା, ବୁଣାକାର ଓ କଳାକାରମାନଙ୍କ ପେନସନ ଓ ସହାୟତା ନିକଟରେ ବୃଦ୍ଧି କରାଯାଇଛି । ଏମାନଙ୍କ ସହିତ ମିଶନ ଶକ୍ତି ମା' ମାନେ ମଧ୍ୟ ଏହି ବ୍ୟାଙ୍କ ଜରିଆରେ ସୁବିଧା ପାଇବେ । "ଆମ ବ୍ୟାଙ୍କ' ବରିଷ୍ଠ ନାଗରିକ, ଗର୍ଭବତୀ ମହିଳା ଓ ଶାରିରୀକ ଅକ୍ଷମମାନଙ୍କୁ ସେମାନଙ୍କ ଘର ପାଖରେ ସେବା ଯୋଗାଇଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଶେଷରେ ରାଜ୍ୟ ସରକାରଙ୍କ ଏହି ବ୍ୟାଙ୍କ ଖୋଲିବାରେ ସହାୟତା କରିଥିବା ୬ଟି ରାଷ୍ଟ୍ରାୟତ ବ୍ୟାଙ୍କକୁ ଧନ୍ୟବାଦ ଜଣାଇ ସମାଜର ସବୁଠାରୁ ତଳସ୍ତରରେ ରହୁଥିବା ଲୋକ ଯେମିତି ସୁବିଧାରେ ବ୍ୟାଙ୍କ ସେବା ପାଇବ ସେଥିପାଇଁ ସେମାନଙ୍କର ଉଦ୍ୟମ ଅବ୍ୟାହତ ରଖିବା ପାଇଁ ଅନୁରୋଧ କରିଛନ୍ତି ମୁଖ୍ୟମନ୍ତ୍ରୀ ।

କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଓଡ଼ିଶାର ସମସ୍ତ କ୍ଷେତ୍ରରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି । ପୂର୍ବରୁ ରାଜ୍ୟରେ ବ୍ୟାଙ୍କଗୁଡିକ ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ ଥିଲା । ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ବ୍ୟାଙ୍କିଙ୍ଗ ଏକ ଜରୁରୀ ସେବା ହୋଇଥିବାରୁ ରାଜ୍ୟର ସମସ୍ତ ଅଞ୍ଚଳର ନାଗରିକମାନଙ୍କୁ ଏହି ମୌଳିକ ସେବା ଉପଲବ୍ଧ କରାଇବା ପାଇଁ ମୁଖ୍ୟମନ୍ତ୍ରୀ "ଆମ ବ୍ୟାଙ୍କ' ଯୋଜନା ପରିକଳ୍ପନା କରିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଉନ୍ନୟନ କମିଶନର ଅନୁ ଗର୍ଗ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ମନୋଜ ମିଶ୍ର, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ସିଜିଏମ୍ ଉପସ୍ଥିତ ଥିଲେ ।

# ଶଙ୍ଖ ଧରିଲେ କଳାହାଣ୍ଡି ଆମ୍ ଆଦମୀ ପାର୍ଟି ସଭାପତି



**ଭୁବନେଶ୍ୱର, ୨୯।୨(ସମିସ):** କଳାହାଣ୍ଡି ଜିଲ୍ଲା ଆମ୍ ଆଦମୀ ପାର୍ଟି (ଆପ୍)ର ସଭାପତି, ସାଧାରଣ ସମ୍ପାଦକ, ବିଜେପି ଜୋନ୍ ସଭାପତି ଓ ବହୁ ପଞ୍ଚାୟତ ପ୍ରତିନିଧି ସହ ଶତାଧିକ ବିଜେପି, କଂଗ୍ରେସ ଏବଂ ଆମ୍ ଆଦମୀ କର୍ମୀ ଆଜି ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ଗୁରୁବାର ଶଙ୍ଖ ଭବନରେ ଆୟୋଜିତ ମିଶ୍ରଣ ସଭାରେ ଧର୍ମଶାଳା ବିଧାୟକ ତଥା କଳାହାଣ୍ଡି ପର୍ଯ୍ୟବେକ୍ଷକ ପ୍ରଣବ ବଳବନ୍ତରାୟ, ପୂର୍ବତନ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପୁଷ୍ପେନ୍ଦ୍ର ସିଂହଦେଓ, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ ଓ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ବଦ୍ରୀ ନାରାୟଣ ପଟ୍ଟନାୟକ ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଆମ୍ ଆଦମୀ ନେତା ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ହେଉଛନ୍ତି ସର୍ବମାନ୍ୟ ନେତା । ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଛୁ । ଦଳ ଆଗକୁ ଯାହା ଦାୟିତ୍ୱ ଦେବ ତାକୁ ସୂଚାରୁ ରୂପେ ତୁଲାଇବୁ । ଏହି ମିଶ୍ରଣ ପର୍ବରେ କଳାହାଣ୍ଡି ଜିଲ୍ଲା ଆମ ଆଦମୀ ପାର୍ଟିର ସଭାପତି ବିଘ୍ନରାଜ ପଣ୍ଡା, ଜୋନ-୨ ବିଜେପି ସଭାପତି ତଥା ସରପଞ୍ଚ ବୈଦ୍ୟନାଥ ଠାକୁର, ଜୟପାଟଣା ବ୍ଲକ କଂଗ୍ରେସ ସାଧାରଣ ସମ୍ପାଦକ ଗୌରା ଚୌହାନ, ବିଜେପି ପୂର୍ବତନ ଯୁବ ବିଜେପି ସଭାପତି ଅନିଲ କୁମାର ସାହୁ, ଜୟପାଟଣା ବ୍ଲକର ପୂର୍ବତନ ବିଜେପି ଯୁବ ସାଧାରଣ ସମ୍ପାଦକ ଦିବ୍ୟାନନ୍ଦ ରାଉତରାୟ, ବିଜେପି ନେତା ସୁନିଲ ସାହୁ, ଶଙ୍କର ସେଠୀ, କରଣ ନାୟକ, ଦୀପକ ପଟ୍ଟନାୟକ, ଅନନ୍ତ ଦାସ, ସରୋଜ ଦାସ, ଚିତ୍ତ ସାହୁ, ହୃଷିକେଶ ଦାସ, ହେମନ୍ତ ଦାସ, ଅଜୟ କୁମାର ଦାସ, ସୌମ୍ୟରଞ୍ଜନ ପଟ୍ଟନାୟକ, ତ୍ରିନାଥ ସେଠୀ, ଆପ୍ ଦଳର ଗଣେଶ ବାଗ, ପ୍ରଦୀପ କୁମାର ନାଏକ, ରମାକାନ୍ତ ନାଏକ, ପ୍ରସନ୍ନ କୁମାର ସାହୁ, ଡମ୍ବରୁଧର ଦୁର୍ଗା, ମୂରଲୀଧର ନାଏକ, ଚିନ୍ତାମଣି କୁମାର, ବିଭୂଦତ୍ତ ମାଝୀ, ମନମୋହନ ନିଆଲ, କଂଗ୍ରେସର, ସୁରେଶ ଦାଣ୍ଡି, ଟୁନିଭଟୀ, ଜୟନ୍ତ ଦୁର୍ଗା, ସୁକାନ୍ତ ବେମଲ, ପଦ୍ମିନୀ ବେମଲଙ୍କ ସହ ଶତାଧିକ ବିଜେପି, କଂଗ୍ରେସ ଓ ଆପ୍ ଦଳର କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ । ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

# ଧାର୍ଯ୍ୟ ସମୟରେ ସରିବ ନାଟମଣ୍ଡପ ମରାମତି

**ପୁରୀ, ୨୯ ।୨(ସମିସ):** ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ଗୁରୁବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିବା ବେଳେ ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ଲେଜର ସ୍କାନିଂ ରିପୋର୍ଟ ଉପସ୍ଥାପନ କରାଯାଇଛି । ଏଥିସହ ନାଟମଣ୍ଡପ ମରାମତି ସଂକ୍ରାନ୍ତରେ ଏଏସ୍‌ଆଇ ପକ୍ଷରୁ ସବିଶେଷ ସୂଚନା ପ୍ରଦାନ କରାଯାଇଥିବା ବେଳେ ଧାର୍ଯ୍ୟ ସମୟ ମଧ୍ୟ କାମ ଶେଷ ହେବ ବୋଲି ପରିଚାଳନା କମିଟି ଆଶା ପ୍ରକଟ କରିଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରତ୍ନଭଣ୍ଡାରର ମୂଲ୍ୟବାନ ବସ୍ତୁ ଓ ଅଳଙ୍କାର ତାଲିକାର ତଦାରଖ ପାଇଁ ୧୨ଜଣିଆ କମିଟି ଗଠନକୁ ସ୍ୱାଗତ କରାଯାଇଛି ।

ବୈଠକ ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା କହିଥିଲେ ଯେ ପୂର୍ବରୁ ଅନୁଷ୍ଠିତ ପରିଚାଳନା କମିଟି ଓ ନୀତି ସବ୍-କମିଟି ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯାଇଛି । 'ଅବଢ଼ା' ଯୋଜନାରେ ପୁରୀରେ ଯେଉଁସବୁ କାମ ଚାଲିଛି ଯେପରି କି ପ୍ରମୋଦ ଉଦ୍ୟାନ, ଜଗନ୍ନାଥ ବଲ୍ଲଭ ପିଲିଗ୍ରୀମ ସେଣ୍ଟର, ଗୁରୁକୁଳ, ଅଭ୍ୟର୍ଥନା କେନ୍ଦ୍ର, ଶ୍ରୀମାର୍ଗ ଏହିସବୁ ପ୍ରକଳ୍ପ ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଛି । ସେହିପରି ଏଏସ୍‌ଆଇ ପକ୍ଷରୁ ନାଟମଣ୍ଡପ ମରାମତି ଚାଲିଛି । ଏଥିରେ ସେବାୟତମାନେ ସମ୍ପୂର୍ଣ୍ଣ ଭାବେ ସହଯୋଗ କରୁଛନ୍ତି । ଏଥିପାଇଁ ଯେଉଁ ନୀତି ନିର୍ଘଣ୍ଟ କରାଯାଇଥିଲା, ସେହି ଅନୁସାରେ ଠାକୁରଙ୍କ ନୀତିକାନ୍ତି ଚାଲିଛି । ତେଣୁ ସମସ୍ତ ସଦସ୍ୟ ଏଥିଲାଗି ସେବାୟତମାନଙ୍କୁ ଧନ୍ୟବାଦ ଦେଇଥିଲେ ।

ଗତ ନଭେମ୍ବର ୧୭ରୁ ଏଏସ୍‌ଆଇ ପକ୍ଷରୁ ନାଟମଣ୍ଡପ ସଂରକ୍ଷଣ ଓ ମରାମତି କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା । ସମସ୍ତଙ୍କ ସହଯୋଗରେ ଷ୍ଟେନ୍‌ଲେସ ଷ୍ଟିଲ ବିମ୍ ଲଗାଯିବା ପାଇଁ ଗତ ୨୩ତାରିଖରୁ କାମ ଆରମ୍ଭ କରାଯାଇଛି । ଏହା ଧାର୍ଯ୍ୟ ମାର୍ଚ୍ଚ ୧୯ ତାରିଖ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରହିଛି । ସେହିପରି ଏଏସ୍‌ଆଇ ପକ୍ଷରୁ ରତ୍ନଭଣ୍ଡାର ବାହାରପାର୍ଶ୍ୱ କାନ୍ଥର ଲେଜର ସ୍କାନିଂ ରିପୋର୍ଟ ବୈଠକରେ ଉପସ୍ଥାପିତ ହୋଇଛି । ରିପୋର୍ଟରେ ଥିବା ଫାଟ ନେଇ କିଛି ସ୍ପଷ୍ଟ ଜଣାପଡ଼ିନାହିଁ । ଏହି ଫାଟ କାନ୍ଥରେ କି ଲାଇମ୍ ପ୍ଲାଷ୍ଟରରେ ତାହା ସ୍ପଷ୍ଟ ହୋଇନି । ତେଣୁ ଶ୍ରୀମନ୍ଦିର ବୈଷୟିକ କମିଟିରେ ଏହାର ତର୍ଜମା କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ସ୍ଥିର ହୋଇଛି । ଏ ସମ୍ପର୍କରେ ମୁଖ୍ୟ ପ୍ରଶାସକ ଶ୍ରୀ ବର୍ମା କହିଛନ୍ତି, ରତ୍ନଭଣ୍ଡାର ଲେଜର ସ୍କାନିଂ କରିଥିଲା ଏଏସ୍‌ଆଇ । ତା'ର ପ୍ରାଥମିକ ରିପୋର୍ଟ ପରିଚାଳନା କମିଟିରେ ଉପସ୍ଥାପନ କରିଛି ଏଏସ୍‌ଆଇ । ଟେକ୍ନିକାଲ ସବ୍-କମିଟି ଏହି ରିପୋର୍ଟର ତର୍ଜମା କରିବ । ଏହି ସବ୍-କମିଟିରେ ଏଏସ୍‌ଆଇ, ଇଞ୍ଜିନିୟର, ପରିଚାଳନା କମିଟିରେ ଥିବା ଦୁଇଜଣ ସେବାୟତ ପ୍ରତିନିଧି ସଦସ୍ୟ ରହିଛନ୍ତି । ସେମାନେ ତର୍ଜମା କରି ଆସନ୍ତା ପରିଚାଳନା କମିଟି ବୈଠକରେ ତାଙ୍କର ରିପୋର୍ଟ ଉପସ୍ଥାପନ କରିବେ । ସେହିପରି ଶ୍ରୀମନ୍ଦିର, ମେଘନାଦ ପାଚେରୀ, କୁର୍ମ ବେଢ଼ାରେ ଆଲୋକୀକରଣ ନେଇ ଆଲୋଚନା କରାଯାଇଛି । ଏଥିପାଇଁ ଏଏସ୍‌ଆଇର ବଜେଟ୍‌ରେ ଅର୍ଥ ବ୍ୟୟବରାଦ ହୋଇ କାର୍ଯ୍ୟାଦେଶ ଦିଆଯାଇଛି । ସେ କାମ ଯଥାଶୀଘ୍ର ଆରମ୍ଭ କରି ଶେଷ କରିବା ନିମନ୍ତେ ବୈଠକରେ ନିଷ୍ପତ୍ତି ନିଆଯାଇଛି ।

MARUTI SUZUKI ARENA
URGENT RECRUITMENT
1 General Manager - Service
Minimum 2 years experience of Maruti Service
2 Bodyshop Manager
Minimum 2 years experience of Maruti Service
3 Service Advisor
Freshers also can apply
Qualification - B.Tech Mechanical
Salary - Negotiable
LEGEND CARS PVT. LTD. (Auth. Maruti Suzuki Dealer)
Jyothi Mill Campus, Souraguda, Jeypore -764001
Contact :9692883050

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.
Ph.: 9437015112

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ନଂ.55-KUR-TRD-OT-2023-24
କାର୍ଯ୍ୟର ନାମ: ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅଧୀନରେ ମିଶନ 3000 MT ସମ୍ବନ୍ଧୀୟ କଜପୁରା-କଟକ-ପାରାଦ୍ୱୀପ ସେକ୍ସନରେ 16 ଗୋଟି ମେଜର (Major) ପୋଲ (BGML ଏବଂ RBG)ର ଗର୍ଡରଗୁଡ଼ିକର ପ୍ରସ୍ତାବିତ ସ୍ଥାନାନ୍ତରଣ ସମ୍ବନ୍ଧୀୟ OHE ରୂପାନ୍ତରଣ ।
ବିଜ୍ଞାପିତ ମୂଲ୍ୟ(₹): 46,18,304.22, EMD (₹): 92,400/-, ଶେଷ ହେବା ଅବଧି : 180 ଦିନ ।
ବିଡ୍ ଆରମ୍ଭ ହେବା ତାରିଖ: ତା.01.03.2024ରିଖ,
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.15.03.2024 ରିଖ 1300 ଘଟିକାରେ ।
ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ଅଫରକୁ ଗ୍ରହଣ କରାଯିବ ନାହିଁ ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ୍
PR-1133/O/23-24

AFFIDAVIT
I, Bharat Kumar Dattani, S/o- Late Laxmidas Dattani, resident of At- Station Road, Barbil, Dist-Keonjhar, Pin-758035, Odisha declare by this affidavit No.384, dated- 28/02/2024, that now onwards I shall be known as BHARAT KUMAR THACKER for all future purposes.

AFFIDAVIT
I, Bina Manik, D/o- Lalitachandra Manik resident of At- Mrinal Colony, Barbil, Dist-Keonjhar, Pin-758035, Odisha declare by this affidavit No.383, dated- 28/02/2024, that now onwards I shall be known as BINA THACKER for all future purposes.

AFFIDAVIT
I, Korma Rao, S/o- Kotakotta Rama Murty, resident of At/Po/Ps- Rambha, Dist-Ganjam, Pin-761028, Odisha declare by this affidavit No.385, dated- 28/02/2024, that now onwards I shall be known as KOTAKOTTA KURMA RAO for all future purposes.

AFFIDAVIT
I, Sushmita Tiwari, W/o-Birendra Tiwari, resident of At-Vedanta Township, Dist-Jharsuguda, Pin-768201, Odisha declare by this affidavit No.15, dated- 28/02/2024, that now onwards I shall be known as SASMITA TIWARI for all future purposes.

ZILLA PARISHAD : MAYURBHANJ
BARIPADA - 757001: ODISHA
CAD-4404
Adv. No. 1971/ZP, date 27.02.2024
Advertisement for engagement of Aspirational Block Fellow in 2 Blocks of Mayurbhanj District.
Last date of receipt of Bio-Data form
(By Registered post / Speed post only) is 06.03.2024 at 5.00 PM
Applications are invited from eligible candidates for engagement as Aspirational Block Fellow in 2 Blocks of Mayurbhanj District for a period of one year with stipend of Rs.55,000/-. The detail of eligibility criteria, age limit, consolidated stipend etc. are available in the District Website.
CDO-cum-EO,
ZP, Mayurbhanj
OIPR-19232/11/0018/2324

GOVERNEMENT OF ODISHA
B-1861
OFFICE OF THE CHIEF CONSTRUCTION ENGINEER, SOUTHERN (R&B) CIRCLE, BERHAMPUR
Phone : 0680-2281582, e-mail : ccescbam@gmail.com
INVITATIONS FOR BIDS (IFB) [e-Procurement]
Bid Identification No. CCE, S.C (R&B)-BAM-30/2023-24 No. 579 // Dated : 19.02.2024
1) The Chief Construction Engineer, Southern (R&B) Circle, Berhampur on behalf of Governor of Odisha invites percentage rate bid in double cover system in ONLINE MODE from eligible contractors for construction of Building works as detailed in the table below.
2) Nature of work : Building Works
3) No. of work : 3 Nos.
4) Tender Cost : Rs.10,000/- (online)
5) Class of Contractor : "B" Class ,"A" Class and "Special" Class
6) Availability of Bid document in the website : From 01.03.2024 10.00 AM to 15.03.2024 5.30 PM
7) Date of Opening of Bid : 16.03.2024 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersodisha.gov.in.
9) Any addendum / corrigendum / cancellation of tender can also be seen in the said website only.
Sd/-(D.C.Behera)
Chief Engineer,
Southern (R&B) Circle, Berhampur
OIPR-34103/11/0034/2324

JEYPORE MUNICIPALITY, JEYPORE
Letter No. 964/JM Date 28.02.2024
Corrigendum: - Cancellation of tender
To Whom It May Concern
This corrigendum is issued to notify all concerned parties that the following work published for tender under notice No.766 dated February 20, 2024, is hereby canceled:

| Work Sl No. in the notice | Name of the Work | Estimated Cost |
|---|---|---|
| 45 | Construction of paver block at Town Hall right side ward No.10. | 14,20,866.00 |
| 46 | Construction of paver block at Town Hall front portion ward No.10. | 10,14,904.00 |

All the other terms and condition remains unchanged.
Executive Officer,
Jeypore Municipality
OIPR-13079/11/0080/2324 C-3283

ODISHA STATE MEDICAL CORPORATION LTD.
CAD-4396
(A Govt. of Odisha Undertaking)
(Assuring Quality, Saving lives)
Phone No. : (0674) 2380600, Website: www.osmcl.nic.in, E-mail: rec.osmcl@nic.in
No. OSMCL-HRADM-MISC-0015-2024 /03/OSMCL Date: 28.02.2024
WALK-IN-INTERVIEW
Walk in interview will be conducted as scheduled below for engagement of following contractual positions in Odisha State Medical Corporation Ltd. with fixed consolidated monthly remuneration. The aforesaid position is purely temporary.

| Name of the post | No of the Post | Remuneration (Monthly) | Date & Time of Registration /Interview |
|---|---|---|---|
| Short-term Consultant (Finance Division) | 3 nos. | 44900/- (Consolidated) | 07.03.2024, 10:30 AM |
| Short-term Consultant (D&S Division) | 1 no. | 44900/- (Consolidated) | 12.03.2024, 10:30 AM |

Interested candidates can log on www.osmcl.nic.in , for details eligibility criteria, ToR, etc. Candidates fulfilling the eligibility criteria may appear for registration followed by interview on the date as mentioned against the above position along with the filled application form & requisite documents. Registration time is fixed as mentioned above. No application will be received after scheduled date & timing of registration.
VENUE: Odisha State Medical Corporation Ltd, Unit-3, Convent Square, Bhubaneswar-751001, Odisha.
Managing Director
Odisha State Medical Corporation Ltd
OIPR-10112/11/0045/2324

email: serwsbd2003@yahoo.com
GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, SUNABEDA
O-2698
e- Procurement Notice for Bridge works
1 Name of the work : Construction of Roads & Bridges - (6 Nos)
3 Class of contractor : "A" & Special Class of (Odisha PWD) or relevant class of other licensing authority.
3 Estimated Cost : Varies from Rs.477.80 Lakhs to Rs.1277.62 Lakhs (Approximately)
4 Details projects as per Annexure attached. :

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bids |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sunabeda | CCERWCSBD – Online – 67/2023-24 | 04.03.2024 at 11.00 A.M. | 18.03.2024 up to 5.00 P.M. | 16.03.2024 up to 2.00 P.M. | 19.03.2024 at 11.00 A.M. | To be intimated separately |

5. The details of works can be seen from the web site https://www.tendersodisha.gov.in
6. Any Corrigendum/Addendum will be displayed in the above e-tender web site.
Chief Engineer,
Rural Works Circle, Sunabeda.
OIPR-25182/11/0071/2324




## ସନ୍ଦେଶଖାଲି ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

# ୧୦ ଦିନିଆ ରିମାଣ୍ଡରେ ଶାହାଜାହାନ

କୋଲକାତା,୨୯।୨(ଏଜେନ୍ସି):



ପଶ୍ଚିମବଙ୍ଗ ସନ୍ଦେଶଖାଲି ମହିଳା ନିର୍ଯାତନା ଏବଂ ଜମି ଜବରଦଖଲ ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ଟିଏମସି ନେତା ଶେଖ ଶାହାଜାହାନଙ୍କୁ ପୁଲିସ ଗୁରୁବାର ପ୍ରତ୍ୟୁଷରେ ଗିରଫ କରିଛି। ୨୪ ପ୍ରଗଣା ଜିଲ୍ଲା ମିନାଖାନ ଗ୍ରାମର ଏକ ଘରୁ ତାଙ୍କୁ ଗିରଫ କରାଯାଇଛି ବୋଲି ଏଡିଜି ସୁପ୍ରତିମ ସରକାର ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି। ଶାହାଜାହାନଙ୍କୁ ଗିରଫ କରାଯିବା ପରେ ପୁଲିସ ତାଙ୍କୁ ୧୦ ଦିନିଆ ରିମାଣ୍ଡରେ ନେଇଛି। ଇଡି ଅଧିକାରୀଙ୍କ ଉପରେ ଆକ୍ରମଣ ହେବା ଘଟଣାରେ ତାଙ୍କୁ ଗିରଫ କରାଯାଇଥିବା ପଶ୍ଚିମବଙ୍ଗ ପୁଲିସ କହିଥିବା ବେଳେ ଅଧିକ ପଚରାଉଚରା ପାଇଁ ତାଙ୍କୁ ରିମାଣ୍ଡରେ ନିଆଯାଇଛି ବୋଲି କହିଛି। ଶାହଜାହାନଙ୍କୁ ଗିରଫ କରାଯିବା ପରେ ବସିରହାଟ୍ କୋର୍ଟରେ ହାଜର କରି ପୁଲିସ ୧୪ ଦିନିଆ ରିମାଣ୍ଡ ପାଇଁ ଆବେଦନ କରିଥିଲା। ମାତ୍ର କୋର୍ଟ ୧୦ ଦିନିଆ ରିମାଣ୍ଡ ପାଇଁ ଅନୁମତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୪ ପ୍ରଗଣା ଜିଲ୍ଲା ସନ୍ଦେଶଖାଲି ଗ୍ରାମର ମହିଳାମାନେ ଶାହାଜାହାନ ବିରୋଧରେ ଯୌନ ଶୋଷଣ ସହିତ ସେଠାକାର ନିରୀହ ଲୋକଙ୍କ ଜମି ଜୋର ଜବରଦସ୍ତି ହଡପ କରିଥିବା ଅଭିଯୋଗ ଆଣିବା ପରେ ବିଭିନ୍ନ ମହଲରେ ଉଦବେଗ ପ୍ରକାଶ ପାଇଥିଲା। ଏହାବ୍ୟତୀତ ସନ୍ଦେଶଖାଲିରେ ଇଡି ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ମଧ୍ୟ ଶାହାଜାହାନ ଜଡ଼ିତ ଥିବା କୁହାଯାଇଥିଲା। ଏହି ଘଟଣା ପରେ ଶାହାଜାହାନ ଫେରାର ହୋଇଯାଇଥିବା ପଶ୍ଚିମବଙ୍ଗ ପୁଲିସ କହି ଆସୁଥିଲା। ହେଲେ ସନ୍ଦେଶଖାଲି ଘଟଣାକୁ ନେଇ କୋଲକାତା ହାଇକୋର୍ଟରେ ପିଟିସନ ଦାଏର ହେବା ପରେ ହାଇକୋର୍ଟ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ତୀବ୍ର ଭର୍ତ୍ସନା କରିଥିଲେ। ବିଶେଷକରି ପୁଲିସର ମାନସିକତାକୁ ନେଇ ହାଇକୋର୍ଟ ପ୍ରଶ୍ନ ଉଠାଇବା ସହିତ ଯଦି ରାଜ୍ୟ ପୁଲିସ ଶାହାଜାହାନଙ୍କୁ ଗିରଫ କରିବା ଅସମର୍ଥ ତେବେ ସିବିଆଇ କିମ୍ବା ଇଡି ତାଙ୍କୁ ଗିରଫ କରୁ ବୋଲି କହିଥିଲେ। ଏହାପରେ ଦୀର୍ଘ ୫୭ ଦିନ ପରେ ପଶ୍ଚିମବଙ୍ଗ ପୁଲିସ ଶାହାଜାହାନଙ୍କୁ ଗିରଫ କରିଛି। ଶେଖ ଶାହଜାହାନଙ୍କୁ ଗିରଫ କରାଯିବା ପରେ ତାଙ୍କୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରାଯାଇଛି।

### ଟିଏମ୍‌ସିରୁ ୬ ବର୍ଷ ପାଇଁ ନିଲମ୍ବିତ

### ଶାହାଜାହାନଙ୍କ ଓକିଲଙ୍କୁ ହାଇକୋର୍ଟଙ୍କ କଟାକ୍ଷ

### 'ଆମେ ଆପଣଙ୍କୁ ଅପେକ୍ଷା କରିଥିଲୁ'

ଶାହାଜାହାନ ଗିରଫ ହେବା ପରେ ଜାମିନ ପାଇଁ ତାଙ୍କ ଓକିଲ ହାଇକୋର୍ଟରେ ପହଞ୍ଚିଥିଲେ। ଓକିଲ ଜଣକ ଜାମିନ ଆବେଦନ କରିବା ପରେ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଟିଏସ ଶିବଗନାନମ ଓକିଲ ଜଣଙ୍କୁ କଟାକ୍ଷ କରିବା ସହିତ 'ଚମତ୍କାର, ଆପଣଙ୍କୁ ଆମେ ଅପେକ୍ଷା କରିଥିଲୁ' ବୋଲି କହିଥିଲେ। ମୁଖ୍ୟ ବିଚାରପତି ଶାହାଜାହାନର ଜାମିନ ଆବେଦନକୁ ଖାରଜ କରିଦେବା ସହିତ ଅଭିଯୁକ୍ତ ପ୍ରତି କୌଣସି ସମବେଦନା ପ୍ରକାଶ କରାନଯିବା ଉଚିତ ବୋଲି କହିଥିଲେ। ଶାହାଜାହାନ ବିରୋଧରେ ୪୩ଟି ମାମଲା ରହିଥିବାରୁ ଆଗାମୀ ୧୦ ବର୍ଷ ପାଇଁ ଆପଣଙ୍କୁ ପୁରା କର୍ମଠ ଏବଂ ବ୍ୟସ୍ତ ରହିବାକୁ ପଡ଼ିବ ବୋଲି ମୁଖ୍ୟବିଚାରପତି ଓକିଲ ଜଣଙ୍କୁ କହିଥିଲେ। ଇଡି ଅଧିକାରୀଙ୍କ ଉପରେ ହୋଇଥିବା ଆକ୍ରମଣ ଘଟଣାରେ ଶାହାଜାହାନଙ୍କ ବିରୋଧରେ ତଳ କୋର୍ଟରେ ୪ଟି ମାମଲା ରୁଜୁ ହୋଇଛି। ଆସନ୍ତା ୪ ତାରିଖରେ ହାଇକୋର୍ଟ ଶୁଣାଣି କରିବେ ବୋଲି କହିଥିଲେ।

## କେନ୍ଦ୍ରୀୟ ଏଜେନ୍ସି ହେପାଜତକୁ ନ ଗଲେ ଲୋକଙ୍କୁ ନ୍ୟାୟ ମିଳିବନି: ଶୁଭେନ୍ଦୁ



ସନ୍ଦେଶଖାଲି ଘଟଣାର ମୁଖ୍ୟ ଅଭିଯୁକ୍ତ ଶାହାଜାହାନଙ୍କୁ ଗିରଫ କରାଯାଇଥିଲେ ହେଁ ଏହା ଗିରଫ ନୁହେଁ, ବରଂ ଆପୋଷ ବୁଝାମଣା ବୋଲି କହିଛନ୍ତି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ। ସେ କହିଛନ୍ତି ଯେ, ଶାହାଜାହାନଙ୍କୁ ଗିରଫ କରି ପୁଲିସ ଯେଭଳି କାର୍ରେ ନେଲା ତାହା ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ସ୍ପଷ୍ଟ କରିଛି। ତାଙ୍କୁ ଜେଲ ଭିତରେ ପଞ୍ଚ ତାରକା ହେଟେଲ ସୁବିଧା ମିଳିବ ଏହା ସମସ୍ତେ ଜାଣନ୍ତି। ଯେଉଁ ପର୍ଯ୍ୟନ୍ତ କୌଣସି କେନ୍ଦ୍ରୀୟ ଏଜେନ୍ସି ହେପାଜତକୁ ଶାହାଜାହାନ ନ ଯାଇଛି ସେ ପର୍ଯ୍ୟନ୍ତ ସନ୍ଦେଶଖାଲି ପୀଡ଼ିତାଙ୍କୁ ନ୍ୟାୟ ମିଳିପାରିବ ନାହିଁ ବୋଲି ଶଭେନ୍ଦୁ କହିଛନ୍ତି।

## ୧୦୦ କ୍ଷମତାଶାଳୀ ବ୍ୟକ୍ତି ତାଲିକାର ପ୍ରଥମ ସ୍ଥାନରେ ମୋଦୀ



ନୂଆଦିଲ୍ଲୀ,୨୯ ।୨(ଏଜେନ୍ସି): ଇଣ୍ଡିଆନ୍ ଏକ୍ସପ୍ରେସ ଖବରକାଗଜ ପକ୍ଷରୁ ଦେଶର ୧୦୦ ଅତ୍ୟନ୍ତ କ୍ଷମତାଶାଳୀ ବ୍ୟକ୍ତିଙ୍କ ତାଲିକା-୨୦୨୪ ପ୍ରକାଶିତ ହୋଇଛି। ସ୍ୱାଭାବିକ ଭାବେ ଏହି ତାଲିକାରେ ସର୍ବାଗ୍ରେ ଅଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଦ୍ୱିତୀୟ ସ୍ଥାନ ପାଇଛନ୍ତି କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ତୃତୀୟ ସ୍ଥାନରେ ଆରଏସଏସ ମୁଖ୍ୟ ମୋହନ ଭାଗବତ, ଚତୁର୍ଥରେ ଅଛନ୍ତି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼, ପଞ୍ଚମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର, ଷଷ୍ଠରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ସପ୍ତମରେ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଅଷ୍ଟମ ସ୍ଥାନରେ ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମନ୍ , ନବମରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଓ ଦଶମ ସ୍ଥାନରେ ଅଛନ୍ତି.ଆଦାନୀ କମ୍ପାନୀ ସମୁହର ମୁଖ୍ୟ ଗୌତମ ଆଦାନୀ। ଏହି ତାଲିକାରେ ରିଲାଏନ୍ସ କମ୍ପାନୀ ଅଧ୍ୟକ୍ଷ ମୁକେଶ ଅମ୍ବାନୀ ୧୧ତମ ସ୍ଥାନରେ ରହିଥିବା ବେଳେ ରାହୁଲ ଗାନ୍ଧୀ ଅଛନ୍ତି ୧୬ତମ ସ୍ଥାନରେ ଓ ଆମ୍ ଆଦମୀ ପାର୍ଟି ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ପାଇଛନ୍ତି ୧୮ ତମ ସ୍ଥାନ।

## ଭାରତବିରୋଧୀ ଅପପ୍ରଚାର ପାଇଁ ବିତାଶାଙ୍କୁ ତଡ଼ିଛୁ: ଏମ୍‌ଇଏ

ନୂଆଦିଲ୍ଲୀ,୨୯ ।୨(ଏଜେନ୍ସି): ଇଂଲଣ୍ଡର ଲେଖିକା ପ୍ରଫେସର ନିତାଶା କାଉଲଙ୍କୁ ଭାରତକୁ ପ୍ରବେଶାନୁମତି ନ ଦେଇ ବିମାନବନ୍ଦରରେ ଅଟକ ରଖାଯିବା ପରେ ତାଙ୍କୁ ସ୍ୱଦେଶ ଫେରିଯିବାକୁ ବାଧ କରି ଭାରତ ସରକାର କିଛି ଭୁଲ କରିନାହାନ୍ତି ବୋଲି ଆଜି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ(ଏମଇଏ) ର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ସେ ସ୍ପଷ୍ଟ କରିଦେଇଛନ୍ତି ଯେ କେଉଁ ବିଦେଶୀ ନାଗରିକଙ୍କୁ ଦେଶକୁ ପ୍ରବେଶାନୁମତି ଦିଆଯିବ କାହାକୁ ଦିଆଯିବ ନାହିଁ ସେ ନିଷ୍ପତ୍ତି ନେବା ସରକାରଙ୍କ ସାର୍ବଭୌମ୍ୟ ଅଧିକାରଭୁକ୍ତ। ଅତୀତରେ ନିତାଶା ଗଣମାଧ୍ୟମରେ ଆରଏସଏସ ଓ ବିଜେପି ନେତାଙ୍କ ବିରୋଧରେ ଲେଖାମାନ ପ୍ରକାଶ କରିଛନ୍ତି। ତେଣୁ ବିଜେପି କାର୍ଯ୍ୟକର୍ତ୍ତାମାନଙ୍କ ଅଭିଯୋଗ ହେଲା, କଶ୍ମୀର ମୂଳର ନିତାଶା ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀଙ୍କ ପ୍ରତି ନରମ ଆଭିମୁଖ୍ୟ ରଖନ୍ତି, ଏପରିକି ଏକପ୍ରକାର ସମର୍ଥନ ଦିଅନ୍ତି। ସେ ଅନବରତ ଭାରତବିରୋଧୀ ଅପପ୍ରଚାରରେ ଲିପ୍ତ ଥାଆନ୍ତି। କର୍ଣ୍ଣାଟକର ବିଶ୍ୱ ହିନ୍ଦୁ ପରିଷଦ ନେତା ଗିରୀଶ ଭରଦ୍ୱାଜ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କୁ ପତ୍ରଲେଖି ନିତାଶାଙ୍କ ଭାରତବିରୋଧୀ ଅପପ୍ରଚାର ସମ୍ପର୍କରେ ଜଣାଇ ତାଙ୍କ ଓଭରସିଜ ସିଟିଜେନ୍ ଅଫ୍ ଇଣ୍ଡିଆ(ଓସିଆଇ) କାର୍ଡ ବାତିଲ କରିବାକୁ ଅନୁରୋଧ କରିଥିଲେ। ଭରଦ୍ୱାଜଙ୍କ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରାଯାଇ ନିତାଶାଙ୍କୁ ଭାରତ ପ୍ରବେଶାନୁମତି ଦିଆନଯାଇ ଇଂଲଣ୍ଡ ପଠାଇଦିଆଯାଇଛି ବୋଲି ଏମଇଏ ମୁଖପାତ୍ର କହିଛନ୍ତି।

### ହ୍ୱିଲ୍‌ଚେୟାର୍ ଅଭାବରୁ ବୃଦ୍ଧଙ୍କ ମୃତ୍ୟୁ ମାମଲା

## ଏୟାର ଇଣ୍ଡିଆକୁ ୩୦ ଲକ୍ଷ ଜୋରିମାନା



ମୁମ୍ବାଇ,୨୯।୨(ଏଜେନ୍ସି): କିଛି ଦିନ ତଳେ ମୁମ୍ବାଇ ବିମାନବନ୍ଦରରେ ହ୍ୱିଲ୍‌ଚେୟାର୍ ସମସ୍ୟାକୁ ନେଇ ଜଣେ ୮୦ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ହେବା ଘଟଣାରେ ଏୟାର ଇଣ୍ଡିଆ ଉପରେ ଡିଜିସିଏ ୩୦ ଲକ୍ଷ ଟଙ୍କା ଜୋରିମାନା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଗତ ୧୨ ତାରିଖରେ ଏକ ବୃଦ୍ଧ ଦମ୍ପତି ମୁମ୍ବାଇ ବିମାନ ବନ୍ଦରରେ ପହଞ୍ଚିବା ପରେ ପ୍ରଥମେ ପତ୍ନୀଙ୍କୁ ବିମାନ ବନ୍ଦର କର୍ମଚାରୀ ବାହାରକୁ ଯିବା ଲାଗି ହ୍ୱିଲ୍‌ଚେୟାର୍ ଦେଇଥିଲେ। ହେଲେ ତାଙ୍କର ୮୦ ବର୍ଷୀୟ ସ୍ୱାମୀଙ୍କୁ ହ୍ୱିଲ୍‌ଚେୟାର୍ ମିଳି ନଥିଲା। ତାଙ୍କୁ ବିମାନମନ୍ଦରରୁ ଇମିଗ୍ରେସନ କାଉଣ୍ଟର୍ ପର୍ଯ୍ୟନ୍ତ ପ୍ରାୟ ୧.୫ କିଲୋମିଟର ଚାଲିବାକୁ ପଡ଼ିଥିଲା। କିନ୍ତୁ ଏତେ ବାଟ ଚାଲି ଚାଲି ଯିବା ଦ୍ୱାରା ବୃଦ୍ଧ ଜଣକ ହୃଦଘାତର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ନାନାବତୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତରମାନେ ମୃତ ଘୋଷଣା କରିଥିଲେ। ତେବେ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷ ଏହି ପ୍ରସଙ୍ଗରେ ସ୍ପଷ୍ଟ କରିଥିଲେ ଯେ ବୃଦ୍ଧ ଯାତ୍ରୀଙ୍କୁ ସେମାନେ ଅପେକ୍ଷା କରିବାକୁ ଅନୁରୋଧ କରିଥିଲେ। କିନ୍ତୁ ସେ ସେମାନଙ୍କ କଥା ନ ଶୁଣି ତାଙ୍କ ପତ୍ନୀଙ୍କ ସହ ଚାଲିଯାଇଥିଲେ। ଏହି ବୟସ୍କ ବ୍ୟକ୍ତି ଜଣକ ସପତ୍ନୀକ ନ୍ୟୁୟର୍କରୁ ମୁମ୍ବାଇ ଆସିଥିଲେ।

## ପିଏମ୍ ସୂର୍ଯ୍ୟଘର ବିଜୁଳି ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

ନୂଆଦିଲ୍ଲୀ,୨୯ ।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୧କୋଟି ଘରଛାତ ଉପରେ ସୌର ଫଳକ (ସୋଲାର ପ୍ୟାନେଲ) ଖଞ୍ଜାଯିବା ନିମନ୍ତେ ପ୍ରସ୍ତାବିତ ଏକ ଯୋଜନା ଅନୁମୋଦିତ ହୋଇଛି। ପ୍ରତି ଘରଛାତରୁ ମାସକୁ ଅତି କମରେ ୩୦୦ ୟୁନିଟ୍ ସୌର ବିଦ୍ୟୁତ ଉତ୍ପାଦନ ହେବ। ଏଥିପାଇଁ କେନ୍ଦ୍ର ସରକାର ୭୫ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ଯୋଜନାର ନାମ ରହିଛି ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା। ଏହି ଯୋଜନା ଦେଶରେ ସୌରଫଳକ ତଥା ଆନୁସଙ୍ଗିକ ସରଞ୍ଜାମ ଓ ସାମଗ୍ରୀ ନିର୍ମାଣକରୁଥିବା ଶିଳ୍ପଗୁଡ଼ିକୁ ସମୃଦ୍ଧି ଦେବା ସହ ୧୭ଲକ୍ଷ ନୂଆ ପ୍ରତ୍ୟକ୍ଷ ନିଯୁକ୍ତି ବା କର୍ମସଂସ୍ଥାନ ସୃଷ୍ଟି କରିବ। ଏ ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ ଗତ ୧୩ ତାରିଖରେ ସୌର ବିଜୁଳି ଯୋଜନା ସମ୍ପର୍କରେ ଆଭାସ ଦେଇଥିଲେ। ଏହି ଯୋଜନାର ଉପଭୋକ୍ତା ୧ କିଲୋୱାଟ କ୍ଷମତାର ସୌର ବିଦ୍ୟୁତ ଉତ୍ପାଦନ ସିଷ୍ଟମ୍ ନିମନ୍ତେ ୩୦ହଜାର ଟଙ୍କା, ୨ କିଲୋୱାଟ ସିଷ୍ଟମ୍ ନିମନ୍ତେ ୬୦ହଜାର ଟଙ୍କା ଓ ୩ କିଲୋୱାଟ ସିଷ୍ଟମ ନିମନ୍ତେ ୭୮ହଜାର ଟଙ୍କା ରିହାତି (ସବସିଡି) ଆକାରରେ ପାଇବେ। ଆଗାମୀ ଖରିଫ ଋତୁରେ ଚାଷୀଙ୍କୁ ଫସଫେଟ ଓ ପଟାସ ସାର ଯୋଗାଣ ଉପରେ ସରକାର ୨୪ହଜାର୪୨୦ କୋଟି ଟଙ୍କା ସବସିଡି ଦେବା ପ୍ରସ୍ତାବ ମଧ୍ୟ ଆଜି କେନ୍ଦ୍ର କ୍ୟାବିନେଟର ଅନୁମୋଦନ ପାଇଛି।

**୧ କୋଟି ଉପଭୋକ୍ତାଙ୍କୁ ମାସିକ ମିଳିବ ୩୦୦ ୟୁନିଟ୍ ମାଗଣା ବିଜୁଳି**

## ସିବିଆଇ ବିଜେପି ଏଜେଣ୍ଟ: ଅଖିଳେଶ

ଲକ୍ଷ୍ନୌ,୨୯ ।୨(ଏଜେନ୍ସି): ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବଙ୍କୁ ଖଣିଜ ଖନନ ମାମଲାରେ ସାକ୍ଷ୍ୟ ଦେବାକୁ ସିବିଆଇ ସମନ ଜାରି କରିଥିଲା। ତାଙ୍କୁ ୨୯ ଫେବୃଆରୀରେ ହାଜର ହେବାକୁ କୁହାଯାଇଥିଲା। କିନ୍ତୁ ଅଖିଳେଶ ସମନକୁ ଏଡ଼ାଇ ହାଜର ହୋଇ ନାହାନ୍ତି। ତେବେ ତଦନ୍ତରେ ପୂର୍ଣ୍ଣ ସହଯୋଗ କରିବେ ବୋଲି ସିବିଆଇକୁ ପତ୍ରଲେଖି ଜଣାଇଛନ୍ତି। ସାମ୍ବାଦିକଙ୍କୁ ଅଖିଳେଶ କହିଛନ୍ତି, ସିବିଆଇ ହେଉଛି ବିଜେପିର ଏକ ପ୍ରକୋଷ୍ଠ(ସେଲ୍)। ନିର୍ବାଚନ ନିକଟ ହେଲେ ବିଜେପି ଇସାରାରେ ସିବିଆଇ ଓ ଅନ୍ୟ କେନ୍ଦ୍ରୀୟ ଯାଞ୍ଚ ସଂସ୍ଥା ତାଙ୍କୁ ନୋଟିସ ଜାରି କରିଥାନ୍ତି। ୨୦୧୯ ନିର୍ବାଚନ ବେଳେ ମଧ୍ୟ ତାଙ୍କୁ କୌଣସି ଏକ ମାମଲାର ତଦନ୍ତରେ ସହଯୋଗ କରିବାକୁ ସିବିଆଇ ନୋଟିସ ପଠାଇଥିଲା।




### ମୁଖ୍ୟମନ୍ତ୍ରୀ ରହିବେ ସୁଖ୍‌ବିନ୍ଦର ସିଂ ସୁଖୁ

# ହିମାଚଳ କଂଗ୍ରେସର ୬ ବିଧାୟକ ଅଯୋଗ୍ୟ ଘୋଷିତ

### ଅପରେସନ ଲୋଟସ୍ ଫେଲ୍, ମତଭେଦ ଦୂର ହୋଇଛି: ଡି କେ ଶିବକୁମାର

ସିମଳା,୨୯।୨(ଏଜେନ୍ସି):



ଗତ ୨୭ ତାରିଖରେ ରାଜ୍ୟସଭା ନିର୍ବାଚନ ପରିପ୍ରେକ୍ଷୀରେ ହିମାଚଳ ପ୍ରଦେଶ କଂଗ୍ରେସରେ ସୃଷ୍ଟି ହୋଇଥିବା ସଙ୍କଟ ଟଳିଛି। ରାଜ୍ୟ କଂଗ୍ରେସ ନେତାଙ୍କ ମଧ୍ୟରେ ଦେଖାଯାଇଥିବା ମତଭେଦ ଦୂର ହେବା ସହିତ ମୁଖ୍ୟମନ୍ତ୍ରୀ ସୁଖବିନ୍ଦର ସିଂ ସୁଖୁଙ୍କୁ ନେଇ ରହିଥିବା ଅସନ୍ତୋଷ ମଧ୍ୟ ଦୂର ହୋଇଛି ବୋଲି ଦଳ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଅନ୍ୟ ପକ୍ଷରେ ରାଜ୍ୟସଭା ନିର୍ବାଚନରେ ବିଜେପି ସପକ୍ଷରେ କ୍ରସ୍ ଭୋଟିଂ କରିଥିବା ଦଳର ୬ ବିଦ୍ରୋହୀ ବିଧାୟକଙ୍କୁ କଂଗ୍ରେସ ଅଯୋଗ୍ୟ ଘୋଷିତ କରିଛି। ହିମାଚଳ ସଙ୍କଟ ଟାଳିବା ପାଇଁ ଦଳ ପକ୍ଷରୁ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କୁ ସେଠାକୁ ପଠାଯାଇଥିଲା ବେଳେ ଏବେ ଆଉ କୌଣସି ସମସ୍ୟା ନାହିଁ ବୋଲି ସେ ଗୁରୁବାର ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ବିଜେପିର ଷଡ଼ଯନ୍ତ୍ର ବିଫଳ ହୋଇଛି ଏବଂ ଆମ ନେତାଙ୍କ ମଧ୍ୟରେ ଆଉ କୌଣସି ମତଭେଦ ନାହିଁ ବୋଲି ସେ କହିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ପଦକୁ ନେଇ ମଧ୍ୟ କୌଣସି ଦ୍ୱନ୍ଦ୍ୱ ନାହିଁ ଏବଂ ସୁଖବିନ୍ଦର ସିଂ ସୁଖୁ ହିଁ ତାଙ୍କ ପଦ ବଜାୟ ରଖିବେ ବୋଲି ସେ ସ୍ପଷ୍ଟ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ସୁଖବିନ୍ଦରଙ୍କୁ ବିରୋଧ କରି ଦଳ ମଧ୍ୟରେ ଫାଟ ସୃଷ୍ଟି ହୋଇଥିବା କୁହାଯାଇଥିଲା। ଯାହାକୁ ନେଇ ରାଜ୍ୟର ପ୍ରମୁଖ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରଭଦ୍ର ସିଂଙ୍କ ପୁତ୍ର ବିକ୍ରମାଦିତ୍ୟ ସିଂ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ପରେ ସେ ତାଙ୍କ ଇସ୍ତଫାପତ୍ର ଫେରାଇ ନେଇଥଲେ ହେଁ ଦଳ ମଧ୍ୟରେ ଅସନ୍ତୋଷ ରହିଥିବା କୁହାଯାଇଥିଲା। ତେବେ ଏହି ସମସ୍ୟା ଦୂର ହୋଇଛି ବୋଲି ଶିବକୁମାର ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ଅଯୋଗ୍ୟ ଘୋଷିତ ହୋଇଥିବା ୬ ବିଧାୟକ ନ୍ୟାୟ ପାଇଁ ହାଇକୋର୍ଟ ଯିବେ ବୋଲି କହିଛନ୍ତି।

# ପ୍ରାକ୍ତନ ପୌରାଧ୍ୟକ୍ଷ ମାନସ କୁମାର ମହାନ୍ତି ଆଉନାହାନ୍ତି

**ଭଦ୍ରକ,୨୯ ।୨(ସମିସ)**



ଭଦ୍ରକ ସହରାଞ୍ଚଳର ପୂର୍ବତନ ପୌରାଧ୍ୟକ୍ଷ ମାନସ କୁମାର ମହାନ୍ତି ଆଉନାହାନ୍ତି । ଆଜି ସକାଳେ ତାଙ୍କ ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ପରିବାର ଲୋକ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଯାଇଥିଲେ । ସେଠାରେ ଅପରାହ୍ନ ପ୍ରାୟ ୩ଟା ବେଳେ ତାରଙ୍କ ମୃତ୍ୟୁ ଘଟିଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ପ୍ରତିଭାରାଣୀ ମହାନ୍ତି, ପୁତ୍ର ଚନ୍ଦନ, ମିଲନ ଓ ପୁତୁରା ମିହିର ମହାନ୍ତିଙ୍କ ସମେତ ବଡଭାଇ ଇଂ.ଶିଶିର ମହାନ୍ତି, ଭାଉଜ କାନ୍ତା ମହାନ୍ତି, ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର, ପ୍ରଭୁକଲ୍ୟାଣ ମହାପାତ୍ର ଓ ଗୋପୀକଲ୍ୟାଣ ମହାପାତ୍ର ପ୍ରମୁଖ ସମ୍ପର୍କୀୟମାନେ ଉପସ୍ଥିତ ଥିଲେ । ମୃତ୍ୟୁବେଳକୁ ତାଙ୍କୁ ୭୨ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁଖବର ମିଳିବା ପରେ ସହରରେ ଶୋକର ଛାୟା ଖେଳି ଯାଇଥିଲା । କଂଗ୍ରେସ ସରକାର ବେଳେ ସ୍ୱର୍ଗତ ମହାନ୍ତି ଭଦ୍ରକ ଏନ୍ଏସି ଓ ପୌରକାଳିକାର ୩ ଥର ପୌରାଧ୍ୟକ୍ଷ ଥିଲେ। ସେ ଭଦ୍ରକ ଏନଏସିର ୧୯୮୫ ରୁ ୧୯୮୮ ଅଧ୍ୟକ୍ଷ ଥିଲେ । ପରେ ସେହି ସମୟରେ ୧୯୮୮ରେ ଭଦ୍ରକ ଏନ୍ଏସି ପୌରପାଳିକା ମାନ୍ୟତା ପାଇବା ପରେ ସ୍ୱର୍ଗତ ମହାନ୍ତି ୧୯୯୦ଯାଏଁ ମଧ୍ୟ ଅଧ୍ୟକ୍ଷ ରହିଥିଲେ। ପୁଣି ବିଜୁ ଜନତା ଦଳରୁ ଭଦ୍ରକ ପୌରାଧ୍ୟକ୍ଷ ଭାବେ ଗତ ୨୦୧୩ ରୁ ୨୦୧୮ ଯାଏଁ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ସମୟରେ ଭଦ୍ରକ ସହରର ବିକାଶ ଆରମ୍ଭ ହୋଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କ ଦାୟିତ୍ୱ ନିର୍ବାହ ସମୟରେ ସେ ସହରର ସଫେଇ କାର୍ଯ୍ୟକୁ ପ୍ରାଥମିକତା ଦେଇଥିଲେ । ଟାଉନହଲ ଓ ମଦିନା ମଇଦାନ ଠାରେ ଲାଇବ୍ରେରୀ, ଅପର୍ତିବିନ୍ଧା ଛକ ଓ ଡାହାଣୀଗଡିଆ ଛକରେ ୨ଟି ଟ୍ରାଫିକ ଆଇଲାଣ୍ଡ ବ୍ୟବସ୍ଥା, ସହରାଞ୍ଚଳରେ ଥିବା ଶିକ୍ଷାନୁଷ୍ଠାନ ଗୁଡିକୁ ଆର୍ଥିକ ସହାୟତା ପ୍ରଦାନ ଓ ପୌରପାଳିକା କାର୍ଯ୍ୟାଳୟ ବିଲଡିଂ ଉପରେ ୨ଟି କାଉନସିଲ ହଲ୍ ନିର୍ମାଣ କରିଥିଲେ। ମୃତ୍ୟୁ ପର୍ଯ୍ୟନ୍ତ ସେ ବିଜୁ ଜନତା ଦଳର ଜଣେ ବରିଷ୍ଠ କାର୍ଯ୍ୟକର୍ତ୍ତା ଭାବେ ସକ୍ରିୟ ଥିଲେ। ତାଙ୍କ ମୃତ୍ୟୁଖବର ମିଳିବା ପରେ ଭଦ୍ରକ ପୌର କର୍ମଚାରୀ ମହଲରେ ଶୋକ ପ୍ରକାଶ ପାଇଛି । ତାଙ୍କ ବିୟୋଗରେ ଭଦ୍ରକ ସାଂସଦ ମଞ୍ଜୁଲତା ମଣ୍ଡଳ, ବିଧାୟକ ସଂଜୀବ କୁମାର ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ଯୁଗଳକିଶୋର ପଟ୍ଟନାୟକ, ପ୍ରାକ୍ତନମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବି, ଉପାଧ୍ୟକ୍ଷା ଅଞ୍ଜୁବାଳା ଜେନାଙ୍କ ସହ କାଉନସିଲରମାନେ ଶୋକବ୍ୟକ୍ତ କରିଛନ୍ତି । ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଓ ସୁଡାର ଡାଇରେକ୍ଟର ସାରଦା ପଣ୍ଡା ଏକ ବାର୍ତ୍ତା ଜରିଆରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତଶରୀରକୁ ଭଦ୍ରକ ଅଣାଯାଇ ଏକ ଶୋଭଯାତ୍ରାରେ ସହର ପରିକ୍ରମା କରାଯାଇ ଭଦ୍ରକ ବଙ୍କସାହି ସ୍ଥିତ ବାସଭବନକୁ ନିଆଯିବ ବୋଲି ତାଙ୍କ ପରିବାର ସୂତ୍ରରୁ ଜଣାଯାଇଛି। ତାଙ୍କ ବିୟୋଗରେ ବରିଷ୍ଠ ସାମ୍ବାଦିକ ନିହାର ଦାସ, ପ୍ରତାପ ଦାସ, ପ୍ରମୋଦ ରାୟ, ଡ.ଶଶଧର ଦାସ, ରୋଟାରିଆନ୍ ଅତିସ୍ ବେହେରା, ରୋଟାରିଆନ ପ୍ରୀତିରଂଜନ ଜେନା, ଶିକ୍ଷାବିତ ବିଜୟ ଜେନା, ଭଦ୍ରକ ଉପଭୋକ୍ତା ଆୟୋଗ ସଭାପତି ଶିବପ୍ରସାଦ ମହାନ୍ତି, ଆଇନଜୀବୀ କଲ୍ୟାଣ କୁମାର ଦାସ, ଆଇନଜୀବୀ ଗଦାଧର ବଳ, ଦେବାଶିଷ ନାୟକ ପ୍ରମୁଖଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ବୋହୂକୁ ତଡ଼ିବା ଘଟଣା : ରୁଜୁ ହେଲା ମାମଲା

**ଭଣ୍ଡାରିପୋଖରୀ,୨୯।୨(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ରଘୁନାଥପୁର ନାୟକସାହିର ନମିତା ସାମଲଙ୍କୁ ଶାଶୁଘର ଲୋକେ ଘରୁ ତଡିଦେବା ଓ ଝିଅକୁ ନେଇ ବାପା ଶାଶୁଘରକୁ ଯାଇଥିବା ବେଳେ ଶାଶୁଘର ଲୋକେ ବାନ୍ଧି ମାଡମାରିବା ଘଟଣାରେ ପୁଲିସ ମାମଲା ରୁଜୁ କରିଛି। ଭଦ୍ରକ ଏସ୍ପିଙ୍କ ଠାରୁ ନିର୍ଦ୍ଦେଶ ମିଳିବା ପରେ ପୁଲିସ ବାଧ୍ୟବାଧକତାରେ ସ୍ୱାମୀ, ଶ୍ୱଶୁରଙ୍କ ସମେତ ୫ଜଣଙ୍କ ନାମରେ ମାମଲା ରୁଜୁ କରିଛି। ଅଭିଯୋଗ ଅନୁଯାୟୀ ନମିତା ୩ ବର୍ଷ ପୂର୍ବେ ପୁରୁଷୋତ୍ତମପୁର ଗ୍ରାମର ଜଗବନ୍ଧୁ ସାମଲଙ୍କୁ ବୈଦିକ ରୀତିରେ ବିବାହ କରିଥିଲା। ବିବାହ ପରେ ନମିତାକୁ ଶାଶୁଘର ଲୋକେ ନାନା ନିର୍ଯାତନା ଦେଉଥିଲେ। ଏଥିନେଇ ଥାନାରେ ବହୁବାର ଅଭିଯୋଗ ହୋଇଥିଲା। ବାରମ୍ବାର ସମାଧାନ ହେଉଥିଲେ ବି ନମିତାକୁ ଭଲ ବ୍ୟବହାର ଶାଶୁଘର ଲୋକେ କରୁନଥିଲେ। ଗତ ସପ୍ତାହରେ ସ୍ୱାମୀ ଜଗବନ୍ଧୁ ନମିତା ଓ ପୁଅକୁ ବାପଘରକୁ ବୁଲାଇ ଆଣିବା ବାହାନାରେ ଛାଡି ପଳାଇଥିଲା। ଗତ ୨୧ ତାରିଖ ବାପା ଆଦିକନ୍ଧ ନାୟକ ନମିତାକୁ ନେଇ ଶାଶୁଘରକୁ ଯାଇଥିଲେ। ସେଠାରେ ଆଦିକନ୍ଧକୁ ଜ୍ୱାଇଁ ଜଗବନ୍ଧୁ, ତାଙ୍କ ପିତା, ମାତା, ସାନଭାଇ ଆଦି ଶାଶୁଘର ଲୋକେ ବାନ୍ଧିପକାଇ ମାଡ ମାରିଥିଲେ। ଖବର ପାଇ ନମିତାର ବଡ ଭଉଣୀ ଓ ଭିଣୋଇ ସେଠାକୁ ଯାଇ ଆକ୍ରମଣର ଶିକାର ହୋଇଥିଲେ। ଘଟଣା ସମ୍ପର୍କରେ ଥାନାରେ ନମିତାର ମାଆ ସଂଯୁକ୍ତା ନାୟକ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୁଲିସ ମାମଲା ରଜୁ କରିନଥିଲା କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଉପରକୁ କଥା ଯିବା ପରେ ପୁଲିସ ଚାପଗ୍ରସ୍ତ ହୋଇ ଗତ ବୁଧବାର ୭୩/୨୪ନଂ ମାମଲା ଶ୍ୱଶୁର ଜଗବନ୍ଧୁ ସାମଲ, ଶ୍ୱଶୁର ଜଡା ସାମଲ, ଶାଶୂ ରେବ ସାମଲ, ନାଣ୍ଡୁ ସାମଲ ଓ ବିଦା ସାମଲଙ୍କ ନାମରେ ବିଭିନ୍ନ ଦଫାରେ ରୁଜୁ କରିଛି। ମାତ୍ର ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ କାହାରିକୁ ଗିରଫ କରାଯାଇନଥିବା ଜଣାଯାଇଛି।

## ଦୁର୍ଘଟଣାରେ ୨ଗୁରୁତର

**ଭଦ୍ରକ,୨୯ ।୨(ସମିସ):** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ଅସୁରାଛକ ଠାରେ ଆଜି ସକାଳେ ଏକ ସଡ଼କ ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି। ସୂଚନାନୁଯାୟୀ, ରାଣୀତାଲ ଆଡୁ ଆସୁଥିବା ଏକ ସ୍କୁଟିକୁ ଅସୁରା ଛକ ଠାରେ ଭଦ୍ରକ ଆଡୁ ଦ୍ରୁତଗତିରେ ଯାଉଥିବା ଏକ ପିକଅପ୍ ଭ୍ୟାନ ଧକ୍କା ଦେବା ଫଳରେ ସ୍କୁଟିଚାଳକ ଓ ତାଙ୍କ ସହଯାତ୍ରୀ ରାସ୍ତାକଡକୁ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ୨ଜଣଙ୍କୁ ସ୍ଥାନୀୟ ଲୋକେ ଦମକଳ ସହାୟତାରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତେବେ ସେଠାରେ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତେବେ ଜାତୀୟରାଜପଥର ସର୍ଭିସ୍ ରୋଡରେ ନିୟମିତ ଗାଡି ପାର୍କିଂ ଯୋଗୁଁ ଏହି ଦୁର୍ଘଟଣା ଘଟିଥିବା କୁହାଯାଇଛି।

## ସରକାରୀ ଜାଗା ଜବରଦଖଲ ଅଭିଯୋଗ

**ମଞ୍ଜୁରୀ ରୋଡ଼,୨୯ ।୨(ସମିସ):** ଭଣ୍ଡାରିପୋଖରୀ ତହସିଲ ଅଧୀନ ନିଗୁଣ୍ଡି ପଞ୍ଚାୟତ ଗୁହାଳିଆ ରାଜସ ଗ୍ରାମର ଅନେକ ସରକାରୀ ଜାଗାକୁ କିଛି ସ୍ୱାର୍ଥବାଦୀ ବ୍ୟକ୍ତି ଜବରଦଖଲ କରିଛନ୍ତି। ସୂଚନା ଅନୁଯାୟୀ ଗାଁ ସ୍କୁଲ ଠାରୁ ସାନ ଗୁହାଳିଆ ପର୍ଯ୍ୟନ୍ତ ରାସ୍ତା ଦୁଇ ପାଶ୍ୱର୍ରେ ଅନେକ ସରକାରୀ ଜାଗା ରହିଛି। ବିଶେଷ କରି ଜଳାଶୟ, ଗ୍ରାମ୍ୟ ଜଙ୍ଗଲ, ଶ୍ମଶାନ, ଜଳ ନିଷ୍କାସନ ପଥ ଆଦି କିସମର ଜମି ରହିଛି। ବର୍ଷକୁ ବର୍ଷ ପର୍ଯ୍ୟାୟକ୍ରମେ ଗ୍ରାମର କିଛି ବ୍ୟକ୍ତି ଉକ୍ତ ସ୍ଥାନ ଗୁଡିକରେ ମାଟି ପକାଇ ଜବରଦଖଲ କରୁଛନ୍ତି। ଫଳରେ ଯାତାୟତ ପାଇଁ ଗାଁ ଲୋକ ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବର୍ଷା ଦିନେ ମଧ୍ୟ ଜଳ ନିଷ୍କାସନ ହୋଇ ପାରୁନାହିଁ। ଗାଁ ଲୋକ ଜବରଦଖଲକୁ ପ୍ରତିବାଦ କଲେ ଜବରଦଖଲ କାରୀ ମାନେ ଗାଳିଗୁଲଜ କରିବା ସହ ମାରିବା ପାଇଁ ମଧ୍ୟ ପଛାଉ ନାହାନ୍ତି। ଗାଁ ଲୋକଙ୍କ ଚଳପ୍ରଚଳ ପାଇଁ ରହିଥିବା ଏକର ଏକର ସରକାରୀ ଜମି ଏବେ ସ୍ୱାର୍ଥବାଦୀ ବ୍ୟକ୍ତିଙ୍କ ହାତରେ ରହିଛି। ତେଣୁ ରାଜସ ବିଭାଗ ଏହା ଉପରେ ଦୃଷ୍ଟି ଦେଇ ଜବରଦଖଲ ଉଚ୍ଛେଦ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

## ହାଇକୋର୍ଟ ଆଦେଶକୁ କାର୍ଯ୍ୟକାରୀ କରିବାକୁ ଦାବି

**ତିହିଡି,୨୯।୨(ସମିସ):** ତିହିଡି ବ୍ଲକ ଅଧୀନ କୋହ୍ଲ ବଜାର ଉପରେ ଏକ ଅବୈଧ ନିର୍ମାଣକୁ ଉଚ୍ଛେଦ ପାଇଁ ହାଇକୋର୍ଟ ଯେଉଁ ଆଦେଶ ଦେଇଛନ୍ତି । ତାହାକୁ ଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଆବେଦନକାରୀମାନେ ଆଜି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦାବି କରିଛନ୍ତି। ସୂଚନାରୁ ପ୍ରକାଶ ଯେ କୋହ୍ଲ ବଜାର ନିକଟରେ ଥିବା ନୟନଯୋରି କିସମ, ଖାତା ନମ୍ବର ୬୯ ୯ ରେ ଥିବା ଖସଡ଼ା ନମ୍ବର ୧୩୧୧ ଉପରେ ନିତ୍ୟାନନ୍ଦ ବେହେରା ଏକ ପକ୍କା ଗୃହ ନିର୍ମାଣ କରିଥିଲେ। ଏହି ନିର୍ମାଣକୁ ବିରୋଧ କରି ଗୋବର୍ଦ୍ଧନ ନାୟକ, ଗୌତମ ମୁଦୁଲି, ବିମ୍ବାଧର ପରିଡ଼ା, ମନୋରଂଜନ ଜେନା ପ୍ରମୁଖ ଗ୍ରାମବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନଥିଲା। ଶେଷରେ ଗୋବର୍ଦ୍ଧନ ନାୟକ ଓ ଅନ୍ୟମାନେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଆଗତ କରିଥିଲେ। ରିଟ ପିଟିସନ ୬୫୮୪ ମୂଳେ ବିଚାର କରି ହାଇକୋର୍ଟର ୨ଜଣିଆ ଖଣ୍ଡପୀଠ ଗତ ୫ ତାରିଖରେ ସରକାରୀ ଓକିଲଙ୍କ ଠାରୁ ଅବଗତ ହୋଇଥିଲେ ଯେ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇସାରିଛି। ଏହି ଆଧାରରେ ହାଇକୋର୍ଟ ମାମଲାଟିର ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି। ତେବେ ୨ଦିନ ତଳେ ତିହିଡ଼ି ତହସିଲ ତରଫରୁ ଅମିନ ଓ ପୁଲିସ ସଂପୃକ୍ତ ସ୍ଥାନଟିକୁ ମାପଚୁପ କରିଛନ୍ତି। ସାଧାରଣ ନିର୍ବାଚନ ଆସିଯାଉଥିବାରୁ ଅଧିକାରୀମାନେ ନିର୍ବାଚନ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଏହି ପରିପ୍ରେକ୍ଷୀରେ ଉଚ୍ଛେଦ ପ୍ରକ୍ରିୟା ତୁରନ୍ତ ଶେଷ କରିବା ପାଇଁ ଦାବି କରାଯାଇଛି।

### ନାବାଳିକା ଦୁଷ୍କର୍ମ ମାମଲା

## ଅଭିଯୁକ୍ତକୁ ୨୦ବର୍ଷ କାରାଦଣ୍ଡ



**ଭଦ୍ରକ,୨୯ ।୨(ସମିସ):** ଭଦ୍ରକ ସ୍ୱତନ୍ତ୍ର ଫାଷ୍ଟଟ୍ରାକ କୋର୍ଟ ବିଚାରପତି ମୀନତି ପଣ୍ଡା ଆଜି ଏକ ଯୌନ ନିର୍ଯାତନା ମାମଲାର ବିଚାର କରି ଅଭିଯୁକ୍ତକୁ ୨୦ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି । ପୁନଶ୍ଚ ଜରିମାନା ଅନାଦେୟ ହେଲେ ଅଧିକ ୬ମାସ କାରାଦଣ୍ଡ ଭୋଗିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାରୁ ପ୍ରକାଶ ଯେ, ଗତ ୨୦୨୨ମସିହା ଜାନୁଆରୀ ୧୩ ତାରିଖ ସନ୍ଧ୍ୟାରେ ଧାମନଗର ଥାନା ଅଧୀନସ୍ଥ ଭଗିବିନ୍ଧା ଗାଁର ଜନୈକ ନାବାଳିକାକୁ ସେହି ଗାଁର ରମେଶ କୁଣ୍ଡୁଙ୍କ ପୁତ୍ର ମୋହନ କୁଣ୍ଡୁ (୩୪) କୁରୁକୁରି ଓ ଚକୋଲେଟର ପ୍ରଲୋଭନ ଦେଖାଇ ନିକଟରେ ଥିବା ରେବ ନଦୀ କୂଳକୁ ନେଇ ଦୁଷ୍କର୍ମ କରିଥିଲା। ଏକଥା କାହାରି ଆଗରେ କହିଲେ ଜୀବନରୁ ମାରିଦେବା ପାଇଁ ଧମକ ଦେଇଥିଲେ। ବିଳମ୍ବିତ ରାତିରେ ନାବାଳିକା ଜଣଙ୍କ ଯନ୍ତ୍ରଣା ସହି ନପାରି ନିଜ ମାଆକୁ ସମସ୍ତ ଘଟଣା କହିବା ପରେ ପର ଦିନ ତାଙ୍କ ମା' ଧାମନଗର ଥାନାରେ ଲିଖିତ ଏତଲା ଦେଇଥିଲେ। ସେହି ଏତଲାକୁ ଭିତ୍ତି କରି ଧାମନଗର ଥାନା କେଶ ନମ୍ବର-୧୫/୨୨ରେ ମାମଲା ରୁଜୁ ହୋଇଥିଲା। ପୁଲିସ ଅଭିଯୁକ୍ତ ମୋହନ କୁଣ୍ଡୁକୁ ସେହିମାସ ୧୫ତାରିଖରେ ଗିରଫ କରି କୋର୍ଟଚାଲାଣ କରିଥିଲେ। ସେହିଦିନ ଠାରୁ ଅଭିଯୁକ୍ତ ବିଚାରାଧୀନ ବନ୍ଦୀ ଭାବେ ଭଦ୍ରକ ଜେଲରେ ଅଟକ ରହିଛି। ଆଜି ଏହି ରାୟରେ ଅଭିଯୁକ୍ତକୁ ଉପରୋକ୍ତ ଦଣ୍ଡାଦେଶ ହୋଇଛି। ସରକାରଙ୍କ ତରଫରୁ ସ୍ୱତନ୍ତ୍ର ସରକାରୀ ଓକିଲ ବଟକୃଷ୍ଣ ଦାଶ ଓ ପ୍ରଦୀପ କୁମାର ମହାପାତ୍ର ମାମଲାକୁ ପରିଚାଳନା କରୁଥିଲେ।

## ୪ ପଞ୍ଚାୟତରେ ଆମ ବ୍ୟାଙ୍କ ଉଦ୍‌ଘାଟିତ



**ଭଣ୍ଡାରିପୋଖରୀ,୨୯।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକର ପାଟୁଳି, ତେସିଙ୍ଗା, ବାଲିପୋଖରୀ ଓ ଜଳମଣ୍ଡୁଆ ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ୨ୟ ପର୍ଯ୍ୟାୟରେ ଗୁରୁବାର କାର୍ଯ୍ୟକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ଯୋଗେ ପଞ୍ଚାୟତ ବ୍ୟାଙ୍କ ସେବା ଉଦଘାଟନ କରିଥିଲେ। ୟୁକୋ ବ୍ୟାଙ୍କ ପ୍ରାୟୋଜିତ କମନ ସର୍ଭିସ ସେଣ୍ଟର କମ ଆଉଟଲେଟ ଏହି ୪ଟି ପଞ୍ଚାୟତରେ କାର୍ଯ୍ୟକ୍ଷମ ହୋଇ ବ୍ୟାଙ୍କ ସମସ୍ତ ସେବା ଦ୍ୱାର ମୁହଁରେ ଯୋଗାଇ ଦେବ। ପାଟୁଳିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାସ, ସରପଞ୍ଚ ଅନିତା ରାଉତ, ନିଳାମ୍ବର ରାଉତ ପ୍ରମୁଖ ଉପସ୍ଠିଥିତ ଥିଲେ। ତେସିଙ୍ଗାରେ ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ସମିତି ସଭ୍ୟା ରଶ୍ମିତା ନାୟକ, ରାଜେନ୍ଦ୍ର ଖଣ୍ଡାଇ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ମାଳଦା, କୁରିଗାଁ, ରହଣିଆ, ରାଜେନ୍ଦ୍ରପୁର, ବୟାବନାପୁର ଆଦି ୫ ପଞ୍ଚାୟତରେ କାର୍ଯ୍ୟକ୍ଷମ ହୋଇଥିଲା।

## ରାଜେନ୍ଦ୍ରପୁର ରାସ୍ତା କାର୍ଯ୍ୟରେ ଅନିୟମିତତା ଅଭିଯୋଗ

**ଭଣ୍ଡାରିପୋଖରୀ,୨୯।୨(ସମିସ):** ଏହି ବ୍ଲକର ରାଜେନ୍ଦ୍ରପୁର ପଞ୍ଚାୟତ କୋଟସିରା ଗ୍ରାମରେ ରାସ୍ତା ନିର୍ମାଣ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ୱାଇଇଏସଏସ୍ ଯୋଜନାରେ ୨୦୨୨-୨୩ ଆର୍ଥିକ ବର୍ଷ ୨ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହୋଇଥିବା ରାସ୍ତାର କଂକ୍ରିଟକରଣ ନିମ୍ନମାନର ବୋଲି ଜିଲ୍ଲାପାଳଙ୍କ ନିକଟରେ ହୋଇଛି। କୋଟସିରା ଗ୍ରାମର ଗ୍ରାମ୍ୟ ଉନ୍ନୟନ ରାସ୍ତା ଠାରୁ ୪ ଜଣ ସଦସ୍ୟ ବିଶିଷ୍ଟ ଦାମୋଦର ଗାହାଣଙ୍କ ଏକମାତ୍ର ଘର ପର୍ଯ୍ୟନ୍ତ ମାତ୍ର ୨୦ ମିଟର ରାସ୍ତା ଅଟକଳ ଠାରୁ କମ ମାତ୍ର ୯ ରୁ ୧୦ଫୁଟ ପ୍ରସ୍ଥରେ କଂକ୍ରିଟକରଣ ବିଭାଗୀୟ ଭାବେ କରାଯାଇଛି। ଅଭିଯୋଗ ଅନୁଯାୟୀ ବାସ୍ତବରେ ଗ୍ରାମର ରାଜନୈତିକ ବ୍ୟକ୍ତିମାନଙ୍କ ଦ୍ୱାରା ହୋଇଥିବା ଏହି ନିର୍ମାଣରେ ବ୍ୟାପକ ହେରାଫେରି କରାଯାଇଛି। ରାସ୍ତାର ପାଶ୍ୱର୍କାନ୍ଥ ୧୨ ଇଞ୍ଚ ବଦଳରେ ମାତ୍ର ୫ ଇଞ୍ଚ କରାଯାଇଛି। ରାସ୍ତାରେ ବାଲି ମାତ୍ର ୩ ଇଞ୍ଚ ଉଚ୍ଚତାରେ ଭରାଯାଇ ୪ ଇଞ୍ଚର ମେଟାଲିଂ କରାଯାଇଛି। ଏହା ଅଟକଳର ଅଧାରୁ କମ ଅଟେ। ରାଜେନ୍ଦ୍ର ଗିରି, କାଳନ୍ଦୀ ଜେନା, ଅନ୍ତର୍ଯ୍ୟାମୀ ନାୟକ, ମଧୁସୂଦନ ବେହେରା, ରମାକାନ୍ତ ଜେନା, ବିପିନ କୁମାର ବାରିକ ପ୍ରମୁଖ ଶତାଧିକ ଅଭିଯୋଗକାରୀ ମିଳିତ ଜନଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଜିଲ୍ଲାପାଳ ଏ ସମ୍ପର୍କରେ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଜାତୀୟ ବିଜ୍ଞାନ ଦିବସ




**ଭଦ୍ରକ,୨୯ ।୨(ସମିସ):** ଆଦାନୀ ଗ୍ରୁପ ଅଫ୍ କମ୍ପାନୀର ସିଏସ୍ଆର୍ ବିଭାଗ ଆଦାନୀ ଫାଉଣ୍ଡେସନ ପକ୍ଷରୁ କଇଥଖୋଲା ଗ୍ରାମ ପଞ୍ଚାୟତସ୍ଥିତ ସୁଖଚାନ୍ଦ ମାନା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟରେ ସାଧାରଣଜ୍ଞାନ ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା ଏବଂ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ପୋର୍ଟ ପାରିପାଶ୍ୱର୍ସ୍ଥ ୧୫ଟି ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ଉଚ୍ଚ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନଙ୍କ ସହାୟତାରେ ପ୍ରାୟ ୭୫ଟି ବିଜ୍ଞାନ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶନୀରେ ପ୍ରଦର୍ଶିତ ହୋଇଥିଲା। ସାଧାରଣ ଜ୍ଞାନ, ବକ୍ତୃତା ଏବଂ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତାର ଶ୍ରେଷ୍ଠ ୩ ଜଣଙ୍କୁ ଟ୍ରଫି, ମେଡାଲ, ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଭାଗ ନେଇଥିବା ଅନ୍ୟ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଏହା ବ୍ୟତୀତ ଆଦାନୀ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଆଦାନୀ ଡିଏଭି ପବ୍ଲିକ ସ୍କୁଲ, ପୋର୍ଟ ପାରିପାଶ୍ୱର୍ସ୍ଥ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ମଧ୍ୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା। କରଞ୍ଜମାଳସ୍ଥିତ ସରସ୍ୱତୀ ସରକାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ ଛାତ୍ରୀ ଶର୍ମିଷ୍ଠା ଦାସ ଜୈବିକ ଖତ ପ୍ରସ୍ତୁତି ଏବଂ ଏହାର ପ୍ରକଳ୍ପ ପ୍ରଦର୍ଶନୀ କରିଥିଲେ, ଯାହାକି ଚାଷଜମିର ଉର୍ବରତା ବୃଦ୍ଧି କରିବା ସଙ୍ଗେ ସଙ୍ଗେ କୃଷକମାନଙ୍କର ଆୟରେ ମଧ୍ୟ ବୃଦ୍ଧି କରିବାରେ ସହାୟକ ହେବ। ଏହି ପ୍ରକଳ୍ପ ସିଆର୍ସିସିର ନେତୃବୃନ୍ଦ ଏବଂ ଆଦାନୀ ଫାଉଣ୍ଡେସନ ଦ୍ୱାରା ପ୍ରଂଶସିତ ହୋଇ ପୁରସ୍କୃତ ହୋଇଥିଲା।

## ହଳଧରବିନ୍ଧା ବୁଡ଼ଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ତିହିଡି,୨୯।୨(ସମିସ):** ତିହିଡ଼ି ବ୍ଲକ ଅଧୀନ ହଳଧରବିନ୍ଧା ବୁଡ଼ଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉପେନ୍ଦ୍ର ପ୍ରସାଦ ସାହୁଙ୍କ ପୌରୋହିତ୍ୟ ଓ ଶିକ୍ଷକ ସିଦ୍ଧାର୍ଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ଡ.ପ୍ରଫୁଲ ସାହୁ, ମୁଖ୍ୟବକ୍ତା ପ୍ରାଥମିକ ଶିକ୍ଷକ ସଂଘ ଜିଲ୍ଲା ସମ୍ପାଦକ ମନୋରଂଜନ ନାୟକ, ସମ୍ମାନୀତ ଅତିଥି ଗୋଷ୍ଠୀ ଅନୁଶିକ୍ଷାଧିକାରୀ ଦାମୋଦର ଜେନା, ରତ୍ନାକର ସାହୁ, ଲକ୍ଷ୍ମୀପ୍ରିୟା ମାଝୀ, ଅବସରପ୍ରାପ୍ତ ରେଳ କର୍ମଚାରୀ ଅଜୟ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିଭୁପ୍ରସାଦ ସାହୁ, ସିଆର୍ସିସି ଜନ୍ମେଜୟ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢ଼ିବା ସହ ଭଲ ମଣିଷ ହେବାକୁ ଉପଦେଶ ଦେଇଥିଲେ। ଶିକ୍ଷକ ଅଭୟ କୁମାର ସାମଲ ଅତିଥି ପରିଚୟ, ଶିକ୍ଷୟିତ୍ରୀ ରଞ୍ଜିତା ମଦୁଲି ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସନତ ନାୟକ, ପୂର୍ବତନ ସଭାପତି ରବୀନ୍ଦ୍ର ନାଥ ବଳ ଓ ବିଜୟ ନାୟକଙ୍କ ସମେତ କ୍ଲଷ୍ଟରରେ ଥିବା ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ୮ଗୋଟି ଶ୍ରେଣୀର ୨୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ପଦମଧୁ ବୃତି ଅତିଥିମାନେ ପ୍ରଦାନ କରିଥିଲେ। ଚଞ୍ଚଳା ସାହୁ, ଜାମିଲା ଖାତୁନ, ପ୍ରଜ୍ଞାଦିପ୍ତୀ ସାହୁ ପ୍ରମୁଖ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଲୋକାର୍ପିତ ହେଲା ପୁସ୍ତକ 'ବିଭାବସୁ'

**ତିହିଡ଼ି,୨୯ ।୨(ସମିସ):** ତିହିଡ଼ି ବ୍ଲକ ନାରାୟଣ ସ୍ମୃତି ସେବା ଓ ସାହିତ୍ୟ ଗବେଷଣା ପରିଷଦର ସଭାପତି ବିଭୂତିଭୂଷଣ ସେନାପତିଙ୍କ ପ୍ରବନ୍ଧ ସଙ୍କଳନ 'ବିଭାବସୁ' ଓ ପରିଷଦର ଦ୍ୱିତୀୟ ବାର୍ଷିକ ସଙ୍କଳନ 'ସ୍ମୃତିଗୌରବ' ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳପତି ଡ. ସବିତା ପ୍ରଧାନଙ୍କ ଦ୍ୱାରା ଲେକାର୍ପିତ ହୋଇଯାଇଛି। ପରିଷଦର ଉପସଭାପତି ଗୋପାଳ ପ୍ରସାଦ ମହାପାତ୍ର, ସଂପାଦକ ସଂଯୁକ୍ତା ଭାରତୀ ଓ ସଂଗଠନ ସଂପାଦକ ଆଶୁତୋଷ କରଣ ଉକ୍ତ ଲୋକାର୍ପଣ ଉତ୍ସବରେ ଯୋଗଦାନ କରିଥିଲେ। ଆଗାମୀ ଦିନରେ ଉକ୍ତ ପୁସ୍ତକ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପାଇଁ ଗବେଷଣା ଯୋଗ୍ୟ ପୁସ୍ତକ ଭାବରେ ପରିଗଣିତ ହେବ। ବିଶେଷ କରି ଜାତୀୟ ଚେତନା ଓ ମହାମନିଷୀଙ୍କ ସାହିତ୍ୟ କୃତି ଓ ଓଡିଆ ଭାଷାର ଉତ୍ପତି ଓ କ୍ରମବିକାଶ ଉଦ୍ଦେ୍ୟଶରେ ପୁସ୍ତକର ବିଷୟବସ୍ତୁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବ ବୋଲି କୁଳପତି ସୂଚନା କରିଥିଲେ। ଏହି ଅବସରରେ ସତ୍ୟବାଦୀ ପାଠାଗାରର ଛାତ୍ରଛାତ୍ରୀଙ୍କ ଗବେଷଣା ପାଇଁ ଦୀର୍ଘ ଦଶ ବର୍ଷ ଧରି ପ୍ରକାଶ ପାଇ ଆସୁଥିବା ପରିଷଦର ବାର୍ଷିକ ମୁଖପତ୍ର 'ସଂପ୍ରତିକ'ର କବିତା, ଗଳ୍ପ ଓ ପ୍ରବନ୍ଧ ସଙ୍କଳନ ତଥା କାନ୍ତକବି ଓ ବ୍ୟାସକବିଙ୍କ ଉପରେ ଆଧାରିତ ସ୍ମୃତିଗୌରବର କାନ୍ତକବି ଓ ବ୍ୟାସକବିଙ୍କ ପ୍ରବନ୍ଧ ସଙ୍କଳନ ଗବେଷଣା ପରିଷଦର ସଭାପତିଙ୍କ ସମେତ କର୍ମକର୍ତ୍ତାମାନେ ପରମ ପୂଜନୀୟା କୁଳପତିଙ୍କୁ ପ୍ରଦାନ କରି କୁଳପତିଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।



## ବେଷ୍ଟ୍ ପରିସରରେ ଯୁବ ସଂସଦୀୟ କାର୍ଯ୍ୟକ୍ରମ

**ଭଦ୍ରକ,୨୯ ।୨(ସମିସ)**



ଧାମନଗର ବ୍ଲକ ଅସୁରାଳି ସ୍ଥିତ ଭଦ୍ରକ ଇଞ୍ଜିନିୟରିଂ ସ୍କୁଲ ଏଣ୍ଡ ଟେକ୍ନୋଲୋଜି (ବେଷ୍ଟ୍) ପରିସରରେ ନେହରୁ ଯୁବ କେନ୍ଦ୍ର ସଂଗଠନ ଦ୍ୱାରା ଏକ ଯୁବ ସଂସଦୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ଭଦ୍ରକ ସିଟି ଡିଏସ୍ପି ଅଂଶୁମାନ ଦ୍ୱିବେଦୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଜିଲ୍ଲା ନିଯୁକ୍ତିକାରୀ ବିଭାଗର ମୁଖ୍ୟ ଅନିତା ନାୟକ ଓ ଅନୁଷ୍ଠାନର ଅଧ୍ୟକ୍ଷ ଇଂ.ରବିନ୍ଦ୍ର କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ମୁଖଶାଳା ସାହିତ୍ୟ ପତ୍ରିକାର ସମ୍ପାଦକ କାଳୀଚରଣ ପଣ୍ଡା ଓ ସାହିତ୍ୟିକ ଅଭୟ ସୂତାର ସଂସାଧନ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ଏହି ଅବସରରେ କବୟିତ୍ରୀ ସୁଶ୍ରୀ ସଙ୍ଗୀତା ସାହୁ, ସାମାଜିକ ସଂଗଠନ ବିଶ୍ୱାସ ଫାଉଣ୍ଡେସନ୍, ବହୁଭାଷି ଗାୟୀକା ନୃତ୍ୟଶିଳ୍ପୀ ଶୁଭସ୍ମିତା ରାଉତ ଓ ସେବା ନିବୃତ ପ୍ରଧାନଶିକ୍ଷକ ବଂଶୀଧର ସାହୁଙ୍କୁ ସମାଜ ପ୍ରତି ସେମାନଙ୍କର ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମଟିକୁ ଅନୁଷ୍ଠାନର ସାଂସ୍କୃତିକ ସମ୍ପାଦକ ଇଂ.କିଶୋର କମାର ପୃଷ୍ଟି ଓ ସହ ସମ୍ପାଦକ ଅବଦୁଲ ସାଜିଦ ଖାନ୍ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଇଂ.ମଳୟରଞ୍ଜନ ସାହୁ, ଭାରତ ଭୂଷଣ ଦାସ, ଇଂ କିର୍ତ୍ତୀଭୂଷଣ ସେଠୀ, ଦୁର୍ଗାପ୍ରସନ୍ନ ପଟ୍ଟନାୟକ ଇତ୍ୟାଦି ସହଯୋଗ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅଧ୍ୟାପକ ଇଂ ସୂର୍ଯ୍ୟକାନ୍ତ କର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ସୂ.ରୁରୂପେ ସମ୍ପାଦନ କରିଥିବାରୁ ଅନୁଷ୍ଠାନର ଚେୟାରମ୍ୟାନ ଡ. ମନ୍ମଥ କୁମାର ବିଶ୍ୱାଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

● ମାଟ୍ରିକ ପରୀକ୍ଷା କେନ୍ଦ୍ରରେ କପି

# ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ

**ବାସୁଦେବପୁର, ୨୯ ।୨(ସମିସ):** ବାସୁଦେବପୁର ବ୍ଲକ ପଞ୍ଚାୟତ ହାଇସ୍କୁଲ ବେତଡାରେ ଆଜି ମାଟ୍ରିକ ପରୀକ୍ଷାରେ କପି କରିବାକୁ କେନ୍ଦ୍ର କରି ତୁମୁଳକାଣ୍ଡ ଘଟିଥିବା ଦେଖିବାକୁ ମିଳିଛି। ଉକ୍ତ ସେଣ୍ଟରରେ ସ୍ଥାନୀୟ ବରଣ୍ଡୁଆ ପଞ୍ଚାୟତର ଗୋପବନ୍ଧୁ ବିଦ୍ୟାପୀଠ ଓ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ଦୁଇ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗିଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଉକ୍ତ ସେଣ୍ଟରରେ ସ୍ଥାନୀୟ ଗୋପବନ୍ଧୁ ବିଦ୍ୟାପୀଠର ଛାତ୍ରଛାତ୍ରୀଙ୍କୁ ଶିକ୍ଷକ ଓ କିଛି ପିଲାଙ୍କ ସମ୍ପର୍କୀୟମାନେ କପି ଯୋଗାଇ ଦେଉଥିବା ଘଟଣା ସାମନାକୁ ଆସିଛି। ଏହି ଘଟଣାକୁ ନେଇ ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପରୀକ୍ଷା କେନ୍ଦ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ପରୀକ୍ଷା ଆରମ୍ଭ ଦିନ ଠାରୁ ଅଭିଯୋଗ ଉଠାଇ ଆସୁଥିଲେ। ମାତ୍ର ଆଜି ସଂସ୍କୃତ ଓ ହିନ୍ଦୀ ପରୀକ୍ଷା ହଲରେ ମଧ୍ୟ ସମାନ ଅବସ୍ଥା ଦେଖା ଦେଇଥିଲା। ଆଜି ପରୀକ୍ଷା ସରିବା ପରେ କେତେକ ଅଟଳ ବିହାରୀ ବିଦ୍ୟାଳୟର ଛାତ୍ରମାନଙ୍କୁ ସ୍ଥାନୀୟ ଗୋପବନ୍ଧୁ ବିଦ୍ୟାପୀଠର ଛାତ୍ରମାନେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଯାହାକୁ ନେଇ ବାସୁଦେବପୁର ଛାତ୍ରମାନେ ସେମାନଙ୍କ ଅଭିଭାବକମାନଙ୍କୁ ସୂଚନା ଦେବା ସମୟରେ ସ୍ଥାନୀୟ ଛାତ୍ରଛାତ୍ରୀଙ୍କ ସମ୍ପର୍କୀୟମାନେ ସେଠାରେ ପହଞ୍ଚି କେତେକ ଛାତ୍ରଙ୍କୁ ନିସ୍ତୁକ ମାଡ଼ ମାରିବା ସହିତ କେନ୍ଦ୍ର ବାହାରେ ଏକ ଗଛରେ ବାନ୍ଧି ପିଟିବାକୁ ପଛାଇ ନଥିଲେ। ସେହି ସମୟରେ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ସ୍ଥାନୀୟ କେତେକ ଯୁବକ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ପହଞ୍ଚି ଛାନଭିନ କରିବା ସହିତ ଉତ୍ତେଜନାକୁ ନିୟନ୍ତ୍ରଣ କରିଥିବା ଦେଖିବାକୁ ମିଳିଥିଲା। ତେବେ ଏହି କେନ୍ଦ୍ରରେ ପରୀକ୍ଷା ପରିଚାଳନାକୁ ନେଇ ବାସୁଦେବପୁର ସ୍କୁଲର ଅଭିଭାକମାନେ ସ୍ୱର ଉଠାଇବା ସହିତ ସମ୍ପୃକ୍ତ ଶିକ୍ଷକ ଓ ସ୍ଥାନୀୟ କେତେକ ଅସାମାଜିକ ଯୁବକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ପୁଲିସ ନିକଟରେ ଅଡି ବସିଥିଲେ।

ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ମିଶ୍ରଣ ପ୍ରସଙ୍ଗ

# ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା; ବିଇଓଙ୍କୁ ଜବାବ ତଲବ

**ଆଗରପଡ଼ା, ୨୯ ।୨(ସମିସ)**




ବର୍ଷେ କି ଦୁଇ ବର୍ଷ ନୁହେଁ ପ୍ରତିଷ୍ଠାକୁ ଦୀର୍ଘ ୧୫ ବର୍ଷ ବିତିବା ପରେ ଗତ ବର୍ଷ ମାର୍ଚ୍ଚ ମାସ ୧୮ ତାରିଖ ନିଜସ୍ୱ ବିଦ୍ୟାଳୟରେ ଶିକ୍ଷାଲାଭର ସୁଯୋଗ ପାଇଥିବା ଛାତ୍ରଛାତ୍ରୀ ମାତ୍ର ୩ମାସ ପରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପାଙ୍କ ଗତ ଜୁନ ମାସ ୧୯ତାରିଖ ଆଦେଶ ଅନୁସାରେ ପୁଣି ଉକ୍ତ ସୁଯୋଗରୁ ବଞ୍ଚିତ ହେବାକୁ ଯାଉଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପାଙ୍କ ଆଦେଶ ବିରୁଦ୍ଧରେ ହାଇକୋର୍ଟରେ ଏକ ମାମଲା ରୁଜୁ କରାଯାଇଥିଲା। ହାଇକୋର୍ଟ ଉକ୍ତ ମାମଲାକୁ ବିଚାରକୁ ନେଇ ପରବର୍ତ୍ତି ଆଦେଶ ପର୍ଯ୍ୟନ୍ତ ପିଲାମାନେ ପୂର୍ବପରି ନିଜସ୍ୱ ବିଦ୍ୟାଳୟରେ ଶିକ୍ଷାଲାଭ କରିବେ ବୋଲି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିବା ସ୍ଥଳେ ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷାଧିକାରୀ କାହାରି ଅନୁମତି ନନେଇ ବିଦ୍ୟାଳୟ ପରିଚାଳନା କମିଟିକୁ କୌଣସି ସୂଚନା ନଦେଇ ବ୍ଲକ ଶିକ୍ଷାଧିକାରିଣୀ ଉକ୍ତ ବିଦ୍ୟାଳୟରେ ପିଲାଙ୍କୁ ଶିକ୍ଷାଦାନ ପାଇଁ ନିଯୁକ୍ତ ୨ଜଣ ଶିକ୍ଷକଙ୍କୁ କାଢି ନେଇଥିବା ଜଣାପଡ଼ିଥିଲା। ଏହା ଜଣାପଡ଼ିବାପରେ ଗ୍ରାମବାସୀମାନେ ପୁନଶ୍ଚ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଆବେଦନକୁ ବିଚାରକୁ ନେଇ ହାଇକୋର୍ଟ ଗତ ବର୍ଷ ଜୁନ ମାସ ୨୭ ତାରିଖରେ ଦେଇଥିବା ଆଦେଶକୁ ବିଭାଗୀୟ ଅଧିକାରୀ କାହିଁକି ପାଳନ କଲେ ନାହିଁ ଏବଂ ପ୍ରକୃତରେ ଉକ୍ତ ବିଦ୍ୟାଳୟରେ କେତେଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି ତାହାର ସଂପୂର୍ଣ୍ଣ ବିବରଣୀ ଆସନ୍ତା ମାର୍ଚ୍ଚ ମାସ ୪ ତାରିଖରେ ପ୍ରଦାନ କରିବା ପାଇଁ ଚଳିତ ମାସ ୨୬ ତାରିଖରେ ଦେଇଥିବା ନିର୍ଦ୍ଦେଶରୁ ଜଣାପଡ଼ିଛି। ଏହିପରି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ବିଟିପୁର ପଞ୍ଚାୟତ ଅନ୍ତର୍ଗତ ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ। ୨୦୦୮ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମ କ୍ରମେ ଏକ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଏଠାରେ ପ୍ରତିଷ୍ଠା ହୋଇଥିଲା। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟିର ଅଭାବ ଯୋଗୁଁ ପ୍ରତିଷ୍ଠାର ୧୨ବର୍ଷ ପରେ ଅର୍ଥାତ ୨୦୨୦ ମାର୍ଚ୍ଚ ମାସରେ ସରକାର ବିଦ୍ୟାଳୟ ମିଶ୍ରଣ ପ୍ରକ୍ରିୟା ଆରମ୍ଭ କରିଥିଲେ ଓ ଧାନଘର ପ୍ରକଳ୍ପ ବିଦ୍ୟାଳୟର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଉକ୍ତ ବିଦ୍ୟାଳୟକୁ ନିକଟସ୍ଥ ନୂଆପୋଖରୀ ପ୍ରାଥମିକ ବିଦ୍ୟାଳୟରେ ମିଶାଇ ଦେଇଥିଲେ। ଗ୍ରାମବାସୀ ଏହାକୁ ବିରୋଧ କରି ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ହାଇକୋର୍ଟ ଉକ୍ତ ମାମଲାର ବିଚାର କରି ଗତ ୦୩-୦୧-୨୦୨୩ରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପାଙ୍କୁ ଏହାର ତଦନ୍ତ କରି ୨ସପ୍ତାହ ମଧ୍ୟରେ ଅଭିଯୋଗକାରୀଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସହ ଶେଷ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଧାନଘର ଠାରେ ସ୍ଥାପିତ ବିଦ୍ୟାଳୟରେ ପିଲାମାନଙ୍କୁ ଶିକ୍ଷାଦାନ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ବହୁ ବାଦବିବାଦ ପରେ ଶେଷରେ ଜିଲ୍ଲାପାଳ ତଥା ଅଧ୍ୟକ୍ଷ ଡିଏଲସିସି ଭଦ୍ରକଙ୍କ ଆଦେଶ ଅନୁସାରେ ଜିଲ୍ଲା ଶିକ୍ଷାଧିକାରୀ ଭଦ୍ରକଙ୍କ କାର୍ଯ୍ୟାଳୟ ଆଦେଶ ନଂ ୩୧୨୨/୧୩-୦୩-୨୦୨୩ରେ ଜିଲ୍ଲା ଶିକ୍ଷାଧିକାରୀ ଧାନଘର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ଖୋଲି ସେଠାରେ ପିଲାଙ୍କୁ ଶିକ୍ଷାଦାନ କରିବାକୁ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଓସେପାଙ୍କ ତରଫରୁ ପରବର୍ତ୍ତୀ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ଆଦେଶ ଦେଇଥିଲେ। ଏହା ସହିତ ବ୍ଲକ ଶିକ୍ଷାଧିକାରୀଙ୍କୁ ଉକ୍ତ ବିଦ୍ୟାଳୟରେ ପିଲାଙ୍କୁ ଶିକ୍ଷାଦାନ ପାଇଁ ୨ଜଣ ଶିକ୍ଷକ ଯୋଗାଇ ଦେବାକୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ଉକ୍ତ ନିର୍ଦ୍ଦେଶ ପାଇବା ପରେ ବ୍ଲକ ଶିକ୍ଷାଧିକାରିଣୀ ୨ଜଣ ଶିକ୍ଷକ ନିଯୁକ୍ତି କରିଥିଲେ। କିନ୍ତୁ ଗତ ଜୁନ ୧୯ ତାରିଖରେ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଆଦେଶ ଅନୁସାରେ ବ୍ଲକ ଶିକ୍ଷାଧିକାରିଣୀ ଗତ ଜୁନ ୨୨ ତାରିଖରେ ଜିଲ୍ଲାପାଳ କିମ୍ବା ଜିଲ୍ଲା ଶିକ୍ଷାଧିକାରୀ କାହାରି ଅନୁମତି ନନେଇ ବିଦ୍ୟାଳୟ ପରିଚାଳନା କମିଟିକୁ କୌଣସି ସୂଚନା ନଦେଇ ପିଲାଙ୍କ ଶିକ୍ଷାଲାଭ ପାଇଁ କୌଣସି ବିହିତ ପଦକ୍ଷେପ ନନେଇ ନିଯୁକ୍ତି ଦେଇଥିବା ୨ଜଣ ଶିକ୍ଷକଙ୍କୁ କାଢି ନେଇଥିଲେ। ପରେ ଅଭିଭାବକ ଓ ପରିଚାଳନା କମିଟି ସଭ୍ୟ/ସଭ୍ୟା ଏହାକୁ ବିରୋଧ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ

**ବାସୁଦେବପୁର, ୨୯।୨(ସମିସ):** ମୁଖ୍ୟମନ୍ତ୍ରୀ ଶିକ୍ଷା ସମ୍ମାନ ବ୍ଲକସ୍ତରୀୟ ଭାବେ ବାସୁଦେବପୁର ବ୍ଲକର ବରଣ୍ଡୁଆ ସ୍ଥିତ ବିଷ୍ଣୁବିନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ମିଳିଛି। ମୌଳିକ ସ୍ୱାକ୍ଷରତା ଶିକ୍ଷା ଓ ସଂଖ୍ୟା ଜ୍ଞାନ ସହିତ ସ୍ୱଚ୍ଛତା, ମାଧ୍ୟାହ୍ନ ଭୋଜନ, ଶିକ୍ଷଣୀୟ ପରିବେଶ, ସାନିଟେସନ ଆଦି ବିଭାଗରେ ଉକ୍ତ ବିଦ୍ୟାଳୟ ସର୍ବାଗ୍ରେ ରହିଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମାଳତୀଲତା ବାରିକ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ସହଯୋଗ ପାଇଁ ଏହା ସମ୍ଭବ ହୋଇପାରିଛି ବୋଲି ସୂଚନା ପ୍ରଦାନ କରିଛନ୍ତି। ସହକାରୀ ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ରାଉଳ, ଶିକ୍ଷକ ବୀରେନ୍ଦ୍ର କୁମାର ବଳ, ଦେବେନ୍ଦ୍ର ବାରିକ, ପ୍ରଭାତୀ ବିଶ୍ୱାଳ, ମନୋଷ୍ଟି ଇଲୋନା ସାମଲ, ପଦ୍ମିନୀ ପାଣିଗ୍ରାହୀ, ପରିଚାଳନା ସଭାପତି ଶୁଭାଶିଷ ଘୋଷ ଓ ପୁରାତନ ଛାତ୍ର ସଭାପତିଙ୍କ ପ୍ରୟାସ ପାଇଁ ସମ୍ଭବପର ହୋଇ ପାରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

**ମଞ୍ଜୁରୀରୋଡ୍, ୨୯ ।୨(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଆଜି ୪୬ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଛି। ସରପଞ୍ଚ ଅମୂଲ୍ୟ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ ଯୋଗଦେଇ ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ଉତ୍କଳ କେଶରୀ ମହାନ୍ତି, ସମାଜସେବୀ ଦେବେନ୍ଦ୍ର ଦାସ, ଦୀପକ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। ରଣଜିତ ପଞ୍ଚାୟତ ଠାରେ ୩୧ଜଣ ହିତାଧିକାରୀଙ୍କୁ ନୂତନ ଭତ୍ତା ପ୍ରଦାନ କରାଯାଇଛି। ଯୁବନେତା ଶୁଶାନ୍ତ ମଲ୍ଲିକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀଙ୍କ ସମେତ ଉପାଧ୍ୟକ୍ଷ ଓ ଜିଲ୍ଲା ପରିଷଦ ସଭ୍ୟ ଉପସ୍ଥିତ ରହି ସମସ୍ତ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରିଥିଲେ।

## ମଧ୍ୟାହ୍ନ ଭୋଜନ ନପାଇ ଫେରିଗଲେ ଛାତ୍ରଛାତ୍ରୀ

**ଚାନ୍ଦବାଲି, ୨୯ ।୨(ସମିସ):** ଚାନ୍ଦବାଲି ବ୍ଲକ ଧାମରା ନିକଟସ୍ଥ କରଞ୍ଜମାଳ ଠାରେ ଥିବା ଧାମକୁଟା ପ୍ରାଥମିକ ବିଦ୍ୟାଳୟରେ ଗୁରୁବାର ମଧ୍ୟାହ୍ନ ଭୋଜନ ନପାଇ ଫେରିଯାଇଛନ୍ତି ଛାତ୍ରଛାତ୍ରୀ। ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଏହି ବିଦ୍ୟାଳୟରେ ସମୁଦାୟ ୨୪ଜଣ ଛାତ୍ରଛାତ୍ରୀ ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଅଯୋଧା ଜେନା ବିଦ୍ୟାଳୟ ଉପସ୍ଥାପନା ଖାତାରେ ୪୦ଜଣ ଛାତ୍ରଛାତ୍ରୀ ଉପସ୍ଥିତ କଥା ଦର୍ଶାଇଥିବା ଜଣାଯାଇଛି। ଏଥିସହ ମଧ୍ୟାହ୍ନରେ ପିଲାମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା ହୋଇଥିବା ବେଳେ ୨୪ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଭାତ ଥିବା ବେଳେ ସେମାନଙ୍କ ପାଇଁ ତରକାରୀ ନଥିଲା। ଫଳରେ ୮ଜଣ ଛାତ୍ରଛାତ୍ରୀ ନିଜର ଖାଦ୍ୟ ପାଇଁ ଅଳି କରିବାରୁ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ ଖାଦ୍ୟ ପାଇଁ ମୋତେ ନକହି ଯିଏ ରୋଷେଇ କରୁଛନ୍ତି ତାଙ୍କୁ ପଚାର ବୋଲି କୁନିକୁନି ଛୁଆମାନଙ୍କୁ କହିଥିଲେ। ଏଥିସହ ସଂପୃକ୍ତ ଛାତ୍ରଛାତ୍ରୀଙ୍କ ଅଭିଭାବକ ମାନେ ଆସି କାହିଁକି ସେମାନଙ୍କ ଛୁଆ ମାନଙ୍କୁ ଖାଦ୍ୟ ଦିଆ ନଯିବ ବୋଲି ପ୍ରଶ୍ନ କରିଥିବା ବେଳେ ସଂପୃକ୍ତ ପ୍ରଧାନ ଶିକ୍ଷୟିତ୍ରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ। ଏହାକୁ ନେଇ ସାଧାରଣରେ ଉତ୍ତେଜନା ଦେଖା ଯିବା ସହ ସେମାନେ ଚାନ୍ଦବାଲି ବ୍ଲକ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରି ସଂପୃକ୍ତ ପ୍ରଧାନଶିକ୍ଷୟିତ୍ରୀଙ୍କ ବିରୁଦ୍ଧରେ ଦୃଢ଼ କାଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ।

## ହିତାଧିକାରୀ ଶିଶୁମାନଙ୍କୁ ପ୍ରମାଣପତ୍ର ବଣ୍ଟନ

**ଧାମନଗର, ୨୯ ।୨(ସମିସ):** ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ମହିଳା ଓ ଶିଶୁ ବିକାଶ ବିଭାଗ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା ଓ ଅଂଶୀଦାର ସମୂହଙ୍କ ସଭା ଓ ଆଶୀର୍ବାଦ ଶିଶୁ ହିତାଧିକାରୀ ମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଛି। ଏହି ଅବସରରେ ଧାମନଗର ବ୍ଲକ ସେଣ୍ଟ୍ରାଲ ସଭାଗୃହରେ ବ୍ଲକସ୍ତରୀୟ ଶିଶୁ ସୁରକ୍ଷା କମିଟି ଓ ଅଂଶୀଦାର ସମୂହଙ୍କୁ ନେଇ ଶିଶୁ ପାଇଁ ଦିନଟିଏ ଶୀର୍ଷକ ଆଲୋଚନା ଚକ୍ର ବିଡିଓ ବନବିହାରି ଦିନ୍ଦାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ଡା.ସଞ୍ଜୟ ଦାସ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ସମିତିସଭ୍ୟ ଭାରତବିଜୟ ଦଳାଇ ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ସାମାଜିକ ସୁରକ୍ଷା ଅଧିକାରୀ ସୌମ୍ୟଜିତ ବେହେରା, ସମେତ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅଭିନାଶ ମହାନ୍ତି, ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସ, ଅଣ ଆନୁଷ୍ଠାନିକ ଅଧିକାରୀ ସ୍ୱାଗତିକା ବାରିକ ପ୍ରମୁଖ ଯୋଗଦାନ କରି ଶିଶୁ ସୁରକ୍ଷା ପାଇଁ ସବୁସ୍ତରରେ ସାହାଯ୍ୟ ସହଯୋଗ ଯୋଗାଇଦେବା ପାଇଁ ମତ ପ୍ରକାଶ କରିଥିଲେ। ଏହି ପ୍ରରିପ୍ରେକ୍ଷୀରେ ଆଶୀର୍ବାଦ ଯୋଜନାରେ ସହାୟତା ପାଉଥିବା ହିତାଧିକାରୀ ଶିଶୁ, ଅଭିଭାବକ, ସରପଞ୍ଚ ସମିତି ସଭ୍ୟ ଏବଂ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ଶିଶୁ ସୁରକ୍ଷା ପକ୍ଷରୁ ସୁଦର୍ଶନ ବାଦ୍ରା, ଚିନ୍ମୟ ପଣ୍ଡା ସମେତ ସୁପରଭାଇଜର କାଜଲ ନାୟକ, ସସ୍ମିତା ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଧାମନଗର ଭାରପ୍ରାପ୍ତ ସିଡିପିଓ ସର୍ମିଷ୍ଠା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



## ବାସୁଦେବପୁରରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ




**ବାସୁଦେବପୁର, ୨୯।୨(ସମିସ):** ଆଜି ୨ୟ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ୨ହଜାର ଆମ ବ୍ୟାଙ୍କ୍ ଉଦ୍‌ଘାଟନ କରିଛନ୍ତି। ସେଥିରେ ବାସୁଦେବପୁର ବ୍ଲକର ଶାଶୁଭୂଆଷୁଣୀ ପଞ୍ଚାୟତର ସିଏସ୍‌ପି ପ୍ଲସ୍ ଆମ ବ୍ୟାଙ୍କ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆଜି ଶାଶୁଭୂଆଷୁଣୀ ପଞ୍ଚାୟତରେ ଏକ ବ୍ଲକସ୍ତରୀୟ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ବିଡିଓ ସଞ୍ଜୀବ ସାହୁ, ସହକାରୀ ଯନ୍ତ୍ରୀ ଅନିଶ ସୁବିଦ୍ଧି ରାୟ, ସରପଂଚ ରାମଚନ୍ଦ୍ର ଗିରି, ଭାଗୀରଥି ସାମଲ ପ୍ରମୁଖ ଯୋଗଦେଇଥିଲେ। ଏହି ସଭାକୁ ଦୀନବନ୍ଧୁ ଦାସ ସଂଯୋଜନା କରିଥିଲେ। ବିଧାୟକ ଶ୍ରୀ ରାଉତରାୟ ବ୍ଲକର ୨୦ଟି ପଞ୍ଚାୟତରେ ଆମ ବ୍ୟାଙ୍କ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ଲସ୍ ଆମ ବ୍ୟାଙ୍କ ଶାଖାକୁ ମାଗଣାରେ ଘର, ବିଦ୍ୟୁତ ଓ ଇଣ୍ଟରନେଟ ସେବା ଯୋଗାଇ ଦେଉଛନ୍ତି ଏବଂ ଲୋକମାନଙ୍କ ସୁବିଧା ପାଇଁ ଆମ ବ୍ୟାଙ୍କ ମୁଖ୍ୟମନ୍ତ୍ରୀଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ।

## ସାଲନ୍ଦୀ ଯୁକ୍ତ ଦୁଇ କଲେଜରେ ସମ୍ବର୍ଦ୍ଧନା ସଭା

**ଭଦ୍ରକ, ୨୯ ।୨(ସମିସ):** ଉତ୍ତରବାହିନୀସ୍ଥ ସାଲନ୍ଦୀ ଯୁକ୍ତ ଦୁଇ କଲେଜର ଦୁଇ ବରିଷ୍ଠ ଅଧ୍ୟାପକ ଇତିହାସ ବିଭାଗର ଶୁଭକାନ୍ତ କୁଅଁର ଓ ତର୍କଶାସ୍ତ୍ର ବିଭାଗର ସୁବାସ ଚନ୍ଦ୍ର ସାମଲଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସଭା କଲେଜ ଅଧ୍ୟକ୍ଷ ପ୍ରାଧ୍ୟାପକ ସଚ୍ଚିଦାନନ୍ଦ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ପ୍ରାକ୍ତନ ଅଧ୍ୟକ୍ଷ ବିଜୟ କୁମାର ଦାସ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁଭାଶିଷ ଭଟ୍ଟାଚାର୍ଯ୍ୟ, ରବୀନ୍ଦ୍ର କୁମାର ପାଢ଼ୀ, ମଧୁମିତା ସ୍ୱାଇଁ, ଅଳକା ସାହୁ, ଲକ୍ଷ୍ମୀପ୍ରିୟା ଦାସ, ବିଶ୍ୱଜିତ ରାଉତ, ରେଜାଉଦ୍ଦିନ୍, କୁଦୁସିଆ ଜମାଲ, ଅଚ୍ୟୁତାନନ୍ଦ ନନ୍ଦ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଡିଗ୍ରୀ କଲେଜର ଅଧ୍ୟକ୍ଷା ରାଜଶ୍ରୀ ନାୟକ ଅନ୍ୟତମଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ସାହୁ, ସ୍ମୃତିରଞ୍ଜନ ସ୍ୱାଇଁ, ମନମୋହନ ସାହୁ, ଅମର ପରିଡ଼ା, ପ୍ରଭାତ ପ୍ରଧାନ, କୁଳମଣି ନାଥ, ସୁଷମା ସାହୁ, ସଂଯୁକ୍ତା ପାଢ଼ୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ।




ଶେଷରେ ବିଦାୟୀ ଅଧ୍ୟାପକଙ୍କୁ ମାନପତ୍ର, ଉପଢୌକନ ଆଦି ପ୍ରଦାନ କରା ଯାଇଥିଲା। କଲେଜର ସମସ୍ତ ଅଧ୍ୟାପକ କର୍ମଚାରୀ ବିଦାୟୀ ଅଧ୍ୟାପକ ଦ୍ୱୟଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

## ଧୂଷୁରୀକୁ ଏନ୍‌ଏସି ପାଇଁ ଦାବି

**ଧୂଷୁରୀ, ୨୯ ।୨(ସମିସ):** ଧାମନଗର ବ୍ଲକର ଧୂଷୁରୀ ଏକ ଐତିହାସିକ ସ୍ଥାନ ଭାବେ ସମଗ୍ର ରାଜ୍ୟରେ ପରିଚିତ ଥିବା ବେଳେ ପୂର୍ବରୁ ଧୂଷୁରୀକୁ ମିନି ବ୍ଲକ ଭାବେ ଘୋଷଣା ପ୍ରଶାସନିକ ସ୍ତରରେ ଝୁଲି ରହିଛି। ତେବେ ଧୂଷୁରୀକୁ ଏନ୍‌ଏସି ଘୋଷଣା କରିବାକୁ ଦାବି କରାଯାଇଛି। ପୂର୍ବରୁ ଧୂଷୁରୀ ହାଟ ପନିପରିବା ପାଇଁ ସମଗ୍ର ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିଲା। ଧୂଷୁରୀରେ ଦୀର୍ଘ ବର୍ଷ ହେବ ଥାନା, ସବରେଜେଷ୍ଟ୍ରି ଅଫିସ, ଜଳସେଚନ ଅଫିସ, ଏକାଧିକ ବ୍ୟାଙ୍କ, ବହୁ ସଂଖ୍ୟାରେ ସରକାରୀ ଏବଂ ବେସରକାରୀ ଶିକ୍ଷାନୁଷ୍ଠାନ, କଲେଜ ଆଦି ଅବସ୍ଥାପିତ ହୋଇଛି। ଧାମନଗର ନିର୍ବାଚନ ମଣ୍ଡଳୀରେ ଧୂଷୁରୀ ଏକ ସ୍ଥାନ ଭାବେ ପରିଗଣିତ ହୋଇଆସୁଛି। ଧୂଷୁରୀରୁ ଧାମନଗର ବ୍ଲକ ଦୀର୍ଘ ଦୂରତା ପାଇଁ ଯାତାୟତ ଅସୁବିଧା ନେଇ ଦୀର୍ଘ ଦିନ ଧରି ଧୂଷୁରୀକୁ ଏକ ବ୍ଲକ ପ୍ରତିଷ୍ଠା ପାଇଁ ଦାବି ହୋଇ ଆସୁଛି। ତେବେ ଏକ ପ୍ରମୁଖ ଐତିହାସିକ ସ୍ଥାନର ସମ୍ମାନ ଦୃଷ୍ଟିରୁ ଧୂଷୁରୀକୁ ଏନ୍‌ଏସି ମାନ୍ୟତା ପାଇଁ ଧୂଷୁରୀବାସୀ ଦାବି କରିଛନ୍ତି।

## ବିଭିନ୍ନ ପଞ୍ଚାୟତରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ

**ଦୋବଲ, ୨୯ ।୨(ସମିସ):** ଧାମନଗର ବ୍ଲକର ୧୨ଟି ପଞ୍ଚାୟତରେ ଆମ ବ୍ୟାଙ୍କ ଉଦଘାଟିତ ହୋଇଛି। କରଦା ପଞ୍ଚାୟତ ଅଫିସ ପରିସରରେ ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଦୋବଲ ବ୍ୟାଙ୍କ ଶାଖା ପରିଚାଳକ ନିଗମାନନ୍ଦ ନାୟକ, ସରପଞ୍ଚ ମମତା ଆଚାର୍ଯ୍ୟ, ବିଜେଡ଼ି ବ୍ଲକ ସଭାପତି ଉମେଶ ମହାନ୍ତି, ପ୍ରାକ୍ତନ ସମିତି ସଭ୍ୟ ଆନନ୍ଦ ସାହୁ, ସନ୍ତୋଷ ରାଉଳ କରଦା ଶାଖାର ପରିଚାଳକ ଜ୍ଞାନେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ବ୍ୟାଙ୍କ ସେବା ସଂପର୍କରେ ସୂଚନା ଦେଇଥିଲେ। ପଞ୍ଚାୟତର କାଯର୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କର କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ। ସେହିଭଳି ମୁସ୍ତାଫାପୁର ପଞ୍ଚାୟତରେ ସରପଞ୍ଚ ଜିସନାରା ବିବି, ପୂର୍ବତନ ସମିତି ସଭ୍ୟ ପ୍ରତାପ ସାମଲ, କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ଜେନା ଉପସ୍ଥିତ ଥିଲେ। ସେହିପରି ଖଡ଼ିପଦା ପଞ୍ଚାୟତ ଅଫିସ ପରିସର ଏହି ସେବା ଖୋଲି ଥିବା ବେଳେ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ବିଶ୍ୱାଳ, ସରପଞ୍ଚ ସସ୍ମିତା ଘଡାଇ, ସମିତି ସଭ୍ୟା ସ୍ୱର୍ଣ୍ଣଲତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**ଅସୁରାଳି, ୨୯ ।୨(ସମିସ):** ଧାମନଗର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଗୋବିନ୍ଦପୁର ଗାଁର ମଳୟ ନାୟକ (୫୬) ସେ ନିଜ କର୍ମକ୍ଷେତ୍ରରୁ ରାତିରେ ଫେରୁଥିବା ବେଳେ ମଙ୍ଗଳପୁର-ଝାଟିଆସାହି ରାସ୍ତାର ବରଗଡ଼ା ସେବା ସମବାୟ ସମିତି ପାଖରେ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ିଯାଇଥିଲେ। ଦୁର୍ଘଟଣା ଯୋଗୁଁ ଉଭୟ ଗୋଡ ଓ ହାତରେ ପ୍ରବଳ ଆଘାତ ଲାଗିଥିଲା। ର୍ଘଟଣା ଘଟିବାର ଅଧ ଘଣ୍ଟା ପରେ ସ୍ଥାନୀୟ ଲୋକମାନେ ତାଙ୍କୁ ଦେଖି ତାଙ୍କ ପରିବାର ବର୍ଗଙ୍କୁ ଯୋଗାଯୋଗ କରିବା ସହ ଆମ୍ବୁଲାନ୍ସ ଡାକି ଭଦ୍ରକ ମେଡିକାଲକୁ ସ୍ଥାନାନ୍ତରିତ କରିଥିଲେ। ପରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇ ଥିଲା। ବର୍ତ୍ତମାନ ସୁଦ୍ଧା ତାଙ୍କର ଅବସ୍ଥା ସଙ୍କଟାପନ୍ନ ହୋଇରହିଛି। ଏଣୁ ସହୃଦୟ ବ୍ୟକ୍ତି ମାନେ ତାଙ୍କୁ ସହାୟତା ଯୋଗାଇ ଦେବାକୁ ପରିବାର ବର୍ଗ ନିବେଦନ କରିଛନ୍ତି। ସୂଚନା ଯୋଗ୍ୟ ସେ ଅସୁରାଳି ସ୍ଥିତ ଏକ କ୍ଲିନିକରେ ଫିଜିଓଥେରାପି ଦ୍ୱାରା ଲୋକମାନଙ୍କୁ ସେବା ଯୋଗାଇଥାନ୍ତି।



ନିର୍ମାଣକୁ ୪ ବର୍ଷ ପୂରିବ

# ପାଠାଗାର ଗୃହ ନିର୍ମାଣ ଅଧପନ୍ତରିଆ

**ଆଗରପଡ଼ା, ୨୯ ।୨(ସମିସ)**



ବନ୍ତ ବ୍ଲକ ଓଡ଼ଙ୍ଗ ପଞ୍ଚାୟତର ପାଠାଗାର ନିମନ୍ତେ ୨୦୨୦-୨୧ ଆର୍ଥିକ ବର୍ଷରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଭଦ୍ରକ ଆନୁକୂଲ୍ୟରେ ସିଏଫସି ଯୋଜନାରେ ୪ଲକ୍ଷ ଟଙ୍କା ଅଟକଳ ମୂଲ୍ୟରେ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଯୋଜନାକୁ ୪ବର୍ଷ ପୂରିବାକୁ ବସିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ସରିବାର ନା ଧରୁନି। ଏହାର ଛାତ ପଡ଼ି ନପାରି ଅଧପନ୍ତରିଆ ଅବସ୍ଥାରେ ପଡ଼ିରହିଛି। କାର୍ଯ୍ୟାଦେଶ ଆଣିବା ପରେ ଅର୍ଥ ବ୍ୟୟ କରି କୌଣସି ଯୋଜନାର ନିର୍ମାଣକୁ ଲକ୍ଷ୍ୟ ସ୍ଥଳରେ ନପହଞ୍ଚାଇ ଅଧପନ୍ତରିଆ ଅବସ୍ଥାରେ ଛାଡ଼ି ଦେବା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳ ନିର୍ଦ୍ଦେଶ କରୁଛି। ସୂଚନା ଅନୁଯାୟୀ ଉକ୍ତ ପାଠାଗାରର ଛାତ ପଡ଼ିବା ନିମନ୍ତେ ପରବର୍ତ୍ତି ମୁହୂର୍ତ୍ତରେ ୨ଲକ୍ଷ ୫୦ହଜାର ଟଙ୍କା ବିଭାଗ ତରଫରୁ ମଞ୍ଜୁର ହୋଇଥିଲା। ତେଣୁ ଅର୍ଥ ମଞ୍ଜୁର ହୋଇଥିବା ସତ୍ତ୍ୱେ ବିଭାଗୀୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଇଚ୍ଛା ଶକ୍ତିର ଅଭାବ କିମ୍ବା ଅଣଦେଖାରୁ ଏହା ସଂପୂର୍ଣ୍ଣ ହୋଇପାରୁନଥିବା ଜଣାପଡ଼ିଛି। ବିଭାଗୀୟ ଅଧିକାରୀ ସରକାରୀ ଯୋଜନାକୁ ପ୍ରହସନରେ ପରିଣତ ନକରି ଉକ୍ତ ପାଠାଗାର ନିର୍ମାଣରେ ଅଗ୍ରଗତି ଆଣିବା ପାଇଁ ଚେଷ୍ଟିତ ହେବାକୁ ଗ୍ରାମବାସୀଙ୍କ ସମେତ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଚୂଡ଼ାକୁଟିରେ ଇନ୍ଦ୍ରଗୋବିନ୍ଦଙ୍କ ଯଜ୍ଞ ଉତ୍ସବରେ ପାଲା ସମ୍ମିଳନୀ

**ଧାମନଗର, ୨୯ ।୨(ସମିସ):** ଓଡ଼ିଶାର ସଂସ୍କୃତି ଭଣ୍ଡାରକୁ ଋଦ୍ଧିମନ୍ତ କରିବାରେ ପାଲାଗାୟକମାନଙ୍କର ଭୂମିକା ଅତୁଳନୀୟ। ଏହି ପରିପ୍ରେକ୍ଷୀରେ ଧାମନଗର ବ୍ଲକ ଅନ୍ତର୍ଗତ ଚୂଡାକୁଟି ଗ୍ରାମପଞ୍ଚାୟତ ସହଯୋଗରେ ଆୟୋଜିତ ୩ଦିନିଆ ଯଜ୍ଞ ଉତ୍ସବ ଓ ଆଖଣ୍ଡଳମଣି ପାଲା ଗାୟକ/ଗାୟିକା ପରିଷଦର ପାଲା ସମ୍ମିଳନୀର ଉଦଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶିଷ୍ଟ ଶିକ୍ଷାବିତ ଖଗେଶ୍ୱର ସାମଲଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସମ୍ମାନପ୍ରାପ୍ତ ଗୁରୁଶ୍ରୀ ସୁବାସ ଚନ୍ଦ୍ର ମଲ୍ଲିକ, ମୁଖ୍ୟବକ୍ତା କବି ଦୟାନିଧି ମିଶ୍ର, ସ୍ୱତନ୍ତ୍ର ସମ୍ମାନିତ ଅତିଥି ସ୍ଥାନୀୟ ସରପଞ୍ଚ କସ୍ତୁରୀ ବିଶ୍ୱାଳ, ଅନ୍ୟତମ ସମ୍ମାନିତ ଅତିଥି ସମିତି ସଭ୍ୟ ଜ୍ଞାନରଞ୍ଜନ ମହାକୁଡ଼ ପ୍ରମୁଖ ଇନ୍ଦ୍ର ଗୋବିନ୍ଦଙ୍କ ମହିମା ଓ ଯଜ୍ଞର ତାତ୍ପର୍ଯ୍ୟ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ପରିଚୟ ଓ ମଞ୍ଚ ଆହ୍ୱାନ କରିଥିଲେ ପାଲା ପରିଷଦର ସମ୍ପାଦକ ନିରାକାର ଯେନା। ସରପଞ୍ଚ ପ୍ରତିନିଧି ବିଶ୍ୱରଞ୍ଜନ ବିଶ୍ୱାଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉଭୟ ଉତ୍ସବକୁ ପରିଚାଳନା କରିଥିଲେ ପାଲାଗାୟକ ପରିଷଦର ସଭାପତି ଉପେନ୍ଦ୍ର ଦାସ, ଗାୟକ ସୁବାସ ଚନ୍ଦ୍ର ବେହେରା, କଳାକାର ଉମାକାନ୍ତ ସାମଲ ପ୍ରମୁଖ। ଏଥିରେ ସମୁଦାୟ ୮ଗୋଟି ଦଳ ପାଲା ପରିବେଷଣ କରିଥିବା ବେଳେ ହଜାର ହଜାର ଶ୍ରଦ୍ଧାଳୁମାନେ ଯଜ୍ଞ ପୂର୍ଣ୍ଣାହୁତିରେ ଯୋଗଦେବା ସହିତ ବିଳମ୍ବିତ ରାତି ଯାଏ ପାଲା ଉପଭୋଗ କରିଥିଲେ।



# ‘୫-ଟି’ ଆଧାରରେ ସହରାଞ୍ଚଳ ରୂପାନ୍ତରଣ

**ବିଭିନ୍ନ ସୁବିଧା ଓ ସେବା ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉତ୍ସର୍ଗ**

ଯାଜପୁର, ୨୯।୨(ସମିସ)

ସହର ହେଉଛି ଦର୍ପଣ। ସମୃଦ୍ଧ ସହର ରାଜ୍ୟ ଓ ରାଷ୍ଟ୍ରର ସମୃଦ୍ଧିର ସୂଚନା ଦେଇଥାଏ। ‘୫-ଟି’ ଆଧାରରେ ସହରାଞ୍ଚଳ ରୂପାନ୍ତରଣ ଯୋଜନାରେ ସହରବାସୀଙ୍କ ନିମନ୍ତେ ବିଭିନ୍ନ ସୁବିଧା ଓ ସେବାକୁ ଆଭାସୀ ମାଧ୍ୟମରେ ଉତ୍ସର୍ଗ କରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା ପ୍ରକାଶ କରିଛନ୍ତି। ସହରାଞ୍ଚଳର ତଳିଆ ଅଞ୍ଚଳ ଲୋକଙ୍କୁ ଜାଗା ମିଶନ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ସଶକ୍ତିକରଣ କରାଯାଇଛି। ରାଜ୍ୟରେ ୨୦ ହଜାରରୁ ଅଧିକ ପରିବାର ଜମି ସାର୍ଟିଫିକେଟ୍ ପାଇଛନ୍ତି। ସହରାଞ୍ଚଳ ବାସିନ୍ଦାଙ୍କୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନା କାର୍ଯ୍ୟକାରୀ କରାଯିବା ସହ ବିଶ୍ୱ ଜଗତିକରଣ ପଦ୍ଧତିରେ ଜନସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଉଥିବା ସହ ମୁକ୍ତା ଯୋଜନାରେ ମା'ମାନଙ୍କୁ ସମ୍ପୃକ୍ତ କରାଯାଇ ନିରନ୍ତର ଆର୍ଥିକ ସ୍ୱାବଲମ୍ବୀ ଉନ୍ନତିକରଣ କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କୁ ଅଧିକରୁ ଅଧିକ ସଶକ୍ତିକରଣ କରାଯାଉଛି। ରାଜ୍ୟ ସରକାରଙ୍କ ମୁକ୍ତା, ଡ୍ରିଙ୍କ ଫ୍ରମ୍ ଟ୍ୟାପ ଓ ଜାଗା ମିଶନ ଯୋଜନା ଯୁଗାନ୍ତକାରୀ ପଦକ୍ଷେପରେ ସହରାଞ୍ଚଳବାସୀ ସାମିଲ ହୋଇ ନିଜର ଜୀବନଧାରାକୁ ଅଧିକରୁ ଅଧିକ ସଶକ୍ତ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ‘୫-ଟି’ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଲୋକାର୍ପଣ ଉତ୍ସବରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀମତୀ ଉଷା ଦେବୀ ଅଭିଭାଷଣ ରଖିଥିବାବେଳେ ଗୃହ ଓ ନଗର ଉନ୍ନୟନ ବିଭାଗ ଅତିରିକ୍ତ ଶାସନ ସଚିବ ଜି. ମାଥିଭାଥାନାମ୍ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପୌର ପ୍ରଶାସନ ନିର୍ଦ୍ଦେଶକ ଧନ୍ୟବାଦ ପ୍ରଦାନ କରିଥିଲେ।

ସହରାଞ୍ଚଳର ବିଭିନ୍ନ ଯୋଜନା ଅନ୍ତର୍ଗତ ସେବା ଓ ସୁବିଧା ଲୋକାର୍ପଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯାଜପୁର ସଦର ମହକୁମା ସହରକୁ ୫୬ କୋଟି ୭୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଶୁଦ୍ଧ ଉନ୍ନତ ପାନୀୟ ଜଳ ପ୍ରକଳ୍ପ ଭିତ୍ତିପ୍ରସ୍ତର କରିବା ପରିପ୍ରେକ୍ଷୀରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଫଙ୍କୁଲତା ହୋତା ଓ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତା ଓ ସହଅଧ୍ୟକ୍ଷତାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ ଯୋଗ ଦେଇ କହିଲେ, ଖାଦ୍ୟ, ବସ୍ତ୍ର, ବାସଗୃହ ଓ ବିଶୁଦ୍ଧ ପାନୀୟ ଜଳ ଆମ ମୌଳିକ ଆବଶ୍ୟକତା ଅଟେ। ଯାଜପୁର ପୌରାଞ୍ଚଳରେ ଏହି ମେଗା ପାଇପ୍ ବିଶୁଦ୍ଧ ଜଳ ପ୍ରକଳ୍ପ ଦ୍ୱାରା ୭୫






ହଜାର ୩୧୩୩ ଲୋକ ଆଗାମୀ ଦିନରେ ଉପକୃତ ହେବା ସହ ସହରୀ ଜୀବନ ଆନନ୍ଦମୟ ହେବ ବୋଲି ବକ୍ତବ୍ୟ ରଖି ଛାତ ଉପରେ ବର୍ଷା ଜଳ ସଂଗ୍ରହ ନିମନ୍ତେ ପରିଯୋଜନା କରିବାକୁ ପୌର ପରିଷଦକୁ ପରାମର୍ଶ ଦେଇ ପ୍ରତ୍ୟେକ ବିଶୁଦ୍ଧ ପାନୀୟ ଜଳ ବୁନ୍ଦା ଜୀବନ ପାଇଁ ମୂଲ୍ୟବାନ ଓ ଅଯଥାରେ ଟ୍ୟାପ ଖୋଲି ଜଳ ନଷ୍ଟ ନ କରିବାକୁ ବାର୍ତ୍ତା ପ୍ରଦାନ କରିଥିଲେ।

ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଫଙ୍କୁଲତା ହୋତା ମୁକ୍ତା ଯୋଜନାରେ ମା'ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା, ଜାଗା ମିଶନରେ ପଟ୍ଟା ବଣ୍ଟନ ଓ ଡ୍ରିଙ୍କ ଫ୍ରମ୍ ଟ୍ୟାପ ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିବାବେଳେ ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ ସହରୀ ଜୀବନକୁ ସରଳ, ସୁବିଧା ଓ ସେବା ଯୋଗାଇବା ନିମନ୍ତେ ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ପରିକଳ୍ପନା ସୁଦୂରପ୍ରସାରି ଅଟେ ବୋଲି କହିଥିଲେ। ମୁକ୍ତା ଯୋଜନାରେ ଜିମ୍, ଶିଶୁ ଉଦ୍ୟାନ, କୁଆଖିଆ ଓ ଷଠିପୁରଠାରେ ଯାଜପୁର ସହର ପ୍ରବେଶ ଦ୍ୱାରର ସୌନ୍ଦର୍ଯ୍ୟକରଣ, ବିରଜା ମନ୍ଦିର ପାରିପାଶ୍ୱରିକ ସୌନ୍ଦର୍ଯ୍ୟକରଣ, କ୍ରୀଡ଼ା ଭିତ୍ତିଭୂମି ଉନ୍ନତିକରଣ, ଯଯାତି ରାଜାଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସର୍ବବୃହତ୍ତ ପ୍ରତିମୂର୍ତ୍ତି ସ୍ଥାପନ, ସ୍ମାର୍ଟ ପାର୍କ ସ୍ଥାପନ, ଷ୍ଟ୍ରିଟ୍‌ଲାଇଟ ଆଦି ଯୋଜନା ଯାଜପୁର ସଦର ମହକୁମାକୁ ସବୁ କ୍ଷେତ୍ରରେ ଏକ ସ୍ୱଚ୍ଛ, ସୁନ୍ଦର, ମନୋଜ୍ଞ ଓ ଆଧ୍ୟାତ୍ମିକ ସହର ଭାବେ ସମସ୍ତଙ୍କୁ ଆକୃଷ୍ଟ କରିବ ବୋଲି କହିଥିଲେ।

ସମ୍ମାନିତ ଅତିଥି ଭାବେ ଜନସ୍ୱାସ୍ଥ୍ୟ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ କ୍ଷୀରୋଦ ଚନ୍ଦ୍ର ବେହେରା ପ୍ରକଳ୍ପ ସମ୍ବନ୍ଧରେ ସମସ୍ତ ତଥ୍ୟ ପ୍ରଦାନ କରିଥିବାବେଳେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସହରୀ ଜୀବନରେ ବିଶୁଦ୍ଧ ପାନୀୟ ଜଳର ଉପଯୋଗିତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। ପ୍ରାରମ୍ଭରେ ପୌର ପରିଷଦ ନିର୍ବାହୀ ଅଧିକାରୀ ଅଜୟ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜନସ୍ୱାସ୍ଥ୍ୟ ସହକାରୀ ଯନ୍ତ୍ରୀ ଇଂ ଅବନୀ ଖୁଣ୍ଟିଆ ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌରାଞ୍ଚଳ ୱାର୍ଡ କୋ-ଅର୍ଡିନେଟର, ଜଳସାଥୀ, ସ୍ୱଚ୍ଛସାଥୀ, ପାରିଷଦ ବୃନ୍ଦ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବୀରେନ୍ଦ୍ରଙ୍କ ପରିବାର ଆବାସ ଯୋଜନାରୁ ବଞ୍ଚିତ

**କୟାଁଗୋଲା,୨୯।୨ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ କୟାଁ ପଞ୍ଚାୟତ ଧରମପୁର ଗ୍ରାମର ବୀରେନ୍ଦ୍ର ମଲ୍ଲିକ (୪୮)ଙ୍କ ପରିବାରକୁ ଆବାସ ମିଳିନାହିଁ। ସରକାରୀ ଯୋଜନା କହିଲେ ଖାଦ୍ୟ ସୁରକ୍ଷା ଯୋଜନାରେ କେବଳ ରାସନ କାର୍ଡ ଖଣ୍ଡିଏ ସାହା ଭରସା। ମଜୁରି ଲାଗି ପେଟ ପୋଷଣ କରିଥା’ନ୍ତି। ରାସନ କାର୍ଡକୁ ଭରସା କରି ବୀରେନ୍ଦ୍ର, ପତ୍ନୀ ସଞ୍ଜୁଲତା (୪୫), ପୁଅ ରଶ୍ମୀରଞ୍ଜନ (୧୮), ଝିଅ ରଶ୍ମୀରେଖା (୧୪) ଅଛନ୍ତି। ଚାରି ଜଣଙ୍କ ପାଇଁ ଘର ଖଣ୍ଡିଏ ନ ଥିବାରୁ ଭଙ୍ଗା କୁଡ଼ିଆରେ ଜୀବନ କଟାଉଛନ୍ତି। ଅଭାବ ଅନଟନ ଭିତରେ ପିଲାଙ୍କ ପାଠପଢ଼ା ଅବହେଳିତ ହୋଇଥାଏ। ସକାଳ ହେଲେ ପେଟ ଚିନ୍ତାରେ ଗ୍ରାମ ଗ୍ରାମ ବୁଲି ମଜୁରି ଲାଗିଥା’ନ୍ତି ବୀରେନ୍ଦ୍ର। ଯାହା ପାରିଶ୍ରମିକ ମିଳେ ସେଥିରେ ଅତି କଷ୍ଟରେ ପରିବାର ଚଳିଥାଏ। ଏହି ପରିବାର ଉପରେ ଆଜିଯାଏ ପ୍ରଶାସନର ନଜର ପଡ଼ିନାହିଁ। ଭଙ୍ଗା ଝାଟିମାଟି ଘର ଜରିପାଲ ତଳେ ବୀରେନ୍ଦ୍ରଙ୍କ ପରିବାର ଦିନ କାଟନ୍ତି। ବୈତରଣୀ ନଦୀକୂଳରେ ଘର ହୋଇଥିବାରୁ ବନ୍ୟା ସମୟରେ ଘର ଡିଅ ବୁଡ଼ିଯାଏ। ଘର ଭିତରେ ପାଣି ଲହରି ମାରେ। ବନ୍ୟା ସମୟରେ ପାଣି ଡର ଅପେକ୍ଷା କୁମ୍ଭୀର ଭୟ ଅଧିକ ଦେଖା ଦେଇଥାଏ। ଏପରି ବିପଦସଂକୁଳ ଅବସ୍ଥାରେ ପିଲାଙ୍କ ଜୀବନ ଓ ଭବିଷ୍ୟତ ରହିଛି। ଏ ସମ୍ପର୍କରେ ସରପଞ୍ଚ ମନ୍ଦାକିନୀ ମଲ୍ଲିକଙ୍କୁ ପଚାରିବାରୁ ସର୍ଭେ ସମୟରେ ପିଇଓ ଥିବା ଦେବେନ୍ଦ୍ର ଜେନା ଏହି ପରିବାରର ତାଲିକା କାଟି ଦେଇଥିବାରୁ ତାଙ୍କୁ ଘର ମିଳିନାହିଁ ବୋଲି କହିଛନ୍ତି। ବୀରେନ୍ଦ୍ରଙ୍କ ପରିବାରକୁ ଆବାସ ଯୋଗାଇ ଦେବା ପାଇଁ ଗ୍ରାମର ରବୀନ୍ଦ୍ର ମଲ୍ଲିକ, ଭୀମସେନ ମଲ୍ଲିକ, ଶ୍ରୀକାନ୍ତ ମଲ୍ଲିକ, ଚନ୍ଦ୍ରଶେଖର ଦାସ ପ୍ରମୁଖ ଦାବି କରିଛନ୍ତି।



## ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଉତ୍ସବ

**ବିଞ୍ଝାରପୁର, ୨୯।୨ (ସମିସ):** ବିଞ୍ଝାରପୁର ଶିକ୍ଷା ମଣ୍ଡଳ ଅନ୍ତର୍ଗତ ଜରୀ ଜଗନ୍ନାଥପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମଣ୍ଡଳ ଶିକ୍ଷାଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ମଣ୍ଡଳ ସହ ଶିକ୍ଷାଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ବଳ, ଶିକ୍ଷକ ସଂଘର ପୂର୍ବତନ ସଭାପତି ବିଜୟ କୁମାର ନାୟକ, ସେକ୍ ସାମସୁଦ୍ଦିନ, ସମିତିସଭ୍ୟା ଅନୁସୂୟା ମଲ୍ଲିକ, ନାଏବ ସରପଞ୍ଚ ଅନ୍ନପୂର୍ଣ୍ଣା ସାମଲ, ସିଆରସିସି ମନୋଜ କୁମାର ମହାଳିକ, ଅକ୍ଷୟ କୁମାର ସେଠୀ, ପ୍ରମୋଦ କୁମାର ନାୟକ, ଦୁଷ୍ମନ୍ତ ମଲ୍ଲିକ, ଆରାମୁଲା ଖାଁ, ହବିବ ଉଲ୍ ମୋଇନ, ଦେବେନ୍ଦ୍ର ନାୟକ, ତପନ ମଲ୍ଲିକ୍, ଶ୍ରୀକାନ୍ତ ପଣ୍ଡା, ପ୍ରମୁଖ ଯୋଗଦେଇ ଥିଲେ। ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରାଧାରାଣୀ ଜେନା, ଜୟସିଂହ ସାମଲ, ଡମ୍ବରୁଧର ହେମ୍ବ୍ରମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡାର ୧୬୩ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଜାତା ପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ପ୍ରତାପ ବିଶ୍ୱାଳଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ମଙ୍ଗଳପୁର, ୨୯ ।୨(ସମିସ):** ଦଶରଥପୁର ବ୍ଲକ ମଙ୍ଗଳପୁରସ୍ଥ ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ପ୍ରତାପ କୁମାର ବିଶ୍ୱାଳ ଆଜି କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି। ଏ ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଦଶରଥପୁର ବ୍ଲକ ବିଇଓ ଅନ୍ନଦା ପ୍ରସାଦ ରଣା, ସମ୍ମାନିତ ଅତିଥି ଭାବେ ସିଆରସିସି ପୀତବାସ ସାମଲ, ବରିଷ୍ଠ ଶିକ୍ଷକ ପୀତବାସ ବେହେରା, ନିରଞ୍ଜନ ସାମଲ, ଦଶରଥ ଦାସ, ଖଗେଶ୍ୱର ମଲ୍ଲିକ, ଖଗେଶ୍ୱର ରାଉତ, ସୁବ୍ରତ କୁମାର ମଲ୍ଲିକ, ସୁଦୀପ୍ତ ନାୟକ, ଯୁଧିଷ୍ଠିର ବାରିକ, ଜ୍ୟୋତିରଞ୍ଜନ ଦାସ, ପ୍ରମୋଦ କୁମାର ସାହୁ, ସନ୍ତୋଷ କୁମାର ବିଶ୍ୱାଳ, ଘାସନ ବିଶ୍ୱାଳ, ଶିକ୍ଷୟିତ୍ରୀ ମଞ୍ଜୁଲତା ନାୟକ, ଝୁନାରାଣୀ ମଲ୍ଲିକ, ପଦ୍ମାବତୀ ସାହୁ, ପଦ୍ମଜା ରାଉତ, ସୁଶ୍ରୀ ଶ୍ୱେତା ଶତପଥୀ, ସଂଘମିତ୍ରା ସାହୁ, ନିରୂପମା ଷଡ଼ଙ୍ଗୀ, ପ୍ରତ୍ୟାସା ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକଙ୍କୁ ସମସ୍ତ ଅଭିଭାବକ ଓ ଅଞ୍ଚଳବାସୀ ବହୁତ ଆଦର କରୁଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ବିଦ୍ୟାଳୟ ପକ୍ଷରୁ ଅବସର ଗ୍ରହଣ କରିଥିବା ଆଦର୍ଶ ଶିକ୍ଷକ ପ୍ରତାପ ବିଶ୍ୱାଳଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**କୋରେଇ,୨୯ ।୨(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ମୁକୁନ୍ଦପୁରର ସରକାରୀ ବିଦ୍ୟାଳୟର ୨୦୦୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ବୈତରଣୀ ନଦୀକୂଳରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟଜିତ ମହାନ୍ତି ଓ ମୀନାରାଣୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ବହୁ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ସେନାପତି, ସୁବାସ ଚନ୍ଦ୍ର ବେହେରା, ମନୋରଞ୍ଜନ ଦାସ, ବିଭୂତି ଭୂଷଣ ସ୍ୱାଇଁ, ସୁକାନ୍ତ ଦାସ, ପ୍ରଦୀପ ଜେନା, ସୁମନ୍ତ ବୈଶାଖି, ରମେଶ ଚନ୍ଦ୍ର ଦାସ, କମଳେନ୍ଦୁ ସାହୁ, ପୁଷ୍ପଲତା ମହାନ୍ତି, ଶୁଭଦର୍ଶିନୀ ଦାସ, ରାଜଲକ୍ଷ୍ମୀ ଧିର, ଇତିଶ୍ରୀ ସାହୁ, ମନ୍ଦାକିନୀ ପାତ୍ର, ଟିକିଲି ସେନାପତି, ଭାରତୀ ସାହୁ, ଲଳିତା ପରିଡା, ଶୁଭଶ୍ରୀ ମହାନ୍ତି, ପ୍ରଶାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

**ଯାଜପୁର, ୨୯।୨ (ସମିସ):** ଯାଜପୁରନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ବିଜ୍ଞାନ ଦିବସରେ ମୁଖ୍ୟ ପ୍ରଶାସକ ରବୀନ୍ଦ୍ର ନାଥ ସାହୁ, ପ୍ରଧାନ ଆଚାର୍ଯ୍ୟ କୃତ୍ତିବାସ ରାଉତ, ବରିଷ୍ଠ ଆଚାର୍ଯ୍ୟା ଅନସୂୟା ପଣ୍ଡା, ଗଣିତ ଓ ବିଜ୍ଞାନ ଆଚାର୍ଯ୍ୟ ସୂର୍ଯ୍ୟମଣି ପଣ୍ଡା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଆଚାର୍ଯ୍ୟା ଅନସୂୟା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ସୂର୍ଯ୍ୟମଣି ପଣ୍ଡା ଅଭିଭାଷଣରେ ଶିଶୁମାନେ କିପରି ନୂତନ ସନ୍ଧାନୀ ହେବେ, ତା’ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଷଷ୍ଠ ଶ୍ରେଣୀର ଛାତ୍ରଙ୍କ ଦ୍ୱାରା ନାଟକ ‘ଅନ୍ଧବିଶ୍ୱାସ’ ଓ ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କ ଦ୍ୱାରା ‘ମୁ କି ଭୁଲ କଲି’ ନାଟକ ପରିବେଷଣ କରାଯାଇଥିଲା। ନୃତ୍ୟ, ପ୍ରକଳ୍ପ, ବିଜ୍ଞାନ କୁଇଜ୍, ବିଜ୍ଞାନ ପତ୍ରବାଚନ କରାଯାଇଥିଲା। ଶିଶୁଙ୍କ ବିଜ୍ଞାନ କୁଇଜ୍ ଆଚାର୍ଯ୍ୟ ସୌମ୍ୟରଞ୍ଜନ ଗୁରୁଜୀ ଓ କୈବଲ୍ୟ ଗୁରୁଜୀ ପରିଚାଳନା କରିଥିଲେ। ଆଚାର୍ଯ୍ୟା ବିଶ୍ୱଜିତା ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ‘ଜାତୀୟ ବିଜ୍ଞାନ ଦିବସ’ ଅବସରରେ ସମସ୍ତ ଗୁରୁଜୀ/ଗୁରୁମା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ। ବିଦ୍ୟାମନ୍ଦିର ବିଭାଗରେ ଅରୁଣ ଗୁରୁଜୀଙ୍କ ଦ୍ୱାରା ବକ୍ତୃତା ଓ ପ୍ରୟୋଗ ପ୍ରତିଯୋଗିତା ହୋଇଥିଲା।

# ଶ୍ରୀବିରଜା ସେବା ସମିତିର ବୈଠକ

ଯାଜପୁର ଟାଉନ, ୨୯।୨ (ସମିସ)

ଶ୍ରୀବିରଜା ସେବା ସମିତିର ଏକ ବୈଠକ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ସଭାପତି ଶ୍ରୀ ମିଶ୍ର ସେବା ସମିତି ପକ୍ଷରୁ ଗରିବ ବ୍ରାହ୍ମଣ ପିଲାଙ୍କୁ ବିରଜା ମନ୍ଦିର ପରିସରରେ ବ୍ରତଘର କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଉପ-ସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏହି ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା ଓ ସର୍ବସମ୍ମତି କ୍ରମେ ଗୃହିତ ହୋଇଥିଲା। ଏଥିପାଇଁ ଅଭିଭାବକମାନେ ସଭାପତି କିମ୍ବା ସମ୍ପାଦକଙ୍କୁ ଯୋଗାଯୋଗ କରିବେ। ମା’ଙ୍କ ସ୍ୱନକ୍ଷତ୍ରରେ ସେବା ସମିତି ଦ୍ୱାରା ଅନୁଷ୍ଠିତ କାର୍ଯ୍ୟକ୍ରମ ଉପରେ ସମୀକ୍ଷା କରାଯାଇଥିବାବେଳେ ପରବର୍ତ୍ତୀ ବର୍ଷରେ କିଛି ନୂତନ କାର୍ଯ୍ୟକ୍ରମ କରାଯିବାକୁ ମତ ପ୍ରକାଶ ପାଇଲା। ସମ୍ପାଦକ ଶ୍ରୀ ପାଠୀ ସ୍ୱନକ୍ଷତ୍ରରେ ଆୟବ୍ୟୟ ହିସାବ ଉପସ୍ଥାପନ କରିଥିଲେ। ଆଲୋଚନାରେ ଯୁଗ୍ମ ସମ୍ପାଦକ ବୃନ୍ଦାବନ ମିଶ୍ର, କୋଷାଧ୍ୟକ୍ଷ ହରିହର ବେହେରା, ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ, ସଭ୍ୟ ମଧୁସୂଦନ ମହାନ୍ତି, ବସନ୍ତ କୁମାର ଦାଶ, ରାମକୃଷ୍ଣ ବେହୁରିଆ, ଧନଞ୍ଜୟ କେଶରୀ ରାୟ, ଶ୍ରୀକୃଷ୍ଣ ମହାନ୍ତି, ମଳୟ କୁମାର ପଣ୍ଡା, ନିଶିଥ କୁମାର ଦାସ, ଭରତ କୁମାର ସାହୁ, ବିଷ୍ଣୁ ଚରଣ ଲେଙ୍କା, ସାମ୍ବାଦିକ ଦେବୀପ୍ରସାଦ ପାଣି ଓ ବିରଜା ପ୍ରସାଦ ପାଣି, ନୃସିଂହ ଚରଣ ମହାପାତ୍ର, ନିରୂପମା ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ସଭ୍ୟ ନୃସିଂହ ଚରଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ସମୃଦ୍ଧି ଓ ଅବିତରିତ ବିଶ୍ୱ ପାଇଁ ପରିବର୍ତ୍ତନ ନୀତି’ ଶୀର୍ଷକ ଆଲୋଚନାଚକ୍ର

**ବଡ଼ଚଣା, ୨୯।୨ (ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ସମୃଦ୍ଧି ଓ ଅବିତରିତ ବିଶ୍ୱ ପାଇଁ ପରିବର୍ତ୍ତନ ନୀତି ଶୀର୍ଷକ ଏକ ଆଲୋଚନାଚକ୍ର ବିଭାଗୀୟ ମୁଖ୍ୟ ଅଧ୍ୟାପକ ଶମ୍ଭୁନାଥ ହେମ୍ବ୍ରମଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ରାଜ୍ୟ ୪୮୮ ବର୍ଗ ଅଧ୍ୟାପକ କର୍ମଚାରୀ ସମନ୍ୱୟ ସଂଘ ସଭାପତି ପ୍ରାଧ୍ୟାପକ ପବିତ୍ର ମୋହନ ମାହାଲା ଆଧୁନିକ ସଭ୍ୟତା କିପରି ନିୟନ୍ତ୍ରଣ ହରାଇ ବିକାଶର ଦ୍ୱାହି ଦେଇ ବିନାଶର ପଥକୁ ଆପଣେଇ ନେଉଛି ତା’ର ଭୟାବହ ଭବିଷ୍ୟତ ସମ୍ବନ୍ଧରେ ବହୁତାତ୍ତ୍ୱିକ ଓ ବାସ୍ତବ ସମସ୍ୟାକୁ ଉତଥାପନ କରିବା ସହ ପ୍ରତିକାର ବିଷୟରେ ସଦୃଷ୍ଟାନ୍ତ ଉଦାହରଣ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ପ୍ରବୋଧ କୁମାର ସାମଲ ଯୋଗ ଦେଇ ଭାରତ ତଥା ବିଶ୍ୱର ବର୍ତ୍ତମାନ ଅବସ୍ଥା ଓ ବିଗତ ସମୟରୁ ଅଦ୍ୟାବଧି ଭିତରେ ସଭ୍ୟତା କିପରି ଆଗକୁ ଗତିବିଧି ସହ ବହୁ ମହତ୍ୱପୂର୍ଣ୍ଣ ଦିଗପ୍ରତି ସଚେତନ ନ ହେବା ଓ ସଭ୍ୟତାର ଉତ୍କର୍ଷତା ଅଚିରେ ଆମକୁ ବହୁ ନକରାତ୍ମକ ଅବସ୍ଥାରେ ଉପନୀତ। ଏଥିପ୍ରତି ଯତ୍ନଶୀଳ ହେବାକୁ କହିଥିଲେ। ଏ ଅବସରରେ +୩ ପ୍ରଥମ ବର୍ଷ ଛାତ୍ରୀ ଅଙ୍କିତା ଓଝା ସ୍ୱରଚିତ ସନ୍ଦର୍ଭ ପାଠ କରିଥିଲେ। ବିଭାଗୀୟ ଅଧାପିକା ସସ୍ମିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କାଳିଆ ଯୋଜନାରେ ଜୀବିତ ଲୋକ ମୃତ; ସହାୟତାରୁ ବଞ୍ଚିତ



**କୋରେଇ,୨୯ ।୨(ସମିସ):** ରାଜ୍ୟରେ ବିଭିନ୍ନ ପ୍ରକାରର କୃଷିକୁ ତ୍ୱରାନ୍ୱିତ କରିବା ସହ ଦାରିଦ୍ର୍ୟ ହ୍ରାସ ନିମନ୍ତେ ରାଜ୍ୟ ସରକାରଙ୍କ ଦ୍ୱାରା ଜନକଲ୍ୟାଣକାରୀ ଯୋଜନା କାଳିଆ କରାଯାଇଛି। ଏହାଦ୍ୱାରା କୃଷକଙ୍କ ଆର୍‌ଥିକ ମାନଦଣ୍ଡ ଉନ୍ନତ ହେବା ସହ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧିରେ ସହାୟକ ହେଉଛି। କିନ୍ତୁ କେତେକ କ୍ଷେତ୍ରରେ ପରିଚାଳନାଗତ ତ୍ରୁଟି ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି। ଏଭଳି ଏକ ଘଟଣା ଯାଜପୁର ଜିଲ୍ଲା କୋରେଇ ବ୍ଲକ ଅନ୍ତର୍ଗତ ପଛିକୋଟ ପଞ୍ଚାୟତର ଗୟଳଗଡିଆ ଗ୍ରାମରେ ପରିଲକ୍ଷିତ ହୋଇଛି। ସୂଚନା ମୁତାବକ, ଗୟଳଗଡ଼ିଆ ଗ୍ରାମର ଏକନ ପାତ୍ରଙ୍କ ପୁଅ କାଳନ୍ଦୀ ପାତ୍ର(୫୨) କାଳିଆ ଯୋଜନାର ହିତାଧିକାରୀ। ସେ କାଳିଆ ଯୋଜନା କାର୍ଯ୍ୟକାରୀ ହେବାଠାରୁ ୨ଥର ଏହି ରାଶି ପାଇଛନ୍ତି। ପରେ ତାଙ୍କୁ ଏହି ରାଶି ମିଳି ନ ଥିଲା। କାହିଁକି ତାଙ୍କୁ ଏହି ରାଶିରୁ ବଞ୍ଚିତ କରାଯାଇଛି, ତାହାର କାରଣ ଜାଣିବା ନିମନ୍ତେ ସେ କୋରେଇ ବ୍ଲକର କର୍ମଚାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ଏ ବିଷୟରେ କୌଣସି ସନ୍ତୁଷ୍ଟ ଉତ୍ତର ନ ପାଇବାରୁ ବାଧ୍ୟ ହୋଇ ଅନଲାଇନରେ ସର୍ଚ୍ଚ କରିଥିଲେ। ସେଥିରୁ ଯେଉଁ ତଥ୍ୟ ମିଳିଲା, ସେ ତାହା ଦେଖି ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ସେ ଜୀବିତ ଥାଉ ଥାଉ ତାଙ୍କୁ ମୃତ ବୋଲି ଦର୍ଶାଯାଇଛି। ଫଳରେ ଏହି ରାଶି ପାଇବାରୁ ସେ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଏଥିପ୍ରତି ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସେ ଅନୁରୋଧ କରିଛନ୍ତି।

# ଗୋଲେଇପୁର ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ

**ପାଣିକୋଇଲି, ୨୯।୨(ସମିସ):** କୋରେଇ ଶିକ୍ଷା ମଣ୍ଡଳ ଅଧୀନସ୍ଥ ଗୋଲେଇପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। ଏ ଅବସରରେ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ପ୍ରଦର୍ଶନୀରେ ତୃତୀୟରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ୩୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଶୀଳା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ ପ୍ରଦର୍ଶନୀକୁ ପରିଚାଳନା କମିଟି ସଭାପତି ହରେକୃଷ୍ଣ ସାହୁ ଉଦ୍‌ଘାଟନ କରିଥିବାବେଳେ ଗୋଲେଇପୁର ପଞ୍ଚାୟତ ହାଇସ୍କୁଲର ବିଜ୍ଞାନ ଶିକ୍ଷକ କୁଳମଣି ପରିଡ଼ା ବିଚାରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ପ୍ରଦର୍ଶନରେ କୁନି କୁନି ପିଲାଙ୍କ ହାତଗଢା ପ୍ରକଳ୍ପ ଦେଖି ବିଚାରପତି ପ୍ରଶଂସା କରିଥିଲେ। ଶେଷରେ କୁନି କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।



## ନୂତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ବଡ଼ଚଣା,୨୯ ।୨ (ସମିସ):** ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଗତ ୨୨ ତାରିଖରେ ରାଜ୍ୟରେ ୫୭୬ ଜଣ ହିନ୍ଦି ଓ ସଂସ୍କୃତ ଶିକ୍ଷକ ନିଯୁକ୍ତ କରିଛନ୍ତି। ଏ ପରିପ୍ରେକ୍ଷୀରେ ବଳଦେବଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ନବ ନିଯୁକ୍ତ ହିନ୍ଦୀ ଶିକ୍ଷକ ଭାବେ ଅମ୍ରିତେନ୍ଦୁ ନାୟକ ଯୋଗଦେଇଛନ୍ତି। ବିଦ୍ୟାଳୟ ପକ୍ଷରୁ ପ୍ରଧାନ ଶିକ୍ଷକ ଅରୁଣ କୁମାର ସର ଓ ତାଙ୍କ ସହଯୋଗୀ ଶିକ୍ଷକ ଶିକ୍ଷୟିତ୍ରୀ ନବନିଯୁକ୍ତ ଶିକ୍ଷକ ଅମ୍ରିତେନ୍ଦୁ ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀ ନାୟକ ଶିକ୍ଷା ଏକ ଜୀବନ ବ୍ୟାପି ସାଧନା, ଶ୍ରେଣୀ ଗୃହରୁ ସୃଷ୍ଟି ହେଉଥିବା ଦେଶର ନାଗରିକଙ୍କୁ ଉଚିତ ମାର୍ଗରେ ପରିଚାଳିତ କରି ଏକ ସୁସ୍ଥ ସମାଜ ଗଠନ କରିବାରେ ମୋର ପ୍ରାଥମିକତା ହେବା ସହିତ ଏକ ସବୁଜିମାଭରା ଶୈକ୍ଷିକ ବାତାବରଣ ମଧ୍ୟରେ ଶିକ୍ଷା ପ୍ରଦାନ ମୋର ପ୍ରଧାନ କର୍ତ୍ତବ୍ୟ ବୋଲି କହିଥିଲେ।

**● ବିଏମ୍‌ସି ୟୁଥ୍ କମିଟି ପକ୍ଷରୁ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ**

# ‘କବି ହେଉଛନ୍ତି ଦେଶର ଅଦୃଶ୍ୟ ସୈନିକ ସଦୃଶ’

ବ୍ରହ୍ମବରଦା, ୨୯ ।୨ (ସମିସ)

କବିମାନେ ହେଉଛନ୍ତି ଦେଶର ଅଦୃଶ୍ୟ ସୈନିକ ସଦୃଶ। ଯେପରି ସୈନିକମାନେ ସୀମାରେ ରହି ଶତ୍ରୁଙ୍କୁ ଦେଶ ଭିତରକୁ ପ୍ରବେଶ କରିଦିଅନ୍ତି ନାହିଁ, ସେପରି କବି ଶତ୍ରୁ ଦେଶମାନଙ୍କୁ ତାଙ୍କ ଗୁଳି ସଦୃଶ୍ୟ କବିତା ମାଧ୍ୟମରେ କଡ଼ା ଜବାବ ଦିଅନ୍ତି। କବିର କିଛି ଧର୍ମ ନ ଥାଏ। ସେମାନଙ୍କ କବିତାରେ ସମସ୍ତ ସମାଜକୁ ଏକତାର ବନ୍ଧନରେ ବାନ୍ଧିବାକୁ ଚେଷ୍ଟା କରିଥାଏ ବୋଲି ବିଏମ୍‌ସି ୟୁଥ କମିଟି ପକ୍ଷରୁ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀରେ ମତ ପ୍ରକାଶ ପାଇଛି।

କବିଙ୍କୁ ସମ୍ମାନ ଦେବା ଓ ସମାଜରେ ଭାଇଚାରା ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ରସୁଲପୁର ବ୍ଲକ ଅଧୀନ ଅଭିଭକ୍ତ ବ୍ରହ୍ମବରଦା ପଞ୍ଚାୟତର ଏକ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିଏମ୍‌ସି ୟୁଥ୍ କମିଟି ପକ୍ଷରୁ ମୁସାଇରା ପଡିଆରେ ‘ଏକ ସାମ୍ ଏକତା କି ନାମ୍’ ନାମରେ ସର୍ବଭାରତୀୟ ଉର୍ଦ୍ଦୁ କବି ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୀତାମଣି ବିହାରରୁ ଆସିଥିବା ଉର୍ଦ୍ଦୁ କବି ନେମାତୁଲ୍ଲା ରେହେମାନି, କିଷାନଗଞ୍ଜ ବିହାରରୁ ଗାୟକ ତବରେଜ ହାସମି, ମୁମ୍ବାଇରୁ ସହିଦ ଗହର, ଉତ୍ତରପ୍ରଦେଶରୁ ନଜମି ହସନ, ଆସାଦ ଆଜମୀ ଓ ଆଦନାନ ପ୍ରତାପଗଡି, ଦିଲ୍ଲୀରୁ ମୋଜାମିଲ ହ୍ୟାୟାତ ଯୋଗଦେଇ ଉର୍ଦ୍ଦୁ କବିତାରେ ଉପସ୍ଥିତ ଥିବା ହଜାର ହଜାର ଦର୍ଶକଙ୍କୁ ବିମୋହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ, ଯାଜପୁର ସାଂସଦ ଶ୍ରୀମତୀ ଶର୍ମିଷ୍ଠା ସେଠୀ, ବରୀ ବିଧାୟିକା ଶ୍ରୀମତୀ ସୁନନ୍ଦା ଦାସ, ୩୬ ନଂ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଭାରତୀ ବିଶ୍ୱାଳ, ବ୍ରହ୍ମବରଦା ସରପଞ୍ଚ ଶ୍ରୀମତୀ ମମତା ଶୁଭଦର୍ଶିନୀ ଦେଓ, ସମିତ ସଭ୍ୟା ରୁକସାନା ପରବିନ ଅତିଥି ଭାବେ ଯୋଗଦେଇଥିଲେ। ଏ ଅବସରରେ ବିଏମ୍‌ସି ୟୁଥ କମିଟି ପକ୍ଷରୁ ଅତିଥିଙ୍କ ସମେତ ସମସ୍ତ ଗାୟକଙ୍କୁ ପୁଷ୍ପଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଉଭୟ ବ୍ରହ୍ମବରଦା ଓ ମହେଶ୍ୱରପୁର ଚାନ୍ଦପୁରର ସମସ୍ତ ମୁସଲମାନ ଓ ହିନ୍ଦୁ ମୁରବିଙ୍କ ସମେତ ବହୁ କର୍ମକର୍ତ୍ତା ପରିଚୋଳନାରେ ସହଯୋଗ କରିଥିଲେ।



## ଦୋକାନୀଙ୍କୁ ଆକ୍ରମଣ ଅଭିଯୋଗ

**ପାଣିକୋଇଲି, ୨୯।୨(ସମିସ):** ପାଣିକୋଇଲି ବଜାରର ଦୁର୍ଗା ମାର୍କେଟରେ ଜିନିଷ କିଣାବିକାକୁ ନେଇ ସ୍ଥାନୀୟ ଅଞ୍ଚଳର ଜଣେ ଯୁବକ ଦୋକାନୀଙ୍କୁ ଆକ୍ରମଣ କରିବା ସହିତ ମାଡ଼ ମାରିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୁଲିସ ଉକ୍ତ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରିଛି। ପାଣିକୋଇଲି ବଜାରର ଦୁର୍ଗା ମାର୍କେଟରେ ଚାନ୍ଦପୁର ଗ୍ରାମର ରଘୁନାଥ ପରିଡ଼ାଙ୍କ ପୁଅ ଅଶୋକ ଏକ ଫଳ ଦୋକାନ କରିଛନ୍ତି। ବୁଧବାର ରାତି ପ୍ରାୟ ୮ଟା ସମୟରେ ସ୍ଥାନୀୟ ଅଳତିରି ପରିଡ଼ା ସାହିର ଅରୁଣ ପରିଡ଼ାଙ୍କ ପୁଅ ଉଦୟ ଅଶୋକଙ୍କ ପାଖରେ ଦୋକାନ କରିଥିବା ସେନାପତି ଭେରାଇଟି ଷ୍ଟୋରରେ ଜିନିଷ କିଣାକୁ ନେଇ କୌଣସି କାରଣରୁ ଗଣ୍ଡଗୋଳ କରିବା ସହିତ ତାଙ୍କ ଦୋକାନରେ ଥିବା ଜିନିଷକୁ ଫିଙ୍ଗା ଫୋପଡ଼ା କରିଥିଲେ। ଏ ନେଇ ଉକ୍ତ ଦୋକାନର ମାଲିକ ବିରୋଧ କରିବାରୁ ସେ ତାଙ୍କୁ ମାଡ଼ ମାରିଥିଲେ। ପାଖ ଦୋକାନରେ ଗଣ୍ଡଗୋଳ ହେବା ଦେଖି ଅଶୋକ ସେଠାରେ ପହଞ୍ଚି ଉଭୟ ପକ୍ଷଙ୍କୁ ଛଡ଼ାଛଡ଼ି କରିବା ସମୟରେ ଉଦୟ ଉତ୍ତ୍ୟକ୍ତ ହୋଇ ଅଶୋକଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ଦୋକାନରେ ଥିବା ଫଳ ପେଟି ରାସ୍ତା ଉପରକୁ ଫୋପାଡ଼ି ଦେଇଥିଲା। ଏହା ସହିତ ଅଶୋକ ପିନ୍ଧିଥିବା ଏକ ସୁନା ଚେନକୁ ଛଡ଼ାଇ ନେଇଯାଇଥିଲା। ଉଦୟର ଏପରି ଦାଦାଗିରି ତଥା ଗଣ୍ଡଗୋଳ ଦେଖି ଅନ୍ୟ ଦୋକାନୀ ଘେରିଯିବାରୁ କୌଶଳ କ୍ରମେ ଉଦୟ ସେଠାରୁ ପଳାଇ ଯାଇଥିଲା। ପରେ ଦୋକାନୀ ମିଳିତ ହୋଇ ଉଦୟ ବିରୁଦ୍ଧରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏ ନେଇ ଅଶୋକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ୧୧୩/୨୪ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲୁ ରହିଛି।

## ଆକ୍ରମଣ ଘଟଣାରେ ଯୁବତୀ କୋର୍ଟ ଚାଲାଣ

**ପାଣିକୋଇଲି, ୨୯।୨(ସମିସ):** ଜଣେ ମହିଳାଙ୍କୁ ଇଟାରେ ଆକ୍ରମଣ କରି କ୍ଷତାକ୍ତ କରିବା ଅଭିଯୋଗରେ ପାଣିକୋଇଲି ପୁଲିସ ଜଣେ ଯୁବତୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପାଣିକୋଇଲି ଥାନା ଅନ୍ତର୍ଗତ ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମର ଗୋଲଖ ମଲିକଙ୍କ ପୁଅ ଅରୁଣଙ୍କ ଅଭିଯୋଗ ମୁତାବକ, ତାଙ୍କ ସ୍ତ୍ରୀ ରଜନୀ ଗତ ୨୪ ତାରିଖରେ ତାଙ୍କ ଘର ନିକଟସ୍ଥ ପଡ଼ିଆରେ ଶାଗ ତୋଳିବା ସମୟରେ ଖଇରାବାଦ ଗ୍ରାମର ଗୋପିନାଥ ମଲିକଙ୍କ ସ୍ତ୍ରୀ ପାର୍ବତୀ ମଲିକ ଓ ଝିଅ ମଇନା ମଲିକ ପହଞ୍ଚି ଇଟା ଦ୍ୱାରା ରଜନୀଙ୍କୁ ଆକ୍ରମଣ କରିଥିଲେ। ଫଳରେ ରଜନୀ କ୍ଷତାକ୍ତ ହେବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଡାକ୍ତରଖାନା ନେଇ ଚିକିତ୍ସା କରିବା ପରେ ଅରୁଣ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ନେଇ ଏକ ମାମଲା ୧୦୮/୨୪ରେ ରୁଜୁ କରାଯାଇ ତଦନ୍ତ ଜାରି ରହିଥିଲା। ଆଜି ଅଭିଯୁକ୍ତ ମଇନା (୨୪)କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିଥିବା ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକଙ୍କ ସୂତ୍ରରୁ ପ୍ରକାଶ।



## ଖବରକାଗଜ ବିତରକ ସମ୍ମାନିତ

**ବଡ଼ଚଣା, ୨୯।୨(ସମିସ):** ବଡ଼ଚଣା ବ୍ଲକ ଅଞ୍ଚଳର ଜଣାଶୁଣା ଖବରକାଗଜ ବିତରକ ଅଞ୍ଜନ କୁମାର ସାହୁଙ୍କୁ ଯାଜପୁରରେ ସମ୍ବର୍ଦ୍ଧିତ କରାଯାଇଛି। ଶ୍ରୀ ସାହୁ ଦୀର୍ଘଦିନ ଧରି ବାଲିଚନ୍ଦ୍ରପୁର ଅଞ୍ଚଳରେ ଖବରକାଗଜ ବିତରଣ କରି



ବାତ୍ୟା, ବନ୍ୟା ଓ ଜାତୀୟ ବିପତ୍ତି ସମୟରେ ଜନସାଧାରଣଙ୍କୁ ନିରନ୍ତର ସେବା ଯୋଗାଇ ଆସୁଛନ୍ତି। ଏଥିପାଇଁ ଓଡ଼ିଶା ସାମ୍ବାଦିକ ୟୁନିଅନ (ଓୟୁଜେ)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ରାଜ୍ୟସ୍ତରୀୟ ସାମ୍ବାଦିକ ସମାବେଶରେ ଶ୍ରୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗ ଦେଇ ମାନପତ୍ର ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ।

## ଧାରପୁର ପଞ୍ଚାୟତରେ ଆମ ବ୍ୟାଙ୍କ୍ ଉଦ୍‌ଘାଟିତ



**ବରୀ, ୨୯ ।୨(ସମିସ):** ଗୁରୁବାର ଅପରାହ୍ନରେ ବରୀ ବ୍ଲକ ଅନ୍ତର୍ଗତ ଧାରପୁର ପଞ୍ଚାୟତର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ନିକଟରେ ଉଦ୍‌ଘାଟିତ ହୋଇଯାଇଛି ମୋ ବ୍ୟାଙ୍କ (ସିଏସପି ପ୍ଲସ)। ଓଡ଼ିଶା ସରକାରଙ୍କ ପ୍ରତ୍ୟେକ ପଞ୍ଚାୟତରେ ବ୍ୟାଙ୍କ ସେବା ପହଞ୍ଚାଇବା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବରୀ ବ୍ଲକରେ ସମୁଦାୟ ୧୦ଟି ଆମ ବ୍ୟାଙ୍କ ଉଦଘାଟିତ ହୋଇଯାଇଛି। ଏଥିମଧ୍ୟରେ ଧାରପୁର ଅନ୍ୟତମ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ କୁନା ମଲିକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଶ୍ରୀଧର ସେଠୀ, ଅନ୍ୟତମ ଅତିଥି ଭାବେ ପୂର୍ବତନ ସମିତି ସଭ୍ୟ ସୁରେଶ ମଲିକ ଯୋଗଦେଇ ଫିତାକାଟି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଏସପି ପ୍ଲସର ପରିଚାଳକ ଦେବରାଜ ନାୟକ, କବିତା ନାଥଶର୍ମା, ବସନ୍ତ ଭୂୟାଁ, ନିରଞ୍ଜନ ମହଲ, ରମାମଣୀ ଶ୍ୟାନ୍ତି ପ୍ରମୁଖ ସହଯୋଗ କରିଥିଲେ।

### ଦଣ୍ଡମୁକ୍ତ ଅଞ୍ଚଳରେ ସ୍କୁଲ ଛାତ୍ରୀଙ୍କୁ ଦଣ୍ଡ

# ଅତିରିକ୍ତ ଜିଲ୍ଲାପାଳଙ୍କୁ ସାମାଜିକ କର୍ମୀଙ୍କ ଅଭିଯୋଗ

**ଯାଜପୁର/ବ୍ୟାସନଗର, ୨୯ ।୨(ସମିସ)**

ରାଜ୍ୟର ସମସ୍ତ ସ୍କୁଲ ଅଞ୍ଚଳକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। କୌଣସି ଛାତ୍ରଛାତ୍ରୀଙ୍କୁ ସ୍କୁଲ କ୍ୟାମ୍ପସ ଭିତରେ କୌଣସି ପ୍ରକାର ଦଣ୍ଡ ଦିଆଯାଇପାରିବ ନାହିଁ ବୋଲି ନିୟମ ରହିଛି। କିନ୍ତୁ ବ୍ୟାସନଗର ପୌରାଞ୍ଚଳ ଅନ୍ତର୍ଗତ ମେହେର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ନିୟମର ଖୋଲା ଉଲ୍ଲଙ୍ଘନ ହୋଇଥିବା ଅଭିଯୋଗ ହୋଇଛି।

ଏହି ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀ ପିଲାମାନଙ୍କୁ ଭାତ ଡାଲି ଦେଇ ବୁଧବାର ଶୁକ୍ରବାର ଦିନ ମାଛ ମାଂସ ତରକାରୀ କରି ଖାଉଛନ୍ତି। ଅନ୍ୟ ଦିନଗୁଡିକରେ ଶିକ୍ଷକ ଶିକ୍ଷୟିତ୍ରୀ ଆମିଷ କରି ଖାଉଥିବା ସମ୍ପର୍କରେ ଚତୁର୍ଥ ଶ୍ରେଣୀ ଛାତ୍ରୀ ପ୍ରୀତିପ୍ରିୟା ରାଣୀ ପାତ୍ର ତାଙ୍କ ନିଜ ଘରେ କହିଥିଲେ। ଏ ସମ୍ପର୍କରେ ଜଣାପଡ଼ିବାରୁ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଗୁରୁବାର ଦିନ ମଧ୍ୟାହ୍ନରେ ସେ ଛାତ୍ରୀକୁ ମଧ୍ୟାହ୍ନଭୋଜନ ନ ଦେଇ ଖରାରେ ଆଣ୍ଠେଇ ଦେଇଥିବା ଅଭିଯୋଗ ହୋଇଛି। ପରେ ଛାତ୍ରୀ ଜଣକୁ ଖରାରେ ଏକ ଗୋଡ଼ିଆ କରାଇ ଠିଆ କରାଯାଇଥିଲା। ଏପରିକି ବିଦ୍ୟାଳୟ ଛୁଟି ପରେ ବି ତାଙ୍କୁ ଘରକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା। ଛାତ୍ରୀ ଜଣକୁ ଶାରୀରିକ ମାନସିକ ନିର୍ଯାତନା ଦେବା ସହ ଦୀର୍ଘ ସମୟ ଛାତ୍ରୀ ଜଣଙ୍କ ଏକ ଗୋଡ଼ରେ ଠିଆ ହୋଇରହିବା ପରେ ସ୍କୁଲ ପରିସରରେ ସେ ଅଚେତ ହୋଇ ପୋଡ଼ିଯାଇଥିଲେ। ପ୍ରୀତିପ୍ରିୟା ବିଦ୍ୟାଳୟରୁ ଠିକ୍ ସମୟରେ ନ ଫେରିବାରୁ ଘର ଲୋକ ଖୋଜାଖୋଜି କରି ବିଦ୍ୟାଳୟକୁ ଗଲା ପରେ ସେଠାରେ ଅଚେତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଚିକିତ୍ସିତ କରିଥିଲେ। ଏ ସମ୍ପର୍କରେ ସାମାଜିକ କର୍ମୀ ବିଶ୍ୱନାଥ ପାତ୍ର ଯାଜପୁର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ଅଭିଯୋଗ କଳିଙ୍ଗନଗର ଅତିରିକ୍ତ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ଘଟଣାର ତଦନ୍ତ କରାଯାଇ ଘଟଣାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ସେପଟେ ଏ ସମ୍ପର୍କରେ କୋରେଇ ବିଇଓ ସୁଦର୍ଶନ ମଲ୍ଲିକଙ୍କୁ ପଚାରିବାରେ ଏ ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ। ସେହିପରି ବିଦ୍ୟାଳୟର ପ୍ରଧାନଶିକ୍ଷକ ମହେନ୍ଦ୍ର ନାୟକ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପାଠପଢ଼ା ଯୋଗୁଁ ଛାତ୍ରୀ ଜଣକୁ ଗାଳି କରାଯାଇଥିବା ଶ୍ରୀ ନାୟକ ସଫେଇ ଦେଇଛନ୍ତି।

## ‘ଆର୍ଥିକ କାରବାର ଶିକ୍ଷା’ ସମ୍ପର୍କିତ ଆଲୋଚନାଚକ୍ର

**ବଡ଼ଚଣା, ୨୯।୨ (ସମିସ)**




ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟସ୍ଥ ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟ ଆଇକ୍ୟୁଏସି ଓ ଜାତୀୟ ଆର୍ଥିକ ଶିକ୍ଷାକେନ୍ଦ୍ରର ମିଳିତ ସହଯୋଗରେ ‘ଆର୍ଥିକ କାରବାର ଶିକ୍ଷା’ ସମ୍ବନ୍ଧରେ ଏକ ଆଲୋଚନା ଚକ୍ର କଲେଜ ମହାବିଦ୍ୟାଳୟ ଅଧ୍ୟକ୍ଷ ପବିତ୍ର ମୋହନ ମାହାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜାତୀୟ ଆର୍ଥିକ ଶିକ୍ଷାକେନ୍ଦ୍ର ଭୁବନେଶ୍ୱରର ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ ଓ ଭବାନୀ ଶଙ୍କର ପାଣିଗ୍ରାହୀ ପ୍ରୋଜେକ୍ଟ ମାଧ୍ୟମରେ ଆଜିର ସମାଜରେ ଦୈନନ୍ଦିନ ଜୀବନରେ କିପରି ଆର୍ଥିକ ପରିଚାଳନା ଆବଶ୍ୟକତା ରହିଛି ଓ ସାଇବର ଅପରାଧକୁ ପ୍ରତିହତ କରାଯାଇ କିପରି ସୁରକ୍ଷିତ ଓ ନିରାପଦ ଭାବେ ସ୍ୱ-ଅର୍ଜିତ ଅର୍ଥକୁ ବିନିଯୋଗ କରାଯାଇପାରିବ ସେ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେଫ ଅଧ୍ୟକ୍ଷ ଶ୍ରୀ ମାହାଲା ଆଜିର ମଣିଷ ଯୋଜନାବଦ୍ଧ ଭାବେ ନିଜର ଅର୍ଥକୁ ଖର୍ଚ୍ଚ କରିବା ସହ ଭବିଷ୍ୟତ ପାଇଁ ସଞ୍ଚୟ ମାନସିକତା ରଖି ଉପଯୁକ୍ତ ନିଷ୍ପତ୍ତି ନେଲେ ଭବିଷ୍ୟତ ପିଢି ସୁରକ୍ଷିତ ଓ ସୁଗମ ଜୀବନଯାପନ କରିପାରିବେ ବୋଲି କହିଥିଲେ। ଆଇକ୍ୟୁଏସି ମୁଖ୍ୟ ସଂଯୋଜକ ପ୍ରାଧ୍ୟାପକ ପ୍ରମୋଦ କୁମାର ଖଣ୍ଡାଇ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହସଂଯୋଜକ ଅଧ୍ୟାପକ ନାରାୟଣ ଚନ୍ଦ୍ର ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ର ଓ କର୍ମଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ପାଣିକୋଇଲି କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ

**ପାଣିକୋଇଲି, ୨୯।୨(ସମିସ)**




ପାଣିକୋଇଲିସ୍ଥ ମା’ ତାରିଣୀ ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟ ବିଜ୍ଞାନ ଦିବସ ପାଳନ କରାଯାଇଛି। ଏ ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ଡକ୍ଟର ଚନ୍ଦ୍ରକାନ୍ତ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଂସ୍କୃତ ବିଭାଗ ମୁଖ୍ୟ ଡକ୍ଟର ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ବିଜ୍ଞାନର ସଜ୍ଞା ଓ ସ୍ୱରୂପ ଉପସ୍ଥାପିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ସମରେନ୍ଦ୍ର ଦାଶ, ପାର୍ବତୀ ନାଥ ଓ ମଦନ ମୋହନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଶକ୍ତିମୟୀ ଜେନା, ସସ୍ମିତା ଦାଶ ଓ ଅଧ୍ୟାପକ ସନ୍ତୋଷ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବ୍ରତ ଦାସ, ସଙ୍ଗୀତା ନନ୍ଦ, ଶୁଭକାନ୍ତ ପାତ୍ର, କଳ୍ପନା ପଣ୍ଡା, ଅଭିତ ଜେନା, ସ୍ୱାଗତିକା ଜେନା, ଅଲେଖ ପ୍ରସାଦ ସାହୁ, ରମେଶ ମହାକୁଡ ଓ ବିପିନ ବିହାରୀ ଦାସ ସହଯୋଗ କରିଥିଲେ। ସତ୍ୟବ୍ରତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେବେଶ୍ୱର ମନ୍ଦିରର ପ୍ରତିଷ୍ଠା ଉତ୍ସବ

**ବ୍ୟାସନଗର, ୨୯।୨(ସମିସ):** ବ୍ୟାସନଗର ପୌରାଞ୍ଚଳର ମହତାବନଗରସ୍ଥ ଶ୍ରୀଶ୍ରୀ ଦେବେଶ୍ୱର ମହାଦେବ ମନ୍ଦିରର ୧୭ତମ ପ୍ରତିଷ୍ଠା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ କେଶବ ଚନ୍ଦ୍ର ପଣ୍ଡାଙ୍କ ପୌରୋହିତରେ ରୁଦ୍ରାଭିଷେକ, ହୋମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। ଅଜିତ ଶତପଥୀ ସପତ୍ନୀଙ୍କ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ଭଜନ ପରିବେଷଣ କରାଯାଇଥିଲା। ଦିନ ତମାମ ବିଭିନ୍ନ କାର୍ଯ୍ୟକ୍ରମରେ ଇଂ ହେମନ୍ତ ଦାସ, ଡାକ୍ତର ପ୍ରସନ କୁମାର ସାହୁ, ମୁରଲୀ ସାମଲ, ଜମ୍ମୁନାଥ ସାମଲ, ସାମ୍ବାଦିକ ହାରାଧନ ବାନାର୍ଜୀ, ଭାଗୀରଥି ଆଚାର୍ଯ୍ୟ, ଚୈତନ୍ୟ ଚରଣ ବାରିକ୍, ସତ୍ୟଜିତ ଶତପଥୀ, ଗୟାଧର ନନ୍ଦ, ମହେନ୍ଦ୍ର ସେନାପତି, ରମେଶ ସାହୁ, ପ୍ରଦୀପ୍ତ ସାମନ୍ତରାୟ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।



## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ବଡ଼ଚଣା, ୨୯ ।୨(ସମିସ):** ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନସ୍ଥ ଛତିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ବିଜ୍ଞାନ ଶିକ୍ଷକ ଧୀରେନ ମହାପାତ୍ରଙ୍କୁ ଓଡ଼ିଶା ସରକାରୀ ଉଚ୍ଚ ବିଦ୍ୟାଳୟ ନୂତନ ପେନସନଭୁକ୍ତ ସଂଘ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ଉପଲକ୍ଷେ ଆୟୋଜିତ ସଭାରେ ରାଜ୍ୟ ଏସସି.ଏସଟି ପ୍ରଧାନ ଶିକ୍ଷକ ସଂଘ ସଭାପତି ଦୈତାରୀ ମଲ୍ଲିକ, ନୂତନ ପେନସନଭୁକ୍ତ ସଂଘ ବଡ଼ଚଣା ସଭାପତି ଶୁକଦେବ ମହନ୍ତ, ସମ୍ପାଦକ ବସନ୍ତ କୁମାର ପ୍ରଧାନ, ଉପଦେଷ୍ଟା ସୁରେଶ ଚନ୍ଦ୍ର ଖିଲାର, ଧର୍ମଶାଳା ସଂଘର ଗଣେଶ୍ୱର ବେହେରା, ଶିକ୍ଷୟିତ୍ରୀ ସୁପ୍ରଭା ମଞ୍ଜରୀ ନାଥ, ସଙ୍ଗୀତା ରଥ, ତନୁଶ୍ରୀ ସାମଲ, ସସ୍ମିତା ବାରିକ, ବରିଷ୍ଠ ଶିକ୍ଷକ ରସାନନ୍ଦ ନାୟକ ପ୍ରମୁଖ ଯୋଗଦେଇ ଶ୍ରୀ ମହାପାତ୍ରଙ୍କୁ ଜଣେ ଛାତ୍ରବତ୍ସଳ ଶିକ୍ଷକ ଅବିହିତ କରିଥିଲେ। ସମୟାନୁବର୍ତ୍ତୀ କର୍ତ୍ତବ୍ୟନିଷ୍ଠ, ଶିକ୍ଷା ପ୍ରତି ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ ଭାବେ ବର୍ଣ୍ଣନା କରିଥିଲେ। ଶେଷରେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ଶ୍ରୀ ମହାପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ଆଜି ଧର୍ମଶାଳା ପ୍ରେସ୍ କ୍ଲବ୍‌ର ବାର୍ଷିକ ଉତ୍ସବ

**ଧର୍ମଶାଳା, ୨୯ ।୨ (ସମିସ):** ଆସନ୍ତାକାଲି ଧର୍ମଶାଳା ପ୍ରେସ କ୍ଲବର ୨୧ତମ ବାର୍ଷିକ ଉତ୍ସବ ଜାରକାସ୍ଥ କଳ୍ପତରୁ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏ ନେଇ କ୍ଲବ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକା ସମୟରେ ଏହି ଉତ୍ସବ ଆରମ୍ଭ ହେବ। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ଅତିଥି ଭାବେ ଭୁବନେଶ୍ୱରର ମେୟର ସୁଲୋଚନା ଦାସ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ରଞ୍ଜନ କୁମାର ଦାସ ଓ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏ ଅବସରରେ ଦିବଙ୍ଗତ ସଭାପତି ନରହରି ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଦାନ କରାଯାଉଥିବା ନରହରି ମହାନ୍ତି ସ୍ମୃତି ସମ୍ମାନ ବରିଷ୍ଠ ସାମ୍ବାଦିକ ଭକ୍ତ ଚରଣ ସାହୁଙ୍କୁ ପ୍ରଦାନ କରାଯିବ। ଏଥିସହ ସଫଳ ଉଦ୍ୟୋଗୀ ଭାବେ ସ୍ଥାନୀୟ ଅଞ୍ଚଳର ବାସନ୍ତୀ ରଣା, ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝାଙ୍କୁ ଓ ଆଜିକୁ ୪ ଦଶନ୍ଧି ଧରି ଦୈନିକ ଖବରକାଗଜ ହକର ବସନ୍ତ କୁମାର ବାରିକଙ୍କୁ ଜୀବନ ବ୍ୟାପି ସାଧନ ସମ୍ମାନରେ ସମ୍ମାନିତ କରାଯିବ। ଏଥିସହ ଧର୍ମଶାଳା ପ୍ରେସ କ୍ଲବ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୩ ଜଣ ପ୍ରାକ୍ତନ ସଦସ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ଏ ନେଇ ଆଜି ଧର୍ମଶାଳା ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଅବନେଶ୍ୱର ଶତପଥୀ ଏକ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି।

## ଧର୍ମଶାଳା କଲେଜ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

**ଧର୍ମଶାଳା, ୨୯ ।୨ (ସମିସ):** ଧର୍ମଶାଳା ମହାବିଦ୍ୟାଳୟରେ ବିଜ୍ଞାନଗାର ପରିଚାରକ ମନୋରଞ୍ଜନ ପାଣିଗ୍ରାହୀଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଜୟନ୍ତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ପ୍ରାଧ୍ୟାପକ ନିଗମାନନ୍ଦ ବିଶ୍ୱାଳ, ସ୍ୱରୂପାନନ୍ଦ ପଣ୍ଡା, ଅରବିନ୍ଦ ମହାନ୍ତି, ବିନୟ କୁମାର ସାମଲ, ପଦାର୍ଥ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ସ୍ୱାଗତିକା ପ୍ରିୟଦର୍ଶିନୀ, ଅଧ୍ୟାପକ ଚତୁର୍ଭୁଜ ବେହେରା, ସୁଲିପ୍ତା ଦାସ, ଶରତ ରଣା, ବିରୂପାକ୍ଷ କର, ବିଜୟ ପ୍ରଧାନ, ଲିନା ରାୟ, ସନ୍ତୋଷ ଦାସ, ପ୍ରାଧ୍ୟାପକ ଧନେଶ୍ୱର ମହାନ୍ତି, କେତକୀ ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରୀ ଶ୍ରୀ ପାଣିଗ୍ରାହୀଙ୍କ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। କଲେଜର କର୍ମଚାରୀ ଅରୁଣ ଖିଲାର, ରସାନନ୍ଦ ଜେନା ପ୍ରମୁଖ ବିଦାୟୀ କର୍ମଚାରୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିଥିଲେ। ବିଦ୍ୟାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରକ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ପାଇଁ ଟାଟା ଷ୍ଟିଲର ପ୍ରଶିକ୍ଷଣ ଅଧିବେଶନ



**କାଳିଆପାଣି, ୨୯।୨(ସମିସ):** ଟାଟା ଷ୍ଟିଲ ପକ୍ଷରୁ ଟ୍ରକ୍ ଚାଳକଙ୍କ ଦକ୍ଷତା ବୃଦ୍ଧି ପାଇଁ କମ୍ପାନୀର ସୁକିନ୍ଦା କ୍ରୋମାଇଟ୍ ଖଣିଠାରେ ଏକ ପ୍ରଶିକ୍ଷଣ ଅଧିବେଶନ ଆୟୋଜିତ ହୋଇଯାଇଛି। ଟ୍ରକ ଚାଳକ ସଂଘର ସଦସ୍ୟ ତଥା ସୁକିନ୍ଦା ଅଞ୍ଚଳର ଅନ୍ୟ ଟ୍ରକ ଚାଳକଙ୍କ ପାଇଁ କମ୍ପାନୀ ପକ୍ଷରୁ ସ୍ଥାନୀୟ କାଟେପୂର୍ତ୍ତି ପ୍ରେକ୍ଷାଳୟଠାରେ ‘ଅତ୍ୟାଧୁନିକ ପ୍ରତିରକ୍ଷା ଗାଡ଼ି ଚାଳନା କୌଶଳ (ଆଡଭାନ୍ସଡ ଡିଫେନ୍ସିଭ୍ ଡ୍ରାଇଭିଂ ଟେକ୍ନିକ)’ ଶୀର୍ଷକ ଏହି ପ୍ରଶିକ୍ଷଣ ଅଧିବେଶନ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଅଞ୍ଚଳ-୧ର ଖଣି ସୁରକ୍ଷା ଉପନିର୍ଦ୍ଦେଶକ ଟି. ହରିପ୍ରସାଦ ଉଦଘାଟନ କରିଥିଲେ। ସଡ଼କ ଦୁର୍ଘଟଣା ଏଡ଼ାଇବା ପାଇଁ ସୁରକ୍ଷିତ ଗାଡ଼ି ଚାଳନା ଅଭ୍ୟାସ ତଥା ଟ୍ରକ ଚାଳକଙ୍କ ପାଇଁ ଏହି ଅତ୍ୟାଧୁନିକ ପ୍ରତିରକ୍ଷା ଗାଡ଼ି ଚାଳନା କୌଶଳ ପ୍ରଶିକ୍ଷଣର ଆବଶ୍ୟକତା ଉପରେ ସେ ଆଲୋକପାତ କରିଥିଲେ। ସେଫ୍ ଡ୍ରାଇଭ୍ ଇଣ୍ଡିଆ ସଂସ୍ଥାର ଅଧ୍ୟାପକ ତଥା ମୁଖ୍ୟ ପ୍ରଶିକ୍ଷକ ଧୀରେନ୍ଦ୍ର ସାମିନେନି ଏହି କାର୍ଯ୍ୟକ୍ରମରେ ଚାଳକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଦୁର୍ଘଟଣା ଏଡ଼ାଇବା ପାଇଁ ପ୍ରତିରକ୍ଷା ଚାଳନା, ଗାଡ଼ି ଧକ୍କା ହ୍ରାସ, ଜରୁରି ସଚେତନତା, ଉନ୍ନତ ପଦକ୍ଷେପ ଓ ପ୍ରତିକୂଳ ପରିସ୍ଥିତିକୁ ସୁରକ୍ଷିତ ଭାବେ ନିୟନ୍ତ୍ରଣ କରିବା କୌଶଳ ଉପରେ ସେ ଉପସ୍ଥିତ ଟ୍ରକ ଚାଳକଙ୍କୁ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇ କାଳିଆପାଣି ଥାନା ଅଧିକାରୀ ରଞ୍ଜନ କୁମାର ମଲ୍ଲିକ ଏହି ଅଧିବେଶନକୁ ପ୍ରଶଂସା କରିବା ସହ ଟ୍ରାଫିକ ନିୟମ ଓ ସଡ଼କ ସୁରକ୍ଷା ନିର୍ଦ୍ଦେଶାବଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଟ୍ରକ ଚାଳକ ସଂଘର ନେତା ସନ୍ତୋଷ କୁମାର ପଟ୍ଟନାୟକ, ଟାଟା ଷ୍ଟିଲ (ଏଫ୍‌ଏଏମଡି)ର ପରିଚାଳନା ମୁଖ୍ୟ ସିର୍ଶେନ୍ଦୁ ମୁଖାର୍ଜୀ, ସୁରକ୍ଷା ବିଭାଗ (କଞ୍ଚାମାଲ) ମୁଖ୍ୟ ସରୋଜ ବାନାର୍ଜୀ, ସୁରକ୍ଷା, ସ୍ୱାସ୍ଥ୍ୟ ଓ ପରିବେଶ ବିଭାଗ (ଏଫ୍‌ଏଏମଡି) ମୁଖ୍ୟ ଠାକୁର ଅଜୟ କୁମାର ବିଶ୍ୱମ୍ଭରନାଥ ଓ କମ୍ପାନୀର ଅନ୍ୟ ଅଧିକାରୀ ଏହି ଅଧିବେଶନରେ ଉପସ୍ଥିତ ଥିଲେ।

## ‘ଆମେ ବି ସକ୍ଷମ’ ସଂଗଠନ ପକ୍ଷରୁ ହୁଇଲଚେୟାର ଦିବସ ପାଳିତ

**ଧର୍ମଶାଳା, ୨୯ ।୨(ସମିସ):** ଆନ୍ତର୍ଜାତିକ ଚକା ଚୌକି ଦିବସ ପରିପ୍ରେକ୍ଷୀରେ ଜିଲ୍ଲାର ଭିନ୍ନକ୍ଷମଙ୍କ ପାଇଁ ଗଠିତ ଅଗ୍ରଣୀ ସଂଗଠନ ‘ଆମେ ବି ସକ୍ଷମ’ ପକ୍ଷରୁ ଜାରକାଠାରେ ବିଭିନ୍ନ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଧର୍ମଶାଳାର ବିଶିଷ୍ଟ ସମାଜସେବୀ କାହ୍ନୁଚରଣ ଦାଶଙ୍କ ଦ୍ୱାରା ଉଦଘାଟିତ ଏହି କାର୍ଯ୍ୟକ୍ରମ ଅବସରରେ ଭିନ୍ନକ୍ଷମଙ୍କ ମଧ୍ୟରେ ବାସ୍କେଟବଲ, ଭଲିବଲ ଓ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜଣାଶୁଣା ଫିଜିଓ ଥେରାପିଷ୍ଟ ଡଃ କୈବଲ୍ୟ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଜ୍ଞାନରଞ୍ଜନ ବେହେରା, ତାପସ ବେହେରା ଓ ରାଜଲକ୍ଷ୍ମୀ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ଭିନ୍ନକ୍ଷମ ବ୍ୟକ୍ତି ପ୍ରଶାନ୍ତ ବେହେରା, ସରୋଜ ସାହୁ, ଦେବରାଜ ନାୟକ, ଉପେନ୍ଦ୍ର ରାଓ ଓ ନାରାୟଣ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



# କଲରଙ୍ଗୀରେ ବିଜୁ ପଟ୍ଟନାୟକ ଔଷଧୀୟ ଉଦ୍ୟାନ ଉଦ୍‌ଘାଟିତ

**କାଳିଆପାଣି, ୨୯ ।୨ (ସମିସ)**



ଆଜି କାଳିଆପାଣି ଖଣି ଅଞ୍ଚଳରେ ଓଡ଼ିଶା ସରକାରଙ୍କ ବନ ବିଭାଗ ପକ୍ଷରୁ ନିର୍ମିତ ବିଜୁ ପଟ୍ଟନାୟକ ଔଷଧୀୟ ଉଦ୍ୟାନକୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ବୈଷୟିକ ଓ ଦକ୍ଷତା ବିକାଶ ମନ୍ତ୍ରୀ ଇଂ ପ୍ରୀତିରଞ୍ଜନ ଘଡ଼ାଇ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିବା ସହିତ ସର୍ବସାଧାରଣଙ୍କ ନିମନ୍ତେ ଉତ୍ସର୍ଗ କରିଛନ୍ତି। ବହୁ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଔଷଧୀୟ ଉଦ୍ୟାନରେ ଅନେକ ପ୍ରକାରର ଔଷଧୀୟ ବୃକ୍ଷରୋପଣ କରାଯାଇଛି। ଖୁବ ସୁନ୍ଦର ଫୁଲଗଛ ସହିତ କୃତ୍ରିମ ପାଣି କୁଣ୍ଡରେ ସୁସଜ୍ଜିତ ରଙ୍ଗୀନ ଲାଇଟ ଉଦ୍ୟାନର ଶୋଭା ଅତୀବ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଦେଖାଯାଉଥିଲାବେଳେ ପ୍ରତିଦିନ ଏଠାକୁ ଶହଶହ ଲୋକ ସାନ୍ଧ୍ୟ ଭ୍ରମଣ କରିବାକୁ ଆସୁଥିବା ଦେଖିବାକୁ ମିଳିଛି। ଏଠାରେ ଖୁବ ସୁନ୍ଦର ସେଲ୍‌ଫି ପଏଣ୍ଟ ମଧ୍ୟ ରହିଛି। ୨୦୨୦ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବା ଏହି ଉଦ୍ୟାନଟି ଗତବର୍ଷ ସମ୍ପୂର୍ଣ୍ଣ ଭାବେ ନିର୍ମିତ ହୋଇସାରିଥିବାବେଳେ ଆଜି ଏହାକୁ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯାଇଛି। ଆଜିର ଏହି ଉଦ୍‌ଘାଟନୀ ଉତ୍ସବରେ ମନ୍ତ୍ରୀଙ୍କ ସମେତ ଶ୍ରମିକ ସଂଗଠନର ସାଧାରଣ ସମ୍ପାଦକ ନାରାୟଣ ଧୀର, ଜିଲ୍ଲା ପରିଷଦ ସଭ୍ୟା ଜେମା ଚାଖି, ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ରାସୋଳ ପଞ୍ଚାୟତ ସରପଞ୍ଚ କନକଲତା ସର୍ଦ୍ଦାର, ବିଦ୍ୟାଧର ପାତ୍ର, ଭରତ ଚନ୍ଦ୍ର ମହାନ୍ତ, ସାମ୍ବାଦିକ ରବିନାରାୟଣ କର, ବନପାଳ ନରେଶ ଟୁଡୁ ଓ ବନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଉପସ୍ଥିତ ଥିଲେ।

## ଆଜିର ଇତିହାସ

- ୧୮୭୨- ୟୋଲେଷ୍ଟୋନ୍ ବିଶ୍ୱର ପ୍ରଥମ ଜାତୀୟ ଉଦ୍ୟାନ ହେଲା।
- ୧୯୦୯- ଟାଟା ଆଇରନ୍ ଆଣ୍ଡ ଷ୍ଟିଲ୍ କମ୍ପାନିର ସ୍ଥାପନା।
- ୧୯୧୪- ଚୀନ୍ 'ୟୁନିଭର୍ସାଲ ପୋଷ୍ଟାଲ ୟୁନିଟ୍'ର ସଦସ୍ୟ ହେଲା।
- ୧୯୨୩- ଗ୍ରୀକ୍ ଗ୍ରେଗୋରୀୟ କ୍ୟାଲେଣ୍ଡର ଆପଣାଇଲା।
- ୧୯୯୫-ଲୋକପ୍ରିୟ ସର୍ଚ୍ଚ ଇଞ୍ଜିନ୍ 'ୟାହୁ'ର ଆରମ୍ଭ ହେଲା।
- ୨୦୦୬- ଆମେରିକାର ରାଷ୍ଟ୍ରପତି ଜର୍ଜ ଡବ୍ଲୁ ବୁଶ୍ ଭାରତରେ ପହଞ୍ଚିଲେ।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତାମୂଳକ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ। ଛାତ୍ରଛାତ୍ରୀ ପଢ଼ାରେ ମନ ଦେବେ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।



# ଇ-ରିକ୍ସାରେ ବାହାଘର ବିଜ୍ଞାପନ

ବାହାଘର ପ୍ରସ୍ତାବ ପାଇଁ ମ୍ୟାଟ୍ରିମୋନି ତଥା ଖବରକାଗଜରେ ବିଜ୍ଞାପନ ଦେବା ସାଧାରଣ କଥା। ତେବେ କେବେ କେହି ଜୀବନସାଥୀ ଖୋଜିବା ପାଇଁ ଇ-ରିକ୍ସାରେ ବାହାଘର ବିଜ୍ଞାପନ ଲଗାଇ ନ ଥିବେ। ଏଭଳି ଏକ ଅଜବ ଘଟଣା ମଧ୍ୟପ୍ରଦେଶ ଦମୋହରେ ଦେଖିବାକୁ ମିଳିଛି। ୩୦ ବର୍ଷୀୟ ଦୀପେନ୍ଦ୍ର ରାଠୋର ଜଣେ ଇ-ରିକ୍ସା ଚାଳକ। ସେ ବାହା ହେବାକୁ ଚାହାଁନ୍ତି, କିନ୍ତୁ ସମାଜରେ ଝିଅର ଅଭାବ ଥିବାରୁ ତାଙ୍କୁ ଏଯାଏଁ ବିବାହ କରିବାର ସୁଯୋଗ ଜୁଟି ନ ଥିବା ସେ କହିଛନ୍ତି। ତେଣୁ ବିବାହ ପ୍ରସ୍ତାବ ଯେଭଳି ତାଙ୍କ ପାଖକୁ ଆସିପାରିବ, ସେଥିପାଇଁ ସେ ଇ-ରିକ୍ସାରେ ନିଜ ବାହାଘରକୁ ନେଇ ବିଜ୍ଞାପନ ଲଗାଇଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହୋଇଛି। ପ୍ରଥମେ ସେ ଏକ ମ୍ୟାରେଜ୍ ବ୍ୟୁରୋରେ ସାମିଲ ହୋଇ ନିଜ ପାଇଁ ଝିଅ ଖୋଜୁଥିଲେ। କିନ୍ତୁ ସେଥିରେ ସଫଳ ନ ହେବାରୁ ସେ ଇ-ରିକ୍ସାରେ ହୋର୍ଡିଂ ଲଗାଇବାର ପରିକଳ୍ପନା କରିଥିବା କହିଛନ୍ତି। ଅବଶ୍ୟ ଝିଅ ଖୋଜିବାର ତାଙ୍କର ଏହି ଅଭିନବ ଉପାୟରେ ଦୀପେନ୍ଦ୍ରଙ୍କ ବାପାମାଆଙ୍କ ମଧ୍ୟ ସହମତି ରହିଛି। ସେହିପରି ସେ ଯେଉଁ ହୋର୍ଡିଂ ଲଗାଇଛନ୍ତି, ତାହାକୁ ସେ ନିଜର ବୈବାହିକ ପରିଚୟ ବୋଲି ଦର୍ଶାଇଛନ୍ତି। ଏଥିରେ ଲେଖାଯାଇଛି, ଜାତି ଓ ଧର୍ମର କୌଣସି ବନ୍ଧନ ନାହିଁ। ଯେକୌଣସି ଜାତି ଓ ଧର୍ମର ଝିଅ କିମ୍ବା ତାଙ୍କ ଘର ଲୋକେ ବିବାହ ପ୍ରସ୍ତାବ ନେଇ ତାଙ୍କ ପାଖକୁ ଆସିପାରିବେ। କେବଳ ସେତିକି ନୁହେଁ, ଏଥିରେ ସେ ବୃତ୍ତିଗତ ଓ ବ୍ୟକ୍ତିଗତ ଜୀବନର ପରିଚୟ ଦେଇଛନ୍ତି। ଏପରିକି ତାଙ୍କ ବୟସ, ଓଜନ, ବ୍ଲଡ୍‌ଗ୍ରୁପ୍‌ର ତଥ୍ୟ ପ୍ରଦାନ କରିଛନ୍ତି। ତେବେ ଦୀପେନ୍ଦ୍ରଙ୍କ ଶିକ୍ଷାଗତ ଯୋଗ୍ୟତା ଆଇଟିଆଇ ହୋଇଥିବାରୁ ତାଙ୍କୁ ଖୁବ୍‌ଶୀଘ୍ର ଝିଅ ମିଳିବା ନେଇ ସେ ଆଶାବାଦୀ ଅଛନ୍ତି। ଅନ୍ୟପଟେ ସାମାଜିକ ଗଣମାଧ୍ୟମରେ ଏହାର ଏକ ଫଟୋ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି।

# ମା' ହେବେ ଦୀପିକା



ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁ୍ୟକୋନ୍ ମା' ହେବାକୁ ଯାଉଛନ୍ତି। ଅନେକ ଦିନରୁ ସେ ଗର୍ଭବତୀ ଥିବା କଥା ସୋସିଆଲ ମିଡିଆରେ ଚର୍ଚ୍ଚା ହେଉଥିଲା। କିନ୍ତୁ ଏନେଇ ଦୀପିକା କି ତାଙ୍କ ସ୍ୱାମୀ ତଥା ଅଭିନେତା ରଣବୀର ସିଂହ କିଛି କହି ନ ଥିଲେ। କିନ୍ତୁ ଏବେ ଦୀପିକା ଓ ରଣବୀର ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର୍ କରି ଏ ବିଷୟରେ ସୂଚନା ଦେଇଛନ୍ତି। ଏହି ପୋଷ୍ଟରେ କୁନି ପିଲାଙ୍କ ଜୋତା, ପୋଷାକ ମଧ୍ୟରେ ସେପ୍ଟେମ୍ବର ୨୦୨୪, ଦୀପିକା-ରଣବୀର ବୋଲି ଉଲ୍ଲେଖ ଅଛି। ତେବେ ଦୀପିକା ଗର୍ଭବତୀ ଥିବା କଥା ଶୁଣି ସେଲିବ୍ରିଟିଙ୍କ ଠାରୁ ଆରମ୍ଭ କରି ପ୍ରଶଂସକମାନେ ଶୁଭେଚ୍ଛା ଦେଉଛନ୍ତି। ୨୦୧୮ ରେ ଦୀପିକା-ରଣବୀର ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହର ଛଅ ବର୍ଷ ପରେ ଏଇ ସେପ୍ଟେମ୍ବରରେ ସେମାନଙ୍କ କୋଳମଣ୍ଡନ ହେବାକୁ ଯାଉଛି। ଦୀପିକା ବାଫ୍‌ଟା ପୁରସ୍କାର ସମାରୋହରେ ଯୋଗ ଦେଇଥିଲେ। ପୁରସ୍କାର ସମୟର କିଛି ଭିଡିଓ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ତାଙ୍କ ଶାଢ଼ିରେ ତାଙ୍କ ପେଟକୁ ଲୁଚାଉଥିବାର ଦେଖାଯାଇଥିଲେ। ଏହା ପରେ, ଯେତେବେଳେ ତାଙ୍କୁ ବିମାନବନ୍ଦରରେ ଦେଖିବାକୁ ମିଳିଥିଲା, ସେତେବେଳେ ତାଙ୍କ ବେବି ବମ୍ପ ଦୃଶ୍ୟମାନ ହୋଇଥିଲା। ଏହାପରେ ଦୀପିକା ଗର୍ଭବତୀ ଥିବା ସୋସିଆଲ ମିଡିଆରେ ଚର୍ଚ୍ଚା ହେବାକୁ ଲାଗିଲା।

# ହୃତ୍‌ପିଣ୍ଡ ପ୍ରତ୍ୟାରୋପଣ ପରେ ଅଧିକ ଦିନ ବଞ୍ଚିରହି ରେକର୍ଡ



ସାଧାରଣତଃ ଜଣକର ହୃଦୟ ପ୍ରତ୍ୟାରୋପଣ ହେବା ପରେ ଆୟୁ କମିଯାଇଥାଏ। ତେବେ ନେଦରଲ୍ୟାଣ୍ଡର ୫୭ ବର୍ଷୀୟ ବର୍ଟ ଜାନସେନଙ୍କ କ୍ଷେତ୍ରରେ ଏହାର ବିପରୀତ ଘଟଣା ଦେଖିବାକୁ ମିଳିଛି। ଜାନ୍‌ସେନଙ୍କ ହୃଦୟ ପ୍ରତ୍ୟାରୋପଣ କରାଯିବା ପରେ ସେ ବର୍ଷେ କି ଦୁଇ ବର୍ଷ ନୁହେଁ, ବରଂ ୪୦ ବର୍ଷ ଜୀବନ ଜିଇଁଲେଣି। କେବଳ ସେତିକି ନୁହେଁ, ହୃଦୟ ପ୍ରତ୍ୟାରୋପଣ ପରେ ସବୁଠୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଜୀବିତ ରହି ସେ ଗିନିଜ୍ ବିଶ୍ୱ ରେକର୍ଡରେ ସ୍ଥାନ ପାଇଛନ୍ତି। ୧୯୮୪ରେ ହୃଦୟ ପ୍ରତ୍ୟାରୋପଣ ପରେ ବର୍ଟ ୩୯ ବର୍ଷ ୨୫୨ ଦିନ ପର୍ଯ୍ୟନ୍ତ ଜୀବିତ ଅଛନ୍ତି। ୧୭ ବର୍ଷ ବୟସରେ ସେ କାର୍ଡିୟୋମାୟୋପାଥିରେ ପୀଡ଼ିତ ଥିବା ଜାଣିଲେ। ଏହାପରେ ସେ କେବଳ ୬ ମାସ ବଞ୍ଚି ରହିବେ ବୋଲି ଜାଣିବାକୁ ପାଇଲେ। ସେଇଠୁ ସେ ଇଂଲଣ୍ଡର ହେୟାରଫିଲ୍ଡ ହସ୍‌ପିଟାଲରେ ହୃଦୟ ପ୍ରତ୍ୟାରୋପଣ କରିଥିଲେ। ସେ ସର୍ଜରୀର ଦୁଇ ସପ୍ତାହ ପରେ ଘରକୁ ଫେରିଲେ। ଯଦିଓ ସର୍ଜରୀ ପରେ ତାଙ୍କୁ କିଛି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା, ତଥାପି ଧୀରେ ଧୀରେ ସବୁ ଠିକ୍ ହୋଇଗଲା।

# ପାତ୍ରୀ ଖୋଜୁଛି ରୋବଟ୍



ବାହାଘରରେ ମଧ୍ୟସ୍ଥିଙ୍କ ଭୂମିକା ଥାଏ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏଣିକି କିନ୍ତୁ ମଧ୍ୟସ୍ଥତା କାମ ମଧ୍ୟ ରୋବଟ୍ କଲାଣି। ଜୀବନସାଥୀ ଖୋଜିବା ପାଇଁ ଜଣେ ଇଞ୍ଜିନିୟର ଏଆଇର ସହାୟତା ନେଇଛନ୍ତି। ଚାଟ୍‌ଜିପିଟି ତା' ମାଲିକ ପାଇଁ ଝିଅ ଖୋଜିବା ଦାୟିତ୍ୱ ନେଇଛି। ରୁଷିଆର ଆଲେକଜାଣ୍ଡାର ଜଦାନ ଏଭଳି ଏକ ନିଆରା ଟ୍ରେଣ୍ଡ ଆରମ୍ଭ କରିଛନ୍ତି। ୨୩ ବର୍ଷର ଏହି ଯୁବକ ଚାଟ୍‌ଜିପିଟିକୁ ଟ୍ରେନିଂ ପ୍ରଦାନ କରି କହିଛନ୍ତି, କିଭଳି ଝିଅ ଦରକାର। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ ମଧ୍ୟ ତା' କାମକୁ ସୁଚାରୁରୂପେ ତୁଲାଇଛି। କାରଣ ସେ କେବଳ ଝିଅ ଖୋଜିବା କାମ କରିନାହିଁ, ବରଂ ଜୀବନସାଥୀ କିଭଳି ହେବା ଦରକାର ସେନେଇ ପରାମର୍ଶ ଦେଇଛି। ୫ ହଜାର ଝିଅଙ୍କ ମଧ୍ୟରେ ଚାଟ୍‌ଜିପିଟିକୁ ଗୋଟିଏ ଭଲ ଝିଅ ଖୋଜିବାର ଥିଲା। ତେବେ ଡେଟିଂ ଆପ୍‌ରେ ଯେଭଳି ଅଧିକ ସମୟ ନଷ୍ଟ ନ ହେବ, ସେଥିପାଇଁ ଏଭଳି ଉପାୟ ଏହି ଯୁବକ ଜଣକ ବାହାର କରିଥିବା ଜଣାପଡ଼ିଛି। ସେହିପରି ଏହି ଉପାୟରେ ସେ ନିଜ ପାଇଁ ଜୀବନସାଥୀ ପାଇବାରେ ସଫଳ ହେବା ପରେ ସେ ଏହାର କାହାଣୀ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି।



# ଅଲ୍‌ଜାଇମର ଆଶଙ୍କା ବୃଦ୍ଧି କରେ

## ନାକରେ ଅଙ୍ଗୁଠି ପୂରାଇବା ଅଭ୍ୟାସ

**ଅଲ୍‌ଜାଇମର ଏପରି ଏକ ରୋଗ, ଯାହା ମସ୍ତିଷ୍କର ସୂକ୍ଷ୍ମ ତନ୍ତ୍ରୀକୁ ପ୍ରଭାବିତ କରିଥାଏ। ଫଳରେ ଏହି ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ମରଣଶକ୍ତି କମ୍‌ଜୋର୍ ହୋଇଥାଏ। ସମଗ୍ର ବିଶ୍ୱରେ ପ୍ରାୟ ୩୯ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଏହି ରୋଗରେ ପୀଡ଼ିତ। ଅଲ୍‌ଜାଇମର ପୀଡ଼ିତ ଦୈନନ୍ଦିନ କାମ କରିବାରେ ଅସମର୍ଥ ହୋଇଯାଆନ୍ତି। ଏହି ରୋଗର ଆରମ୍ଭ ଡିମେନ୍‌ଶିଆରୁ ହୋଇଥାଏ। ଏହି ରୋଗ ୬୦ରୁ ୬୫ ବର୍ଷର ଲୋକଙ୍କଠାରେ ଅଧିକ ଦେଖାଦେଉଥିବାବେଳେ କେତେକ କ୍ଷେତ୍ରରେ କମ୍ ବୟସର ଲୋକ ମଧ୍ୟ ଏହି ରୋଗରେ ଆକ୍ରାନ୍ତ ହେଉଥିବା ଦେଖିବାକୁ ମିଳୁଛି।**

ଅଲ୍‌ଜାଇମରକୁ ନେଇ ନିକଟରେ ଏକ ରିପୋର୍ଟରୁ ନୂଆ କଥା ଜଣାଯାଇଛି। ଅଧିକାଂଶ ଲୋକଙ୍କର ନାକ ଭିତରେ ଆଙ୍ଗୁଠି ପୂରାଇବା ବଦଭ୍ୟାସ ରହିଥାଏ। ଏହି ଅଭ୍ୟାସ ବ୍ୟକ୍ତିକୁ ରୋଗଗ୍ରସ୍ତ କରୁଥିବାବେଳେ ଚିକିତ୍ସା ପଦ୍ଧତିରେ ଏହାକୁ ରାଇନୋଟିଲେକ୍ସୋମେନିଆ କୁହାଯାଏ। ଏ ନେଇ ବାୟୋମୋଲେକୁଲ୍‌ସରେ ପ୍ରକାଶିତ ଏକ ଗବେଷଣାରୁ ଜଣାଯାଇଛି ଯେ, ନାକରେ ଅଙ୍ଗୁଳି ପୂରାଇବା ବା ନାକ ସଫା କରିବା ଦ୍ୱାରା ଅଲ୍‌ଜାଇମର ଆଶଙ୍କା ଅଧିକ ବୃଦ୍ଧି କରାଏ। କାରଣ ଆଘ୍ରାଣ ଶକ୍ତି ହ୍ରାସକୁ ଅଲ୍‌ଜାଇମର ରୋଗର ଆରମ୍ଭ ବୋଲି କୁହାଯାଇଥାଏ। ନାକରେ ଅଙ୍ଗୁଳି ପୂରାଇ କୁଣ୍ଡାଇବା କୁ-ଅଭ୍ୟାସ ମସ୍ତିଷ୍କରେ ବିଟା-ଏମିଲଏଡ୍ ଉତ୍ପାଦନକୁ ବୃଦ୍ଧି କରିଥାଏ। ଅଧିକତର ଡିମେନ୍‌ସିଆ ରୋଗୀଙ୍କ ମସ୍ତିଷ୍କରେ ସଂକ୍ରମଣ ମିଳିଥାଏ। ବିଟା ଏମିଲଏଡ ଅଲ୍‌ଜାଇମର ସହିତ ଜଡ଼ିତ ନ୍ୟୁରୋଇନ୍‌ଫ୍ଲେମେଶନର ଯୋଗଦାନ ଥାଏ। ତେବେ ରିସର୍ଚ୍ଚରୁ ଏହା ଜଣାପଡ଼ିଛି ଯେ, ବୀଜାଣୁ ନାକ ନଳୀ ମାଧ୍ୟମରେ ମସ୍ତିଷ୍କରେ ପହଞ୍ଚିଥାଏ। ଫଳରେ ଏହି ବୀଜାଣୁ ଦ୍ୱାରା ଅଲ୍‌ଜାଇମରର ସଙ୍କେତ ମିଳେ। ତେଣୁ ଅଲ୍‌ଜାଇମର ବିପଦକୁ କମ୍ କରିବାକୁ ନାକ ସଫା ରଖିବା ଜରୁରି। ଯେହେତୁ ଅଲ୍‌ଜାଇମରକୁ ମନୁଷ୍ୟର ଦୈନନ୍ଦିନ ଜୀବନଶୈଳୀ ଦ୍ୱାରା ନିୟନ୍ତ୍ରଣ କରିହେବ, ତେଣୁ ନାକରେ ଅଙ୍ଗୁଠି ପୂରାଇବା ଅଭ୍ୟାସ ଛାଡ଼ିବା ଦ୍ୱାରା ମସ୍ତିଷ୍କ ସୁସ୍ଥ ଓ ସକ୍ରିୟ ରହିଥାଏ । ଏହାଦ୍ୱାରା ଅଲ୍‌ଜାଇମର ଆଶଙ୍କା ହ୍ରାସ ମଧ୍ୟ ପାଇଥାଏ।




## ସକାଳର ସ୍ୱାସ୍ଥ୍ୟ

# ମଙ୍କି ଫିଵର



**ଜୀବଜନ୍ତୁଙ୍କ ସଂସ୍ପର୍ଶରେ ସିଧାସଳଖ ଆସିବା ଦ୍ୱାରା କିଛି ଭୂତାଣୁ ମନୁଷ୍ୟ ଶରୀରରେ ବ୍ୟାପି ରୋଗ ସୃଷ୍ଟି କରିଥାନ୍ତି। କେତେକ ଭୂତାଣୁ ମୃତ୍ୟୁର କାରଣ ପାଲଟିଥାନ୍ତି। ଏହି କ୍ରମରେ ଏମିତି ଏକ ରୋଗ ହେଉଛି ମଙ୍କି ଫିଭର। ମହାମାରୀ କରୋନାର ଭୟାବହତା ପରେ ଏବେ କର୍ଣ୍ଣାଟକର ମଙ୍କି ଫିଭର ଲୋକଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏହା ଫ୍ଲେଭିଭିରିଡେ ଫ୍ୟାମିଲି ସହ ସମ୍ପୃକ୍ତ ଭୂତାଣୁ। ଯେତେବେଳେ ଜଣେ ବ୍ୟକ୍ତି ସଂକ୍ରମିତ ମାଙ୍କଡ ସମ୍ପର୍କରେ ଆସିଥାଏ, ଏହି ରୋଗ ବ୍ୟାପିଥାଏ। ଏଥିରେ ଜଣେ ବ୍ୟକ୍ତି ଜ୍ୱରରେ ପୀଡ଼ିତ ହୁଅନ୍ତି। ୧୯୫୭ ମସିହାରେ ପ୍ରଥମ ଥର ପାଇଁ କ୍ୟାସାନୁର ଜଙ୍ଗଲରେ ଏହି ଭୂତାଣୁ ମାଙ୍କଡ ଶରୀରରୁ ମନୁଷ୍ୟ ଶରୀରକୁ ପ୍ରବେଶ କରିଥିବାରୁ ଏହାକୁ 'ମଙ୍କି ଫିଭର' କୁହାଯାଉଛି। ତେବେ କର୍ଣ୍ଣାଟକ କ୍ୟାସାନୁର ଜିଲ୍ଲା ଅନୁସାରେ ଏହି ରୋଗର ନାମକରଣ କରାଯାଇଛି।**

ମଙ୍କି ଫିଭର ଭୂତାଣୁଜନିତ ରୋଗ। ଚିକିତ୍ସା ଭାଷାରେ ଏହାକୁ 'କ୍ୟାସାନୁର ଫରେଷ୍ଟ ଡିଜିଜ' କୁହାଯାଏ। ସଂକ୍ରମିତ ମାଙ୍କଡ ତଥା ଜୀବ ଯେତେବେଳେ ଜଣେ ବ୍ୟକ୍ତିଙ୍କ ଶରୀରକୁ କାମୁଡ଼ିଥାନ୍ତି, ଏହି ଭୂତାଣୁ ରକ୍ତ ଦ୍ୱାରା ମନୁଷ୍ୟ ଶରୀରକୁ ପ୍ରବେଶ କରିଥାଏ। ମଙ୍କି ଫିଭର ଭୂତାଣୁ ସମ୍ପର୍କରେ ଆସିବାର ୫ରୁ ୨୧ ଦିନ ପରେ ଲକ୍ଷଣ ବିକଶିତ ହୋଇଥାଏ। ସାଧାରଣତଃ ଏହା ୨ରୁ ୪ ସପ୍ତାହ ଯାଏଁ ରହିଥାଏ। ଫଳରେ ମନୁଷ୍ୟ ଶରୀରରେ ପ୍ରବଳ ଜ୍ୱର ହେବା, ପେଟ ଯନ୍ତ୍ରଣା, ପତଳା ଝାଡ଼ା, ଥଣ୍ଡା ଅନୁଭବ, ମାଂସପେଶୀରେ ଅସହ୍ୟ ଯନ୍ତ୍ରଣା, ମୁଣ୍ଡବିନ୍ଧା ସମସ୍ୟା, ବାନ୍ତି ଦେଖାଦେବା, ରକ୍ତସ୍ରାବ ସମସ୍ୟା, ପ୍ଲେଟଲେଟ୍‌ସ କମିଯିବା, ଆଖିରେ ଯନ୍ତ୍ରଣା ହେବା ଆଦି ଲକ୍ଷଣ ଦେଖାଯାଏ। ଯଦିଓ ୮୦ ପ୍ରତିଶତ ରୋଗୀ ଚିକିତ୍ସା ଦ୍ୱାରା ଏହି ରୋଗରୁ ଆରୋଗ୍ୟ ଲାଭ କରନ୍ତି, ମାତ୍ର ୨୦ ପ୍ରତିଶତ ରୋଗୀଙ୍କ ଠାରେ ମଙ୍କି ଫିଭର ଗମ୍ଭୀର ରୂପ ନେଇଥାଏ। ଚର୍ମରେ ଚକଡ଼ା ପଡ଼ିଯିବା ସହ ନାକ ଓ କାନରୁ ରକ୍ତସ୍ରାବ ହୋଇଥାଏ। କୌଣସି ଅଙ୍ଗ ଅଚଳ ହେବାର ଆଶଙ୍କା ଅଧିକ ଥାଏ। ଏପରିକି ଏହି ରୋଗରେ ଲୋକ ମୃତ୍ୟୁବରଣ କରିବାର ନଜିର ରହିଛି।

ମଙ୍କି ଫିଭର ପାଇଁ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି ଉପଲବ୍ଧ ନାହିଁ। ଏଥିରୁ ସୁରକ୍ଷା ପାଇଁ ଏକମାତ୍ର ବିକଳ୍ପ ହେଉଛି ଟିକାକରଣ। ଯେଉଁଲୋକ ଜଙ୍ଗଲରେ ଚଳପ୍ରଚଳ ଅଧିକ କରନ୍ତି, ସେମାନଙ୍କୁ ଏହି ଟିକା ଦେବା ଜରୁରି। ସ୍ୱଚ୍ଛତାକୁ ଧ୍ୟାନ ଦେବା ଦରକାର। ରକ୍ତ ବିକାର ରୋଗୀଙ୍କ ପାଇଁ ଅଧିକ ଧ୍ୟାନ ଦେବାକୁ ହୁଏ। ତେଣୁ ଏହି ରୋଗର ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଚିକିତ୍ସକଙ୍କୁ ପରାମର୍ଶ ନେବା ଜରୁରି।

# କୁର୍‌କୁରେ ଓ ଚିପ୍‌ସ ଖାଉଛନ୍ତି କି...



ଦୈନନ୍ଦିନ ଜୀବନରେ ସୁସ୍ଥ ଓ ଦୀର୍ଘାୟୁ ରହିବାକୁ ସନ୍ତୁଳିତ ଖାଦ୍ୟ ଗ୍ରହଣର ଆବଶ୍ୟକତା ରହିଛି। ଏବେ କିନ୍ତୁ ଅଧିକାଂଶ ଲୋକ ଚିପ୍‌ସ, କୁରକୁରେ, କର୍ଣ୍ଣ ଫ୍ଲେକ୍ସ, ସଫ୍ଟ ଡ୍ରିଙ୍କ୍, ଫ୍ରୋଜେନ୍ ଫୁଡ୍ ଖାଇବାକୁ ଗୁରୁତ୍ୱ ଦେଉଛନ୍ତି। ଛୋଟ ପିଲାମାନେ ଏହି ଜଙ୍କଫୁଡ୍ ଖାଇବାକୁ ଅଧିକ ଭଲପାଉଛନ୍ତି, ଯାହା ସ୍ୱାସ୍ଥ୍ୟ ପାଇଁ ହାନିକାରକ। କାରଣ ଏହି ଖାଦ୍ୟଗୁଡିକ ପ୍ରସ୍ତୁତ ପୂର୍ବରୁ ଏହାର କଞ୍ଚାମାଲ୍‌କୁ ଏକାଧିକ ଥର ରାସାୟନିକ ଉପଚାର କରାଯାଇଥାଏ। ଫଳରେ ଏହାର ଗୁଣବତ୍ତା ହ୍ରାସ ପାଇଥାଏ। ଏଥିରେ ଶରୀରକୁ କ୍ଷତି ପହଞ୍ଚାଉଥିବା ରାସାୟନିକ ମିଳୁଥିବାରୁ ଏହାକୁ ଅଲଟ୍ରା ପ୍ରୋସେସ୍ଡ ଖାଦ୍ୟ କୁହାଯାଏ। ଏହା ରକ୍ତଚାପ, ହୃଦ୍‌ଜନିତ ସମସ୍ୟା, ବଦହଜମୀ ସମସ୍ୟା ଆଦି ବୃଦ୍ଧି କରେ। ଏପରିକି ଚିପ୍ସ ଓ କୁର୍‌କୁରେ ପରି ଅଲ୍‌ଟ୍ରା ପ୍ରୋସେସ୍ଡ ଖାଦ୍ୟ ଖାଇବା ଯୋଗୁଁ ଯକୃତ୍ ଖରାପ ହୋଇଥାଏ। କେବଳ ସେତିକି ନୁହେଁ; ଅନେକ ଗବେଷଣାରୁ ଏହା ପ୍ରମାଣିତ ହୋଇଛି ଯେ ଏହି ଖାଦ୍ୟ ଦ୍ୱାରା ମାନସିକ ସମସ୍ୟା ଉପୁଜିଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,ପ୍ୟାକେଟ୍ ବନ୍ଦ ଥିବା ସାମଗ୍ରୀରେ ଅନେକ ପ୍ରକାର ହାନିକାରକ ରାସାୟନିକ ମିଶିଥାଏ। ଯେମିତିକି ରଙ୍ଗ, ଫୁଡ୍ ରେଗୁଲେଟର ଆଦି ମିଶାଯାଇଥାଏ। ତେଣୁ ରଙ୍ଗ ରୂପେ -୨, ଇ-୨୧ କିମ୍ବା ଇ-୨୬ ଆଦି ଶବ୍ଦ ଲେଖାଯାଇଥିବାବେଳେ ଏହା ହାନିକାରକ ରସାୟନ। ସେହିପରି ଏସିଡ୍ ରେଗୁଲେଟର ରୂପେ ଆଇଏନ୍‌ଏସ ୩୩୦ ଲେଖାଯାଇଥିବାବେଳେ ଏହା ନ୍ୟାଚୁରାଲ୍ ସାଇଟ୍ରିକ୍ ଏସିଡ୍ ଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏଥିରେ ରାସାୟନିକ ମିଶାଯାଉଥିବାରୁ ଏହା ନନ୍-ଆଲକୋହଲିକ ଫ୍ୟାଟି ଲିଭର ରୋଗ ସୃଷ୍ଟି କରେ। ପେଟରେ ପ୍ରବେଶ କରି ଉପକାରୀ ବ୍ୟାକ୍ଟେରିଆକୁ ମାରି ଏହା ଅନ୍ତଃନଳୀରେ ପରତକୁ ନଷ୍ଟ କରିଦିଏ। ଏହା କେବଳ ଯକୃତ୍‌କୁ କ୍ଷତି ପହଞ୍ଚାଏ ତାହା ନୁହେଁ; ବରଂ ବୃକ୍‌କଜନିତ ସମସ୍ୟା କରେ। ପ୍ୟାକେଟରେ ଥିବା ଚିପ୍ସ ଓ କୁରକୁରେରେ ମାତ୍ରାଧିକ ଲୁଣ ରହିଥାଏ। କେକ୍, ପେଷ୍ଟ୍ରି, ଚକୋଲେଟ୍, ଡ୍ରାଏଫ୍ରୁଟ୍ ଆଦି ପ୍ରସ୍ତୁତି ସମୟରେ ଏହାକୁ ଅଧିକ ସମୟ ତାଜା ରଖିବାକୁ ସୋଡିୟମ ମିଶାଯାଏ। ତେଣୁ ପ୍ୟାକେଟରେ ଥିବା ଡ୍ରାଏ ଫ୍ରୁଟ୍‌ସ, ଫାଷ୍ଟଫୁଡ୍, ସିନ୍ଥେଟିକ୍ ଫୁଡ୍‌ରେ ମଧ୍ୟ ଅଧିକ ଲୁଣ ମିଶିଥିବା କାରଣରୁ ଶରୀରରେ କୋଲେଷ୍ଟେରଲ ବୃଦ୍ଧି ପାଏ। ଯେଉଁଥିପାଇଁ କି ହୃଦ୍‌ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଏହି ଖାଦ୍ୟ ଠାରୁ ଦୂରେଇ ରହିବା ସ୍ୱାସ୍ଥ୍ୟପ୍ରଦ।

## ଆୟୁର୍ବେଦରେ ଉପକାରୀ ରସୁଣ

**ରସୁଣରେ ଆଣ୍ଟିସେପ୍ଟିକ୍, ଆଣ୍ଟି ଅକ୍ସିଡାଣ୍ଟ, ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଭାଇରାଲ, ଆଣ୍ଟି ଫଙ୍ଗାଲ ଗୁଣ ଥାଏ। ତେଣୁ ଆୟୁର୍ବେଦରେ ଏହାକୁ ଔଷଧ ରୂପେ ବ୍ୟବହାର କରାଯାଏ। ରସୁଣକୁ ପୁଷ୍ଟିକର, କାମୋଦ୍ଦୀପକ କୁହାଯାଏ। ପ୍ରତିଦିନ ରସୁଣ ସେବନ ଦ୍ୱାରା ସନ୍ଧିବାତ, ଆମବାତ, ଗୃଧ୍ରସୀବାତ, ଅଣ୍ଟାବ୍ୟଥା, ପକ୍ଷାଘାତ ଆଦି ଭୟଙ୍କର କଷ୍ଟଦାୟକ ବାତରୋଗରୁ ମୁକ୍ତି ମିଳୁଥିବାରୁ ନିର୍ଦ୍ଦିଷ୍ଟ ଅନୁପାତରେ ନିୟମିତ ରସୁଣ ଖାଇବା ଆବଶ୍ୟକ।**

- ପ୍ରତିଦିନ ଏକ କୋଳା ରସୁଣ ସେବନ ଦ୍ୱାରା ଅମ୍ଳ ଜନିତ ସମସ୍ୟା ଦୂର ହୁଏ। ଅଗ୍ନିମାନ୍ଦ୍ୟ, ବାତ, ଶ୍ୱାସ ଓ କଫ ନାଶ ହୁଏ। ପାଚନ କ୍ରିୟା ସୁସ୍ଥ ରୁହେ, ପେଟ ଓ ଶ୍ୱସନ ସଂକ୍ରମଣ ଆଦି ସମସ୍ୟାକୁ ନିୟନ୍ତ୍ରଣ କରିହୁଏ।
- କଞ୍ଚା ରସୁଣ ଖାଇବା ଦ୍ୱାରା ଫୁସ୍‌ଫୁସ୍ ଜନିତ ସମସ୍ୟା ହୁଏ ନାହିଁ। ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର ପାଇଁ ପ୍ରତିଦିନ ନିର୍ଦ୍ଦିଷ୍ଟ ଅନୁପାତରେ ରସୁଣ ସେବନ କରିପାରିବେ।
- ରସୁଣ ବିଭିନ୍ନ ପ୍ରକାରର ସଂକ୍ରାମକ ରୋଗର ଜୀବାଣୁମାନଙ୍କ ଠାରୁ ସୁରକ୍ଷା ପ୍ରଦାନ କରେ । ନିର୍ଦ୍ଦିଷ୍ଟ ପରିମାଣର ରସୁଣ ଖାଇବା ଦ୍ୱାରା କ୍ଷୁଧାବର୍ଦ୍ଧକ ଓ ନିଦ୍ରାରେ ନିୟମିତତା ତଥା ସନ୍ତୁଳନ ରହିଥାଏ।
- ଖାଲି ପେଟରେ ରସୁଣ ରସ ପିଇବା ଦ୍ୱାରା କୋଲେଷ୍ଟୋରାଲ ନିୟନ୍ତ୍ରଣରେ ରୁହେ। ଉଚ୍ଚ ରକ୍ତଚାପ କମିଯାଏ।
- ରସୁଣ ସହିତ ଖଟା, ଅମ୍ଳପଦାର୍ଥ, ଗୁଡ଼, ଆଚାର ଆଦି ସେବନ କରିବାକୁ ବାରଣ କରାଯାଇଛି। ଏହାକୁ ସେବନ କରି ଅତ୍ୟଧିକ ଖରାରେ ଚଳପ୍ରଚଳ କରିବା ଅନୁଚିତ।





#ନୂଆ-ଓ ଛାତ୍ରବୃତ୍ତି

Government of Odisha | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

## ଜନଶୁଣାଣିରେ '୫-ଟି' ଅଧ୍ୟକ୍ଷଙ୍କୁ ପ୍ରସ୍ତାବ

# ଛାତ୍ରଛାତ୍ରୀଙ୍କ ଦୁଃଖ ଦୂର କଲେ ମୁଖ୍ୟମନ୍ତ୍ରୀ



ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ 'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ କାର୍ଯ୍ୟକ୍ରମକୁ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଛନ୍ତି । ପ୍ରଥମ ଦିନରେ '୫-ଟି' ତଥା 'ନବୀନ ଓଡ଼ିଶା' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳ ଜିଲ୍ଲା ପରେ ଖୋର୍ଦ୍ଧା ଓ ବାଲେଶ୍ୱରରେ ଏହି ବୃତ୍ତି ବଣ୍ଟନ କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ବିଭିନ୍ନ ସ୍ଥାନରେ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରିଛନ୍ତି ।







## ଛାତ୍ରଙ୍କୁ ୯ ହଜାର, ଛାତ୍ରୀଙ୍କୁ ୧୦ ହଜାର

ସ୍ନାତକ ଓ ସ୍ନାତକୋତ୍ତର ପଢୁଥିବା ଛାତ୍ରମାନଙ୍କୁ ବାର୍ଷିକ ୯ ହଜାର ଟଙ୍କା ଓ ଛାତ୍ରୀମାନଙ୍କୁ ୧୦ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରାଯାଉଛି । ଅନୁସୂଚିତ ଜାତି, ଜନଜାତି ତଥା ନିର୍ମାଣ ଶ୍ରମିକଙ୍କ ପୁଅମାନଙ୍କୁ ବାର୍ଷିକ ୧୦ହଜାର ଏବଂ ଝିଅ ମାନଙ୍କୁ ୧୧ ହଜାର ଟଙ୍କା ଛାତ୍ରବୃତ୍ତି ଦିଆଯିବ । ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ସରକାରୀ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଏହି ବୃତ୍ତିରାଶି ପାଇଛନ୍ତି । ଏହାସହ ସଂସ୍କୃତ ମହାବିଦ୍ୟାଳୟ ଏବଂ ସାମସ୍ ପୋର୍ଟାଲ ମାଧ୍ୟମରେ ନାମଲେଖାଉଥିବା ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମଧ୍ୟ ଏହି ଯୋଜନାରେ ବୃତ୍ତିରାଶି ପ୍ରଦାନ କରାଯାଉଛି ଏବଂ ଯୋଗ୍ୟ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ଏହି ଟଙ୍କା ପଠାଯାଉଛି ।

## ୫ ଜିଲ୍ଲାରେ ବଣ୍ଟନ ହେଲାଣି ବୃତ୍ତି

ପ୍ରଥମ ଦିନରେ ସମ୍ବଲପୁର ଜିଲ୍ଲାର ୨୧ଟି କଲେଜରୁ ୧୩୪୨୩ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି । ଅନୁରୂପ ଭାବରେ ଦେବଗଡ଼ର ୧୧ଟି କଲେଜରୁ ୩୪୨୪ ଜଣ ଓ ଅନୁଗୋଳ ଜିଲ୍ଲାର ୨୫ଟି କଲେଜରୁ ୧୧୨୬୫ ଜଣ ଛାତ୍ରଛାତ୍ରୀଙ୍କୁ ବୃତ୍ତି ଅର୍ଥ ପ୍ରଦାନ କରାଯାଇଛି । ସେହିପରି ଖୋର୍ଦ୍ଧା ଜିଲ୍ଲାର ୩୦ଟି କଲେଜର ୧୬୬୧୩ ଜଣ ଛାତ୍ରଛାତ୍ରୀଙ୍କୁ ୧୬.୧୩ କୋଟି ଟଙ୍କା ଓ ଗୁରୁବାର ବାଲେଶ୍ୱର ଜିଲ୍ଲାର ୭୧ଟି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୩୦ କୋଟି ୫୯ ଲକ୍ଷ ୨୫ ହଜାର ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି ।

## ସଶକ୍ତ ଯୁବପିଢ଼ି, ସଶକ୍ତ ଓଡ଼ିଶା

ଆଗାମୀ ଦଶକ ଯୁବପିଢ଼ିଙ୍କ ଯୁଗ ହେବ । ସେମାନଙ୍କୁ ସଶକ୍ତିକରଣ ଓ ଲକ୍ଷ୍ୟ ହାସଲ କରିବାକୁ ରାଜ୍ୟ ସରକାର କ୍ଷମତା ପ୍ରଦାନ କରୁଛନ୍ତି । ରାଜ୍ୟରେ ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତିକରଣ କରିବା ପରି ଆସନ୍ତା ୧୦ ବର୍ଷ ମଧ୍ୟରେ ଯୁବକମାନଙ୍କ ଯୋଗଦାନ, ସଶକ୍ତିକରଣ ଏବଂ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ କାର୍ଯ୍ୟକାରୀ ହେବ । ସାରା ରାଜ୍ୟରେ କଲେଜ ରୂପାନ୍ତରଣ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଏହି ପରିପ୍ରେକ୍ଷୀରେ, ଗତ ବର୍ଷ ଆରମ୍ଭ ହୋଇଥିବା ନୂଆ-ଓ କାର୍ଯ୍ୟକ୍ରମର ବଡ଼ ସଫଳତା ଭାବେ ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ନୂଆ-ଓ ଛାତ୍ରବୃତ୍ତି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ।

## ସମୃଦ୍ଧିର 'ପାସପୋର୍ଟ' ହେବ 'ମ୍ୟାଜିକ୍ କାର୍ଡ଼'

'ନୂଆ-ଓ' ଛାତ୍ରବୃତ୍ତି ବଣ୍ଟନ ସହ 'ନବୀନ ଓଡ଼ିଶା ମ୍ୟାଜିକ୍ କାର୍ଡ' ସମ୍ପର୍କରେ '୫-ଟି' ଅଧ୍ୟକ୍ଷ ସୂଚନା ଦେଇଛନ୍ତି । ରାଜ୍ୟର ସମସ୍ତ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରଛାତ୍ରୀଙ୍କୁ ଏହି କାର୍ଡ ପ୍ରଦାନ କରାଯିବ । ଏହା ଏକ ପଏଣ୍ଟ ସିଷ୍ଟମ ଆଧାରିତ ସ୍ମାର୍ଟ କାର୍ଡ । ଯାହା ଯୁବକଙ୍କୁ ଶୈକ୍ଷିକ ବିକାଶ, ବ୍ୟକ୍ତିତ୍ୱ ବିକାଶ, ଦକ୍ଷତା ବିକାଶ ଓ ନିଯୁକ୍ତିରେ ସହାୟକ ହୋଇପାରିବ । ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ଏକ ପ୍ଲାଟଫର୍ମ ସୃଷ୍ଟି କରିବ । ଶାରୀରିକ ଏବଂ ଡିଜିଟାଲ୍ ସୁବିଧା ଯୋଗାଇ ଯୁବକମାନଙ୍କୁ ଉତ୍ସାହିତ କରିବା ସହ ସଶକ୍ତ କରିବ । ଏହି କାର୍ଡରେ ଥିବା ପଏଣ୍ଟ ସିଷ୍ଟମରେ ବିଭିନ୍ନ କାର୍ଯ୍ୟକଳାପକୁ ସାମିଲ କରିବା ପାଇଁ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କଠାରୁ ସରକାର ମତାମତ ସଂଗ୍ରହ କରିବେ । ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଏହି କାର୍ଡ ପରିଚାଳିତ ହେବ । ଯୁବକମାନଙ୍କ ନିଯୁକ୍ତି ଓ ସଶକ୍ତିକରଣ ଦିଗରେ ଏହା ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ । ଏହି କାର୍ଡ ଆବେଦନ କରିବା ପାଇଁ ପଞ୍ଜିକରଣ ପୋର୍ଟାଲ ଆସନ୍ତା ମାର୍ଚ୍ଚ ୫ ତାରିଖରୁ ଆରମ୍ଭ ହେବ ଓ ଅଗଷ୍ଟ ୧୫ ତାରିଖରେ ବଣ୍ଟନ କରାଯିବ ।








**ରାହୁଲ ଅନ୍‌ଫିଟ୍, ରଣଜୀ ସେମିରେ ଖେଳିବେ ସୁନ୍ଦର**

# ଧର୍ମଶାଳା ଟେଷ୍ଟକୁ ଫେରିଲେ ବୁମ୍‌ରା

**ଧର୍ମାଶାଳା,୨୯ ।୨(ଏଜେନ୍ସି)**

ହିମାଚଳ ପ୍ରଦେଶର ଧର୍ମଶାଳାରେ ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଇଂଲଣ୍ଡ ବିପକ୍ଷ ୫ମ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍‌ରେ ଅଭିଜ୍ଞ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କୁ ଚତୁର୍ଥ ଟେଷ୍ଟରେ ବିଶ୍ରାମ ଦିଆଯାଇଥିଲା। ସେହିପରି ରଣଜୀ ସେମିଫାଇନାଲ ଖେଳିବାକୁ ଅଲରାଉଣ୍ଡର ୱାଶିଂଟନ ସୁନ୍ଦରଙ୍କୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରିଲିଜ କରିଛି। ଦଳରେ ରହିଥିଲେ ମଧ୍ୟ ସୁନ୍ଦରଙ୍କୁ ଗୋଟିଏ ହେଲେ ବି ଟେଷ୍ଟ ଖେଳିବାକୁ ସୁଯୋଗ ଦିଆଯାଇନାହିଁ। ୨ ତାରିଖରୁ ଆରମ୍ଭ ହେବାକୁ ଥିବା ମୁମ୍ବାଇ ବିପକ୍ଷ ରଣଜୀ ସେମିଫାଇନାଲରେ ସୁନ୍ଦର ତାମିଲନାଡୁ ତରଫରୁ ଖେଳିବେ। ସେହିପରି ଲୋକେଶ ରାହୁଲ ମଧ୍ୟ ଅନ୍ତିମ ଟେଷ୍ଟ ଖେଳିବେ ନାହିଁ। ସେ ମ୍ୟାଚ୍ ଫିଟ୍‌ନେସ ହାସଲ କରିପାରି ନାହାନ୍ତି।



ରାହୁଲ ଲଣ୍ଡନରେ ଚିକିତ୍ସା କରାଉଛନ୍ତି। ବିସିସିଆଇ ମେଡିକାଲ ଟିମ୍ ତାଙ୍କ ଆଘାତ ସମସ୍ୟାର ପରୀକ୍ଷା କରୁଛି। ହାଇଦରାବାଦ୍‌ରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ରାହୁଲ ଆହତ ହୋଇଥିଲେ। ଏହାପରେ ସେ ସିରିଜରେ ଆଉ କୌଣସି ମ୍ୟାଚ୍ ଖେଳିନାହାନ୍ତି। ବର୍ତ୍ତମାନ ଭାରତ ୩-୧ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି।

### ୫ମ ଟେଷ୍ଟ ଲାଗି ଭାରତୀୟ ଦଳ

ରୋହିତ ଶର୍ମା (ଅଧିନାୟକ), ଯଶପ୍ରୀତ ବୁମରା (ଉପ-ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଶୁବମାନ ଗିଲ୍, ରଜତ ପଟିଦାର, ସର୍ଫରାଜ ଖାନ୍, ଧ୍ରୁବ ଜୁରେଲ (ୱିକେଟକିପର), କେଏସ୍ ଭରତ (ୱିକେଟକିପର), ଦେବଦତ୍ତ ପାଡିକଲ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର ଓ ଆକାଶଦୀପ।

# ଆୟୋଜକଙ୍କୁ କ୍ରୀଡ଼ାଗ୍ରାମ ହସ୍ତାନ୍ତର

**ପ୍ୟାରିସ୍, ୨୯।୨(ଏଜେନ୍ସି)**


ପ୍ୟାରିସ୍ ଅଲିମ୍ପିକ୍ସ

ଚଳିତବର୍ଷ ଏଠାରେ ହେବାକୁ ଯାଉଥିବା ଅଲିମ୍ପିକ୍ସ ଲାଗି ପ୍ରସ୍ତୁତି ଜୋରଦାର ଚାଲିଛି। ପୂର୍ବକାର୍ଯ୍ୟସୂଚୀ ଅନୁଯାୟୀ ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜକ ଖେଳାଳିଙ୍କ ଲାଗି ନିର୍ମାଣ କରାଯାଇଥିବା କ୍ରୀଡ଼ାଗ୍ରାମକୁ ଗୁରୁବାର ନିଜ ଅକ୍ତିଆରକୁ ନେଇଛନ୍ତି। ଏଥିଲାଗି ଉତ୍ତର ପ୍ୟାରିସ୍‌ରେ କ୍ରୀଡ଼ାଗ୍ରାମ୍ ହସ୍ତାନ୍ତର ଉତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରନଙ୍କ ଉପସ୍ଥିତିରେ ମୁଖ୍ୟ ଆୟୋଜକ ଟୋନି ଇଷ୍ଟାନଗୁଏଟଙ୍କୁ କ୍ରୀଡ଼ାଗ୍ରାମର ଏକ ପ୍ରତୀକାତ୍ମକ ଚାବି ପ୍ରଦାନ କରାଯାଇଥିଲା। ଏସମ୍ପର୍କରେ ମାକ୍ରନ କ୍ରୀଡ଼ାଗ୍ରାମ୍ ନିର୍ମାଣ କରିଥିବା ସଂସ୍ଥା ଓ ଶ୍ରମିକମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। କାର୍ଯ୍ୟସୂଚୀ ଅନୁଯାୟୀ ଠିକଣା ସମୟରେ କ୍ରୀଡ଼ାଗ୍ରାମର କାମ ଶେଷ ହେବା ସହ ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜକଙ୍କୁ ହସ୍ତାନ୍ତର କରାଯାଇଛି। ଏହା ପରେ ଆସନ୍ତା ୪ ମାସ ମଧ୍ୟରେ ଆୟୋଜକମାନେ ଏହାକୁ ବାସୋପଯୋଗୀ କରିବେ। ଏଥିଲାଗି ଅନ୍ୟାନ୍ୟ ସୁବିଧାସୁଯୋଗକୁ ଖୁବ୍ ଶୀଘ୍ର ପୂରଣ କରାଯିବ ବୋଲି ମୁଖ୍ୟ ଆୟୋଜକ ଇଷ୍ଟାନଗୁଏଟ କହିଛନ୍ତି। ଜୁଲାଇ ୨୬ରୁ ଅଗଷ୍ଟ ୧୧ ମଧ୍ୟରେ ପ୍ୟାରିସ୍ ଅଲିମ୍ପିକ୍ସ ଆୟୋଜିତ ହେବ। ଏଥିଲାଗି ପ୍ରଥମ ପର୍ଯ୍ୟାୟରେ ଜୁଲାଇ ୧୮ ରେ ଆଥଲେଟ କ୍ରୀଡ଼ାଗ୍ରାମ୍‌ରେ ରହିବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରୀଡ଼ାଗ୍ରାମରେ ପାଖାପାଖି ୪୦ଟି ବ୍ଲକ୍ ରହିଛି। ଏଥିରେ ୨୪ ଘଣ୍ଟିଆ ରେଷ୍ଟୁରାଣ୍ଟ ବ୍ୟବସ୍ଥା ରହିଛି। ଅବସର ବିନୋଦନ କେନ୍ଦ୍ର, ବାର ସହ ଟ୍ରେନିଂ ନେବାର ସମସ୍ତ ସୁବିଧା ସୁଯୋଗ ରହିଛି। ୫୨ ହେକ୍ଟର ଜମିରେ ନିର୍ମାଣ କରାଯାଇଥିବା ଏହି କ୍ରୀଡ଼ାଗ୍ରାମ୍ ଲାଗି ଫ୍ରାନ୍ସ ସରକାର ୭୦୦ ନିୟୁତ ଡଲାର ଅର୍ଥ ବ୍ୟୟ କରିଛନ୍ତି। ଅନ୍ୟସବୁ ଅର୍ଥ ଦେଶର ସବୁଠାରୁ ବଡ଼ ବଡ଼ ରିଅଲ ଇଷ୍ଟେଟ କମ୍ପାନୀମାନେ ନିର୍ମାଣରେ ସହଯୋଗ କରିଛନ୍ତି। କ୍ରୀଡ଼ାଗ୍ରାମ୍‌ରେ ୨,୮୦୦ ଆପାର୍ଟମେଣ୍ଟ ରହିଛି। ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ପରେ ଏହାର ଏକ ତୃତୀୟାଂଶ ଆପାର୍ଟମେଣ୍ଟ ବ୍ୟକ୍ତିବିଶେଷଙ୍କୁ ବିକ୍ରି କରିଦିଆଯିବ। ଅନ୍ୟ ଏକ ତୃତୀୟାଂଶ ସରକାର ବ୍ୟବହାର କରିବେ ଓ ବାକି ଆପାର୍ଟମେଣ୍ଟଗୁଡ଼ିକ ଛାତ୍ରଛାତ୍ରୀଙ୍କ ସହ ସାଧାରଣ ଲୋକଙ୍କୁ ଭଡ଼ାରେ ଦିଆଯିବ। ଏହାକୁ ଏକ ୟୁରୋପୀୟ ଗ୍ରାମରେ ପରିଣତ କରାଯିବ। ଏଠାରେ ଅପରାଧିକ କାର୍ଯ୍ୟକଳାପ କମ୍ ରହିଥିବାରୁ ସାଧାରଣ ଜନତା ରହିବାକୁ ପସନ୍ଦ କରିବେ ବୋଲି ଆୟୋଜକମାନେ ଆଶାପୋଷଣ କରିଛନ୍ତି।

# ବାଙ୍ଗାଲୋରକୁ ହରାଇଲା ଦିଲ୍ଲୀ


ଶେଫାଳି ବର୍ମା

**ବେଙ୍ଗାଲୁରୁ, ୨୯ ।୨ (ଏଜେନ୍ସି):** ଅଧିନାୟିକା ସ୍ମୃତି ମନ୍ଧାନାଙ୍କ ଦ୍ରୁତ ଅର୍ଦ୍ଧଶତକ ସତ୍ତ୍ୱେ ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଚଳିତ ମହିଳା ପ୍ରିମିଅର୍ ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ପ୍ରଥମ ପରାଜୟବରଣ କରିଛି। ଗୁରୁବାର ଏଠାରେ ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚକୁ ରୟାଲ ଚ୍ୟାଲେଞ୍ଜର୍ସ ଦଳ ୨୫ ରନରେ ହାରିଯାଇଛି। ୧୯୫ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ପିଛା କରିଥିବା ବାଙ୍ଗାଲୋର ୯ ୱିକେଟ୍‌ରେ ୧୬୯ ରନ କରିପାରିଥିଲା। ଦଳ ପକ୍ଷରୁ ମନ୍ଧାନା ସର୍ବାଧିକ ୪୩ ବଲରେ ୭୪ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍ ମେଘନା ୩୬ ଓ ସୋଫି ଡିଭାଇନ ୨୩ ରନ କରିଥିଲେ। ବୋଲିଂରେ ମାରିଜନେ କାପ୍ପଙ୍କୁ ଦୁଇଟି ୱିକେଟ୍ ମିଳିଥିଲା। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସର ଶେଫାଳି ବର୍ମା (୩୧ ବଲରେ ୫୦ ରନ)ଙ୍କ କ୍ରମାଗତ ୨ୟ ଅର୍ଦ୍ଧଶତକ ବଳରେ ୫ ୱିକେଟ୍ ହରାଇ ୧୯୪ ରନ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଲିସେ କାପସେ ୪୬, ମାରିଜନେ କାପ୍ପ ୩୨, ଜେସ୍ ଜନସେନ ୩୬* ରନ କରିଥିଲେ। ପୂର୍ବରୁ ଶେଫାଳି ୟୁପି ୱାରିୟର୍ଜ ବିପକ୍ଷ ମ୍ୟାଚରେ ୬୪ ରନର ଅପରାଜିତ ପାଳି ଖେଳିଥିଲେ।

# ଗଲ୍ଫ ଖେଳୁଛନ୍ତି ଇଂଲଣ୍ଡ ଖେଳାଳି

**ଚଣ୍ଡିଗଡ଼, ୨୯।୨(ଏଜେନ୍ସି):** ଝାଡଖଣ୍ଡର ରାଞ୍ଚିରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ଭାରତ ନିକଟରୁ ଇଂଲଣ୍ଡ ପରାଜିତ ହେବା ପରେ ୧-୩ ବ୍ୟବଧାନରେ ସିରିଜ୍ ହାରିଯାଇଛି। ଏବେ ଆଉ ସିରିଜ୍ କବ୍‌ଜା କରିବା ସକାଶେ ଦଳ ନିକଟରେ ମାନସିକ ଚାପ ନାହିଁ। ଏଭଳି ସ୍ଥିତିରେ ହିମାଚଳ ପ୍ରଦେଶର ଧର୍ମଶାଳାରେ ୫ମ୍ୟାଚ୍ ବିଶିଷ୍ଟ ସିରିଜ୍‌ର ୫ମ ତଥା ଶେଷ ଟେଷ୍ଟ ମ୍ୟାଚ୍ ମାର୍ଚ୍ଚ ୭ରୁ ଖେଳାଯିବ। ଇଂଲଣ୍ଡ ଦଳ ସିରିଜ୍ ହାରିବା ପରେ ସିଧାସଳଖ ଧର୍ମଶାଳା ନ ଯାଇ ଚଣ୍ଡିଗଡରେ ଗଲ୍ଫ ଖେଳିବାକୁ ନିଷ୍ପତ୍ତି ନେଇଥିଲେ। ଏଠାରେ ପହଞ୍ଚିବା ପରେ ଅଧିନାୟକ ବେନ ଷ୍ଟୋକ୍ସଙ୍କ ସମେତ ଏକାଧିକ ଖେଳାଳି ଗଲ୍ଫ ଖେଳିଥିଲେ। ବ୍ରେଣ୍ଡନ ମ୍ୟାକ୍‌କଲମ ଓ ବେନ୍ ଷ୍ଟୋକ୍ସଙ୍କ ଯୁଗରେ ଇଂଲଣ୍ଡ ଦଳର ଖେଳ ଶୈଳୀରେ ଅନେକ ପରିବର୍ତ୍ତନ ହୋଇଛି। ଆକ୍ରମଣାତ୍ମକ କ୍ରିକେଟ ଖେଳିବା ଏହାର ସବୁଠାରୁ ବଡ଼ ପରିବର୍ତ୍ତନ। ଏଥିରେ ଦଳକୁ ଅଧିକ ସଫଳତା ମିଳିଥିଲାବେଳେ ଭାରତରେ ବ୍ରେଣ୍ଡନ-ବେନ୍‌ଙ୍କ ଯୋଡି ପ୍ରଥମ ସିରିଜ୍ ପରାଜିତ ହୋଇଛି।

# ଗ୍ରୀନ୍‌ଙ୍କ ଅପରାଜିତ ଶତକ

**ୱେଲିଂଟନ,୨୯ ।୨(ଏଜେନ୍ସି):** ସ୍ଥାନୀୟ ବେସିନ ରିଜର୍ଭ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଭ୍ରମଣକାରୀ ଅଷ୍ଟ୍ରେଲିଆ ମଧ୍ୟରେ ଗୁରୁବାରଠାରୁ ପ୍ରଥମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ

**ପ୍ରଥମ ଟେଷ୍ଟ**

ପାଇଥିବା ଅଷ୍ଟ୍ରେଲିଆ ଆଶାନୁରୂପ ପ୍ରଦର୍ଶନ କରିପାରି ନଥିଲା। ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ପ୍ରଥମ ପାଳିରେ ୮୫ ଓଭରରେ ୯ ୱିକେଟ ହରାଇ ୨୭୯ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମଧ୍ୟକ୍ରମ ବ୍ୟାଟର କାମେରନ ଗ୍ରୀନ୍ ୧୦୩ ରନର ଶତକୀୟ ପାଳି ଖେଳି ଓ ଜୋଶ ହାଜଲେଉଡ ବିନା ସ୍କୋରରେ ଅପରାଜିତ ରହିଛନ୍ତି। ଗୋଟିଏ ପଟେ ନିୟମିତ ଭାବେ ୱିକେଟ ପଡୁ ଥିବା ବେଳେ ଗ୍ରୀନ୍ ଗୋଟିଏ ପଟେ ଦୃଢତାର ସହ ବ୍ୟାଟିଂ କରିଥିଲେ ଓ କ୍ୟାରିୟରର ଦ୍ୱିତୀୟ ଶତକ ଅର୍ଜନ କରିଥିଲେ। ଓପନିଂ କରିବାକୁ ଆସିଥିବା ଷ୍ଟିଭ ସ୍ମିଥ୍ ୩୧, ଉସ୍‌ମାନ ଖ୍ୱାଜା ୩୩, ମିଚେଲ ମାର୍ଶ ୪୦, ଆଲେକ୍ସ କାରେ ୧୦, ଅଧିନାୟକ ପ୍ୟାଟ କମିନ୍ସ ୧୬ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ନ୍ୟୁଜିଲାଣ୍ଡ ତରଫରୁ ଦ୍ରୁତ ବୋଲର ମ୍ୟାଟ୍ ହେନରୀ ସର୍ବାଧିକ ୪, ୱିଲିୟମ ଓ'ରୁର୍କ ଓ ସ୍କଟ କୁଗେଲେଜିନ୍ ଦୁଇଟି ଲେଖାଏ, ରଚିନ ରବିନ୍ଦ୍ର ଗୋଟିଏ ୱିକେଟ ଅକ୍ତିଆର କରିଥିଲେ।

**ଆଜିଠୁ ସାଫ୍ ୧୬ ବର୍ଷରୁ କମ୍ ବାଳିକା ଫୁଟ୍‌ବଲ**

# ଭାରତୀୟ ଦଳରେ ଓଡ଼ିଶାରୁ ଦୁଇ ସାମିଲ

**ଭୁବନେଶ୍ୱର, ୨୯ ।୨ (ସମିସ):** ନେପାଳର କାଠମାଣ୍ଡୁଠାରେ ଶୁକ୍ରବାରଠାରୁ ସାଫ୍ (ସାଉଥ୍ ଏସିଆନ୍ ଫୁଟ୍‌ବଲ୍ ଫେଡେରେସନ) ୧୬ ବର୍ଷରୁ କମ୍ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଛି। ଏଥିରେ ଭାରତ ଉଦ୍‌ଘାଟନୀ ଦିବସରେ ଭୁଟାନ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳର ମୁଖ୍ୟ ବିବି ଥୋମାସ୍ ମୁତାଥ ୨୩ ଜଣିଆ ଦଳ ଘୋଷଣା କରିଛନ୍ତି। ଯେଉଁଥିରେ ଓଡ଼ିଶାର ଦୁଇଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ରକ୍ଷଣଭାଗ ଖେଳାଳି ରୂପଶ୍ରୀ ମୁଣ୍ଡା ଓ ମଧ୍ୟଭାଗ ଖେଳାଳି ରତୁ ବଡ଼ାଇକ। ଏହି ଅବସରରେ ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ)ର ସଭାପତି ଆଶୀର୍ବାଦ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉଭୟ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଚୟନ ପରୀକ୍ଷଣକୁ କୁସ୍ତିଯୋଦ୍ଧାଙ୍କ ବର୍ଜନ

**ପାନିପତ୍,୨୯ ।୨(ଏଜେନ୍ସି):** ଭାରତୀୟ କୁସ୍ତି ସଂଘ ଆଗାମୀ ନ୍ୟାସନାଲ ଟ୍ରାଏଲ ଅର୍ଥାତ ଜାତୀୟ ଚୟନ ପରୀକ୍ଷଣକୁ କୁସ୍ତିଯୋଦ୍ଧାମାନେ ବର୍ଜନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଟ୍ରାଏଲ୍ସକୁ ଆନ୍ଦୋଳନରତ କୁସ୍ତିଯୋଦ୍ଧା ସାକ୍ଷୀ ମଲିକ, ବଜରଙ୍ଗ ପୁନିଆ ଓ ବିନେସ ଫୋଗତଙ୍କୁ ଆମନ୍ତ୍ରଣ କରାଯାଇଥିଲା। ସାକ୍ଷୀଙ୍କ ପରେ ଏବେ ବଜରଙ୍ଗ ଏହାକୁ ବର୍ଜନ କରିଛନ୍ତି। ଗୁରୁବାର ଅଲିମ୍ପିକ୍ କାଂସ୍ୟ ପଦକ ବିଜେତା ବଜରଙ୍ଗ ଏଥିରେ ଭାଗ ନ ନେବାକୁ ଘୋଷଣା କରିଛନ୍ତି। ଯେପର୍ଯ୍ୟନ୍ତ ସରକାର କୁସ୍ତି ମହାସଂଘ ମାମଲାରେ ହସ୍ତକ୍ଷେପ ନ କରିଛନ୍ତି ଓ ଉଚିତ ସମାଧାନ ବାହାର ନ କରିଛନ୍ତି ସେପର୍ଯ୍ୟନ୍ତ ଟ୍ରାଏଲ୍ସରେ ଅଂଶଗ୍ରହଣ କରିବେ ନାହିଁ ବୋଲି ସେ କହିଛନ୍ତି। ସରକାର ଏହି ମାମଲାରେ କାହିଁକି ନୀରବତା ଅବଲମ୍ବନ କରିଛନ୍ତି ବୋଲି ବଜରଙ୍ଗ ପ୍ରଶ୍ନ ଉଠାଇଛନ୍ତି।

# ଇଷ୍ଟବେଙ୍ଗଲକୁ ହରାଇଲା ଓଡ଼ିଶା ଏଫ୍‌ସି


ଡିଏଗୋ ମୌରିସିଓ

**ଇଣ୍ଡିଆନ ସୁପର ଲିଗ୍**

**ଭୁବନେଶ୍ୱର,୨୯ ।୨(ସମିସ):** ଘରୋଇ ପରିବେଶରୁ ଫାଇଦା ଉଠାଇ ଓଡ଼ିଶା ଏଫ୍‌ସି ଗୁରୁବାର ଅନୁଷ୍ଠିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସଏଲ୍) ମ୍ୟାଚ୍‌ରେ ଇଷ୍ଟବେଙ୍ଗଲକୁ ୨-୧ ଗୋଲରେ ପରାସ୍ତ କରିଛି। ଏଥିସହ ଓଡ଼ିଶା ଅଙ୍କ ତାଲିକାରେ ତା'ର ଶୀର୍ଷ ସ୍ଥାନକୁ ଆହୁରି ଦୃଢ କରିଛି। ଓଡ଼ିଶା ୧୭ଟି ମ୍ୟାଚ୍ ଖେଳି ୧୦ ବିଜୟ, ୫ ଡ୍ର ଓ ୨ ପରାଜୟ ସହ ୩୫ ଅଙ୍କ ହାସଲ କରି ଶୀର୍ଷ ସ୍ଥାନ ବଜାୟ ରଖିଛି। ଆଇକନିକ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଭ୍ରମଣକାରୀ ଇଷ୍ଟବେଙ୍ଗଲ ଆରମ୍ଭରୁ ଅଗ୍ରଣୀ ହାସଲ କରିଥିଲା। ବିଷ୍ଣୁ ପୁଥିଆ ଭାଲାପିଲ ପ୍ରଥମ ମିନିଟ୍‌ରେ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇଥିଲେ। ଏହାପରେ ଓଡ଼ିଶାର ଅଭିଜ୍ଞ ଷ୍ଟ୍ରାଇକର ଡିଏଗୋ ମୌରିସିଓ ୪୦ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିକୁ ଆଣିଥିଲେ। ପ୍ରିନସେଟୋନ ରେବେଲୋ ୬୧ତମ ମିନିଟ୍‌ରେ ଫିଲ୍ଡ ଗୋଲଦେଇ ଓଡ଼ିଶାକୁ ଜିତାଇଥିଲେ।


## DECLARATION

**(FORM-IV, Rule-8)**

Statement about ownership and other particulars about newspaper "The Sakala".

| | | |
|---|---|---|
| 1. | Place of Publication: | Bhubaneswar |
| 2. | Periodicity of Its publication: | Daily |
| 3. | Printer's Name:<br>Nationality:<br>Address: | Amit Kumar Mallick<br>Indian<br>IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 4. | Publisher's Name:<br>Nationality:<br>Address: | Amit Kumar Mallick<br>Indian<br>IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 5. | Editor's Name:<br>Nationality:<br>Address: | Umakant Mishra<br>Indian<br>IDCO Plot No.: 90 & 91, Bhagabanpur Industrial Estate, Bhubaneswar-751019 Khordha, Odisha |
| 6. | Names and addresses of individuals who own the newspaper and partners or shareholders holding more than one percent of the total capital: | THE SAKALA (A Unit of Nandighosha Network Pvt. Ltd.) IDCO Plot No. 90/91, Bhagabanpur Industrial Estate, Bhubaneswar - 751019, Khordha, Odisha |

I, Amit Kumar Mallick do hereby declare that the particulars given above are true to the best of my knowledge and belief.

Date: 01.03.2024

Sd/- Amit Kumar Mallick
Publisher, The Sakala


# ପୋଗ୍‌ବା ୪ ବର୍ଷ ବାସନ୍ଦ



**ପ୍ୟାରିସ, ୨୯ ।୨ (ଏଜେନ୍ସି):** ଫିଫା ବିଶ୍ୱକପ୍ ବିଜେତା ଫ୍ରାନ୍ସର ତାରକା ଫୁଟ୍‌ବଲ ଖେଳାଳି ପଲ୍ ପୋଗ୍‌ବା ଡୋପିଂ ମାମଲାରେ ୪ ବର୍ଷ ଲାଗି ବାସନ୍ଦ ହୋଇଛନ୍ତି। ଯାହା ଫଳରେ ଜୁଭେଣ୍ଟସ୍‌ର ଏହି ୩୦ ବର୍ଷୀୟ ତାରକା ମଧ୍ୟଭାଗ ଖେଳାଳିଙ୍କ କ୍ୟାରିୟର ସଙ୍କଟ ମଧ୍ୟକୁ ଚାଲିଯାଇଛି। ଗତ ସେପ୍ଟେମ୍ବରରେ ଅନୁଷ୍ଠିତ ହୋଇଥିବା ଟେଷ୍ଟରେ ପୋଗବାଙ୍କ ସାମ୍ପଲରେ ନିଷିଦ୍ଧ ଟେଷ୍ଟୋଷ୍ଟେରୋଏନ ପଦାର୍ଥ ରହିଥିବା ଜଣାପଡ଼ିଥିଲା। ଫଳରେ ଇଟାଲୀର ନ୍ୟାସନାଲ ଆଣ୍ଟି-ଡୋପିଂ (ନାଡୋ ଇଟାଲିଆ) ତାଙ୍କୁ ପ୍ରାଥମିକ ଭାବେ ବାସନ୍ଦ କରିଥିଲା। ଏହାପରେ ଅକ୍ଟୋବରରେ ଦ୍ୱିତୀୟଥର ଲାଗି ହୋଇଥିବା ପରୀକ୍ଷଣରେ ସେ ପୁଣିଥରେ ବିଫଳ ହୋଇଥିଲେ। ଏହାପରେ ପୋଗ୍‌ବାଙ୍କୁ ୪ ବର୍ଷ ଲାଗି ବାସନ୍ଦ କରିବା ଲାଗି ଇଟାଲୀର ନାଡୋ ପକ୍ଷରୁ ଫ୍ରାନ୍ସକୁ ଅନୁରୋଧ କରାଯାଇଥିଲା।

# ଗୋଟିଏ ମ୍ୟାଚ୍ ଖେଳିବେନି ରୋନାଲ୍ଡୋ

**ରିୟାଦ,୨୯ ।୨(ଏଜେନ୍ସି):** ସାଉଦି ପ୍ରି ଲିଗ୍‌ରେ ଆପତ୍ତିଜନକ ଇଶାରା କରି ବିବାଦ ସୃଷ୍ଟି କରିଥିବା ପର୍ତ୍ତୁଗାଲ ଫୁଟବଲ ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ଗୋଟିଏ ମ୍ୟାଚ୍‌ରୁ ବାସନ୍ଦ କରାଯାଇଛି। ଫଳରେ ଅଲ ନାସର କ୍ଲବ ତରଫରୁ ଖେଳୁଥିବା ରୋନାଲ୍ଡୋ ଆଗାମୀ ଅଲ ହଜମ ବିପକ୍ଷ ମ୍ୟାଚ୍‌ରେ ଖେଳିପାରିବେ ନାହିଁ। ସାଉଦି ଆରବ ଫୁଟବଲ ମହାସଂଘର ଅନୁଶାସନ ଓ ନୈତିକତା କମିଟି ଘଟଣାର ଯାଞ୍ଚ କରି ରୋନାଲ୍ଡୋଙ୍କୁ ବାସନ୍ଦ କରିବା ନେଇ ଗୁରୁବାର ଘୋଷଣା କରିଛି। ଏଥିସହ ରୋନାଲ୍ଡୋ ୫ ହଜାର ଡଲାର ଅଲ ଶବାବକୁ ଓ ଏହାର ଅଧା ରାଶି ସାଉଦି ଫୁଟବଲ ମହାସଂଘକୁ ଜରିମାନା ଦେବାକୁ ହେବ। ମହାସଂଘର ଏହି ନିଷ୍ପତ୍ତି ହେଉଛି ଅନ୍ତିମ ଓ ରୋନାଲ୍ଡୋ ଏହା ବିରୋଧରେ ଅପିଲ କରିପାରିବେ ନାହିଁ ବୋଲି କୁହାଯାଇଛି। ରବିବାର ଅନୁଷ୍ଠିତ ଅଲ ଶବାବ ବିପକ୍ଷ ମ୍ୟାଚ୍‌ରେ ଅଲ ନାସର ତରଫରୁ ପ୍ରତିନିଧିତ୍ୱ କରୁଥିବା ରୋନାଲ୍ଡୋ ପ୍ରତିପକ୍ଷ ଦଳର ପ୍ରଶଂସକଙ୍କୁ ଚିଡାଇବାକୁ ଯାଇ ଅଶ୍ଳୀଳ ଇଙ୍ଗିତ କରିଥିଲେ। ପ୍ରଶଂସକମାନେ 'ମେସି ମେସି' ଉଚ୍ଚାରଣ କରିବାରୁ ରୋନାଲ୍ଡୋ ଉତକ୍ଷିପ୍ତ ହୋଇ ଆଶୋଭନୀୟ ଆଚରଣ ପ୍ରଦର୍ଶନ କରିଥିଲେ।






PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA.
EDITOR: UMAKANT MISHRA
ସମ୍ପାଦକ: ଉମାକାନ୍ତ ମିଶ୍ର